"ଜୟଗୁରୁ"

# ସ୍ତୋତ୍ର ବନ୍ଦନା, ଜାଗରଣ, ପ୍ରତୀକ୍ଷା, ଆବାହନ
# ପୂଜାର୍ଚ୍ଚନା ଓ ଆରତୀ, ଆରତୀ ବନ୍ଦନା
# ବିଦାୟ ପ୍ରାର୍ଥନା

**LAST UPDATED : JANUARY 2021**

ନୀଳାଚଳ ସାରସ୍ୱତ ସଂଘ, ପୁରୀ

ଶାଖା: ଆମେରିକା ସାରସ୍ୱତ ସଂଘ

# ସୂଚିପତ୍ର

## ସ୍ତୋତ୍ର ବନ୍ଦନା ................................ ୭


ଶ୍ରୀଗୁରୁ-ପ୍ରଣାମ ........ ୭
ଗୁର୍ବଷ୍ଟକଂ ........ ୭
ଶ୍ରୀଗୁରୁ-ପ୍ରଣାମ ........ ୮
ଶାନ୍ତି ପାଠ ........ ୮


## ଜାଗରଣ ................................ ୯


ଅନାଅରେ ଅନାଅରେ ଅନାଅ ........ ୯
ଅଳସେ ଶୁଅନା ଆଉ ........ ୯
ଅବୋଧ ରେ, ଆଖିମେଲି ତୁ ଅନାଅଁ ........ ୯
ଅମା ନିଶି ହେଲା ପରଭାତ ........ ୯
ଆଉ କେତେ କାଳ ଥିବୁ ଘୁମାଇଁ ରେ ? ........ ୧୦
ଆଜି ଏ ଶୁଭ ପ୍ରଭାତେ, କଣ୍ଠ ଭରି ........ ୧୦
ଉଇଁଲେଣି ଦିନମଣି ଲୁଚିଲାଣି କାଳିମା ........ ୧୦
ଉଠ ..... ଉଠ ନିଶି ହେଲା ପରଭାତ ........ ୧୦
କେତେ ଘୁମାଉଛୁ ବାଉଳା ରେ ! ଉଠ ........ ୧୧
କେତେ ରହିଛୁ ଆଉ ଘୁମାଇଁ ........ ୧୧
ଘନ ଅନ୍ଧାରେ କେ ସେ ........ ୧୧
ଘୁମାଇଁ ନ ରହ ଏଇ ମଧୁ ପରଭାତେ ........ ୧୧
ଜାଗ ଜାଗ ନଗରବାସୀ ନିଶି ଅବସାନରେ ........ ୧୧
ଜାଗ ଜାଗ ନିଦ୍ରା ତେଜ ........ ୧୨
ଜାଗ ଜାଗ ଗୁରୁଦେବ ........ ୧୨
ଜାଗ ନିଶି ପାହିଲାଣି ରାଜେ ରବିକର ହେ ........ ୧୨
ଜାଗରେ ! ଅମୃତ ସନ୍ତାନ ଜାଗ ........ ୧୩
ଜାଗ ଜାଗ ଜାଗରେ ଆଜି ........ ୧୩
ଜାଗ ରେ, ଜାଗ୍ରତ ଧରଣୀ ........ ୧୩
ଜାଗ ହେ ଗୁରୁ ଭକତେ ନକରି ହେଳା ........ ୧୩
ଜାଗ ହେ ସରବେ ମାତ ହେ ଗରବେ ........ ୧୩
ଜାଗିଲାରେ ଜନନୀ ଉତ୍କଳ ଧାତିକାରେ ........ ୧୪
'ଜୟଗୁରୁ' ବୋଲି ଜାଗ ଜଗଜ୍ଜନ ........ ୧୪
ନବ-ରବି ଆସେ ଉଇଁ ........ ୧୪
ନିଦ ଭାଙ୍ଗ, ରାତି ତ ଆସି ପାହି ରେ ........ ୧୪
ନିଶି ହେଲା ଆସି ଅବସାନରେ ........ ୧୪
ନିଶି ହେଲାଣି ପାହାନ୍ତି, ଜାଗ ଜଗବାସୀ ........ ୧୫
ନିଶି ହେଲାଣି ପାହାନ୍ତି, ଜାଗ ଶେଯ ତେଜ ........ ୧୫
ଭିଖାରୀରେ, ଜାଗ, ଗଡି ଯାଏ କାଳ ........ ୧୫
ବାଉଳା ! ଅଳସ ପହୁଡ ତେଜ ........ ୧୫


## ପ୍ରତୀକ୍ଷା ................................ ୧୬


ଅନା ଫେରି ରେ ........ ୧୬
ଅବୋଲର ବୋଲ ନ ଶୁଣିବୁ କି ତୁ ମାଆ ........ ୧୬
ଅରୁଣ ରଥରେ ବିଜେକର ହେ ମହାନ ........ ୧୬
ଅଳି ମୋର ଏତେ ପରାଣ ସାଇଁ ........ ୧୬
ଅନ୍ଧାର ଏ ମୋ କୁଟୀର ଦୁଆରେ ........ ୧୭
ଅଜ୍ଞାନ ତିମିର ହେ ଗୁରୁ ନାଶ କର ........ ୧୭
ଆଖିପାଣି ଆଖି କୋଣରେ ମାରି ମୁଁ ........ ୧୭
ଆଜି ସଜାଡ ଦେବ ପୂଜାର ........ ୧୭
ଆଜି ମରମେ କା ମଧୁସ୍ୱର ଜାଗେରେ ........ ୧୮
ଆନନ୍ଦମୟ ନିଗମାନନ୍ଦ ଜୟ ........ ୧୮
ଆନନ୍ଦ ସିନ୍ଧୁରେ, ମନ୍ଦ ମଧୁରେ ........ ୧୮
ଆରତି ଘେନ ହେ ବନ୍ଦନ ........ ୧୮
ଆସ ଆସ ପ୍ରଭୁ ଏ ମୋ ଦୀନ କୁଟୀରେ ........ ୧୯
ଆସ ଆସ ରସରାଜ ରାସବିହାରୀ ........ ୧୯
ଆସ ଠାକୁର, ପରାଣ ଈଶ୍ୱର ........ ୧୯
ଆସ ପ୍ରଭୁ ଦୟାମୟ ........ ୨୦
ଏ ନବ ପ୍ରଭାତେ ଆଜି ........ ୨୦
ଏ ମନ ମନ୍ଦିର ସଜାଇ ରଖି ମୁଁ ........ ୨୦
ଏ ଶୁଭ ଲଗନେ ପୂଜା ସିଂହାସନେ ........ ୨୧
ଏ ଶୁଭଲଗନେ ମୃଦୁ ବାତାୟନେ ........ ୨୧
ଏତେ ଦିନେ କିହେ ବନ୍ଧୁ ........ ୨୧
ଏତେ ଦିନେ ସତେ ଆଜି ପାରିଲି ବାରି ........ ୨୧
କରୁଣା କରିବ ପ୍ରଭୁ ହେ ........ ୨୨
କରୁଣା ଦୁଆରେ ଆସିଛି ଭିଖାରି ........ ୨୨
କହିବି କି ପଦେ କଥା? ........ ୨୨
କାତର ପରାଣେ ସନ୍ତାନ ଡାକେ ........ ୨୨

# ସୂଚିପତ୍ର


କାହିଁ ଅଛ ଦେବ କେଉଁ ଦୂର ଲୋକେ ...... ୨୩

କାହାର ଆଦର ବୋଲା ଡାକ ଶୁଭିଲାରେ ...... ୨୩

କାହାର ଆଦର ସରାଗ ବୋଲା ଏ ...... ୨୩

କେବେ ଆସିବ ସେ ଦିନ ...... ୨୪

କେବେ ଆସିବ ମୋ କୁଞ୍ଜ ଦୁଆରେ ...... ୨୪

କେହି ଦେଖିବେନି ...... ୨୪

ଗଙ୍ଗଶିଉଳି ମୁଁ ଅନାଇ ରହିଛି ...... ୨୪

ଗୁରୁ ନାରାୟଣ କୃପା କରି ...... ୨୫

ଚାହିଁ ରହିଛି ଏ ବେନି ନୟନ ...... ୨୫

ଚାହିଁ ରହିଛି, ଚାହିଁ ରହିଛି ...... ୨୫

ଜଣାଏ ପଦେ ଯୋଡି କର ...... ୨୫

ଜୀବନ ସଞ୍ଜରେ ଅନ୍ଧାର ହେଲାଣି ...... ୨୬

ଜୀବନର ସଞ୍ଜ ଖଞ୍ଜ କରି ଆସେ ...... ୨୬

ଝୁଲଣ ପୂର୍ଣ୍ଣିମା ଦିନ ଗୋ ...... ୨୬

ତବ ମନ୍ଦିର ଦ୍ୱାରେ ଆସିଛୁ ଦେବ ...... ୨୬

ତୁମ ଭୁବନ ମୋହନ ମୁରଲିକୁ ପ୍ରଭୁ ...... ୨୭

ତୁମରି ଜୟଗୀତି ଗାଇଛି ନିତିନିତି ...... ୨୭

ତୁମେ କାହିଁ ଅଛ ଗୋସାଇଁ ...... ୨୭

ତୁମେ ନା ସେ ଦିନ ...... ୨୭

ତୁମ ପଥ ଚାହିଁ ରହିଛି ଅନାଇଁ ...... ୨୮

ତୁମେ ଡାକିଛ ବୋଲି ମୁଁ ଆସିଛି ଧାଇଁ ...... ୨୮

ତୁମେ ମନ ଗଗନର ଶଶୀ ତାରା ...... ୨୮

ଥାପିଛି ଦେବତା ଅନ୍ତର ମନ୍ଦିରେ ...... ୨୮

ଦିବସର ଅନ୍ତେ ବାରୁଣି ଦିଗନ୍ତେ ...... ୨୯

ଦୂରେ ବହୁଦୂରେ ଆଖିର ସେପାରେ ...... ୨୯

ଦେହ-ଦେଉଳର ଗମ୍ଭୀରା ଭିତରେ ...... ୨୯

ଦେବ ! ଦେଇ ଯାଅ ଆଶାବାଣୀ ହେ ...... ୩୦

ଦେବତା, ତୁମରି ଚରଣ ତଳରେ ...... ୩୦

ଧରା ଥିଲା ତ ଚାହିଁ ...... ୩୦

ଧୂସର ସନ୍ଧ୍ୟା ଧୂଳି ଧରଣିରେ ନଇଁଲା ...... ୩୦

ନୟନର ନୀର ସାଇତି ରଖିଛି ଚରଣ ...... ୩୧

ନୟନେ ନୟନେ, ଦିଅ ଦେଖା ...... ୩୧

ନାଥ ତୁମକୁ ଦେଖିବା ପାଇଁ ...... ୩୧

ନାଥ ! ମନର ବାସନା ମୋର ...... ୩୧

ନିରବଧି ତନୁ ମାଜି ...... ୩୧

ନିତ୍ୟ ନବଭାବେ ତବ ପୂଜିବି ଚରଣ ...... ୩୨

ନିରତ ମନନ ଖୋଜେ ସେ ...... ୩୨

ନୀରବ ନିଶିଥେ ସଖୀ ...... ୩୨

ନୂତନ ପ୍ରଭାତେ ନୂତନ ହୃଦୟେ ...... ୩୨

ପରଭାତ ବିଭାବରୀ ...... ୩୨

ପ୍ରଣତି ଚରଣେ ଘେନ ଜଗତ-ବନ୍ଦନ ...... ୩୩

ପ୍ରଭାତୀ ଆରତି କଲାଣି ପ୍ରକୃତି ...... ୩୩

ପ୍ରାଣ ଠାକୁର, ସେହି ରୂପେ ...... ୩୩

ପ୍ରାଣ ବାନ୍ଧବ ହେ ...... ୩୪

ପିତାଙ୍କ ଦୁଆରେ ...... ୩୪

ପ୍ରିୟତମ ଆଖିର ଅଦେଖା ମୋର ...... ୩୪

ପ୍ରେମର ଠାକୁର ଆସ ...... ୩୪

ଫୁଲ ସଞ୍ଜ ବେଳେ ଶ୍ରୀଚରଣ ତଳେ ...... ୩୫

ଫୁଲ ସଞ୍ଜ ବେଳେ ବାହୁଡିବି ଯେବେ ...... ୩୫

ବଜାଅ ଶଙ୍ଖ ମହୁରୀ ...... ୩୫

ବିଜେ କର ଆଜି ଠାକୁର ! ...... ୩୫

ବିଜେ କର ପ୍ରଭୁ ପୂଜା ସିଂହାସନେ ...... ୩୫

ଭାଙ୍ଗିଲା ନିଦ ଡାକିଲ ତୁମେ ...... ୩୬

ଭାବ ରାଇଜର ଭାବର ଠାକୁର ...... ୩୬

ଭେଟ ପାଇଲେ ଜଣାନ୍ତି ଗୁହାରୀ ...... ୩୬

ଯାହାରି ପାଇଁ ବସିଛି ଚାହିଁ ...... ୩୬

ମଧୁର ଗଗନେ ମଧୁର ପବନେ ...... ୩୭

ମନ ବୃନ୍ଦାବନେ ବିଜେକର ...... ୩୭

ମନ ପୂଜା ତୋର ବିଫଳେ ନ ଯିବ ...... ୩୮

ମନ ମନ୍ଦିର ସପତ ଦୁଆର ...... ୩୮

ମଣିମା ! ଭାରି ଡର ଲାଗେ ଅନ୍ଧାର ହେରି ...... ୩୮

ମହା-ମନ୍ଦିର ଚାରୁ-ତୋରଣରେ ...... ୩୮

ମରମ ମଝିରେ ବିରାଜିତ ତୁମେ ...... ୩୮

ମହାମିଳନର ଭୂଇଁ ...... ୩୯

# ସୂଚିପତ୍ର


ମିଳନ ମନ୍ଦିରେ ମୋର........................................୩୯
ମୁହଁ ସଂଜେ ହସି ଘାଟେ........................................୩୯
ମୋ ଅନ୍ତରେ ଯେତେ ବେଦନା ଗୁମରେ........................................୩୯
ମୋତେ ସେହି ରୂପେ ଦିଅ ଦରଶନ........................................୪୦
ମୋର ମନର ଠାକୁର........................................୪୦
ଯେତେ ଅପରାଧ ମୋର କ୍ଷମା କରିଦିଅ ହେ........................................୪୦
ରଙ୍ଗଧନ ତୁମେ ମୋର ଜୀବନ ସଙ୍ଗୀଳି........................................୪୦
ଶିଶିର ଭିଜା ଏ ଶରତ ପ୍ରଭାତେ........................................୪୦
ଶୁଭ-ମିଳନ-ବାସରେ........................................୪୧
ସକାଳେ ସଂଜେ ଜୀବନ କୁଞ୍ଜେ........................................୪୧
ସଜାଡ ଯତନେ ମରମ-ଆସନ........................................୪୧
ସଞ୍ଜ ଆସୁଛିରେ........................................୪୧
ସଞ୍ଜ ଦୀପାଳୀ ମୁଁ ଅନାଇ ବସିଛି........................................୪୨
ସଞ୍ଜ ବେଳେ ତୁମ କଞ୍ଜ ପଦ ତଳେ........................................୪୨
ସଞ୍ଜ ସମୀରଣେ........................................୪୨
ସରଗ ଦେବତା ଆସି ପ୍ରୀତି ବଂଶୀ ବାଏରେ........................................୪୨
ସରାଗେ ଆଜି ସଜାଅ ଶେଯ........................................୪୩
ସାରା ଜୀବନର ଯେତେକ ଶକତି........................................୪୩
ସୁରୁଜ ବୁଡିଲା ବାରୁଣୀ ମା' ଅଙ୍କେ........................................୪୩
ସୁନ୍ଦର ଫୁଲହାର ଗୁନ୍ଥିଛି ପ୍ରେମସାଗର........................................୪୩
ହେ ଦେବତା ! ଏତିକି ମାଗୁଣି ଖାଲି........................................୪୪
ହେ ନରଦେବତା ! ଆସ........................................୪୪
ହୃଦୟ-କମଳ ଆସନ ପାତି........................................୪୪
ହୃଦୟ-ନିକୁଞ୍ଜ ରାସବେଦୀ ପରେ........................................୪୪
ହୃଦୟ ମନ୍ଦିରେ ପତାଇ ଆସନ........................................୪୫
ହୃଦୟ ମନ୍ଦିରେ ତୁମ ପାଇଁ ମୁଁ ଯେ........................................୪୫
ହୃଦୟର ସ୍ୱାମୀ ମୋର........................................୪୫
ଲିଭି ଲିଭି ଆସେ ଯେବେ........................................୪୫
ସଜାଡ ଯତନେ ମରମ-ଆସନ........................................୪୬
ସତେ ଆସିବ କିହେ ଠାକୁର........................................୪୬

**ଆବାହନ........................................ ୪୭**

ଅଲିଭା ପ୍ରଦୀପ ଜାଳି ମୁଁ ରଖିଛି........................................୪୭
ଆଖି ଲୁହ ମୋର ମାନୁନାହିଁ ମନା........................................ ୪୭
ଅଜଣା ରାଇଜେ ଯିବୁ........................................ ୪୭
ଅମୃତ ଧାର ଝରେ ନିରନ୍ତର........................................ ୪୭
ଅସମୟେ କାଳେ ଦେଖା ଦେଲେ ତୁମେ........................................ ୪୮
ଅନ୍ତର ଦେବତା ଆସ ହେ........................................ ୪୮
ଅନ୍ତର ମନ୍ଦିର ଭରିଛି ମା' ଗୋ........................................ ୪୮
ଆଜି ଲାଗିଲା........................................ ୪୮
ଆଜି ଆନନ୍ଦ ଜୁଆରେ ମନ ଭାସେରେ........................................ ୪୯
ଆବାହନ କରୁଛି ଆଜି........................................ ୪୯
ଆଲୋକ ଦେଶର ବାରତା ଆଣିଛି........................................ ୪୯
ଆସ ଆନନ୍ଦ ସ୍ୱରୂପ........................................ ୪୯
ଆସ, ଉଚ୍ଛୁର ନ କରି ଆସ ରେ........................................ ୪୯
ଆସ ଭାଇ ! ତେଜ ମନ ଭାବନା........................................ ୫୦
ଆସ ରେ ଆସ ପ୍ରଣତି ଦେବା........................................ ୫୦
ଆସ ହେ ଆସ ପରାଣ ଈଶ........................................ ୫୦
ଆସ ହେ ଜୀବନ-ନନ୍ଦନ........................................ ୫୦
ଆସ ହେ ପରମ ସୁନ୍ଦର........................................ ୫୦
ଆସିଛନ୍ତି ଆମ ପ୍ରାଣର ଠାକୁର........................................ ୫୧
ଆସ ହେ ପ୍ରାଣ ଠାକୁର........................................ ୫୧
ଆସ ହେ ଶାନ୍ତ କାନ୍ତ ମଧୁର........................................ ୫୧
ଆସ ହେ ଠାକୁର ନବୀନ ସୁନ୍ଦର........................................ ୫୧
ଆହା କି ଆନନ୍ଦ ଶୁଭେ ବଂଶୀ ସ୍ୱନ........................................ ୫୧
ଏ ପୁଣ୍ୟ ବାସରେ........................................ ୫୨
ଏଇ ତ ମୋହନ ବଂଶୀ........................................ ୫୩
ଏତେ ଦରଦିଆ କିଏ ଲୋ ସଜନୀ........................................ ୫୩
ଏସୋ ପ୍ରେମମୟ ନିଗମାନନ୍ଦ........................................ ୫୩
କଜଳ ଲଗାଇ ସଜଳ ନୟନେ........................................ ୫୩
କର ଗୋ କୁଞ୍ଜ ମଣ୍ଡନ........................................ ୫୩
(କମ) ଚକା ଆଖିକି........................................ ୫୪
କମଳ ଚରଣେ କୁସୁମ ଅଞ୍ଜଳି........................................ ୫୪
କାହାର ବଇଁଶୀ ବାଜୁଛି ସଖୀ ରେ........................................ ୫୪
କିଏ ଶୁଣାଇଲା କୃଷ୍ଣ ବୋଲି ନାମ ତାର........................................ ୫୪

# ସୂଚିପତ୍ର


କୁଞ୍ଜବନେ ରାଧାରାଣୀ ........ ୫୫
କେ ଜାଣେ ଏ ବେଳ ଆଉ ........ ୫୫
କେଉଁ ଦିନ ଦୀନବନ୍ଧୁ ହେ ........ ୫୫
କେତେ ଗୋପନ ଆଶା କେତେ ଗୋପନ ଭାଷା ........ ୫୫
କେବେ ସେ ଦିନ ସତେ ଆସିବ ରେ ........ ୫୫
ଚାଲ ଯିବା ସଭିଏଁ ଗୁରୁ ଦୁଆରେ ........ ୫୬
ଜୀବନରେ ଖାଲି ଚାହୁଁ ତ ନାହିଁ ମୁଁ ........ ୫୬
ତୁମ ବଗିଚାରେ ଘାସ ଫୁଲ ମୁଁ ହୋଇ ........ ୫୬
ତୁମରି ପାଇଁକି ଖୋଲା ଆଖି ମୋର ........ ୫୬
(ତୁମ) ରୂପ ଲାଗି ଆଖି ଝୁରେ ........ ୫୬
ଥକା ମନ ଚାଲ ଯିବା ........ ୫୭
ଥରେ ଯେବେ ଗୋ ଦେଖା ପାଇବିରେ ........ ୫୭
ଥରେ ବଂଶୀ ବଜାଅ କହ୍ନାଇ ........ ୫୭
ଦରଶନ ଦିଅ ପ୍ରଭୁ ଦରଶନ ଦିଅ ........ ୫୭
ଦରଶନ ଦେବାକାଳେ ........ ୫୮
ଦୟାମୟ ହେ ! ଖୋଲି ଦିଅ ହୃଦୟର ଦୁଆର ........ ୫୮
ଦୟାମୟୀ ମା' ବୋଲି ଗୋ ........ ୫୮
ଦିବସ ନିଶି ଯେତେ ଖୋଜି ହେଲି ........ ୫୮
ନଇ ସେପାରିରୁ ବେଣୁ ବାଇଲା ........ ୫୮
ନୟନମଣିକି ମୋର ନୟନରେ ରଖିବି ........ ୫୯
ନଟବର ବେଶେ ଆସ ........ ୫୯
ନିରାଶାର ଅନ୍ଧକାର ........ ୫୯
ପଖାଳିବି ବୋଲି ଚରଣ ଯୁଗଳ ........ ୫୯
ପାରିଲି ଦୂରୁଁ ବାରିରେ ........ ୬୦
ପ୍ରାଣ ଠାକୁର ହେ କେବେ ଆସିବ ସେ ଦିନ ........ ୬୦
ପ୍ରାଣର ମଣି ନ ଯାଏ ହଜି ........ ୬୦
ପ୍ରିୟତମ ଡାକ ଶୁଭେ ତ ଆଜିରେ ........ ୬୦
ପ୍ରିୟତମ ହେ! ଆଖିର ଅଦେଖା ମୋର ........ ୬୦
ପ୍ରିୟ ନିକେତନ ଛାଡି କି କାରଣ ........ ୬୧
ପ୍ରେମମୟ ଜୟ ନିଗମାନନ୍ଦ ........ ୬୧
ମାଗିବି ନାହିଁ ମୁଁ କିଛି ........ ୬୧
ମନ-ଘରେ ବସା ବାନ୍ଧି ରଖିବାକୁ ........ ୬୧
ମନ ମୋର ଚାହେଁ ........ ୬୨
ମନ ନିଧୁବନ ଝୁରେ ........ ୬୨
ମଣିମା ! ଦେଉଳ ଦୁଆର ଦିଅ ଫିଟାଇ ........ ୬୨
ମଣିମା ଶୁଣିମା ହେଉ ଅଳି ମନର ........ ୬୨
ମୁଁ ଚାହେଁ ପ୍ରଭୁ ଭେଟିବି ତୁମକୁ ........ ୬୨
ମୁଁ ଯେ ଖୋଜିବୁଲେ ନିଶିଦିନ ........ ୬୩
ମୁଁ ଯେ ଆଶାରେ ଗଣୁଛି ଦିନ ........ ୬୩
ମୁଦିତ ନୟନେ ଯେବେ ତୁମ ରୂପ ........ ୬୩
ମୁରଲୀ ବାଜୁଛି କେଉଁ ଦୂର ବନରେ ........ ୬୩
ମୋ ମନ କୁଞ୍ଜବନେ ........ ୬୩
ମୋର ଆଉ କାମନା ନାହିଁ ମା ! ଆନ ଧନେ ........ ୬୪
ବଡ ଆଶା କରି ପ୍ରଭୁ ! ତୁମ ପାଶେ ........ ୬୪
ବସ ହୃଦ-ସିଂହାସନେ ........ ୬୪
ବସନ୍ତ ଆସିଛି ଫଗୁଣ ସକାଳେ ........ ୬୪
ବହୁଦିନୁ ଆଶା ମୋର ରହିଛି ମନରେ ........ ୬୫
ବନ୍ଧୁ ହେ ! ଲୁଚି ଲୁଚି ଆଉ ଦୂରେ ରୁହନା ........ ୬୫
ବାଜିଲାଣି ସଖୀ ମୋହନ ମୁରଲୀ ........ ୬୫
ବିଜେ ପଥ ଚାହିଁ ରହିଛି ଅନାଇଁ ........ ୬୫
ବିଶ୍ୱେଶ୍ୱର ବୋଲି ଯେବେ ........ ୬୫
ବୃନ୍ଦାବନେ ଯିବି କାହିଁକି ? ........ ୬୬
ଭିଖ-ଥାଳ କରେ ଧରି ଆସିଛି ........ ୬୬
ଯେତେ ଦେଖୁଥିଲେ ତୁମ ରୂପଠାଣି ........ ୬୬
ରହିଛି ମୁଁ ବାଟ ଅନାଇଁ ........ ୬୬
ରହି ରହି ଆଜି ତୁମେ ଦୟାନିଧି ! ........ ୬୭
ଶରଣ ମନାସି ଶଙ୍କର ହେ ଆଜି ........ ୬୭
ଶୟନେ, ସ୍ୱପନେ, ଜୀବନେ, ମରଣେ ........ ୬୭
ଶୁଭିଲାଣି ବଂଶୀସ୍ୱନ ଚାଲ ସଖୀ ଯିବା ........ ୬୭
ଶ୍ୟାମ ନାଗର ହେ ଶ୍ୟାମନାଗର ........ ୬୮
ଶ୍ୟାମ ବିନା ସଜନୀରେ କେତେ ସରି ହେଲିଣି ........ ୬୮
ସଖି ! ବାଜିଲା ବାଜିଲା ବଂଶୀ ........ ୬୮
ସଖୀ ଲୋ ଥରେ ଚାହାଁ ........ ୬୮
ସଖୀ ! ମୋହନ ବଂଶୀ ବାଜିଲା ........ ୬୯

# ସୂଚିପତ୍ର


ସଜନୀ ଶ୍ୟାମ ନାମ କିଏ ଶୁଣାଇଲା ······ ୬୯
ସଜନୀ ଲୋ ଟିକେ ଜାଣିରଖିଥା ······ ୬୯
ସଜାଇଛୁ ଫୁଲଶେଯ ······ ୬୯
ସଞ୍ଜ ସଳିତା ମୁଁ ଜଳି ଜଳି ଯାଏ ······ ୬୯
ସପନ୍ରୁ ଚେତି ମୁଁ ଖୋଜିଲି ସେଦିନ ······ ୭୦
ସରସ ତୁମରି ସରସିଜ ପଦେ ······ ୭୦
ସାଗର ବେଳାରେ ଶାମୁକାଟିଏ ମୁଁ ······ ୭୦
ସାତ ସୁରେ ବନ୍ଧା ତୁମ ······ ୭୦
ସୁନ୍ଦର ଚିର ସୁନ୍ଦର ତୁମେ ······ ୭୦
ସେ ଦିନକୁ ଆଶା କରି ······ ୭୧
ଲୁହ ଝରିଗଲା ଆଖିରେ ଆଖିରେ ······ ୭୧

## ପୂଜାର୍ଚ୍ଚନା ଓ ଆରତୀ ······ ୭୨

ସୁନ୍ଦର ପ୍ରଭାତକୋଳେ ······ ୭୨
ଆସିଛନ୍ତି ଅବତରି ······ ୭୨
ସତ୍ୟଲୋକ ପରପାର ······ ୭୨
ଜୟ ଜୟ ଗୁରୁଦେବ ······ ୭୩
ନିତ୍ୟସ୍ଥଳୀ ମନୋହର ମନୋରମ ସ୍ଥାନ ······ ୭୩
ମହୀରୁହ ରସୋତ୍ପନ୍ନ ସୁମନୋହର ······ ୭୩
ଦିଏ ମୁଁ ଆରତି ······ ୭୪
ଦିଅ କୋଟି ହୃଦେ ଢାଳି ······ ୭୪
ନଟୀଏ ବାଇଲେ ······ ୭୪

## ଆରତୀ ବନ୍ଦନା ······ ୭୫

ବନ୍ଦେ ଶ୍ରୀଗୁରୁ ······ ୭୫
ବନ୍ଦଇ ଗୁରୁ ଚରଣ ······ ୭୫
ଗୁରୁନାରାୟଣ କରି ନିବେଦନ ······ ୭୬

## ବିଦାୟ ପ୍ରାର୍ଥନା ······ ୭୭

ଅଖିଳ ବ୍ରହ୍ମାଣ୍ଡ ନାଥ ! ······ ୭୭
ଆଜି ନବ ଶୁଭ ପ୍ରଭାତେ ······ ୭୭
ତେଜି ଏ ବାୟୁ ମଣ୍ଡଳ ······ ୭୭
ଦୟାମୟ ଶ୍ରୀଚରଣେ ଏହି ନିବେଦନ ······ ୭୭
ଦାସେର ପ୍ରାର୍ଥନା ପୂର୍ଣ୍ଣ କର ଦୟାମୟ ······ ୭୮
ଦୀନନାଥ ! ଏହି ଭିକ୍ଷା କରେଁ ଶ୍ରୀଚରଣେ ······ ୭୮
ଦେବେର ଦୁର୍ଲ୍ଲଭ ତବ ······ ୭୮
ବିଦାୟ ବେଳାରେ ······ ୭୮
ବାଞ୍ଛାକଳ୍ପତରୁ ଦେବ ······ ୭୯
ବାଞ୍ଛାକଳ୍ପତରୁ ଦେବ ବିଶ୍ୱନାଟ୍ୟକାର ······ ୭୯
ଯନ୍ତ୍ର, ମନ୍ତ୍ର, ତନ୍ତ୍ର ନ ଜାଣେ ମୁଁ ଯେ ······ ୭୯

# ସ୍ତୋତ୍ର ବନ୍ଦନା

## ଶ୍ରୀଗୁରୁ-ପ୍ରଣାମ

ଓଁ ବ୍ରହ୍ମାନନ୍ଦଂ ପରମସୁଖଦଂ କେବଳଂ ଜ୍ଞାନମୂର୍ତ୍ତିମ୍
ଦ୍ୱନ୍ଦ୍ୱାତୀତଂ ଗଗନ ସଦୃଶଂ ତତ୍ତ୍ୱମସ୍ୟାଦିଲକ୍ଷ୍ୟମ୍ ।
ଏକଂ ନିତ୍ୟଂ ବିମଳମଚଳଂ ସର୍ବଧୀସାକ୍ଷୀଭୂତମ୍
ଭାବାତୀତଂ ତ୍ରିଗୁଣରହିତଂ ସଦ୍‌ଗୁରୁଂ ତଂ ନମାମି ।

Aum Brahmanandam Paramasukhadam Kevalam Jnanamurtim
Dwandwateetam Gagana Sadrusham Tattwamasyadilaksyam
Ekam Nityam Vimalamachalam Sarvadheesakshibhutam
Bhavateetam Trigunarahitam Sadgurum Tam Namami.

## ଗୁର୍ବଷ୍ଟକମ୍

ଭବ ସାଗର ତାରଣ କାରଣ ହେ !
ରବିନନ୍ଦନ ବନ୍ଧନ ଖଣ୍ଡନ ହେ !
ଶରଣାଗତ କିଙ୍କର ଭୀତମନେ,
ଗୁରୁଦେବ ! ଦୟାକର ଦୀନଜନେ ।୧।

ହୃଦ-କନ୍ଦର-ତାମସ-ଭାସ୍କର ହେ
ତୁମେ ବିଷ୍ଣୁ ପ୍ରଜାପତି ଶଙ୍କର ହେ
ପରଂବ୍ରହ୍ମ ପରାତ୍ପର ବେଦ ଭଣେ,
ଗୁରୁଦେବ ! ଦୟାକର ଦୀନଜନେ ।୨।

ମନ ବାରଣ-ଶାସନ-ଅଙ୍କୁଶ ହେ
ନର ତ୍ରାଣ ତରେ ହରି ଚାକ୍ଷୁଷ ହେ
ଗୁଣଗାନ ପରାୟଣ ଦେବଗଣେ,
ଗୁରୁଦେବ ! ଦୟାକର ଦୀନଜନେ ।୩।

କୁଳକୁଣ୍ଡଳିନୀ-ଘୁମ-ଭଞ୍ଜକ ହେ
ହୃଦ-ଗ୍ରନ୍ଥି-ବିଦାରଣ-କାରକ ହେ
ମମ ମାନସ ଚଞ୍ଚଳ ରାତ୍ରଦିନେ,
ଗୁରୁଦେବ ! ଦୟାକର ଦୀନଜନେ ।୪।

ରିପୁସୂଦନ ମଙ୍ଗଳ ନାୟକ ହେ
ସୁଖ ଶାନ୍ତି ବରାଭୟ ଦାୟକ ହେ
ତ୍ରୟ ତାପ ହରେ ତବ ନାମ ଗୁଣେ,
ଗୁରୁଦେବ ! ଦୟାକର ଦୀନଜନେ ।୫।

ଅଭିମାନ-ପ୍ରଭାବ-ବିମର୍ଦ୍ଦକ ହେ
ଗତି-ହୀନ ଜନେ ତୁମେ ରକ୍ଷକ ହେ
ଚିତ୍ତ ଶଙ୍କିତ ବଞ୍ଚିତ-ଭକ୍ତି-ଧନେ,
ଗୁରୁଦେବ ! ଦୟାକର ଦୀନଜନେ ।୬।

ତବ ନାମ ସଦା ଶୁଭ-ସାଧକ ହେ
ପତିତାଧମ-ମାନବ-ପାବକ ହେ
ମହିମା ତବ ଗୋଚର ଶୁଦ୍ଧମନେ,
ଗୁରୁଦେବ ! ଦୟାକର ଦୀନଜନେ ।୭।

ଜୟ ସଦ୍‌ଗୁରୁ ଈଶ୍ୱର-ପ୍ରାପକ ହେ
ଭବରୋଗ-ବିକାର-ବିନାଶକ ହେ
ମନ ଯେମ୍ନେ ରହେ ତବ ଶ୍ରୀଚରଣେ,
ଗୁରୁଦେବ ! ଦୟାକର ଦୀନଜନେ ।୮।

## ଶ୍ରୀଗୁରୁ-ପ୍ରଣାମ

ଓଁ ଚୈତନ୍ୟଂ ଶାଶ୍ୱତଂ ଶାନ୍ତଂ ବ୍ୟୋମାତୀତଂ ନିରଞ୍ଜନମ୍
ବିନ୍ଦୁନାଦକଳାତୀତଂ ତସ୍ମୈ ଶ୍ରୀଗୁରବେ ନମଃ ।

ଗୁରୁର୍ବ୍ରହ୍ମା ଗୁରୁର୍ବିଷ୍ଣୁ ଗୁରୁର୍ଦ୍ଦେବୋ ମହେଶ୍ୱରଃ
ଗୁରୁରେବ ପରଂବ୍ରହ୍ମ ତସ୍ମୈ ଶ୍ରୀଗୁରବେ ନମଃ ।

ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଳାକୟା
ଚକ୍ଷୁରୁନ୍ମୀଳିତଂ ଯେନ ତସ୍ମୈ ଶ୍ରୀଗୁରବେ ନମଃ ।

ଜ୍ଞାନଶକ୍ତି ସମାରୂଢ଼ଂ ତତ୍ତ୍ୱମାଳା ବିଭୂଷିତଂ
ଭୁକ୍ତିମୁକ୍ତି ପ୍ରଦାତାରଂ ତସ୍ମୈ ଶ୍ରୀଗୁରବେ ନମଃ ।

ସର୍ବଶ୍ରୁତି ଶିରୋରତ୍ନ ବିରାଜିତ-ପଦାମ୍ବୁଜଂ
ବେଦାନ୍ତାମ୍ବୁଜସୂର୍ଯ୍ୟାୟ ତସ୍ମୈ ଶ୍ରୀଗୁରବେ ନମଃ ।

ଅନେକଜନ୍ମ ସଂପ୍ରାପ୍ତ କର୍ମବନ୍ଧ ବିଦାହିନେ
ଆତ୍ମଜ୍ଞାନ ପ୍ରଦାନେନ ତସ୍ମୈ ଶ୍ରୀଗୁରବେ ନମଃ ।

ସଂସାର-ବୃକ୍ଷମାରୂଢାଃ ପତନ୍ତି ନରକାର୍ଣ୍ଣବେ
ଯେନୋଦ୍ଧୃତମିଦଂ ବିଶ୍ୱଂ ତସ୍ମୈ ଶ୍ରୀଗୁରବେ ନମଃ ।

ଆବ୍ରହ୍ମସ୍ତମ୍ବ ପର୍ଯ୍ୟନ୍ତଂ ପରମାତ୍ମ ସ୍ୱରୂପକମ୍
ସ୍ଥାବରଂ ଜଙ୍ଗମଞ୍ଚୈବ ପ୍ରଣମାମି ଜଗନ୍ମୟମ୍ ।

ବନ୍ଦେହଂ ସଚ୍ଚିଦାନନ୍ଦଂ ଭେଦାତୀତଂ ଜଗଦ୍‌ଗୁରୁଂ
ନିତ୍ୟଂ ପୂର୍ଣ୍ଣଂ ନିରାକାରଂ ନିର୍ଗୁଣଂ ସ୍ୱାତ୍ମସଂସ୍ଥିତମ୍ ।

ନ ଗୁରୋରଧିକଂ ତତ୍ତ୍ୱଂ ନ ଗୁରୋରଧିକଂ ତପଃ
ତତ୍ତ୍ୱଜ୍ଞାନାତ୍ ପରଂ ନାସ୍ତି ତସ୍ମୈ ଶ୍ରୀଗୁରବେ ନମଃ ।

ଗୁରୁରାଦିରନାଦିଷ୍ଚ ଗୁରୁଃ ପରମ ଦୈବତମ୍
ଗୁରୋଃ ପରତରଂ ନାସ୍ତି ତସ୍ମୈ ଶ୍ରୀଗୁରବେ ନମଃ ।

ମନ୍ନାଥଃ ଶ୍ରୀଜଗନ୍ନାଥୋ ମଦ୍‌ଗୁରୁଃ ଶ୍ରୀଜଗଦ୍‌ଗୁରୁଃ
ମଦାତ୍ମା ସର୍ବଭୂତାତ୍ମା ତସ୍ମୈ ଶ୍ରୀଗୁରବେ ନମଃ ।

ନିତ୍ୟଂ ଶୁଦ୍ଧଂ ନିରାଭାସଂ ନିରାକାରଂ ନିରଞ୍ଜନମ୍
ନିତ୍ୟବୋଧଂ ଚିଦାନନ୍ଦଂ ଗୁରୁବ୍ରହ୍ମ ନମାମ୍ୟହମ୍ ।

ଭବପାଶ ବିନାଶାୟ ଜ୍ଞାନଦୃଷ୍ଟି-ପ୍ରଦର୍ଶିନେ
ନମଃ ସଦ୍‌ଗୁରବେ ତୁଭ୍ୟଂ ଭୁକ୍ତି-ମୁକ୍ତି-ପ୍ରଦାୟିନେ ।

ନରାକାର-ପରଂବ୍ରହ୍ମରୂପାୟ ଅଜ୍ଞାନହାରିଣେ
ଆତ୍ମଜ୍ଞାନ ପ୍ରଦାନେନ ତସ୍ମୈ ଶ୍ରୀଗୁରବେ ନମଃ ।

## ଶାନ୍ତି ପାଠ

ଓଁ ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣମୁଦଚ୍ୟତେ
ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବାବଶିଷ୍ୟତେ ।

ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ହରି ଓଁ ତତ୍ ସତ୍ ।
ଯଦକ୍ଷରଂ ପରିଭ୍ରଷ୍ଟଂ ମାତ୍ରାହୀନଞ୍ଚ ଯଦ୍ ଭବେତ୍
ତତ୍‌ସର୍ବଂ କ୍ଷମ୍ୟତାଂ ଦେବ ! ପ୍ରସୀଦ ପରମେଶ୍ୱର ।

ଧ୍ୟାନମୂଳଂ ଗୁରୋର୍ମୂର୍ତ୍ତିଃ ପୂଜାମୂଳଂ ଗୁରୋଃ ପଦମ୍
ମନ୍ତ୍ରମୂଳଂ ଗୁରୋର୍ବାକ୍ୟଂ ମୋକ୍ଷ୍ୟମୂଳଂ ଗୁରୋଃ କୃପା ।

ତ୍ୱମେବ ମାତା ଚ ପିତା ତ୍ୱମେବ
ତ୍ୱମେବ ବନ୍ଧୁଷ୍ଚ ସଖା ତ୍ୱମେବ
ତ୍ୱମେବ ବିଦ୍ୟା ଦ୍ରବିଣଂ ତ୍ୱମେବ
ତ୍ୱମେବ ସର୍ବଂ ମମ ଦେବ ଦେବ ।

# ଜାଗରଣ

## ଅନାଅରେ ଅନାଅରେ ଅନାଅ

ଅନାଅରେ ଅନାଅରେ ଅନାଅ ଅନାଅରେ ହସି ଅରୁଣ ଆସିଲା
ଡାକିଲା ବିହଗ ଶେଯ ତେଜ ବେଗରେ ଶେଯ ତେଜ ବେଗ
ଅନ୍ଧାର ନିଶି ପାହିଲା, ଅରୁଣ ଆସିଲା ।୦।

ରାତିରେ ଶୋଇଲୁ ଦିନରେ ଚେଇଁଲୁରେ ,ଦିନରେ ଚେଇଁଲୁ
ଏ କଥା କେ ଶିଖାଇଲା?
ଦୁଃଖରେ କାନ୍ଦୁଛୁ ସୁଖରେ ହସୁଛୁରେ ସୁଖରେ ହସୁଛୁ
ସବୁ ତ ଜଣକ ଲୀଳା, ନ ହୁଅ ବାଉଳା ।୧।

ଅଦେଖାରେ ଥାଇ ସବୁ କରୁଥାଇରେ ସେ ସବୁ କରୁଥାଇ
ମନ ଘରେ କରେ ଖେଳା
ଡାକ ଡାକୁ ତୁହି ଧିଆନ ଲଗାଇରେ ଧିଆନ ଲଗାଇରେ
ନାମ କର ଜପାମାଳା, କରନାରେ ହେଳା ।୨।

ପରାଣ ତୋହର ହେବରେ ଶୀତଳରେ ହେବରେ ଶୀତଳ
ଯେବେ ତା କରୁଣା ହେଲା
ଭାବ ଜଳଧିରେ ପହଁର ସୁଖରେ ପହଁର ସୁଖରେ
ହୋଇବ ସେ ତୋର ଭେଳା ! ନ କର ପସରା ।୩।

ସାରା ଜଗତରେ ବଡ ଲୋକ ସେ'ରେ ବଡ ଲୋକ ସେ'ରେ
ଆମେ ଭିଖ ମଗା ବାଲା
ପାତି ଦୁଇ ହାତ ମାଗିବା ଛଡା ତ ମାଗିବା ଛଡା ତ
ଦେବାର ବୁଦ୍ଧି ନୋହିଲା, ମୋହ ଭୁଲାଇଲା ।୪।

ଦୂରରେ ନାହିଁ ସେ ଅଛି ଆଶେ ପାଶେରେ ଅଛି ଆଶେ ପାଶେ
ଏ ତ ପରଭାତ ବେଳା
ଗୁରୁଦାସ ହୋଇ ତାର ପଦ ଛାଇରେ ତାର ପଦ ଛାଇ
ମାଗ ଭୁଲି ମାୟା ଖେଳା, କାଳ ତ ବିତିଲା ।୫।

## ଅଳସେ ଶୁଅନା ଆଉ

ଅଳସେ ଶୁଅନା ଆଉ ଜାଗ ନିଦ୍ରା ପରିହର
ଦେଖ ଉଭା ଦ୍ୱାରେ ତୋର ସିଦ୍ଧିଦାତା ସିଦ୍ଧେଶ୍ୱର ।୦।

ତାଙ୍କ କାର୍ଯ୍ୟେ ପ୍ରାଣ ମନ କର ବେଗେ ସମର୍ପଣ
ସ୍ୱର୍ଗୁ ଦିବ୍ୟ ଆବାହନ (ଶୁଣ) ବହୁଛି ହୃଦୟେ ତୋର ।୧।

ଶୁଣିଛି ପୁରାଣ ଗାଏ ବିଶ୍ୱାସର ସଦା ଜୟେ
ସର୍ଷପ ଆଘାତେ ଗିରି କଂପୁଅଛି ଥରହର ।୨।

ପ୍ରାଣ ମନ କରି ପଣ ଆସ ସର୍ବେ ଜନଗଣ
ଅବିଶ୍ରାନ୍ତ ତାଙ୍କ କାର୍ଯ୍ୟେ ରତ ହୁଅ ନିରନ୍ତର ।୩।

ରଣକ୍ଷେତ୍ରେ ଆସି ଭାଇ କିପରି ପଡୁଛ ଶୋଇ
ବାଜୁଛି ସତ୍ୟର ଭେରି ସୁଗମ୍ଭୀରେ ବାରମ୍ବାର ।୪।

ମୋହ ନିଦ୍ରା ପରିହର ଉଠ ଜାଗ ଜାଗ ବୀର
ଉଡେ ବିଜୟ କେତନ ଦେଖ ନଭେ ଫରଫର ।୫।

ଜୟ ସର୍ବଶକ୍ତିମାନ ଜୟ କରୁଣାନିଧାନ
ଦିଅ ଶକ୍ତି ସିଦ୍ଧିଦାତା । ଦୁର୍ବଳ ଏ ଦୀନ ନର ।୬।

(କେବେ) ଏପରି ସୌଭାଗ୍ୟ ହେବ ତୁମ କାର୍ଯ୍ୟେ ପ୍ରାଣ ଯିବ
ଏହି ଭିକ୍ଷା ଶ୍ରୀଚରଣେ କୃପାନାଥ ପୂର୍ଣ୍ଣ କର ।୭।

## ଅବୋଧ ରେ, ଆଖିମେଲି ତୁ ଅନାଅଁ

ଅବୋଧ ରେ, ଆଖିମେଲି ତୁ ଅନାଅଁ
ପୂରୁବେ ଅରୁଣ ରାଜେ
ଗଗନେ , କାନନେ ମଙ୍ଗଳଗୀତି
ଭରିଲେ ପକ୍ଷୀ-ସମାଜେ ।୦।

ଏଇତ' ରେ ସେଇ ବେଳ
ନବ ପରଭାତ କାଳ
ଜାଗ, ତୁ କରୁଣା ମାଗରେ ତାହାର,
ଶୁଣ ତା' ମୁରଲି ବାଜେ ।୧।

ଘୁମାଇଁ ନ ରହ ଆଉ
ଅମା ଘୋର ତୁଟିଯାଉ
ହେର ଏ ବିଶ୍ୱ ସରଜନା, ମେଲି
ନୟନ, କି ଛବି ସାଜେ ।୨।

ସୁମରି ବିପୁଳ ଦାନ
କି ବିରାଟ ମହୀୟାନ
ଜଗାଇ ମନରେ ଭକତି, ଦେଖ ରେ
ଚଉଦିଗେ ସେ ବିରାଜେ ।୩।

## ଅମା ନିଶି ହେଲା ପରଭାତ

ଅମା ନିଶି ହେଲା ପରଭାତ
ଧରା ସାରା ଆନନ୍ଦରେ ଏବେ ପୁଲକିତ ରେ |୦|

ଫୁଲ ମୁଖେ ହସ ଖେଳେ
ଧୀର ସମୀରେ ଦୋହଲେ
ବିହଗ କଣ୍ଠରେ ଶୁଭେ ପ୍ରଭାତୀ-ସଂଗୀତ ରେ |୧|

ନୟନ-ପଲକ ମେଲ
ହୃଦୟ-ଦୁଆର ଖୋଲ
ଅନାଅଁ ଜଗତ-ଜନ , ଜ୍ୟୋତି ବିରାଜିତ ରେ |୨|

ଅମଳିନ ତେଜ ଭରା
ହେର ସାରା ସମଗରା
କାଳିମା ଲୁଚିଲା ଏବେ ଗାଅ ଜୟ ଗୀତ ରେ |୩|

ଆଉ ନ ରହ ଘୁମାଇ
ନବୀନ ଆଲୋକ ପାଇ
'ଜୟଗୁରୁ' ନାମ ଘୋଷି, ହୁଅ ତୁ ଉଷତ ରେ |୪|

## ଆଉ କେତେ କାଳ ଥିବୁ ଘୁମାଇଁ ରେ ?

ଆଉ କେତେ କାଳ ଥିବୁ ଘୁମାଇଁ ରେ ?
ପୂରୁବ ଗଗନେ ଅନା, ରବି ଆସେ ଉଇଁ ।୦।

ମୋହ ନିଦ ତୁଟୁ ନାହିଁ
ମୁଦାଆଖି ଫିଟୁ ନାହିଁ
ମାୟାର ସପନ ତେଜି, ଜାଗ ବେଗ ହୋଇ ।୧।

ଆଖି ମେଲି ଦେଖ ଚାହିଁ
କାହାର ମୂରତି ସେହି
ନିଖିଳ ଭୁବନେ ଯା'ର ହସ ଝଲସଇ ।୨।

ସକଳ ମଙ୍ଗଳ ଦାତା
ସେହି ରେ ବିଶ୍ୱ କରତା
ସବୁରି ଶୁଭ ମନାସି ସେ ଯେ ବିଳସଇ ।୩।

ସେ ତ ଅଗତିର ଗତି
ତା' ପୟରେ ଢାଳି ମତି
ଜୀବର ସେବାରେ ଦିଅ, ଜୀବନ ବିତାଇ ।୪।

ଜାଗି ତୁ ଜଗାଅ ଭବ
ବିତର ପ୍ରେମ ବିଭବ
ଜଗତର ହିତ ସାଧି, ହୁଅ କାଳ-ଜୟୀ ।୫।

ମାନସ-ସୁମନ ତୋଳି
ଭକତିରେ ଗୁନ୍ଥି ମାଳି
ଅରପ ତୁ ନିଉଛାଳି, ବିଭୁପଦ ଧ୍ୟାୟୀ ।୬।

## ଆଜି ଏ ଶୁଭ ପ୍ରଭାତେ, କଣ୍ଠ ଭରି

ଆଜି ଏ ଶୁଭ ପ୍ରଭାତେ, କଣ୍ଠ ଭରି
ଗାଅରେ ସରବେ ମିଳି,
ସୁଧା ନାମଟି ତାହାରି (କଣ୍ଠ ଭରି) ।୦।

କାମନା ବାସନା ଯେତେ
ଭସାଇ ସଲୀଳ ସ୍ରୋତେ
ଡାକ ତୁ ଅନ୍ତରଗତେ, ସେ ନାମ ସୁମରି ।୧।

ତୋଳି ମାନସ କୁସୁମ
ଗୁନ୍ଥି ହାର ଅନୁପମ
କଞ୍ଜ ନିନ୍ଦି ପଦେ ତାର, ଭେଟ ମାୟା ଭୁଲି ।୨।

ଶୁଣ କାନ, ମନ ଦେଇ
ଏ କି ଶବଦ ଶୁଭଇ
ଗଗନ, ପବନ, ଜଳ, କାନନ ସଞ୍ଚରି ।୩।

ରବିରେ ତେଜ ଝଲସେ
ଶଶିରେ କର ବିଳସେ
ଚଉଦିଗେ ଛବି ତାର ରହିଛି ତ ପୂରି ।୪।

ତା ବିନା ନାହିଁ କେ ଗତି
ତା ବିନେ ନାହିଁ ମୁକତି
ପଲକେ ହେଲେ ମନରୁ, ନ ଦିଅ ପାଶୋରି ।୫।

## ଉଇଁଲେଣି ଦିନମଣି ଲୁଚିଲାଣି କାଳିମା

ଉଇଁଲେଣି ଦିନମଣି ଲୁଚିଲାଣି କାଳିମା
ଭାଇ ! ଡାକ ମଣିମା ମଣିମା
ଭକତ-ବାନ୍ଧବ ହେଉ ଗୁହାରି ଶୁଣିମା ।୦।

ଏଇ ଶାନ୍ତଲଗନେ ମୃଦୁ ମଳୟ ପବନେ
କୋଇଲି କୁହୁ କୁହୁ ଗାଇଲା
କର ପଲ୍ଲବେ ନୀହାର ଶୋଭା ଆଜି ମନୋହର
ଫରଚା ଦିଶି ରାତି ପାହିଲା
ଧ୍ୟାନ ମନରେ ଗାଅ ଶ୍ରୀଗୁରୁ ବନ୍ଦନା ।୧।

ସାଧୁ ମୁଖେ ବେଦଧୁଳି ପ୍ରସରିଲା ଏ ମେଦିନୀ
ଗଗନ ଭେଦି ଉଠେ ଓଁକାର
ସର୍ବେ ହୋଇ ଉପଗତ ଗୁରୁ ପଦେ ଦେଇ ଚିତ୍ତ
ଗାଅ ବନ୍ଦନା ସୁର ଝଂକାର
ବିକଚ ନବ କୁସୁମେ କର ଅରଚନା ।୨।

ଜାଳି ମଙ୍ଗଳ ପ୍ରଦୀପ ଦେଇ ସୁବାସିତ ଧୂପ
ଶରଣ ପଶ ରଙ୍ଗପୟରେ
ଶୁଭ ଶଙ୍ଖ ହୁଳହୁଳି ଗୁରୁ ପଦେ ନିଉଛାଳି
ସେବକ ପଣେ ଯଥା ବିଧିରେ
ଢାଳିଦେବେ ଶୁଭାଶିଷ ନାହିଁ ତା ଉପମା ।୩।

## ଉଠ ····· ଉଠ ନିଶି ହେଲା ପରଭାତ

ଉଠ ····· ଉଠ, ନିଶି ହେଲା ପରଭାତ
ଶିଶିର ବିଞ୍ଚଇ ମଧୁ ମରୁତ
ଡାକିଲେଣି କାକ, ପିକ, କପୋତ ।୦।

ବିବଶା ରଜନୀ ଆସିଲା ପାହି
ସୁବର୍ଣ୍ଣ ଉଷାର ଛବି ଦିଶଇ
ଶୋଭାରାଣୀ ବସି ଗଗନାସନେ
ଢାଳଇ ପୀୟୁଷ ଅତି ଯତନେ
ଉଛୁର ନ କରି ଉଠ ସଅଳ ।୧।

ତନ୍ଦ୍ରା ମଗନ ଅଳସ ଆଖି
ଖୋଲି ଦେଖ କିଏ ଡାକୁଛି ଆସି
ହୃଦତନ୍ତ୍ରୀ ବାଜେ ଅମୃତ ସ୍ୱରେ
ଢାଳିଦିଅ ପ୍ରାଣ ରଙ୍ଗପୟରେ
ପଦସେବା ପାଇଁ ପତାଅ ହାତ ।୨।

ଅନାଅରେ ଗଡି ଯାଉଛି ବେଳ
ଅରଚନା ପାଇଁ କୁସୁମ ତୋଳ
ସାଜ ସାଜ ଫୁଲେ ଦିବ୍ୟ ଆସନ
ଆସିବେରେ ପରା ପରାଣ ଧନ
ପ୍ରଣତି ଜଣାଅ ନୁଆଁଇ ମାଥ ।୩।

## କେତେ ଘୁମାଇଛୁ ବାଉଳା ରେ ! ଉଠ

କେତେ ଘୁମାଇଛୁ ବାଉଳା ରେ ! ଉଠ
ପାହି ତ ଗଲାଣି ରାତି
କୁସୁମ-ବଦନେ, ବିହଗ-କୂଜନେ
ଫୁଟେ ତାର ଗୁଣ-ଗୀତି ।୦।

ସୁର ମିଳାଇ ତୁ ଗାଅରେ ବାଉଳା !
ସେ ନାମ କଲ୍ୟାଣଦାୟୀ,
ଦୁଃଖ-ତାପହାରୀ ସେ ଏକା ସବୁରି
ତା ବିନୁ ସାହା କେ ନାହିଁ ।୧।

ମାରେ ସେ, ତାରେ ସେ, ସେ ହସେ, ସେ ରୁଷେ;
ଆଖି ମେଲି ଥରେ ଚାହାଁ,
ଅଥଳ ଅକୂଳ ଭବ-ପାରାବାରେ
ନାଉରୀ ସେ ବାହେ ନାଆ ।୨।

'କରି କରାଏ ସେ' ବିଚାରି ମନେ ତୁ
ମୋହ ନିଦରେ ନ ଭୁଲ
ଇଚ୍ଛାର ଠାକୁର ସେ'ତ ଜଗତର
ମିଛେ 'ମୁଁ '-କାର ନ ବୋଲ ।୩।

ଜୀବନ, ଜନମ, କରମ, ମନନ,
ପାଦେ ତା'ର ସଁପି ଦିଅ
ଦି' ଦିନର ଭବ-ପରବାସୀ ଜୀବ
ସୁଖେ ଗୁରୁଦାସ ହୁଅ ।୪।

## କେତେ ରହିଛୁ ଆଉ ଘୁମାଇଁ

କେତେ ରହିଛୁ ଆଉ ଘୁମାଇଁ
ଜାଗ; ନିଶି ଆସିଲାଣି ପାହି ।୦।

ତରୁଣ ଅରୁଣ ବିଜୟ କଲେଣି
ଆଲୋକେ ମଣ୍ଡି ମହୀ
କଣ୍ଠେ କଣ୍ଠେ ନିରାଜନା ଗୀତି
ଶୁଭେ, ଶୁଣ କାନ ଦେଇ ।୧।

ଜାଗିବା ବେଳରେ ନ ଜାଗି ଯେବେ ତୁ
ପଡିବୁ ନିଦରେ ଶୋଇ
ଗଡିଯିବ ଦାନବେଳାରେ ବାଉଳା!
ପଛେ ଝୁରୁଥିବୁ ତୁହି ।୨।

ଜାଗି ତୁ, ଜଗାଅ ମନ-ଚେତନା ତୋ
ଭକତି, ପ୍ରଣତି ପାଇଁ
ଡାକ ତରାଇ ରେ, ଭବ-ନଦୀ ପାରି-
କରିବେ ରେ ଏକା ସେହି ।୩।

## ଘନ ଅନ୍ଧାରେ କେ ସେ

ଘନ ଅନ୍ଧାରେ କେ ସେ ଡାକେରେ ।୦।

କା'ର ମଧୁବୀଣା ସେ ରେ ସୁରେ ସୁରେ ଝଙ୍କାରେ
ଘୁମଘେରା ନୟନ ଦୁଆରେ ଡାକଦିଏ ଜାଗରେ ଜାଗରେ ।୧।

ଆଖି ମେଲି ଦେଲି ଚାହିଁ ପୁଲକି ଉଠିଲା ଦେହି
ଖୋଜି ହେଲି ତା'ରେ ଚଉଧାରେ ।୨।

ନ ମାନେ ବାରଣ ମୋର ଝରେ ଆଖି ନୀରଧାର
ଭେଟ ତାର ଅବିରତ ଝୁରେ ।୩।

## ଘୁମାଇଁ ନ ରହ ଏଇ ମଧୁ ପରଭାତେ

ଘୁମାଇଁ ନ ରହ ଏଇ ମଧୁ ପରଭାତେ
ମହାସଙ୍ଗୀତ ଗାଅରେ ଭକତ ଯେତେ ।୦।

ବିହଗ-କଣ୍ଠେ ସଙ୍ଗୀତ ତା'ର, ପବନ ଲହରେ ଇଙ୍ଗିତ ତାର
ଡାକଇ ସେ ପାଶେ 'ଆସ ସନ୍ତାନ' ଝରଣାର କୁଲୁଗୀତେ ।୧।

ଏ ଜୀବନ ଯା'ର ଆଶୀଷର ଦାନ
ତାହାରି ଚରଣେ କର ଅରପଣ
ସେ ଚାହେଁ ନା ଧନ ଚାହେଁ ଖାଲି ମନ-
ପୂଜା ଅନ୍ତରଗତେ ।୨।

ଆନ କାମନା ତୁ ନ କର ବାତୁଳ !
ପାଶୋରି ଦୁନିଆ ଦି'ଦିନ ଜଞ୍ଜାଳ
ନୁଆଇଁ ମଥା ତୁ ମାଗ କରପାତି
ଭକତି ଭରି ତୋ ଚିତ୍ତେ ।୩।

ଠାବ ମାଗ ତା'ର ଚରଣ ତଳରେ
ନ ଘେନ୍ତୁ ପଛେ ସେ ଆଦରେ କୋଳରେ
ଜନମେ ଜନମେ ସେବକ ରୂପରେ
ଘେନା କରୁଥାଉ ତୋତେ ।୪।

## ଜାଗ ଜାଗ ନଗରବାସୀ ନିଶି ଅବସାନରେ

ଜାଗ ଜାଗ ନଗରବାସୀ ନିଶି ଅବସାନରେ ।୦।

ଗୁରୁ ଗୌରାଙ୍ଗ ବଲେ ଉଠରେ କୁତୁହଲେ
ଶୀତଲ ହବେ ମନ ପ୍ରାନ ରେ ।୧।

ରାଧାମାଧବ ଜୟ ବଲରେ ଦୁରାଶୟ
ହବେ ଚିର ଶାନ୍ତିବିଧାନ ରେ ।୨।

ରାଧାଗୋବିନ୍ଦ ନାମ ଗାଓରେ ଅବିରାମ
ପରିଣାମେ ପାବେ ପରିତ୍ରାଣ ରେ ।୩।

ଜୟଗୁରୁ ମଙ୍ଗଲ ବୋଲରେ ଅବିରଳ
ଧିକ୍ ବନ୍ଧୁ କୁଲିଶପାଷାଣ ରେ ।୪।

## ଜାଗ ଜାଗ ନିଦ୍ରା ତେଜ

ଜାଗ ଜାଗ ନିଦ୍ରା ତେଜ ପବିତ୍ର ବେଳାରେ
ସମାସୀନ ଗୁରୁଦେବ ପୂଜାବେଦୀ ପରେ ।୦।

ଧୀରେ ଧୀରେ ପାହୁଅଛି ମଧୁର ରଜନୀ
ବିହଗ ର କଳକଣ୍ଠେ ଉଷାର ରାଗିଣୀ ।୧।

ଚକ୍ରବାଳ ରକ୍ତ ରାଗେ ହୋଇବ ରଞ୍ଜିତ
ନବ ସୂର୍ଯ୍ୟ ପୂର୍ବ ଦିଗେ ହୋଇବେ ଉଦିତ ।୨।

ପୂଜିବା ସକଳେ ବସି ସୁବର୍ଣ୍ଣ କିରଣେ
ମଧୁ ସମୀରଣ ବହେ ମୃଦୁଳ କଂପନେ ।୩।

ସମ୍ମିଳନୀ ପରିପାଟୀ ଅତି ମନୋହର
ଝରୁଅଛି ଚଉଧାରେ ଅମୃତ ନିର୍ଝର ।୪।

କିଏ ଗାଏ ସୁଲଳିତ ପ୍ରତୀକ୍ଷାର ଗାନ
କିଏ ବାଏ ବୀଣାଯନ୍ତ୍ର ଉଠେ ମଞ୍ଜୁତାନ ।୫।

କିଏ ଚାଲେ ପୁଷ୍ପ ଧରି ପୁଲକିତ ମନେ
ଦେବ ବୋଲି ପ୍ରୀତି-ଅର୍ଘ୍ୟ ଶ୍ରୀଗୁରୁ ଚରଣେ ।୬।

ତେଣୁ କରି ଆସ ଭାଇ! ବିଳମ୍ବ ନ କର
ନିଦ୍ରାଦେବୀ କୋଳ ଛାଡ ଉଠହେ ସତ୍ୱର ।୭।

ସ୍ନାନ କରି ଶୁଦ୍ଧ-ପୂତ ହୁଅ ହେ ସକଳେ
ବସ ଆସି ଶୁଚି-ଶୁଭ୍ର ପୂଜା ମଣ୍ଡପରେ ।୮।

ନିଗମ ଜ୍ୟୋତିରେ ଆଜି ହୁଅ ଉଦ୍ଭାସିତ
ପୁଲକିତ ସୁରଭିତ ହୁଅ ଉଦ୍‌ବେଳିତ ।୯।

ଭାରତ ମାତା ର ଭୁଛ୍ର ସାଧନାର ଫଳ
ଭୁକ୍ତି ମୁକ୍ତି ପ୍ରଦାୟକ 'ନିଗମ-ଈଶ୍ୱର' ।୧୦।

## ଜାଗ ଜାଗ ଗୁରୁଦେବ

ଜାଗ ଜାଗ ଗୁରୁଦେବ ହୃଦୟ ମନ୍ଦିରେ
ଜାଗିୟା ଉଠିୟା ବସ ପ୍ରାନ ଆଲୋକରେ ।୦।

ରଜନୀ ପ୍ରଭାତ ହଲ ଉଦିତ ଭାସ୍କର
ଘୁମେର ଅଲସ ତେଜ ପ୍ରାନେର ଠାକୁର ।୧।

ରବିର ଉଦୟ ଭେଲ ଜଗତ ପ୍ରକାଶ
ଜାଗିୟା କରହେ ପ୍ରଭୁ ହୃଦି ତମ ନାଶ ।୨।

ପ୍ରଭାତେ ପାପିୟା ଡାକେ ସୁମଧୁର ଭାଷେ
କତ ନିଦ୍ରା ଯାଓ ଠାକୁର୍ ଘୁମେର ଆବେଶେ ।୩।

ଦୁଃଖେର ଜଗତେ ଠାକୁର୍ ବଡଇ ସୁଖ ଦିଲେ
ଜାଗିଲାମ ସୁପ୍ରଭାତେ ଜୟଗୁରୁ ବଲେ ।୪।

ଆଜ ଦୂର ହଲ ମମ ପାପ ତାପ ଦୁଃଖ
ଉଠିଲାମ ପ୍ରାତ କାଲେ ହେରି ଚାନ୍ଦ ମୁଖ ।୫।

ଦେବେର ଦୁର୍ଲ୍ଲଭ ତବ ଚରନ ଯୁଗଲ
କି ଦିଏ ପୂଜିବ ଆମି କି ଆଛେ ସମ୍ବଲ ।୬।

ଏଇ ଚରାଚର ବିଶ୍ୱ ସକଲି ତୋମାର
କି ଧନ ତୋମାରେ ଦିବ କି ଆଛେ ଆମାର ।୭।

ଏଇ ଦେହ ପ୍ରାନ ମନ ତୋମାର ସକଲ
ଗ୍ରହନ କରିୟା କର ଜନମ ସଫଲ ।୮।

କି ଦିୟେ ପୂଜିବ ତୋମାୟ୍ ଦୀନ ହୀନ ଆମି
ଆମାରେ ଗ୍ରହନ କର ଓହେ ଜଗତ୍‌ସ୍ୱାମୀ ।୯।

ଏ ଜଗତେ ହେନ ବନ୍ଧୁ କେ ଆଛେ ଆମାର
ଯେ ଜନ ଲଇବେ ଆମାର ଜୀବନେର ଭାର ।୧୦।

ତୋମାର ଚରନେ ତାଇ ସଂପିନୁ ସକଲ
ହୃଦୟ କମଲେ ଦାଓ ଚରନ କମଲ ।୧୧।

ଆର୍ କିଛୁ ନାଇଁ ଚାଇ ଏଇ ନିବେଦନ
ଜନ୍ମେ ଜନ୍ମେ ଏଇ ରୂପେ ଦାଓ ଦରଶନ ।୧୨।

## ଜାଗ ନିଶି ପାହିଲାଣି ରାଜେ ରବିକର ହେ

ଜାଗ ନିଶି ପାହିଲାଣି ରାଜେ ରବିକର ହେ,
ଶେଯ ତେଜ ଜଗତର ନାଥରେ ସୁମର ରେ ।୦।

ଅମା ନିଶି ପ୍ରଭାତିଲା, ପକ୍ଷୀ ମଙ୍ଗଳ ଗାଇଲା
ଦିଆଁ ଦେଉଳରେ ଶୁଭେ ଶୁଭ ଶଙ୍ଖସ୍ୱର ରେ ।୧।

ଶୟନେ ଅବା ସପନେ ଅଛ ଯାହାର ନୟନେ
ଜୀବନ ଜନମଦାତା ଗୁଣଗାନ କର ରେ ।୨।

ସୁଖର ଦୁଃଖର ସାଥୀ ତା ବିନେ କେହି ନାହାନ୍ତି
ଏ ଭବ-ତାରଣ-ତରୀ ସେ ଯେ ଜୀବନର ରେ ।୩।

ଇହକାଳ, ପରକାଳ ଗୁରୁନାମଟି ସମ୍ବଳ
ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁ ଆଦିମୂଳ ରେ ।୪।

ଶ୍ରୀଗୁରୁ ଚରଣେ ମତି ରଖ ମନ ଦିବା ରାତି
ଅଳସ ବରଜି ଗୁରୁ-ପଦରେ ଜୁହାର ରେ ।୫।

## ଜାଗରେ ! ଅମୃତ ସନ୍ତାନ ଜାଗ

ଜାଗରେ ! ଅମୃତ ସନ୍ତାନ ଜାଗ ।୦।

ଚେଇଁ ଥାଇ ତୁ ଯେ ନିଦରେ ବିଭୋର
ତଳ ମୁଖ ଗାମୀ ଚେତନା ତୋହର
ଏଥିଲାଗି ସିନା ହରାଇ ବସିଛୁ
ଊର୍ଦ୍ଧ୍ୱର ଅନୁରାଗ ।୧।

ଚେତନା ଦୀପ୍ତିରେ ହୁଅ ଜାଗରିତ
ଅମୂଲ୍ୟ ଜୀବନ ହେଜରେ ସନ୍ତତ
ଘୁମରେ ନ ଭୁଲି, ଚେତନା ଧିଆନେ
ଲକ୍ଷ୍ୟ ସାଧନେ ଲାଗ ।୨।

ସକଳ କରମେ ହୁଅ ଏକ ମୁଖୀ
ଶତ୍ରୁ ରୂପୀ ମୋହ ନିଦ୍ରା ଦୂରେ ରଖି
ଦୁର୍ଲ୍ଲଭ ତେବେରେ ନ ହୋଇବ କେବେ
ସେ ପଦ ପରଶ ସଙ୍ଗ ।୩।

## ଜାଗ ଜାଗ ଜାଗରେ ଆଜି

ଜାଗ ଜାଗ ଜାଗ ରେ ଆଜି
ବିଶ୍ୱମାନସ ଜାଗ ରେ
ଗୁରୁ ପଦ ଧୂଳି ମାଗ ରେ ।୦।

ପରମ ବନ୍ଧୁ ସେ ଗୁରୁ ପ୍ରେମମୟ
ପ୍ରେମରେ ଭସାଇ ଦେବ ତୋ ହୃଦୟ
ମଧୁର ତା ଅନୁରାଗ ରେ ।୧।

ଲଭିବୁ ରେ ତାର ପୂଣ୍ୟ କଇବଲ୍ୟ
ମୁକତି ମଧୁ ସେ ଜୀବନେ ଅମୂଲ୍ୟ
ଆହା ! ଏ କି ସଉଭାଗ୍ୟ ରେ ।୨।

କେତେ ସରାଗରେ ଭଙ୍ଗା ଘରେ ତୋର
ଥାପି ଦେଇଛି ସେ ରଙ୍ଗା ପଦ ତାର
ମୋହ ନିଦ୍ରା ଏବେ ଭାଙ୍ଗ ରେ ।୩।

ସଂପି ଦେ ତୋର ଗିରୀଷମ, ଶୀତ
ସଂଜ, ସକାଳ, ବରଷା, ବସନ୍ତ
ପାସୋରି ଏ ଭବ ରଙ୍ଗ ରେ ।୪।

## ଜାଗ ରେ, ଜାଗ୍ରତ ଧରଣୀ

ଜାଗ ରେ, ଜାଗ ରେ, ଜାଗ ରେ !
ଜାଗ୍ରତ ଧରଣୀ ଶ୍ୟାମଳ-ବରଣୀ
ଉଠ, ମରମାନବ ! ଜାଗ ।୦।

ଆଉ କି ସାଜେ ପଲଙ୍କର ସୁଖଶୟନ ?
ଚେତ ଚେତ ଫେଡି ଜ୍ଞାନର ନୟନ
କାଳ ବିତେ, ଗତ ଆୟୁ ଦିନୁ ଦିନ
ପ୍ରଣମି ଗୁରୁ, ଶରଣ ମାଗ
ଜାଗ ରେ, ଜାଗ ରେ, ଜାଗ ରେ ।୧।

ମାୟା ମୋହ, ମଦ ମୂର୍ଚ୍ଛିତ ବିଶ୍ୱ
ସଙ୍କଟମୟ ପଥ, ପାନ୍ଥ, ତୁ ନିଃସ୍ୱ
ନିସ୍ତରଣେ କର, ଗୁରୁ ସର୍ବସ୍ୱ
ଡାକ ତୁ ଭରି ଅନୁରାଗ
ଜାଗ ରେ, ଜାଗ ରେ, ଜାଗ ରେ ।୨।

## ଜାଗ ହେ ଗୁରୁ ଭକତେ ନକରି ହେଳା

ଜାଗ ହେ ଗୁରୁ ଭକତେ ନକରି ହେଳା
ଗଡିତ ଯାଉଛି ଦେଖ ଅମୃତ ବେଳା ।୦।

ଜାଗି ଜଗାଅ ଜନେ ନମଣ ଆନ ଆନେ
ସବୁରି ହିତ ପାଇଁ ବହିଛ ଦେହ ଭାଇ
କାଳ ବିଳମ୍ବ କଲେ ବୁଡିବ ଭେଳା ।୧।

ଭାଇ ବନ୍ଧୁ କୁଟୁମ୍ବ ଧନରତ୍ନ ବିଭବ
ପାଣିଫୋଟକା ଭାଇ ପରତେ ଯାଅ ନାହିଁ
କ୍ଷଣକ୍ଷଣକେ ଆନ ସଂସାର ଖେଳା ।୨।

ଗାଇ ଶ୍ରୀଗୁରୁ ନାମ କରି ତାଙ୍କରି କାମ
ତାଙ୍କ ବିନା କେ ଆନ କରିବ ପରିତ୍ରାଣ
କୀର୍ତ୍ତନ କର ସଦା ଶ୍ରୀଗୁରୁ ଲୀଳା ।୩।

## ଜାଗ ହେ ସରବେ ମାତ ହେ ଗରବେ

ଜାଗ ହେ ସରବେ ମାତ ହେ ଗରବେ ଗାଅ ଠାକୁରଙ୍କ ଜୟ ଗାନ ।୦।
ପ୍ରାଚୀ ସିମନ୍ତିନୀ ଅର୍ଘ୍ୟଥାଳି ଘେନି
କୁଙ୍କୁମ ବରଣେ ରଞ୍ଜାଇ ଅବନୀ
ପ୍ରାଚୀ ଶୈଳ ନଭୁ ଘେନିଣ ମେଲାଣୀ ବନ୍ଦିଲାଣି ଗୁରୁ ଶ୍ରୀଚରଣ ।୧।

ମୃଦଙ୍ଗ ପଟ୍ଟହ ଭେରୀ ତୁରୀ ସ୍ୱନ
ସାଗର ଗରଭୁ ଉଠେ ଘନ ଘନ
ଜଳ ଦେବୀ କୂଳ ସର୍ବେ ହୋଇ ଠୁଳ ରଚିଲେଣି ଗୁରୁ ସଙ୍କୀର୍ତ୍ତନ ।୨।

ଧୂପାରତି ଛନ୍ଦେ ବୋଳି ଦିଏ ତାର
ସ୍ୱଚ୍ଛ ପ୍ରେମ ଭକ୍ତି ମନ୍ଦାକିନୀ ଧାର
ପୁଷ୍ପ ପୁଷ୍ପ ଗନ୍ଧ କରି ଆହରଣ ଉର୍ମି ସିକ୍ତ ମନ୍ଦ ସମୀରଣ ।୩।

କେକି କୁମ୍ଭାଟୁଆ ବକ ଚକ୍ର ବାକ
ହଳଦୀ ବସନ୍ତ ଶାରୀ ଶୁକ ପିକ
ଯୁଥେ ଯୁଥେ ହୁଳହୁଳି ଦେଇଯା'ନ୍ତି ପ୍ରେମେ ଲଭି ଗୁରୁ ଦରଶନ ।୪।

ନଶ୍ୱରତା ମାୟା ମୋହ ପାଶେ ଛନ୍ଦି
ଆଶା ମରୀଚିକା କାରାଗାରେ ବନ୍ଦି
ପାପ ତାପ ଦଗ୍ଧ ସନ୍ତପ୍ତ ପରାଣେ ବସି କାଟୁଥିବା କେତେ ଦିନ ।୫।

ଶୁଦ୍ଧ ପୂତ ଭାବେ ଆସ ସର୍ବେ ମିଳି
ଗୁରୁ ପଦ ଅବ୍ଜେ ଦେବା ପୁଷ୍ପାଞ୍ଜଳୀ
ଗୁରୁ ପରାତ୍ପର ବ୍ରହ୍ମାଣ୍ଡ ଠାକୁର ନାଶିବେଟି ହେଳେ ଘୋର ତମ ।୬।

## ଜାଗିଲାରେ ଜନନୀ ଉତ୍କଳ ଧାତିକାରେ

ଜାଗିଲା ରେ
ଜନନୀ ଉତ୍କଳ ଧାତିକାରେ ।୦।

'ଜୟଗୁରୁ' ସିଦ୍ଧମନ୍ତ୍ର ଜପି ଧୀରେ ଅବିରତ
ଜାତୀୟ ଜୀବନସାରିକାରେ ।୧।

ଯା' ମଧୁ ପରଶ ପାଇ ଜୀବନ୍ତ ନଶ୍ୱରଦେହୀ
ଯାଏ ପଥ ଚାଲି ନିର୍ବିକାରେ ।୨।

ଜଗଦ୍ଗୁରୁ ଆମ ଗୁରୁ ଯୁଗ ଯୁଗ ଅବଧୂରୁ
ଜାଣି ଏହି ସତ୍ୟ ଅବିକାରେ ।୩।

ଜାଳି ଜାଗର ଦ୍ୱରିତେ ଜଳାଇ ମାନସନେତ୍ରେ
ଜୀବନ୍ମୁକ୍ତ ଜୀବ ମାଳିକାରେ ।୪।

ଜନମି ବଙ୍ଗ ପ୍ରଦେଶେ ଜନନୀ ଉତ୍କଳ ପାଶେ
ଜାଳିଦେଲେ ଜ୍ଞାନ-ବର୍ତ୍ତିକାରେ ।୫।

ଯାର ଭୌମଭାବସ୍ଫୁଟ ଜାଜ୍ୱଲ୍ୟମାନ ପ୍ରକଟ
ଜଗନ୍ନାଥ କ୍ଷେତ୍ର ଭୂମିକାରେ ।୬।

ଯେଣେ ଚାହିଁଲେ ସେଠାରେ (ତାଙ୍କ) ଜ୍ୱାଳାମୟୀ ବାଣୀ ସ୍ଫୁରେ
ଯନ୍ତ୍ର ତନ୍ତ୍ର ଭେଦ-କାରିକାରେ ।୭।

## 'ଜୟଗୁରୁ' ବୋଲି ଜାଗ ଜଗଜ୍ଜନ

'ଜୟଗୁରୁ' ବୋଲି ଜାଗ ଜଗଜ୍ଜନ ଶୁଭ ପରଭାତେ ଆଜି ।୦।

ପ୍ରକୃତି କରେ ମିନତି କୁଞ୍ଜେ କୁଞ୍ଜେ
ବନ-ଫୁଲେ ଫୁଲେ ଅଳି ଓଁକାରେ ଗୁଞ୍ଜେ
ଗାଧୋଇ ଶିଶିରେ ବନମାଳା-କରେ ବନ୍ଦେ ଲତିକା ରାଜି ।୧।

ଚନ୍ଦନବନ ନନ୍ଦନ କରି ଗନ୍ଧସମୀର ନାଚେ
ମନ୍ଦେ ଦୋହଲି ଛନ୍ଦେ ମତାଇ ଗିରିବନେ ପ୍ରୀତି ରଚେ
ଓଢଣା ଉହ୍ଲାଡୁ ଦରହସି ଉଷା ନମେ ବରତନୁ ମାଜି ।୨।

ନିରାଜନା-ରତ ପୂରୁବେ ଅରୁଣ ନବ
ବିହଗ କଣ୍ଠେ ଶୁଭେ ମଙ୍ଗଳ ରବ
କମଳିନୀବାଳି ଘେନି ମଧୁଥାଳି, ଭେଟିବାକୁ ହେଲା ସାଜି ।୩।

ବିଶ୍ୱଗୁରୁଙ୍କ ପଦ ବନ୍ଦନ ଲାଗି
କୁଳୁ ଗୀତ ଗାଏ ଗିରିନଦୀ ନିଦ ଭାଙ୍ଗି
'ଜୟଗୁରୁ' ରବେ ମୁଖର ସରବେ, ଗଗନ ପଡଇ ଭାଜି
ପଦ-ଦରଶନ ଆଶାୟୀ ସରବେ କଣ୍ଠେ ସେ ନାମ ଭଜି ।୪।

## ନବ-ରବି ଆସେ ଉଇଁ

ନବ-ରବି ଆସେ ଉଇଁ
ଏଇ ପରଭାତେ ପ୍ରଣତି ଜଣାଅ, ତାହାରି ଚରଣ ଛୁଇଁ ।୦।

ନବୀନ ଆଲୋକେ ନବୀନ ଭୁବନ
ନବ ଉପବନେ ନବୀନ ସୁମନ
ନବମାଳା ଗୁନ୍ଥି ନୂଆଁଅରେ ଶିର ନବୀନ ପରାଣ ଦେଇ ।୧।

ମାଗି ଶିଖ ନାହିଁ ତାହାରେ ମୁକତି
ମାଗ ଶ୍ରୀଚରଣେ ଅତୁଟ ଭକତି
ଯେଉଁ ଡୋରେ ବନ୍ଧା ହେବେ ଦିନରାତି, ଅଖିଳ ଜଗତସାଇଁ ।୨।

ଧୂଳିଧରା-ଘରେ ଦି 'ଦିନ କୁଣିଆ
ଶେଷ-ସାଥୀ ଯା'ର ଶମଶାନ ନିଆଁ
କି ଲୋଡା ତାହାର ଧନ,ଜନ,ମାନ-ଗଣ୍ଡି ଧନ ଏକା ସେହି ।୩।

ଭକତି, ପୀରତି ମନରେ ଭରାଇ
ଆଶିଷ ମାତର ମାଗ ପାଦେ ଯାଇ
ପ୍ରଣତି କେବଳ ତୋହରି ସମ୍ବଳ ଭେଟ ତା ଚରଣେ ନେଇ ।୪।

## ନିଦ ଭାଙ୍ଗ , ରାତି ତ ଆସି ପାହି ରେ

ନିଦ ଭାଙ୍ଗ , ରାତି ତ ଆସେ ପାହି ରେ
ମାୟା-ମୋହ ଘୁମରେ ତୁ କେତେ ଥିବୁ ଶୋଇ ରେ ।୦।

ଭଗାରି ସଭିଏଁ ମିଳି, ଦୁନିଆର ନିଶା ଗୋଳି
ପିଆଇ ଦିଅନ୍ତି, ଜାଗିବାର ବଳ ନାହିଁ ରେ ।୧।

ଅଛି ଜଣେ ତୋର ସାହା, ସେ ଏକା କରିବ ଆହା
ଶୟନେ, ସପନେ ତାକୁ ଡାକ ତୁ ନିଠାଇ ରେ ।୨।

ଜାଗ, ତା' ଶରଣ ମାଗ, ଭରି ମନେ ଅନୁରାଗ
ଷଡରିପୁ ଯିବେ ଦୂରେ , ତୋ ପାଶୁଁ ପଳାଇ ରେ ।୩।

ସେ ତ କରୁଣା-ସାଗର, ତାକୁ କରି ଆପଣାର
ଆଖି ମେଲି ରହ ମନ, ତା ପଥ ଅନାଇଁ ରେ ।୪।

## ନିଶି ହେଲା ଆସି ଅବସାନରେ

ନିଶି ହେଲା ଆସି ଅବସାନରେ
ଜାଗ ସରବେ ଗାଅ ଗରବେ ଶ୍ରୀଗୁରୁ ନାମରେ ।୦।

କୁଆଁତାରା ସିନ୍ଦୁର ଭରା ଉଙ୍କିମାରି ଆସିଲା ପରା
ରାବି ସକଳ ବିହଙ୍ଗକୁଳ ଦଳକୁ ଦଳରେ ।୧।

ଗ୍ରହ ତାରା ନକ୍ଷତ ସାରା ନୀଳାକାଶେ ମେଲି ପସରା
ରଟନ୍ତି ଗୁରୁ କଳପତରୁ ଶୋଭା ପସରା ରେ ।୨।

ହର ହର ବଂ ବଂ ନାଦେ କଂପେ ମହୀ ଡମ୍ବରୁ ଶବ୍ଦେ
ଆସିଲେ ଶିବ ଦେବାଧୀଦେବ ଭବାନୀଭବରେ ।୩।

ଜଗନ୍ନାଥ ନୀଳାଦ୍ରୀନାଥ ଆରୋହୀ ନନ୍ଦିଘୋଷ ରଥ
ଆସି ମଣ୍ଡନ ସଭା ସଦନ ଅଘନାଶନରେ ।୪।

ନଭ ନାଚେ ପାତାଳ ନାଚେ ଧରା ନାଚେ ଜଳଧି ନାଚେ
ଶ୍ରୀଗୁରୁ ଜୟ ଶ୍ରୀଗୁରୁ ଜୟ ଶ୍ରୀଗୁରୁ ଜୟ ରେ ।୫।

ଭକ୍ତ ମିଳି ଦିଅହେ ତାଳି ମାତା ଭଗିନୀ ହୁଳହୁଳି
ସିତଚନ୍ଦନ ପଦେ ଦେଇଣ କର ବନ୍ଦନରେ ।୬।

## ନିଶି ହେଲାଣି ପାହାନ୍ତି, ଜାଗ ଜଗବାସୀ

ନିଶି ହେଲାଣି ପାହାନ୍ତି, ଜାଗ ଜଗବାସୀ
ଶେଯ ତେଜ, ନଭେ ରବି ଚାହିଁଲେଣି ହସି ।୦।

ନୀଡ ତେଜି ବିହଙ୍ଗମ
ରଟେ ପ୍ରଭାତ ଆଗମ
ପୂଜେ ନବ ରବି, ସରେ କମଳ ବିକଶି ।୧।

ଧିଆନ ନୟନେ ହେର
ଅପରୂପ ତେଜ ତାର
ସେ ଯେ ଗୁରୁବ୍ରହ୍ମ ବିଜେ, କଲ୍ୟାଣ ବରଷି ।୨।

ଗୁରୁ ଏକା ଜୀବ ଗତି
ରଖ ସେ ଚରଣେ ମତି
କର ଗୁରୁ ଦରଶନ 'ଜୟଗୁରୁ' ଘୋଷି ।୩।

## ନିଶି ହେଲାଣି ପାହାନ୍ତି, ଜାଗ ଶେଯ ତେଜ

ନିଶି ହେଲାଣି ପାହାନ୍ତି ଜାଗ ଶେଯ ତେଜ
ପୂରୁବ ଗଗନ କୋଣେ ହସେ ରବି ତେଜ ।୦।

ପବନ ବହଇ ମନ୍ଦ, ବିସାରେ ସୁମନ ଗନ୍ଧ
କାସାରେ ହସେ କମଳ ତେଜି ମନୁ ଲାଜ ।୧।

ଶୁଭେ ବିହଗ କାକଳି, ଦିଏ ସତେ ହୁଳହୁଳି
ନବୀନ ପରଭାତରେ ବନ୍ଦିବାକୁ ଆଜ ।୨।

ଯେତେ ସବୁ ନାରୀନର, ଶେଯେ ମୃତ ପରକାର
ଥିଲେ ଶୋଇ ଜାଗିଲେଣି ଉଠ ତନୁ ମାଜ ।୩।

ଚଉଦିଗ ପ୍ରେମେ ହସେ, ସରାଗ ତରଙ୍ଗେ ଭାସେ
ନିତ୍ୟବ୍ରତେ ଲାଗି ବେଗେ ଶଯ୍ୟା ତୁ ବରଜ ।୪।

ପ୍ରଣମି ପିତା ପାଦରେ, ଲାଗ ଶୁଭ କରମରେ
ସେହି ସତ୍ୟ, ସେହି ନିତ୍ୟ, ଆନ ସବୁ ବ୍ୟାଜ ।୫।

ଭୁଲ ମନୁ ଭେଦଭାବ, ଭାଇ ଭଉଣୀ ସରବ
ଆମ ଜନମ କରତା ଏକ ବୋଲି ହେଜ ।୬।

ସୁଖ ବୋଲ ଦୁଃଖ ବୋଲ, ସବୁତ ତାଙ୍କରି ଖେଳ
ମାତି ଭକତି ପ୍ରେମରେ ଜୟଗୁରୁ ଭଜ ।୭।

## ଭିଖାରୀରେ, ଜାଗ, ଗଡି ଯାଏ କାଳ

ଭିଖାରୀରେ, ଜାଗ, ଗଡି ଯାଏ କାଳ
ହେଳା ଆଉ କର ନାହିଁ
ଦେଖ ରେ, ଦେଖ ରେ, ପୂରୁବ ଗଗନେ
ଅରୁଣ ଦେଲେଣି ଚାହିଁ ।୦।

କାମନା ବାସନା ଯାହା ଅଛି ତୋର
ବିରାଟ-ଚରଣେ ଏବେ ଜଣାକର
ଏଇତ' ରେ ସେଇ ଶୁଭବେଳା, ଦେଖ
ଚଉଦିଗେ ତୁ ଅନାଇଁ
ବନର ବିହଗ ମନ କଥା ତା'ର
ଜଣାଏଁ ରେ ଗୀତ ଗାଇ ।୧।

କୁସୁମ ଅରପେ ବନ୍ଦନା ଥାଳି
ସରାଗ ପରାଗ ଅଙ୍ଗରେ ବୋଳି
ଅଳସ ବରଜି, ଗୁଞ୍ଜରେ ଅଳି
ତାହାରି ଚରଣ ଧାୟୀ
ଆଉ କି ସାଜେ ରେ ନିଦ ତୋ ନୟନେ
ନିଶି ଆସେ ପାହି ପାହି ।୨।

ଜାଗ ଏ ମଧୁର ପରଭାତ କାଳେ
ବରଜି ମନରୁ ଅବସାଦ ହେଳେ
ଡାକ ରେ କରୁଣା-ସାଗରେ, ତୋ ଶିରେ
କୃପା ବରଷଣ ପାଇଁ
ଡାକିଲା ପରି ତୁ ଡାକିଲେ, ସେ ଡାକ
ଶୁଣିବେ ଜଗତସାଇଁ ।୩।

## ବାଉଳା ! ଅଳସ ପହୁଡ ତେଜ

ବାଉଳା ! ଅଳସ ପହୁଡ ତେଜ
ଘୁମ-ଘେରା ଆଖି ମେଲି ତୁ ଏଥର
ନିଜ ଗନ୍ତାଘର ଖୋଜ ।୦।

ତୋ ଘର-ତ୍ରିବେଣୀ ଜଳେ ନ ସ୍ନାହାନି
ତୁଚ୍ଛାରେ ମୂରୁଖ ମନ !
ମିଛେ ସିନା ଭୁଲି ନାନା ତୀର୍ଥ ବୁଲି
ଖୋଜି ହେଉଛୁ ରତନ
ବିଚାରି ଲାଗଇ ଲାଜ ।୧।

ହଠ ବାଜୀମାନ ଦେଖି ତୁ ଅଜ୍ଞାନ !
ଖୋଜୁ ବାଜିକର କାହିଁ?
ଅନ୍ତର ମଝିରେ ଲୁଚି ରହିଛି ରେ
ଛାଇ ପଛରେ ନ ଧାଇଁ
ଆଖି ମୁଦି ଥରେ ହେଜ ।୨।

ପରଶମଣି ତୁ ପର ଘରେ ଖୋଜୁ
ବୁଲି ବୁଲି ରାତି ଦିନ
ଖୋଜ ତୁ ଅନ୍ତର ଗନ୍ତାଘର ତୋର
ମିଳିବ ତା ଦରଶନ
(ତାର) କୋଟିଏ ରତନ ତେଜ ।୩।

# ପ୍ରତୀକ୍ଷା

## ଅନା ଫେରି ରେ

ଅନା ଫେରି ରେ
ଲୁଚି ଆସେ ରବି, ଯାଏ ଦିନ ସରି ରେ ।୦।

ଘନ ଅନ୍ଧକାର ଘେରି ଆସେ
ତରୀ ଟଳମଳ ଜଳେ ଭାସେ
ଭବନଦୀ ତରିବାକୁ ଡାକ ନାଉରୀ ରେ ।୧।

ଆଉ ବେଳ ନାହିଁରେ ତୋହର
ଆୟୁ-ସୂର୍ଯ୍ୟ ଅସ୍ତମୁଖୀ ହେର
ଚେତ, ଚେତ ମନ ବାଇ ! ମୋହ ପରିହରିରେ ।୨।

ଆଖି ଆଗେ ସେ ଆଲୋକ ଜାଳି
ରାହା ବତାଇ ନେବେ ରେ ଟାଳି
ମୁଖେ ଭରି ସୁଧାଝରି ତୋତେ କୋଳ କରିରେ ।୩।

ଯା' ରେ ମଣୁ ତୁହି ଆପଣାର
ନେବା ସାଥି, ଦେବା ବେଳେ ପର
ବେଳ ଥାଉଁ ଚେତ, ଚିର-ବାନ୍ଧବେ ସୁମରି ରେ ।୪।

## ଅବୋଲର ବୋଲ ନ ଶୁଣିବୁ କି ତୁ ମାଆ

ଅବୋଲର ବୋଲ ନ ଶୁଣିବୁ ତୁ କି ମାଆ !
ଡାକି ଥକିଲିଣି ରାତି ହେଲା ପାହାନ୍ତିଆ |୦|

ଅଜାଣ, ଅବୋଧ ହେଲି ବୋଲି ମୁଁହି
ମାଆ ଫିଙ୍ଗିଦିଏ ପାଦେ, ଶୁଣା ନାହିଁ
ପଥର ରାଜାର ଝିଅ ହେଲୁ ବୋଲି
ପାଷାଣୀ କି ତୋର ନାଆଁ |୧|

ଆସ ମା', ଆସ ମା', କ୍ଷମାକର ଦୋଷ
ଦରଶନ ଦିଅ ନ ବହି ତୁ ରୋଷ
ତୋ ତେଜ ଝଲକୁ ଆଖି ଆଗେ ଆଗେ
ଦିଶି ଯାଉ ଶୁଭ-ରାହା |୨|

ଧନ, ଜନ ତୋତେ କିଛି ନ ମାଗିବି
ନିଶି ଦିନ ଖାଲି ତୋତେ ଡାକୁଥିବି
ପାଦତଳେ ବସି ସେବା ଅଭିଳାଷୀ
ହେବି, ଥରେ ଫେରି ଚାହାଁ |୩|

## ଅରୁଣ ରଥରେ ବିଜେକର ହେ ମହାନ

ଅରୁଣ ରଥରେ ବିଜେକର ହେ ମହାନ !
ଆବାହନ କରେ ଆଜି ନିଖିଳ ଭୁବନ
ଦୟାକର ହେ ଠାକୁର !
ଦରଶନ ମାଗେ ଦାସ ଯୋଡି ବେନିକର ।୧।

ବିହଗ କଣ୍ଠରେ ଶୁଭେ ଜୟ ଜୟ ଘୋଷ
କମଳ-ଆନନେ ତବ ହାସ ପରକାଶ
ନୀଳ-ସାଗର ଲହରୀ,
ନାଚେ ତାଳେ ତାଳେ, ତବ ପୟରେ ଜୁହାରି ।୨।

ମରମର ମଳିନତା-ଅନ୍ଧକାର ଛାଇ
ତବ କିରଣ ପରଶେ ଯାଉ ହେ ଉଭାଇ
ଦୟାମୟ ନିରଞ୍ଜନ !
ଅନ୍ଧ ନୟନରେ ଲେପିଦିଅ ଜ୍ଞାନାଞ୍ଜନ ।୩।

ହୃଦୟ-ମନ୍ଦିରେ ବସ କରୁଣା ନିଧାନ !
ମାୟା-ମଦ-ମୋହ ରିପୁ କର ନିସୂଦନ
କୋଟି ଅପରାଧ କ୍ଷମ
ଆତୁର କଣ୍ଠରେ ଡାକେ କିଙ୍କର, ଅଧମ ।୪।

## ଅଳି ମୋର ଏତେ ପରାଣ ସାଇଁ

ଅଳି ମୋର ଏତେ ପରାଣ ସାଇଁ
ବଡ ଆଶା କରି ଆସିଛି ଧାଇଁ
ଭେଟିବାକୁ ତବ ପଦ ଗୋସାଇଁ
କରୁଣା କର ହେ ସୁଦୟାବହି
ଆଣି ଅଛି ଯେତେ ମୁହିଁ
ସମରପି ଦେବି ଘେନାକର ପ୍ରଭୁ ତବ ଶ୍ରୀକର ବଢ଼ାଇ |୦|

ଅଗଣନ ନଦୀ ଧାର ଯେସନ
ଅଥଳ ସାଗରେ ହୁଏ ବିଲୀନ
ଆକୁଳ ନିରତ ଏ ମୋ ପରାଣ
ଅନନ୍ତ ପୟରେ ହେବାକୁ ଲୀନ
ଆନ ଆଶା କିଛି ନାହିଁ
ଅଚିନ୍ତା ଘୁମରେ ଚିରକାଳ ପାଇଁ ନହେଲେ ଥିବି ଘୁମାଇ |୧|

ଲୁଚି ଲୁଚି ତୁମେ କେବେ ଆସିବ
ହୃଦୟ ଆସନେ ମୋର ବସିବ
ହସ ମୁଖ ତବ କେବେ ଦିଶିବ
ମନର ବେଦନା ସତେ ନାଶିବ
ଆହେ ମୋର ଚିତ୍ତ ଚୋର
ଦେହ ମନ ପ୍ରାଣ ସମରପି ପଦେ ହୋଇବି ପ୍ରେମେ ବିଭୋର |୨|

କେତେ ଆଶା ବାନ୍ଧି ପଥ ସୁମରି
ଚାହିଁ ବସିଛି ମୁ ଦିବା ସର୍ବରି
କେବେ ନିରେଖିବି ନୟନ ଭରି
ନବ ନବ ସାଜେ ରୂପ ତୁମରି
ଧନ ଜନ ମାୟା ମୋହ
ଧରମ କରମ ସବୁ ଲୁଟି ନେଇ ବଦଳରେ ଦେଖା ଦିଅ |୩|

ଯୁଗ ଯୁଗ ଧରି ଏ ଆଶା ମୋର
ପୁରାଇବ କହ କେବେ ଠାକୁର
ତୁମ ବିନେ ଆନ କିଏ ମୋହର
ଅଛି ଏ ଜଗତେ ହେ ମନ ଚୋର
ଆସ ତୁମେ କ୍ଷମାମୟ
କୋଟି ଅପରାଧ କ୍ଷମା କରି ପ୍ରଭୁ, ଚରଣେ ଶରଣ ଦିଅ |୪|

## ଅନ୍ଧାର ଏ ମୋ କୁଟୀର ଦୁଆରେ

ଅନ୍ଧାର ଏ ମୋ କୁଟୀର ଦୁଆରେ ନ କରି ଆଉ ଉଛୁର
ଆଲୋକର ବତୀ ଜାଳିଦିଅ ଆସି ତୁମେ ଶରଣ-ପଞ୍ଜର ।୦।

ଅମା ନିଶିଥିନୀ ଆସେ ପାହି ପାହି
ନିଖିଳ ଭୁବନ ଉଠିଲାଣି ଗାଇ
ସେହି ସୁରେ ମୋର କଣ୍ଠ ମିଳାଇ ଡାକୁଅଛି ବାର ବାର
ବିଜେକର ଆହେ ଦୟାଳୁ ଠାକୁର ! ମୋ ମିନତି ଘେନା କର ।୧।

ଭଗାରିଏ ଘେରି ଚଉକତି ମୋର
ଘର ସାରା ଛାଇ ଦିଅନ୍ତି ଅନ୍ଧାର
ଯେତେ ଭାବିଲେ ମୁଁ କରିବାକୁ ଦୂର ତେତେ ମୁଁ ମାନୁଛି ହାର
ଜ୍ୟୋତିର୍ମୟ ତୁମେ ଦୁରୁଦିନେ ଆସି ଅରାତି-ଡର ନିବାର ।୨।

ଆଖି ଆଗେ ଜାଳି, ପ୍ରଦୀପ-ଜ୍ଞାନର
ଆଲୋକିତ କର ଅନ୍ଧାର କୁଟୀର
ଶୁଭମୟ ହେଉ ବିଶ୍ୱ ଚରାଚର ଆହେ କରୁଣା-ସାଗର !
ଚରଣ ତଳରେ ପ୍ରଣତି ଜଣାଏ ଆବାହନ ଏ ମନର ।୩।

## ଅଜ୍ଞାନ ତିମିର ହେ ଗୁରୁ ନାଶ କର

ଅଜ୍ଞାନ ତିମିର ହେ ଗୁରୁ ନାଶ କର ଜ୍ଞାନ ଅଞ୍ଜନ ନୟନେ ଦାଓ
ଶଳାକା ଦିଏ ଚକ୍ଷୁ ଉନ୍ମୀଲନେ ଆମାରେ ଚେତନ କରାଏ ଦାଓ ।୦।

ମାୟାଏ ମୋହିତ ହଏ ଭୁଲିଆ ତୋମାରେ
ଚୌରାଶି ଲକ୍ଷ ଯୋନି ଭ୍ରମି ବାରେ ବାରେ
ମରି ଘୁରେ ଘୁରେ ଏଇ ଭବ ଘରେ
କୃପା କରି ମୋରେ ଆଲୋକ ଦେଖାଓ ।୧।

ଭ୍ରାନ୍ତ ଜୀବ ମୋରା ଭ୍ରମ ତ ଘୋଁଚେନା
ଅସାର ସଂସାରେ ସୁଖ ତ ହୋଲୋ ନା
ଯାଓ୍ୱା ଆସାୟ କତ ପାଇହେ ଯାତନା
ଗର୍ଭ ଯନ୍ତ୍ରଣା ଆମାର ଘୁଞ୍ଚାଏ ଦାଓ । ।୨।

କେହୁ ନାହିଁ ଆମାର ଏ ବିଶ୍ୱ ଜଗତେ
ଅଗତିର ଗତି ତୁମି ଶୁନି ପୁରାଣେତେ
କରି ଏ ମିନତି ଏସୋ ଗୁରୁ ଶୀଘ୍ର ଗତି
ମୋହେ ବିଶ୍ୱପତି ଫିରିଆ ଚାଓ ।୩।

ତୁମି ହେ ଗୁରୁ ମୋର ପ୍ରିୟ ପ୍ରାଣଧନ
ତୋମା ଛାଡା ଆମାର କେ ଆଛେ ଆପନ
ଏ ଦାସେର ଗତି କର ଗୁରୁ ଶୀଘ୍ର ଗତି
କୃପା କରି ମୋରେ ପାରେ ନିଏ ଯାଓ ।୪।

## ଆଖି ପାଣି ଆଖି କୋଣରେ ମାରି ମୁଁ

ଆଖିପାଣି ଆଖି କୋଣରେ ମାରି ମୁଁ ତୁମ ବାଟ ଚାହିଁ ବସିଛି
ଆଶାରେ ଆଶାରେ କେତେ ସତେ ପ୍ରିୟ ! ମିଛେ ବାଲିବନ୍ଧ ଦେଇଛି ।୦।

ତନୁ ଛୁଇଁ ଯାଏ ଚୋରା ବସନ୍ତ
ମହକାଇ ଦିଏ ଦିଗ ଦିଗନ୍ତ
ଗଛରୁ ପତର ଖସିଲେ ସତରେ ଚମକି କେତେ ମୁଁ ଚାହିଁଛି ।୧।

ପାହିଯାଏ ମୋର ଉଦୁଆ ରାତିଟା
ଡାକ ଦିଏ ଆସି କଜଳପାତିଟା
ଦେଖେଁ ମୁଁ, ଫୁଙ୍କିଆ ତାରାଟା ମୋ ଆଡେ ଆଖିମାରି ପରା ହସୁଛି ।୨।

ଅସରା ହେଲା ମୋ ଦିନ କାନ୍ଦୁ କାନ୍ଦୁ
କାନି ପସାରି ମୁଁ ଭିକ ମାଗେ ବନ୍ଧୁ !
ଲୋକହସା ସହି ଜୀବନ ବିତୁଛି, ଥରେ ହେଲେ ଆସ ଡାକୁଛି ।୩।

ଅପରାଧ ଯେବେ ହେଲା ସତେ ମୋର
ତୁମେ ପରା ବନ୍ଧୁ କ୍ଷମାର ସାଗର
ପଥର ପାଲଟିଗଲ କି ମୋ ଲାଗି? ନିଶିଦିନ ମନେ ଭାଳୁଛି ।୪।

## ଆଜି ସଜାଡ ଦେବ ପୂଜାର

ଆଜି ସଜାଡ, ଦେବ ପୂଜାର ହେ, ଉପଚାର
ବରଷୁଁ ବରଷେ ଘୁରି ଅବଶେଷେ
ଭାଗ୍ୟେ ଆସିଛି ପୂର୍ଣ୍ଣିମା ଆଜି,
ଖୋଲ ଦୁଆର ହେ ।୦।

ଭକ୍ତିପୂତ ପୀଠେ ଜାଗିବେ ଦେବତା
ଦେଇଯିବେ ଗୁପ୍ତ ଜୀବନ ବାରତା,
ପୁଣ୍ୟ ଏ ମୂହୁର୍ତ୍ତେ, ସ୍ମର ନିତ୍ୟ କଥା
ହୁଅ ବିମଳ, ଜୀର୍ଣ୍ଣ ମନ୍ଦିର,
କର ତିଆର ହେ ।୧।

ଭାର୍ଗବୀ ସଲୀଳେ ପଖାଳ ଚରଣ
ମହୋଦଧି ଜଳେ କର ହେ ବନ୍ଦନ
କୁସୁମ ଭୂଷଣ, ଅଗୁରୁ ଚନ୍ଦନ
କର୍ପୂର ଧୂପ, ସୁବାସ ଦୀପ,
ଦିଅ ପୂଜାର ହେ ।୨।

ଯାହା ରୁଚି ଦିଅ ନଇବେଦ୍ୟ ପାଇଁ
ଗ୍ରହଣ କରିବେ ଭକ୍ତ ମନ ଚାହିଁ
ଭକ୍ତର ଅଯୋଗ୍ୟ ଉପଚାର ନାହିଁ
ହୁଅ ନିଷ୍କଳ, ଦିଅ ନିର୍ମଳ
ପ୍ରେମ ରସାଳ ହେ ।୩।

ଦରଶନ କର ନୀରବ ଧ୍ୟାନରେ
ବସାଅ ଆନନ୍ଦେ ହୃଦ-ଆସନରେ
ରଖ ଜାଗରଣ ସୁପ୍ତି ସପନରେ
ଧନ୍ୟ ଏ ଯୁଗେ, ପୁଣ୍ୟ ସଂଯୋଗେ
ଏ ଲଗ୍ନ ସାର ହେ ।୪।

ଅନ୍ତହୀନ ପଥ ଶରୀରେ ଅଙ୍କିତ
ଯୋଗ-ଜ୍ଞାନ-ଭକ୍ତି-ତପସ୍ୟା-ମଣ୍ଡିତ
ଜୀବନ ଦୁଆରେ ଲଗ୍ନ ଉପସ୍ଥିତ
କର ବରଣ ଆଉ ନ ରଖ,
ଋଣ କାହାର ହେ ।୫।

## ଆଜି ମରମେ କା ମଧୁସୁର ଜାଗେରେ

ଆଜି ମରମେ କା ମଧୁସୁର ଜାଗେରେ
ଥରଥର କ- ନ ଲାଗେରେ ।୦।

ଗୋପନ ବାସୀ ସେଇ ମନ ଉଦାସି
ପରାଣଜିଣା ତାର ଅରୂପ ବଂଶୀ
ବାଜେ ଗୋପନେ ଗୋପନେ ନବ ରାଗେରେ ।୧।

ପୁଲକ ଖେଳେ ତିନି ଭୁବନ ସାରା
ନାଚେରେ ଧରା ନାଚେ ଚନ୍ଦ୍ରତାରା
ନାଚେ ବିରହ ମିଳନ ଏକ ସଙ୍ଗେରେ ।୨।

ଅଳସ ଆଖି ଥିଲା ତନ୍ଦ୍ରାଭରା
ସପନ ଘେରା ଏ ରଜନୀ ସାରା
ମୋର ଚମକି ଚମକି ନିଦ ଭାଙ୍ଗେରେ ।୩।

ଅଜଣା ଦେଶୁ ଧୀରେ ଓହ୍ଲାଇ ଆସେ
କୁସୁମ ବାସେ ତା'ର ପରଶ ଭାସେ
ସେ ତ ହୃଦୟ ଭରା ପ୍ରେମ ମାଗେରେ ।୪।

## ଆନନ୍ଦମୟ ନିଗମାନନ୍ଦ ଜୟ

ଆନନ୍ଦମୟ ନିଗମାନନ୍ଦ ଜୟ
ଏ ଶୁଭ ଲଗନେ ଆରତି ପ୍ରଣତି ନିଅ ।୦।

ଜଳାଇ ଜ୍ଞାନବତୀ ବିଶୁଦ୍ଧ କର ମତି
ଆହେ ଋଷିବର ଜଗତେ ତୁମର କେ କଳିବ ଗୁଣଚୟ ।୧।

ଜୀବର ବେଦନା ହାରୀ ଜଗମଙ୍ଗଳକାରୀ
ଅନ୍ଧ ନୟନେ ଜ୍ଞାନ ଅଞ୍ଜନ ତୁମେ ହେ ଘେନାଇ ଦିଅ ।୨।

ଅଜ୍ଞତା ଦୋଷେ ବୁଡି ପଥ ଯେବେ ଯାଏ ହୁଡି
ଆଲୋକ ଦେଖାଇ ଆଶିଷ ବରଷି କୋଳେ ଦିଅ ଆଶ୍ରୟ ।୩।

ତୁମେ ତ ଚିର ଅମର ମୁକ୍ତ ପୁରୁଷବର
ଲଲାଟେ ବିରାଜେ ମୁକ୍ତି ତିଳକ ନାହିଁ ତୁମ ପରାଜୟ ।୪।

ଘେନ କୋଟି ପ୍ରଣିପାତ ଦିଅ ମୁକତିର ମନ୍ତ୍ର
ଆଶ୍ରିତଜନ ଉଦ୍ଧାର କର ଘୁଞ୍ଚୁ ମରଣର ଭୟ ।୫।

## ଆନନ୍ଦ ସିନ୍ଧୁରେ, ମନ୍ଦ ମଧୁରେ

ଆନନ୍ଦ ସିନ୍ଧୁରେ ମନ୍ଦ ମଧୁରେ
ଖେଳିଯାଏ ମୃଦୁ ତରଙ୍ଗମାଳା
ପ୍ରେମର ହିଲ୍ଲୋଳେ ହୃଦୟ ଦୋହଲେ
ଘୁଞ୍ଚିଯାଏ ଦୂରେ ସକଳ ଜ୍ୱାଳା ।୦।

ନିର୍ମମ ହୋଇ କାମନା ଶିକୁଳି
ଚୂରି ଭାଙ୍ଗି ଦିଅ ମମତା ଅର୍ଗଳି
ଶୂନ୍ୟ ଆସନେ ବସିବେ ସୁନ୍ଦର
ମୂଳୁଁ ପ୍ରସରିବ ସହସ୍ର ଧାରା ।୧।

ସୁପ୍ତା ସଙ୍ଗିନୀ ହୋଇ ଜାଗରିତା
କୁଞ୍ଚିତ ଗତିରେ ଟେକି ପୋତି ମଥା
କୁଞ୍ଜେ କୁଞ୍ଜେ ଯାଇ ଅଭିସାର ପଥେ
ଭେଟିବ ଆନନ୍ଦେ ଶୋକ ପାଶୋରା ।୨।

ସବୁ ଅପୂର୍ଣ୍ଣତା ହେବ ତହିଁ ପୂର୍ଣ୍ଣ
ଦୀର୍ଘ ବିରହରେ ପକ୍ୱ ସେ ମିଳନ
ଉଛୁଳି ବହିବ ସାଗର ସଙ୍ଗମେ
ନବ ଜୀବନର ତ୍ରିବେଣୀ ଧାରା ।୩।

ପୂର୍ଣ୍ଣ ସେ ମିଳନ ନାହିଁରେ ବିଚ୍ଛେଦ
ନାହିଁ ମୁରୁପଥ ନାହିଁ ମୃତ୍ୟୁଚ୍ଛେଦ
ଅଜଣା ସେଠାରେ ମୃତ୍ୟୁ ପର ଭେଦ
ନାହିଁ ବିରହର ତପତ ଧାରା ।୪।

ଚିର ବିରାଜିତ ଏକା ବର୍ତ୍ତମାନ
ନାହିଁ ଭବିଷ୍ୟତ ଭୂତ କାଳମାନ
ପ୍ରେମ-ବୃନ୍ଦାବନେ ନିତ୍ୟ ବଂଶୀସ୍ୱନ
ଢାଳେ ପ୍ରାଣେ ପ୍ରାଣେ ପୀୟୁଷ ଧାରା ।୫।

ନଟରାଜ ଆଜି ଆଗତ ଦୁଆରେ
ଅନ୍ଧପଟଳ ଫିଟାଇ ଚାହାଁରେ
ଅର୍ଘ୍ୟଥାଳୀ ଧର ନିବେଦନ କର
ଯୌବନ ଉତ୍ସରୁ ସୁରସ ଧାରା ।୬।

## ଆରତି ଘେନ ହେ ବନ୍ଦନ

ଆରତି ଘେନ ହେ ବନ୍ଦନ, ଘେନ ବନ୍ଦନ ହୃଦଚନ୍ଦନ
ବିଶ୍ୱବନ୍ଦନ ହେ ମନମୋହନ ଭୁବନମୋହନ ନନ୍ଦନ ଘେନ··· ।୦।

ହେ ଜଗତବନ୍ଦ୍ୟ ନିଗମାନନ୍ଦ, ହେ ଭକତ ପ୍ରାଣ ନିଖିଳାନନ୍ଦ
ଜଳାଇ ଆରତି କରୁଛୁ ପ୍ରଣତି ପଦେ ଘେନ ଜଗବନ୍ଦନ, ଘେନ··· ।୧।

ସଉରଭମୟ ପ୍ରଦୀପ ଆଲୋକ, ଭକତ ପ୍ରାଣର ଦିବ୍ୟ ପ୍ରେମାଲୋକ
ବ୍ୟାପି ଚରାଚର ଭୂଲୋକ ଦ୍ୟୁଲୋକ,
ନତଶିରେ କରେ ବନ୍ଦନ, ଘେନ··· ।୨।

ଜ୍ୟୋତିର୍ମୟ ସେହି ଆରତି ପ୍ରଭାରେ ଦିବ୍ୟ ଜ୍ୟୋତି ଫୁଟୁ ଅନ୍ତରେ ବାହାରେ
ଶୁଭ ଏ ଆରତି ଏ ମଧୁ ବେଳାରେ
ଖେଳାଉ ପ୍ରାଣରେ କ ନ, ଘେନ···।୩।

ପ୍ରାଣର ମିନତି ଅନ୍ତର ନୈବେଦ୍ୟ, ପ୍ରେମର ଆରତି ଭାବ ଅନବଦ୍ୟ
କୋଟି ସୂର୍ଯ୍ୟସମ ତେଜ ମନୋରମ
(ହେଉ) ଜ୍ୟୋତି ପାରାବାରେ ବିଲୀନ, ଘେନ... ।୪।

ଅର୍ଘ୍ୟ ଦେଇ ସର୍ବେ କୁସୁମ ଅଞ୍ଜଳି, କରନ୍ତି ଆରତି 'ଜୟଗୁରୁ' ବୋଲି
(ଆଜି) ଦେବତା ଗନ୍ଧର୍ବେ କରନ୍ତି ସରବେ
ଆଲଟ ଚାମର ବ୍ୟଜନ, ଘେନ... ।୫।

ଶଙ୍ଖ ଘଣ୍ଟା ବାଜେ ମୃଦଙ୍ଗ କାହାଳୀ ନାଚନ୍ତି ଭକତେ ଦେଇ କରତାଳି
ହୁଳହୁଳି ସ୍ୱନ ପଡୁଛି ଉଛୁଳି ଖେଳେ ପ୍ରାଣେ ଭକ୍ତି ସ୍ପନ୍ଦନ, ଘେନ... ।୬।

ମଧୁର ଲଗନେ ମଧୁର ଆରତି ବହ୍ନୁତେଜ ରୂପ ସ୍ନିଗ୍ଧ ଆଶାବତୀ
ଜଗତ ମଙ୍ଗଳ କାରଣେ ଜାଳୁଛୁ ଘେନା କର ଜଗବନ୍ଦନ, ଘେନ... ।୭।

ହେ ଜଗକାରଣ ହେ ଭବତାରଣ (ତୁମେ) ବ୍ରହ୍ମା ଶମ୍ଭୁ ଦେବ ନାରାୟଣ
ସର୍ବଦେବମୟ ଦିଅ ବରାଭୟ ଲଭୁ ଶ୍ରୀଚରଣେ ଶରଣ, ଘେନ... ।୮।

## ଆସ ଆସ ପ୍ରଭୁ ଏ ମୋ ଦୀନ କୁଟୀରେ

ଆସ ଆସ ପ୍ରଭୁ ଏ ମୋ ଦୀନ କୁଟୀରେ, ମୃଦୁ ସମୀରେ
ଜ୍ୟୋତିର୍ମୟ ରଥେ ବିଜେ କର ସତ୍ୱରେ, ମୃଦୁ ସମୀରେ ।୦।

ତପନ ଦର୍ଶନ ପାଇଁ ଯେହ୍ନେ ନଳିନୀ
ଚାହିଁ ରହିଥାଏ ହୋଇ ସେ ପାଗଳିନୀ
ବିରହର ଅଶ୍ରୁ ମୋର ନୟନୁ ଝରେ, ମୃଦୁ ସମୀରେ ।୧।

ଦରଶନ କରି ତବ ପୂଣ୍ୟ ମୂରତି
କେତେ ତାପୀ ଅନୁତାପୀ ପାଆନ୍ତି ମୁକ୍ତି
ଜୟଗୁରୁ ନାମ ଘୋଷି ଧିରେ ଧିରେ, ବସିଅଛି କୁଟୀରେ ।୨।

ପଦାବ୍ଜ ରଖିବା ପାଇଁ ସାଜି ଆସନ
ନିର୍ନ୍ନିମେଷେ ଚାହିଁଅଛି ଧରି ସୁମନ
ବନ୍ଦାଇବି ପଦଯୁଗ ପ୍ରେମଭରେ, ଚାହଁ ସସ୍ନେହେ ମୋରେ ।୩।

## ଆସ ଆସ ରସରାଜ ରାସବିହାରୀ

ଆସ ଆସ ରସରାଜ ରାସବିହାରୀ, ଘେନ ଗୁହାରୀ
ହୃଦୟ ନିକୁଞ୍ଜେ ଆଜ ରାଜ ମୋହରି, ହେ ମନଚାରୀ ।୦।

ଧୋଇଦେବି ରଙ୍ଗପଦ ଚାହିଁଛି ପରା
ସାଇତିଛି ଏ ଆଖିରେ ଲୁହ ଅସରା
ବସାଇବି ମରମବେଦିରେ ମୋହରି, ତୁମକୁ ବରି ।୧।

ଅହଂକାର ରୂପ ଧୂପ ପାଶେ ଜାଳିବି
ନିରଭିମାନ ଦୀପେ ଆରତି କରିବି
ପଞ୍ଚ ଇନ୍ଦ୍ରିୟ ସୁମନ ଅରଘ୍ୟ ଧରି, ଦେବି ଅଞ୍ଜଳି ।୨।

ସେନେହର ସୁବାସିତ ସିତ ଚନ୍ଦନେ
ଅନୁରାଗ ଅଗୁରୁ ମିଶାଇ ଯତନେ
ଅପରୂପ ଅଙ୍ଗେ ତୁମ ଦେବି ମୁଁ ବୋଳି, ଆଦର କରି ।୩।

ସରଳତା ସୂତାରେ ମୋ ମନ କୁସୁମ
ଗୁନ୍ଥିଛି ପିନ୍ଧାଇ ଦେବି କରି ସୁଷମ
ପୀରତି ପାଦୁକା ପଦେ ଦେବି ତୁମରି, ସରାଗ ଭରି ।୪।

ଚାମର ପବନେ ପ୍ରାଣ ବାୟୁ ମିଶାଇ
ବ୍ୟଜନ କରିବି ତୁମ ମନ ମନାଇ
ସାତ୍ତ୍ୱିକ ଭାବର ଶଙ୍ଖ ଶବଦ କରି, ହେବି ଶିହରି ।୫।

ଭକତିର ନଇବେଦ୍ୟ ଦେଇ ସାଦରେ
କହିବି ମନର କଥା ଆଖି ଲୁହରେ
ରଖ ଏ ଅଧମେ କିଣା କିଙ୍କର କରି, ପଦେ ତୁମରି ।୬।

## ଆସ ଠାକୁର, ପରାଣ ଈଶ୍ୱର

ଆସ ଠାକୁର, ପରାଣ ଈଶ୍ୱର
ଏ ମଣିମନ୍ଦିରେ ବିଜେକର
ଏ ଶୁଭ ଲଗନେ, ତବ ଶ୍ରୀଚରଣେ
ମଥା ନତ କରୁ ବାର ବାର ।୦।

ସଜାଡି ରଖିଛୁ ହୃଦୟ ଆସନ
ବସାଇବୁ ନେଇ କରି ଯତନ
ସାଇତିଛୁ ଦେବ ନୟନରେ ନୀର
ଧୋଇଦେବୁ ଦେବ ରଙ୍ଗ ପୟର ।୧।

ମନ କୁସୁମରେ ଗୁନ୍ଥିଛୁ ମାଳା
ଅଗୁରୁ ଚନ୍ଦନେ ସଜାଇ ଡାଲା
ଗଳେ ଘେନାଇବୁ ପଦେ ଅର୍ଘ୍ୟ ଦେବୁ
ଭକତି କୁସୁମ ସୁମନ ହାର ।୨।

ଆସ ଠାକୁର ଜଗବନ୍ଦନ
ଘେନ ଆମ ପୂଜା ଅଭିନନ୍ଦନ
(ଆଜି) ଯୋଡ ହସ୍ତେ ଉଭା ଦେବଦେବୀ ସର୍ବେ
କରିବାକୁ ତବ ପଦବନ୍ଦନ ।୩।

ଶଂଖ ହୁଳହୁଳି ପଡେ ଉଛୁଳି
ଭକତେ ଡାକନ୍ତି ହୋଇ ନିଉଛାଳି
ବିଜେ କରୁଛନ୍ତି କରୁଣା ନିଧାନ
ଘେନା କରିବାକୁ ପୂଜା ଆମର ।୪।

ପୁଲକିତ ଆଜି ସକଳ ମନ
ଉଲ୍ଲସିତ ଆଜି ଭକ୍ତ ପରାଣ
ଜୟଗୁରୁ ଜୟଗୁରୁ ନାମ ଗାନେ
ଭରି ଉଠିଛି ଗଗନ ପବନ ।୫।

## ଆସ ପ୍ରଭୁ ଦୟାମୟ

ଆସ ପ୍ରଭୁ ଦୟାମୟ ମଙ୍ଗଳ ଉଷାରେ
ବାଳ-ଭାନୁ ଉଇଲାଣି ପୂରୁବ ଆଶାରେ ।୦।

ରାବିଲେଣି କାକ ପିକ ବିହଙ୍ଗମ-ଗଣ
ଧରା ନାଚି ଉଠେ ଶୁଣି ଜୟଗୁରୁ ନାମ
ଚାହିଁଛି ପରାଣ-ପ୍ରିୟ ତୁମ ପ୍ରତୀକ୍ଷାରେ ।୧।

ତୁମେ ଗତି ମୁକ୍ତିଦାତା ଭବ କର୍ଣ୍ଣଧାର
ତୁମ ନାମ-ନଉକାରେ ଭବୁ କର ପାର
ଦୟାବହି ବିଜେ କର ଏ ପୂଜା ମନ୍ଦିରେ ।୨।

ବିଚିତ୍ର ତୁମର ଲୀଳା ଆହେ ଦୟାମୟ
ଲୀଳା କରିବାକୁ ଗୁରୁରୂପେ ଆସିଥାଅ
ଦେଖା ଦିଅ ପ୍ରାଣପ୍ରିୟ ଦୀନ ସନ୍ତାନରେ ।୩।

ଭକ୍ତିରେ ବ୍ରହ୍ମାଣ୍ଡ ପୂଜା କରେ ଯା' ପୟର
ତୁମେ ସେହି ସଦଗୁରୁ ନିଗମ ଠାକୁର
ସତେ କି ହୋଇବ ଭାଗ୍ୟ ଦେଖିବି ନେତ୍ରରେ ।୪।

## ଏ ନବ ପ୍ରଭାତେ ଆଜି

ଏ ନବ ପଭାତେ ଆଜି ଏ ନବ ଉଷାରେ
ସାଜିବି ନବ କିଶୋରେ ନବୀନ ଭୂଷାରେ ।୦।

ନବ ନବ ପୁଷ୍ପରାଜି ଖଞ୍ଜି ବନମାଳେ
ନବ ପ୍ରେମେ ଲମ୍ବାଇବି ପ୍ରିୟତମ-ଗଳେ
ସାଜିବି ନବ କିଶୋରେ, ଆଜି ଏ ନବ ଉଷାରେ
ଗୁନ୍ଥି ନବ ପୁଷ୍ପମାଳେ, ଲମ୍ବାଇବି ପ୍ରିୟ ଗଳେ
ନବୀନ ଭୂଷଣ ଦେଇ, ମଣ୍ଡିବି ପରାଣସାଇଁ ।୧।

ନବ ପଲ୍ଲବରେ ଶୋହେ ଶିଶିର କଣିକା
ଶୁଭ ଆଗମନୀ ଗାଏ କୋକିଳ ଗଣିକା
ମୋ ବନ୍ଧୁ ମସ୍ତକେ ଦେଖି କୁସୁମ ମୁକୁଟ
ସାରିକା କରଇ ନବ ମାଙ୍ଗଳିକ ପାଠ
କିଶଳୟେ ଢଳ ଢଳ, ଶିଶିର କଣିକା ମାଳ
ତବ ଶୁଭ ଆଗମନୀ, କୋକିଳର କୁହୁଧ୍ୱନି
ଶିରେ କୁସୁମ ମୁକୁଟ, ଅଧରେ ହାସ ପ୍ରକଟ
ସାରିକା ମାଗଧ ପାଟ, କରେ ମାଙ୍ଗଳିକ ପାଠ ।୨।

ଅରୁଣ ଆଲୋକ ଧୀରେ ପ୍ଲାବଇ ଧରଣୀ
ଆଲୋକ ରୂପେ ଏ ତବ ପେମତରଙ୍ଗିଣୀ
ବିହଙ୍ଗର କଳକଣ୍ଠ ସୁମଧୁର ତାନ
ମୋ ନବ ପରାଣେ ତୋଳେ ମୂର୍ଚ୍ଛନା ମହାନ
ଜାଗଇ ନବୀନ ପ୍ରାଣେ ନବ ନବ ଆଶା
ନବୀନ ହୃଦୟ ମୋର ଖୋଜେ ନବଭାଷା
ଆଶା ଜାଗେ ମୋର ମନେ, ଭାବ ଜାଗେ ହୃଦକୋଣେ
ବିହଙ୍ଗର କଳ ତାନ, ତୋଳେ ମୂର୍ଚ୍ଛନା ମହାନ
ଅରୁଣ-କିରଣସ୍ରୋତ, ତୁମରି ପ୍ରେମ ସରିତ ।୩।

ନବୀନ ରାଗରେ ଆଜି ନବ ବିଶ୍ୱଭରା
ନବ ପେମେ ହେ କିଶୋର ସର୍ବେ ଆତ୍ମ ହରା
ଏତିକି ପ୍ରାର୍ଥନା ଆଜି ଏ ଶୁଭ ଲଗନେ
ମତି ରତି ରହୁ ସଦା ତବ ଶ୍ରୀଚରଣେ
ନବ ରାଗେ ବିଶ୍ୱଭରା, ପେମେ ସର୍ବେ ଆତ୍ମହରା
ଆଜି ଏ ଶୁଭଲଗନେ, ପ୍ରାର୍ଥନା ତବ ଚରଣେ
ସଦା ମୋର ମତି ରତି, ତବ ପଦେ ରହୁ ମାତି ।୪।

## ଏ ମନ ମନ୍ଦିର ସଜାଇ ରଖି ମୁଁ

ଏ ମନ ମନ୍ଦିର ସଜାଇ ରଖି ମୁଁ
ବସିଛି ପରାଣସାଇଁ
ମୃଦୁ ସମୀରରେ ଫୁଲରେ ବାସରେ ଆସ ପ୍ରଭୁ ଦୟା ବହି ।୦।

ମନେ ଅଛି ଯେତେ ଅକୁହା ବେଦନା
ନିବେଦି ଚରଣେ କରିବି ବନ୍ଦନା
ମନ କୁସୁମରେ ଶ୍ରୀପଦ ଯୁଗଳ ଅନୁରାଗେ ଦେବି ସଜାଇ ।୧।

ଅୟୁତ ଯୁଗର ନିୟୁତ କାମନା
ଚହଲାଇ ମନ କରେ ଆନମନା
ତୋଳିନିଅ ପ୍ରଭୁ ଏହି ମନଟିକୁ ପାଶେ ରଖ ତାକୁ ମନାଇ ।୨।

ଧରଣୀ ରାଣୀର ସବୁଜ ପଣତ
ମମତାରେ ଭରା ସୁନ୍ଦର ଜଗତ
ବାର ବାର ଟାଣି ଆଣୁଥାଏ ମୋତେ ତୁମ ସଙ୍ଗ ସୁଖ ପାଇଁ ।୩।

ଶୁଭ ଶତଦଳେ ଅଭୟ ମୂରତି
ଫୁଟି ଉଠୁ ମୋର ମାନସରେ ନିତି
ମଧୁର ସେ ରୂପ ହେରୁ ଏ ନୟନ ଆନ କିଛି ଲୋଡା ନାହିଁ ।୪।

ଅଳି ମୋ ଏତିକି ତୁମ ଶିରୀପଦେ
ନିଅ ଧରି ପ୍ରଭୁ ତୁମ ପାଶେ ମୋତେ
ଝୁରୁ ଏ ପରାଣ ତୁମ ପ୍ରୀତି ନିତି ସଂସାର ବନ୍ଧନ ଏଡାଇ ।୫।

## ଏ ଶୁଭ ଲଗନେ ପୂଜା ସିଂହାସନେ

ଏ ଶୁଭ ଲଗନେ ପୂଜା ସିଂହାସନେ ବିଜେ କର ପ୍ରଭୁ ଆସି ହେ
ଏ ମର ସଂସାରୁ ହୃଦୟ କନ୍ଦରୁ ଘନ ଅନ୍ଧକାର ନାଶି ହେ ।୦।

ଧୂପ, ଦୀପ, ପୁଷ୍ପ, ଚନ୍ଦନ ଯତନେ
ରଖିଅଛି ଜାଣି ତୁମ ଆଗମନେ
ଗାଇ 'ଜୟଗୁରୁ' ଆବେଗ ହୃଦୟେ ରହିଛନ୍ତି ଭକ୍ତେ ବସି ହେ ।୧।

କେତେ କଳପନା ମନେ ଆଙ୍କିକରି
ବସିଛନ୍ତି ତୁମ ପଥ ଅନୁସରି
ସାର୍ଥକ କରିବା ପାଇଁ ନରଜନ୍ମ ଆନନ୍ଦେ ଯାଆନ୍ତି ଭାସି ହେ ।୨।

ତୁମ ସେବା ପୂଜା ତୁମରି ଭାବନା
ତୁମ ନାମ ଗାଇ ହୋଇ ଉନମନା
ନାଚନ୍ତି ହରଷେ ତୁମ ଆଗମନେ ଦେଖାଦିଅ ପ୍ରଭୁ ଆସି ହେ ।୩।

ଆକୁଳ ହୃଦୟେ ହୁଅନ୍ତି ବ୍ୟାକୁଳ
ଗଡି ତ ଯାଉଛି ତୁମ ପୂଜା ବେଳ
ଅନ୍ତର ଦେବତା ଅନ୍ତରେ ପ୍ରକାଶି ଆସ ପ୍ରଭୁ ହସି ହସି ହେ ।୪।

କୋଟି କଣ୍ଠେ ଆଜି ଗୋଟିଏ ମନରେ
ଦରଶନ ପାଇଁ ଡାକନ୍ତି ଆକୁଳେ
ପ୍ରେମମୟ ତୁମ ଅଧମ ସନ୍ତାନେ ଦିଅ ଆଶିଷ ବରଷି ହେ ।୫।

## ଏ ଶୁଭଲଗନେ ମୃଦୁ ବାତାୟନେ

ଏ ଶୁଭଲଗନେ ମୃଦୁ ବାତାୟନେ ଭକ୍ତି-ଉଦ୍‌ବେଳିତ ପ୍ରାଣେ
ଶୁଦ୍ଧ ଗବ୍ୟଘୃତ ବର୍ତ୍ତିକାସଂଯୁକ୍ତ ପ୍ରଦୀପ ଜାଳି ଯତନେ
ନାଚି ନାଚି ଆସ ଗୃହୀ-ସନ୍ନ୍ୟାସୀ
ଗୁରୁ-ପାଦପଦ୍ମେ ମନ ନିବେଶି ।୧।

ପୂଜିବା ଚରଣ ହୃଦ-ପ୍ରେମରତ୍ନ ହୃଦ-ସରସୀଜାସନେ
ଗଣ୍ଠିଧନ କରି ସାଇତି ରଖିବା ହୃଦୟ ନିଭୃତକୋଣେ
(ସେ ଯେ) ଶରେଣ୍ୟ ବରେଣ୍ୟ ସିଦ୍ଧ ଶଙ୍କର
ଅଗତିର ଗତି କ୍ଷମା-ସାଗର ।୨।

ଦିଅ କରତାଳି ଉଚ୍ଚେ ହୁଳହୁଳି ବୋଲି 'ଜୟଗୁରୁ' ଗାନେ
ଭୂ, ବ୍ୟୋମ, ପାତାଳ ପ୍ରକଂପିତ ହେଉ ମହୋଲ୍ଲାସେ ସେ ନିଃସ୍ୱନେ
ବୀଣା ବାଜୁ ଏବେ ସପତ ସୁରେ
ଛତିଶ ରାଗିଣୀ ଛଅ ରାଗରେ ।୩।

ସାରସ, ଋଷଭ, ଗାନ୍ଧାର, ମଧ୍ୟମ, ପଞ୍ଚମ, ଧୈବତ ତାନେ
ନିଷାଦର ଗୁରୁଗମ୍ଭୀର ନିଃସ୍ୱନ ମିଶିଯାଉ ସେହି ସ୍ୱନେ
ଝଲମଲ ଦିଶେ ପ୍ରଦୀପ ତାର
ଝଳି ଫୁଟେ ଦିବ୍ୟ ସ୍ୱତନୁବର ।୪।

ପଞ୍ଚଜ୍ଞାନେନ୍ଦ୍ରିୟ ସହ ମନ ଠୁଳ କର ତାଙ୍କ ଶ୍ରୀଚରଣେ
ପାପ-ତାପ ଅସ୍ତମିତ ହେଉ ତବ କରୁଣା-କଟାକ୍ଷ ଦାନେ
ଜୟଗୁରୁ, ଜୟଗୁରୁ; ଜୟ ହେ ନିଗମ ସୁରତରୁ
ଭକତ ଶିଷ୍ୟଙ୍କ କଳ୍ପତରୁ, ବିବେକବନ୍ତର ଜ୍ଞାନୀଗୁରୁ,
ସାରସ୍ୱତ ସଂଘ-କଳ୍ପତରୁ ।୫।

## ଏତେ ଦିନେ କିହେ ବନ୍ଧୁ

ଏତେ ଦିନେ କିହେ ବନ୍ଧୁ ପଡିଲା ମନେ
କେତେ ଭାଗ୍ୟ ସତେ ମୋର ଆଜି ଜୀବନେ ।୦।

ରଖିଛି ନୟନ ଭରି
ମରମ ଉଛୁଳା ବାରି
ଧୋଇଦେବି ଆସ ନାଥ ଢାଳି ଚରଣେ ।୧।

ମନର ଦେବତା ଆସ
ଏ ଦୀନ କୁଟିରେ ବସ
ଗୋଟି ଗୋଟି ମନ କଥା କହିବି କାନେ ।୨।

ବିପଦ ବାରଣ ନାମ
ତୁମର ତ ଭଗବାନ
ତେଣୁ ତୁମ ଛାୟା ହେରେ, ବିପଦ ଦିନେ ।୩।

ସଂପଦ କାଳରେ କାହିଁ
ତୁମ ଛବି ଭେଟେ ନାହିଁ
ବିପଦ ତେଣୁ ମନାସେ ଲୋଭ ତୁମ ଦରଶନେ ।୪।

ସୁନ୍ଦର ଏ ଧରା ଦେଖି
ହୁଏ ମନେ ବଡ ଖୁସୀ
ବିନ୍ଧାଣୀର ଭେଟ ପାଇଁ ଖୋଜିହୁଏ ଅନୁଦିନେ ।୫।

କୋଟି କୋଟି ନମସ୍କାର
ଚରଣେ ମୋ ଘେନା କର
ଶରଣ ଦିଅ ଚରଣେ ଅନ୍ତିମରେ ଏଇ ଦୀନେ ।୬।

## ଏତେ ଦିନେ ସତେ ଆଜି ପାରିଲି ବାରି

ଏତେ ଦିନେ ସତେ ଆଜି ପାରିଲି ବାରି
କୂଳରେ ଲାଗିଲା ମୋର ନୟନ ବାରୀ ।୦।

କାହିଁକି ଏ ଆଖିଭରା
ଝରୁଥିଲା ନୀର ଧାରା
ଜାଣିଲି ସେ ଗୁନ୍ଥା ହେଲା ହାର ତୁମରି
ଦୋଳୁଛି ସେ ହୋଇ ତୁମ ଗଳାର ମାଳି ।୧।

ସଞ୍ଜର ଖଦ୍ୟୋତ ତାରା
ଠାରି ମୋତେ କହିଦେଲା
ଜାଳିବାକୁ ବେଳ ହେଲା ସଞ୍ଜ ଦୀପାଳି
ଡାକିବାକୁ ଘରେ ତୁମେ ଆସିବ ବୋଲି ।୨।

ସହୁ ନାହିଁ ଆଉ ଡର
ମନ ମୋର ଡରଡର
ପୂଜିବାକୁ ସଜାଡିଛି ବନ୍ଦାଣ ଥାଳି
ପ୍ରିୟାଦପି ପ୍ରିୟ ଆସ କରୁଣା କରି ।୩।

## କରୁଣା କରିବ ପ୍ରଭୁ ହେ

କରୁଣା କରିବ ପ୍ରଭୁ ହେ
ମୋର ଜୀବନ ସଞ୍ଜ ବେଳେ
ଦେବ ଦରଶନ ଘନ ଅନ୍ଧକାରେ
ମୁଦା ଆଖି ପତା ତଳେ ।୦।

ସରି ଯାଇଥିବ ସଂସାରର ଖେଳ
ସବୁ କାନ୍ଦ ସବୁ ହସ
ଝରି ଯାଇଥିବ ମର ଜିବନର
ମଉଳା କୁସୁମ ବାସ
ଏଇ ଧରା ଧୂଳି ତଳେ ।୧।

ଦୂରେ ଫିଙ୍ଗି ଦେଇ ଦୁନିଆର ମାୟା
ଅସାର ବାସନା ଯେତେ
ଶୁଣୁ ଥିବି ଖାଲି ତୁମରି ନାମଟି
ହୃଦୟର ଅନାହତେ
ଜପୁଥିବି ତାଳେ ତାଳେ ।୨।

ମନ ନୟନରେ ନାଚି ଯାଉଥିବ
ତୁମ କମନୀୟ ଛବି
ବୁଡି ଯାଉଥିବି ଅନ୍ତର ଗହନେ
ତୁମ କଥା ଭାବି ଭାବି
ଭାସୁଥିବି ଭାବ ଜଳେ ।୩।

ହଜି ଯାଉଥିବ ତନୁର ଚେତନା
ଅଧରେ ନ ଥିବ ଭାଷା
ଅନ୍ଧାର ଭେଦି ଦୂର ଚକବାଳେ
ଉଇଁ ଆସୁଥିବ ଉଷା
ତୋଳି ନେବ ମୋତେ କୋଳେ ।୪।

## କରୁଣା ଦୁଆରେ ଆସିଛି ଭିଖାରି

କରୁଣା ଦୁଆରେ ଆସିଛି ଭିଖାରି ମାଗୁଛି ପସାରି କାନି
ଟାଣ ଖରା ତାତି ବାଲି ଦୂରପଥ ଚାଲି ଚାଲି
ପାଦ ମୋର ଥକିଲାଣି ।୦।

ଶୁଣିଛି ମୁଁ ଲୋକ କୁହା ତୁମେ ଦୀନଜନ ସାହା
କଳପତରୁଟି ତୁମେ ପତିତ ଉଦ୍ଧାର ଜାଣି ।୧।

ନିଆଶୀ ଜନର ଆଶ ନ କର ପରା ନିରାଶ
ନିରତ ପତିତ ମୁଁ ଯେ ଭରସା ଚରଣ ବେନି ।୨।

ଆନ ଗତି ନାହିଁ ମୋର ନୀରବ ନୟନ ଧାର
ଝରାଇ ଦୁଆରେ ପଡି ରହିଲି ଦିବା ଯାମିନୀ ।୩।

## କହିବି କି ପଦେ କଥା?

କହିବି କି ପଦେ କଥା?
ପୋଛିବି ପରାଣୁଁ ତପତ-ବ୍ୟଥା ହେ ।
କେତେ ଜନମ ଗୁପ୍ତ ବାରତା, ଠାକୁର ହେ ।୧।

ଅମା ନିଶାର ପାହାନ୍ତି
ବିଜନ ପଥରେ କେହି ନାହାନ୍ତି ହେ
ଫୁଟି ଉଠିଲା ତଡିତ କାନ୍ତି, ଠାକୁର ହେ ।୨।

ଏହି ବାଟେ ଗଲ ଚାଲି
ଚାହିଁଥିଲ ଥରେ ଦୁଆରେ ଖାଲି ହେ
ଲାଗେ ସତେ ଯେପରି କି କାଲି, ଠାକୁର ହେ ।୩।

ବାଜିଲା କି ଛନ୍ଦେ ବୀଣା
ସରଗର ଯେତେ ରାଗିଣୀ ଜିଣା ହେ
ହେଲା ଆଚମ୍ବିତେ ପ୍ରାଣ କିଣା, ଠାକୁର ହେ ।୪।

ଯେଉଁ ପଥେ ଗଲ ଏକା
ଅରୁଣ ବରଣେ ରହିଛି ଲେଖା ହେ
ତହିଁ ଫୁଟିଲା ଫୁଲ ଅଲେଖା, ଠାକୁର ହେ ।୫।

ମହକିଲା ଦିବ୍ୟ ଗନ୍ଧ
ପୂରିଲା ପରାଣେ କେତେ ଆନନ୍ଦ ହେ
ଖେଳି ଉଠିଲା ଅମର୍ତ୍ତ୍ୟ ଛନ୍ଦ, ଠାକୁର ହେ ।୬।

ଚମକେ ନିଦ ଭାଙ୍ଗନ୍ତେ
ଆଖି ମଳି ଚାହେଁ ଗବାକ୍ଷ ପଥେ ହେ
ମିଶିଯାଇଛ କାହିଁ ଦିଗନ୍ତେ, ଠାକୁର ହେ ।୭।

ଅପଲକେ ରହେ ଚାହିଁ
ତୁମ ବାଣୀ ଆଉ ଆସିଲା ନାହିଁ ହେ
ସପନରେ ଉଭେଇଲ କାହିଁ, ଠାକୁର ହେ ।୮।

ରନ୍ଧ୍ରେ ରନ୍ଧ୍ରେ ପୂରି ବ୍ୟୋମେ
ପ୍ରକଟିତ ହୁଅ ହୃଦୟ-ପଦ୍ମେ ହେ
ମୋର ଚେତନା ଭରି ମରମେ, ଠାକୁର ହେ ।୯।

## କାତର ପରାଣେ ସନ୍ତାନ ଡାକେ

କାତର ପରାଣେ ସନ୍ତାନ ଡାକେ
ମୁକୁଳା କର, ମା' ଦୁଆର
ଆକାଶେ ଭରିଛି ଅରୁଣ କିରଣ ଆଉ ତ ସହେ ନା ଉଛୁର ।୦।

ଏଇ ତ ବିହଗ କଣ୍ଠେ ଶୁଭୁଛି ତୋହରି ମହିମା ଗୀତି
ଏଇ ତ ସାଗର ଗରଜନ ଛଳେ ରଟଇ ତୋର କୀରତି
କଣ୍ଠରେ ମୋର ଭରିଦିଅ ମା', ତୋହର ବନ୍ଦନା ସୁର ।୧।

ମନଫୁଲ ହାରେ ପୂଜିବି ତୋର ମା' ରଙ୍ଗ ଚରଣ ଦୁଇ
ଭକତି ଭିକ୍ଷା ମାଗିବି ଖାଲି ମା' ଧନ, ଜନ ଲୋଡା ନାହିଁ !
କରୁଣା ନୟନେ ଅନାଅଁ ଥରେ ତୁ, ଆନ ଆଶା ନାହିଁ ମୋର ।୨।

ଜାଣେ ନା କି ଭାଷା, କି ମନ୍ତ୍ରରେ ଅବା ଶୁଣାଇବି ନିବେଦନ
ଶିଖାଇ ନ ଦେଲେ ଦୟାମୟୀ ! ତୁହି କିଏ ଶିଖାଇବ ଆନ
ଇଚ୍ଛାମୟୀ ! ତୁ ତ ସବୁ ତୋର ଇଚ୍ଛା, କରିବୁ କି ସାତପର? ।୩।

## କାହିଁ ଅଛ ଦେବ କେଉଁ ଦୂର ଲୋକେ

କାହିଁ ଅଛ ଦେବ   କେଉଁ ଦୂର ଲୋକେ
ନୟନ ମନର ଅଗୋଚରେ
ସଂସାର ଦଗଧ   ଆଲୋକ-ବିହୀନ
ହୋଇ ମୁଁ ପଡିଛି ଧରାପରେ
କଳପନା ପଥେ,
ନିତି ଦେଖେ ମରୀଚିକା କେତେ ।୧।

ପ୍ରଭାତୁଁ ପ୍ରଦୋଷ   ପରେ ପୁଣି ଉଷା
ଏହି କ୍ରମେ ଦିନ ଯାଏ ଚାଲି
ଗୋଟି ଗୋଟି କେତେ ବରଷ ଗଲାଣି
ହୃଦୟ ଆସନ ଅଛି ଖାଲି
ଅବତର ଆସି,
ସର୍ବଗାମୀ ନିତ୍ୟଲୋକବାସୀ ।୨।

ବଦ୍ଧ ଜୀବ ସିନା   ପାରେ ନାହିଁ ଆସି
ଯେଣୁ ସେ କରମ-ଜାଲେ ଛନ୍ଦା
ବାରେ ଆସ ସର୍ବ-   ଗାମୀ ଭୟ କି ହେ
ପତିବାକୁ ଭକ୍ତ ହୃଦେ ବନ୍ଧା
ସଦା ସଞ୍ଜ ପ୍ରାତେ,
ଚାହିଁଥାଏ ଅପଲକ ନେତ୍ରେ ।୩।

ମନ୍ଦିରେ ମନ୍ଦିରେ   ତବ ଧ୍ୟାନ କରେ
ଦରଶନ ପାଇଁ ଧାଏଁ ମତି
ହୃଦୟ-କନ୍ଦରେ   ଫୁଟି ଉଠ ବାରେ
ଦେଖିବି ଯତନେ ସେ ମୂରତି
ନୟନରେ ଭାତି,
ରାଜୁଥିବ ସଦା ଦିନରାତି ।୪।

ଦେଖେ ଯେବେ ଖେଳେ ପରବତ ଚୂଳେ
କନକ କିରଣ ମେଘ ସଙ୍ଗେ
ମନେ ହୁଏ ଅବା   ସେ ମାଧୁରୀ କିବା
ଫୁଟିବ ଦିଗ-ଅଙ୍ଗନା ଅଙ୍ଗେ
ଆଶା ମରେ ନାହିଁ,
ନୟନରୁ ଝରେ ବାରି ହୋଇ ।୫।

ଜ୍ୟୋତିର ଜ୍ୟୋତି ହେ ପ୍ରାଣସ- ଖି ହେ
ମୁକତି ପସରା ତୁମେ ପରା
ଅନ୍ତର-ମନ୍ଦିରେ   ଭକତି-ବେଦିରେ
ଆପେ ଆସି ଦେବନି କି ଧରା
କ୍ରନ୍ଦନର ଧ୍ୱନି,
ବଧିର ହେଲ କି ଶୁଣି ଶୁଣି ।୬।

ବାରେ କୃପା କରି   ଆସ ଅବତରି
ନିତି ଦିନ କର୍ମ ଜୀବନରେ
ପଲକେ ପଲକେ   ଅନ୍ଧାରେ ଆଲୋକେ
ପାଇବି ପରଶ ସବୁଠାରେ
ତବ ଆଶା ବାଣୀ,
ଝଙ୍କାରୁ ଅନ୍ତରେ ପ୍ରତିଧ୍ୱନି ।୭।

## କାହାର ଆଦର ବୋଲା ଡାକ ଶୁଭିଲାରେ

କାହାର ଆଦର ବୋଲା ଡାକ ଶୁଭିଲାରେ
ସେ ଡାକରେ ତନୁ ମନ ଆକୁଳ ହେଲାରେ ।୦।

ଅଚେତାରେ ଶୋଇଥିଲି ଚମକି ଶେଯୁ ଉଠିଲି
ଚାହିଁଲି ଚଉଦିଗେ କେହି ତ ନଥିଲା ରେ ।୧।

ଉଠ ଧନ ଉଠ ଉଠ ଆଉ ତ ନ କର ମଠ
ବାରିଲି କାହାର ସ୍ୱର ଚେତା ପଶିଲାରେ ।୨।

ପ୍ରାଣପ୍ରିୟ ଗୁରୁ ମୋର ଜ୍ଞାନ ପ୍ରେମ ଅବତାର
ମୋ ଲାଗି ସହିଲେ କଷ୍ଟ ମନ ଗୁଣିଲା ରେ ।୩।

ମନ ମୋର ମାଜି ମୁଜି ଆସିଛି ଦୁଆରେ ଆଜି
ଦରଶନ ଦିଅ ଦେବ ଆଖି ଝୁରି ହେଲାରେ ।୪।

ଭକତି କୁସୁମ ମାଳି ଅରପିବି ପାଦେ ବୋଲି
ଉଛୁର ନ କର ଦେବ ତର ନ ସହିଲା ରେ ।୫।

## କାହାର ଆଦର ସରାଗ ବୋଲା ଏ

କାହାର ଆଦର ସରାଗ ବୋଲା ଏ
ଡାକ ଶୁଭିଲା ମୋ କାନେ ଆଜି
ଘୁମ ଘେରା ଏ   ମୋ ନୟନ ଯୁଗଳ
ଚମକି ଚାହିଁଲା   ଶେଜ ତେଜି ।୦।

ଆସ ଆସ ମୋର ପାଶେ ଆସ ବୋଲି
କିଏ ସତେ ମୋତେ ଡାକିଲା ବାରିଲି
ଆଉ କି ଉଛୁର ସହେ କାନେ ଯେବେ
ସେ ମଧୁର   ସୁର ଗଲା ବାଜି ।୧।

ଖୋଲା ଆଖି ଦେଖା ଦୁନିଆର ଛବି
ପଲକରେ କାହିଁ ସତେ ଗଲା ଲିଭି
ମନ ଗହନର ଆଖିରେ ଲାଖିଲା
କାହାର ସତେ ସେ ରୂପ ରାଜି ।୨।

ଡାକ ଅନୁସରି ହେଲି ପରବେଶ
ଦୁଆରେ ବାରଣ ନାହିଁ ତହିଁ ଲେଶ
ଫିଟାଇ କବାଟ ନିରେଖିଲି ବେନି
ଫୁଟା କମଳ କି ଅଛି ସାଜି ।୩।

ମହକି ଉଠୁଛି ସୁବାସରେ ଘର
ଆତୁର ହେଲା ମୋ ମନ ମଧୁକର
ପିଇ ସୁଖ ସିନ୍ଧୁ ମକରନ୍ଦ ମଧୁ
ଅମଳରେ ଚେତା ଗଲା ହଜି ।୪।

ମାଗିଲି ଏ ନିଶା ନ ତୁଟୁ ଜୀବନେ
କାନେ ବାଜୁ ତୁମ ଡାକ ନିଶି ଦିନେ
ଗଣୁ ଥାଉ ଗୁରୁଦାସ ନିତି ତୁମ
ଦରଶନ ପାଇଁ ଦିନ ପାଞ୍ଜି ।୫।

## କେବେ ଆସିବ ସେ ଦିନ

କେବେ ଆସିବ ସେ ଦିନ
କେବେ ଆଉ କହ, ତୁଟିବ ମନରୁ
ଜଗତ-ମାୟା ବନ୍ଧନ |୦|

ଦୂର ହେବେ କେବେ ଜୀବନରୁ ସତେ
ବିଷୟ- ବାସନାମାନ
କାମ, କ୍ରୋଧ, ଲୋଭ ଆଦି ଷଡ଼ରିପୁ
ନ କରିବେ ଅଚେତନ ? |୧|

ପ୍ରପଞ୍ଚମାୟାରେ ଘେରା ଏ ଜୀବନ
ପାସୋରିବି ଧନ, ଜନ
ସାରାଜନମର ତୃଷା ହେବ ଦୂର
କରି ନାମାମୃତ ପାନ |୨|

ଅମଳ-କମଳ-ଚରଣଯୁଗଳ
ହେରୁଥିବ ଏ ନୟନ
କୁସୁମ-କୋମଳ-ତଳପ ମଣିବି
ପଦ-ଧୂଳିକଣା ମାନ |୩|

ଭାଇ-ବନ୍ଧୁ ଗୃହ-ଜଞ୍ଜାଳ-ଜାଲରୁ
ମୁକତ ହେବ ଜୀବନ
'ତୁମେ ହେ ଶରଣ', 'ତୁମେ ହେ ଶରଣ'
ରଟୁଥିବି ନିଶିଦିନ |୪|

## କେବେ ଆସିବ ମୋ କୁଞ୍ଜ ଦୁଆରେ

କେବେ ଆସିବ ମୋ କୁଞ୍ଜ ଦୁଆରେ
ଭାଗ୍ୟେ ସତେ ମୋର ଆସିବ ସେଦିନ
ଭେଟିବି ମୁଁ ପ୍ରିୟତମରେ ।୦।

ଗାଉଥିବ ପିକ ମଧୁର ତାନରେ
ଦୋଳୁଥିବ ପୁଷ୍ପ ଅଳି ଗୁଞ୍ଜନରେ
ମନ୍ଦ ସମୀରଣ ମଳୟ ସୁରଭି
ଆଣି ଭେଟୁଥିବ ପୟରେ ।୧।

ଅଳକା ବଳିରେ ଚାରୁ ଚନ୍ଦ୍ରମୁଖ
ହରୁଥିବ କୋଟି ବ୍ରହ୍ମାଣ୍ଡର ଦୁଃଖ
ଟୋପି ଟୋପି ହୋଇ ଗୋରଚନାବିନ୍ଦୁ
ଶୋଭୁଥିବ ଭାଲ ପଟରେ ।୨।

ହୋଇଥିବ ଠିଆ ତ୍ରିଭଙ୍ଗ ଠାଣିରେ
ଲୋଟୁଥିବ ପୀତବାସ ଧରଣୀରେ
ରଙ୍ଗିମା ଅଧରେ ମୋହନ ମୁରଲୀ
ବାଉଥିବ କେତେ ଛନ୍ଦରେ ।୩।

ଧୋଇଦେବି ପାଦ ସୁବାସିତ ନୀରେ
ପୋଛିବି ଯତନେ ଘନ କୁନ୍ତଳରେ
ନବ ପଲ୍ଲବିତ କୁସୁମେ ସଜାଇ
ବସାଇବି ପ୍ରେମ ବେଦୀରେ ।୪।

କର୍ପୂର ଅଗୁରୁ ଲେପିବି ଶ୍ରୀଅଙ୍ଗେ
ଚରଣ ସେବିବି ସଖୀଗଣ ସଙ୍ଗେ
ପ୍ରଣୟ ଗୀତିକା ଗାଇ ସୁମଧୁରେ
ତୋଷିବି ପରାଣ ବନ୍ଧୁରେ ।୫।

ମନ ଆନନ୍ଦରେ ସର୍ବ ସଖୀ ମିଳି
ନାଚିବୁ ଉଲ୍ଲାସେ ଚଉପାଶେ ଘେରି
ମିଳନ ମାଧୁରୀ ହେରି ମନଭରି
ଭୁଲିବୁ ବିରହ ବ୍ୟଥାରେ ।୬।

## କେହି ଦେଖିବେନି

କେହି ଦେଖିବେନି   କେହି ଜାଣିବେନି
ଲୁଚି ଲୁଚି ତୁମେ ଆସି
ଏ ଦୀନା ତନୁରେ   କୋଟି କଦମ୍ବର
ଶିହରଣ ଦେବ ଲେସି ।୦।

ସେ ଶୁଭ ଦିନକୁ   ଟାକି ମୁଁ ରହିଛି
କେବେ ଗୋ ଆସିବ ସାଇଁ
ମୋ ଆଖି ଲୁହରେ   ତୁମ କମନୀୟ
କାନ୍ତି ଯିବ ଲେଖି ହୋଇ ।୧।

ଯେବେ ତୁମେ ମାନ   ନ ରଖିବ ମୋର
କାହାକୁ କହିବି ଆଉ
ଏ ମତା ଦେହଟା   କେତେ ଆଉ କୁହ
ସହିବ ସଂସାର ଦାଉ ।୨।

ତୁମେ ଏକମାତ୍ର   ମୋର ବୋଲି ଏବେ
ଦେଖାଇବା ପାଇଁ ବେଳ
ଆସିଛି ହେ ପ୍ରିୟ   ପାଶେ ନେଇ ଦିଅ
ପଦ ସେବା ଅଧିକାର ।୩।

## ଗଙ୍ଗଶିଉଳି ମୁଁ ଅନାଇ ରହିଛି

ଗଙ୍ଗଶିଉଳି ମୁଁ ଅନାଇ ରହିଛି
ସଞ୍ଜ ନଇଁଲା ବେଳେ
ପ୍ରିୟତମ ପଥ ଅନାଇ ବସିଛି ଏଇ ଆସିଯିବେ କାଳେ ।୦।

ଅଳୀକ ମହକ ସଉନ୍ଦର୍ଯ୍ୟହୀନ
ଦି-ଦିନର ଏହି ଜୀବନ-ଯୌବନ
ପଲକର ଯେଉଁ ପୁଲକ ଭରିଛି ଢାଳିବି ଚରଣ ତଳେ ।୧।

ଆସିବ ବୋଲି ମୁଁ ଆଗରୁ ଜାଣିଛି
ଚରଣେ ଝରିବି ଆଶା ମୁଁ ବାନ୍ଧିଛି
ଦେହ-ମନ-ପ୍ରାଣ ଅରପିବି ବୋଲି ପ୍ରୀତି-ପ୍ରଦୀପ ମୁଁ ଜାଳେ ।୨।

ଝରିବା ଆଗରୁ ଅନ୍ଧାର ବୁକୁରେ
ଝରି ଲାଗିଥିବି ତୁମ ଶ୍ରୀପଦରେ
ତୁମେ ପରା ପ୍ରିୟ ମୋ ପ୍ରାଣଠାକୁର ରଖ ମୋତେ ପାଦତଳେ ।୩।

## ଗୁରୁ ନାରାୟଣ କୃପା କରି

ଗୁରୁ ନାରାୟଣ କୃପା କରି   ଆସିଛନ୍ତି ଆଜି ଅବତରି
ଦେଖିବାକୁ ସଂଘ ମଧୁ ମହୋତ୍ସବ କୁସୁମ ଆସନେ ନିଅ ବରି   ।ଠ।

ଧୋଇଦିଅ ନୀରେ ଚରଣ ଯୁଗଳ
ଚାମରରେ କର ତନୁ ସୁଶୀତଳ
ଧରି ବନମାଳା ମଣ୍ଡିଦିଅ ଗଳା ମଥା ଦିଅ ପାଦେ ନତ କରି ।୧।

ଧୂପ ନଇବେଦ୍ୟ ଦେଇ ଚରଣରେ
ଅମୋଦିତ କର ଅଗୁରୁ ଗନ୍ଧରେ
ଆବାହନ କରି ଗାଅ ଜୟ ଗୀତି ରତନ ପ୍ରଦୀପ ହାତେ ଧରି ।୨।

ସତ୍ୟ ଶିବ ଚିର ଚିନ୍ମୟ ସୁନ୍ଦର
ଚୈତନ୍ୟ ଶାଶ୍ୱତ ବେଦାନ୍ତ ଭାସ୍କର
ସର୍ବ ମୂଳାଧାର କରୁଣା ସାଗର କରୁଣା କରିବେ କୃପା କରି ।୩।

ସଂସାର ଜଞ୍ଜାଳେ ବିଷୟ ବିହ୍ୱଳେ
ଭାସୁ ଅଛୁ ଚିର ଅଥଳ ଜଳରେ
ମଙ୍ଗୁଆଳ ହୋଇ ବାହି ନେଇଯିବେ କୂଳେ ପହଞ୍ଚିବ ଆମ ତରି ।୪।

## ଚାହିଁ ରହିଛି ଏ ବେନି ନୟନ

ଚାହିଁ ରହିଛି ଏ ବେନି ନୟନ
କେବେ, କହ ପିୟ !
ଚରଣ-କମଳ ତଳରେ ଲଭିବି ଆସନ ।ଠ।

ଜାଗରେ, ସ୍ୱପନେ,   ଜୀବନେ ମରଣେ
ତୁମ ବିନା ନାହିଁ ଆନ
ରଜନୀ, ଦିବସେ   ନିମିଷେ ନିମିଷେ
ସେ ରୂପ ଖୋଜେ ଏ ନୟନ
ତା'ର ଗୁଣ ମନର ଧିଆନ   ।୧।

ଦୂର ମୂରଲୀର   ସେ ମଧୁର ସ୍ୱର
ଭରି ଦିଏ ଚିର କାନ
ସେ ତନୁ-ମହକ   ଜଗାଏ ପୁଲକ
ଜୀବନରେ ଅନୁଦିନ
ଜାଗେ ଅନୁପମ ଶିହରଣ   ।୨।

ଆଶାରେ ଆଶାରେ   ନିତି ଦିନ ସାରେଁ
ନୀର ଝରେ ନିରନ୍ତରେ
ନିରାଶ ନ କର   ପ୍ରାଣଧନ ! ମୋର
ଜୁହାରି, ଗୁହାରି କରେ
ଦିଅ, ଅନାଥ ଜନେ ଶରଣ   ।୩।

## ଚାହିଁ ରହିଛି, ଚାହିଁ ରହିଛି

ଚାହିଁ ରହିଛି, ଚାହିଁ ରହିଛି,
ସେ ଦିନକୁ ପୋଡା ଆଖି   ।ଠ।

କେବେ ଦି'ଦିନିଆଁ   ଏଇ ଦୁନିଆର
'ଦୁଇ ନିଆଁ' ଜଳା ଛାତି
ସେହି ଶାନ୍ତିଦିଆ   ସୁଧାଝରା ପଦ
ପରଶିବ ଦିନ ରାତି
ଯାବତ ବେଦନା   ଗୋଟି ଗୋଟି କହି
ବୁକୁରେ ଧରିବି ଜାକି   ।୧।

ପଳାଇଲେ ତୁମେ   ଦୂରେ ଅପସରି
ପଛେ ପଛେ ଥିବି ଧାଇଁ
ମାୟାର, ମୋହର   ଛଳ-ଭରା-ଜାଲ
ବନ୍ଧନ ଛିଣ୍ଡାଇ ଦେଇ
ବାରି ସାରିଲିଣି   ତୁମ ବିନେ ସବୁ
ଏ ଜଗତେ ଖାଲି ଫାଙ୍କି   ।୨।

କେବେ ଆଉ ସତେ   ଦାସପଣେ ମୋତେ
ନିଯୋଗ ମିଳିବ କହ ?
ଯାବତ ଜଞ୍ଜାଳ   ଦୂରେ ଠେଲି ଦେଇ
ସେବୁଥିବି ଅହରହ
ସେଇଦିନ କେବେ   ଆସିବ ଜୀବନେ
ରହିଛି ମୁଁ ତାକୁ ଟାକି   ।୩।

## ଜଣାଏ ପଦେ ଯୋଡି କର

ଜଣାଏ ପଦେ ଯୋଡି କର, ହେ କରୁଣାକର
ଅରୁଣ ରଥେ ବିଜେ କର, ହେ କରୁଣାକର   ।ଠ।

ଅମାଘେରା ଏ କୁଟୀର, ହେ ଠାକୁର ଅମାଘେରା ଏ କୁଟୀର
ଆଲୋକ ଝଲକେ ଉଜଳାଇ ଦିଅ ଏତିକି ଆଶା ମନର ।୧।

ବିକଚ କମଳ-ଦଳ ହେ ଠାକୁର ବିକଚ କମଳ-ଦଳ
ବନ୍ଦିତ ଚରଣ ଦରଶନ ପାଇଁ ମନ ମୋର ତରତର   ।୨।

ବନର ବିହଗଦଳ ହେ ଠାକୁର ବନର ବିହଗଦଳ
ତୁମ ଗୁଣ ଗାଇ, ଗଗନ ଫଟାଇ ଭରିଲେଣି ଚରାଚର ।୩।

ମାୟାଘେରା ମନ ମୋର ହେ ଠାକୁର ମାୟାଘେରା ମନ ମୋର
ତବ ପଦକଞ୍ଜ ଆବାହନ ଲାଗି ତେଜିଲେଣି ଘୁମ ଘୋର ।୪।

ନିରାଶ ଆଉ ନ କର ହେ ଠାକୁର ନିରାଶ ଆଉ ନ କର
ଜ୍ୟୋତିର୍ମୟ ରଥେ ବିଜେ କରି ଭବ ଅମାନିଶି ଦୂର କର   ।୫।

## ଜୀବନ ସଞ୍ଜରେ ଅନ୍ଧାର ହେଲାଣି

ଜୀବନ ସଞ୍ଜରେ ଅନ୍ଧାର ହେଲାଣି
ବହିଲାଣି ଘୋର ବାଆ
ମୁଁ ବୁଲା ଭିକାରି ଯିବି ଆରପାରି ନାବ ଆଣ ନାଉରିଆ ।୦।

ବହୁଛି ସଂସାର ନଈ ଦେଖି ଆଖି ପାଉନାହିଁ
ଚାଲି ଚାଲି ଦୂର ବାଟ ଭୋକରେ ଜଳୁଛି ପେଟ
ଆକୁଳେ ଏ କୂଳେ ଡାକୁଛି ବିକଳେ
ହୁଅ ବାରେ ମୋତେ ସାହା ।୧।

କାନ୍ଧେ ବହି ଭିକଥାଳ ବୃଥା ଗଲା ଏତେ କାଳ
ବାର ଦ୍ୱାରେ ବୁଲି ବୁଲି ତୁମ ନାମ ଗଲି ଭୁଲି
ଆଜି ମୁଁ ବୁଝୁଛି ଯାହା ମୋର ଅଛି
ସବୁ ତ ତୁମରି ଦିଆ ।୨।

ତୁମ ଘାଟ ମୂଲ ପାଇଁ କିଛିତ କଉଡି ନାହିଁ
କି ଦେଇ ତୋଷିବି କୁହ ନିବେଦୁଛି ଆଖି ଲୁହ
ଅଭୟ ଚରଣ କରୁଛି ବରଣ
ଆହେ ଭାବ ବିନୋଦିଆ ।୩।

## ଜୀବନର ସଞ୍ଜ ଖଞ୍ଜ କରି ଆସେ

ଜୀବନର ସଞ୍ଜ ଖଞ୍ଜ କରି ଆସେ
ପରାଚୀ ଗଗନେ ଦେଖ ଡେଣା ମେଲାଇ
କି କରି ତାହାକୁ ଆପଣେଇ ନେବୁ
ସେଥିକୁ ତୋହର ତିଳେ ନଜର ନାହିଁ ।୦।

ସକାଳରେ ଜନ୍ମ ସଞ୍ଜରେ ମରଣ
ଦିନୁ ଦିନ ତୋର ଆୟୁ ହୁଏ କ୍ଷୀଣ
ଏଠାର ସମ୍ପତି ଏଠାରେ ରହିବ
ପୁଣ୍ୟଫଳ ସାଥେ ତୋର ଯିବ ଗୋଡ଼ାଇ ।୧।

ଜୀବନ-ଗଗନେ ତାରା ଉଇଁଲେଣି
ବେଳ କାଳ ଦେଖି ଶଶୀ ହସିଲାଣି
ବିବେକ ଆଖି ତୁ ଖୋଲରେ ବାଉଳା
ଦରଶନ ତାଙ୍କ ଲଭିବା ପାଇଁ ।୨।

ସୁଖର ସୁରସ ଦୁଃଖରେ ଦିଶାରୀ
ଗୁଣୁଥିବୁ ନାମ ନ ଦେବୁ ପାସୋରି
ନାମ-ରସାମୃତ ସମ୍ବଳ ଏକା ତୋ
ତାଙ୍କ ଭୁବନକୁ ବାଟ ନେବେ କଢାଇ ।୩।

ଘନ ଅନ୍ଧକାର ଅପସରି ଯିବ
କ୍ଷୀଣ ଆଲୋକର ରେଖା ପ୍ରକଟିବ
ଚେତନାକୁ ଉର୍ଦ୍ଧ୍ୱେ ସଞ୍ଚାଳନ କରି
ତାଙ୍କ ହାତ ଧରି ଧୀରେ ଯିବୁ ପଳାଇ ।୪।

ଅନୁସରି ଭାବ ସଖୀସଙ୍ଗ ଠାବ
କରି ଯତନରେ ପ୍ରଭୁଙ୍କୁ ତୁ ସେବ
ଆନନ୍ଦ ଧାମରେ ଆନନ୍ଦ ମନରେ
ଆନନ୍ଦମୟଙ୍କୁ ତୋଷ ପରାଣ ଦେଇ ।୫।

## ଝୁଲଣ ପୂର୍ଣ୍ଣିମା ଦିନ ଗୋ

(ଆଜି) ଝୁଲଣ ପୂର୍ଣ୍ଣିମା ଦିନ ଗୋ – ଆସ ଭାଇ ଭଉଣୀ
ସ୍ମୃତି ବିଜଡିତ ଏ କୁଟୀରେ ବସି କରିବା ଗୁରୁ ବନ୍ଦନ ଗୋ –
ଆସ ଭାଇ ଭଉଣୀ ।୧।

ଧୂପ ଦୀପ ପୁଷ୍ପ ଧର ଗୋ – ଆସ ଭାଇ ଭଉଣୀ
ଜନମ ଦିନରେ ପ୍ରୀତି ଅର୍ଘ୍ୟ ଦେଇ ପୂଜା ବନ୍ଦାପନା କର ଗୋ –
ଆସ ଭାଇ ଭଉଣୀ ।୨।

ଦେହ ମନ ପ୍ରାଣ ଦେଲେ ଗୋ – ଆଜି ଭାଇ ଭଉଣୀ
ବାହିନେବେ ତରି ଭବ ସିନ୍ଧୁ ଜଳେ କୂଳେ ପହଞ୍ଚିବା ଯାଇ ଗୋ –
ଆସ ଭାଇ ଭଉଣୀ ।୩।

ଚରଣେ ଶପଥ ନିଅ ଗୋ – ଆଜି ଭାଇ ଭଉଣୀ
ବାଣୀ ପୂଜା କରି ତୋଷିବା ତାହାଙ୍କୁ ଘୋଷିବା ଗୁରୁ ବନ୍ଦନା ଗୋ –
ଆଜି ଭାଇ ଭଉଣୀ ।୪।

ଜ୍ଞାନ ସୂର୍ଯ୍ୟ ବିଜେ ଆଜି ଗୋ – ଦେଖ ଭାଇ ଭଉଣୀ
ସେ ଅନଳେ ସର୍ବେ ଦିଅ ପୂର୍ଣ୍ଣାହୁତି ବାସନା କାମନା ତେଜି ଗୋ –
ଆସ ଭାଇ ଭଉଣୀ ।୫।

ପୂଜିଲେ ଶ୍ରୀଗୁରୁ ଧନ ଗୋ – ଶୁଣ ଭାଇ ଭଉଣୀ
ଘରେ ଘରେ ସୁଖ ଶାନ୍ତି ବିରାଜିବ ଶୁଚି ଶୁଭ୍ର ହେବ ମନ ଗୋ –
ଶୁଣ ଭାଇ ଭଉଣୀ ।୬।

## ତବ ମନ୍ଦିର ଦ୍ୱାରେ ଆସିଛୁ ଦେବ

ତବ ମନ୍ଦିର ଦ୍ୱାରେ ଆସିଛୁ ଦେବ ହେ ଧରି ନଇବେଦ୍ୟ ଥାଳି
ଦିଅ ଦରଶନ ହେ ପରାଣ ପ୍ରିୟ ! ରହିଛୁ ପ୍ରତୀକ୍ଷା କରି ।୦।

ଉନିଦ୍ର ଆଖିର ଅସରା ଲୁହରେ
ଧୋଇଦେବୁ ଦେବ ସେ ରଙ୍ଗପୟରେ
କୋଟି ଭକତଙ୍କ ହୃଦୟ ବେଦୀରେ ଜାଳି ଅଲିଭା ଦୀପାଳି ।୧।

ଲିଭିବ ନାହିଁ ସେ ଆଶାର ପ୍ରଦୀପ
ଅଧିର ମନର ସଉରଭ ଧୂପ
ତବ ସେବା ଆଶେ ରହିଅଛୁ ଚାହିଁ ବସିଛୁ ଜାଗର ଜାଳି ।୨।

ବାଜୁଅଛି ବୀଣା ହୃଦୟ ତନ୍ତ୍ରୀରେ
ସକଳ ବେଦନା ଅପସରେ ଦୂରେ
ଚକ୍ଷୁ ପଲକରେ ହୃଦୟ ଦୁଆର ଧୀରେ ଧୀରେ ଯାଏ ମେଲି।୩।

ପୂର୍ଣ୍ଣ କର ହେ ଦୀର୍ଘ ଅପୂର୍ଣ୍ଣତା
ଲୀନ ହେଉ ପଦେ ଅନ୍ତହୀନ ଯାତ୍ରା
ଅଜଣା ଛନ୍ଦରେ ବାଜିଉଠୁ ବାରେ ମଧୁର ମୂର୍ଚ୍ଛନା ତୋଳି ।୪।

ଆସ ହେ ଦେବତା ଆସ ପ୍ରିୟତମ
ରହିଅଛି ଶୂନ୍ୟ ଏ ହୃଦ ଆସନ
ବନ୍ଦାଇବୁ ଦେବ ସେ ରଙ୍ଗପୟର ଅଶ୍ରୁ ଅର୍ଘ୍ୟ ଢାଳି ।୫।

## ତୁମ ଭୁବନ ମୋହନ ମୂରଲିକୁ ପ୍ରଭୁ

ତୁମ ଭୁବନ ମୋହନ ମୂରଲିକୁ ପ୍ରଭୁ
ଆଉ ଥରେ ଦିଅ ବଜାଇ
ତୁମ ଭୁବନ ମୋହନ ସ୍ୱରୂପକୁ ପ୍ରଭୁ
ଦିଅ ମୋତେ ଥରେ ଦେଖାଇ ।୦।

ଆକୁଳେ ଡାକୁଛି ତୁମକୁ ହେ ପ୍ରିୟ
ପ୍ରୀତିର କଦମ୍ବ ମୂଳେ
ତୁମରି ନୂପୁର ଧ୍ୱନି ଶୁଣିବି ମୁଁ
ଜୀବନ ଯମୁନା କୂଳେ
ଜାଳୁଛି ପ୍ରଦୀପ ତୁମ ପ୍ରତୀକ୍ଷାରେ
ଲୁହରେ ସଳିତା ଭିଜାଇ ।୧।

ବାରେ ଆସ ପ୍ରଭୁ ଏ ମଧୁ ଲଗନେ
ମୋ ମନ ମଧୁର ପଥେ
ଆସ ପ୍ରଭୁ ତୁମ ଶ୍ରୀଚରଣ ଧୂଳି
ପଡୁ ଆଜି ମୋର ମାଥେ
ଆଗମନ ପଥେ ବସିଛି ଅନାଇ
ପ୍ରୀତିର ପଶରା ସଜାଇ ।୨।

ଅମଳିନ ଏଇ କୁସୁମ ଶେଯରେ
ଆସ ବସ ପ୍ରାଣନାଥ
ଅତୁଳନ ତୁମ ରୂପ ଆଲୋକରେ
ହସି ଉଠୁ ଏ ଜଗତ
ତୁମ ଚରଣରେ ତୁମରି ସେବାରେ
ଦିଏ ମୁଁ ନିଜକୁ ହଜାଇ ।୩।

## ତୁମରି ଜୟଗୀତି ଗାଇଛି ନିତିନିତି

ତୁମରି ଜୟଗୀତି ଗାଇଛି ନିତିନିତି
ଦେଖୁଛି ତୁମ ରୂପ ସପନେ
ତୁମ ପରଶ ଲାଗି ହୋଇଛି ଅନୁରାଗୀ
ଢାଳିଛି ଲୁହ କେତେ ଗୋପନେ ।୦।

ସୁମନେ ସଜାଇ ଡାଲା କରିଛି ପ୍ରୀତିମାଳା
ଚାହିଁଛି ଅପଲକେ ରୂପ ସେ ମନଭୁଲା
ବାସ ଚନ୍ଦନ ଗୋଳି ପ୍ରେମ ଭକତି ଢାଳି
ସଜାଇଛି ଧୂପ ଦୀପ ଯତନେ ।୧।

ତୁମେ ମୋର ଧ୍ରୁବ ତାରା ମୁଁ ତରଣୀ ଦିଗହରା
ଚାହିଁ ଚାହିଁ ଭାସିଯିବି ନାହିଁ ଦକା ତିଳେ ପରା
ତୁମ ପାଇଁ ଏ ହୃଦୟ ଝୁରୁଛି ହେ ଅହରହ
ଦେଖାଦିଅ ମୋ ଅବୁଝା ନୟନେ ।୨।

## ତୁମେ କାହିଁ ଅଛ ଗୋସାଇଁ

ତୁମେ କାହିଁ ଅଛ ଗୋସାଇଁ
ଖୋଜି ଖୋଜି ଥକି ଗଲିଣି ମୁହିଁ ।୦।

ଖୋଜେ ଜଳ ସ୍ଥଳ ଆକାଶ
ସୂର୍ଯ୍ୟ ଚନ୍ଦ୍ର ତାରା ବିଶେଷ
ଅନଳ ଅନିଳ ସାଗର ଭୂଧର
ଖୋଜିଲିଣି କେତେ ଅଜଣା ଭୂଇଁ ।୧।

ଆଖି କୋଣୁ ନୀର ଗଡାଇ
ଖୋଜି ଅନ୍ଧ ହେଲିଣି ମୁହିଁ
ଖୋଜି ଖୋଜି ଶେଷେ ପାଗଳ ହୋଇବି
ତୁମେ ହସୁଥିବ କେଉଁଠି ରହି ।୨।

ଖୋଜିଲିଣି ଜଗତ ସାରା
ତୁମେ ମୋତେ ନଦିଅ ଧରା
ଶେଷେ ଶୁଣିଲିଣି ମୋ ଭିତରେ ଲୁଚି
ମୁରୁକି ହସୁଛ ତୁମେ କିଂପାଇଁ ।୩।

## ତୁମେ ନା ସେ ଦିନ

ତୁମେ ନା ସେ ଦିନ କହିଥିଲ ମୋତେ
ଡାକିଲେ ଆସିବ ବୋଲି
ରାତି ପାହି ଆସେ ନ ଆସ ତ ପାଶେ
ଡାକି ଡାକି ଥକିଗଲି ।୦।

ଡାକିଲା ପରି ମୁଁ ଡାକି ଜାଣିନାହିଁ
ଡାକିବା ରୀତିଟି ଦିଅ ହେ ବତାଇ
ତୁମେ ନ କହିଲେ କିଏ ସେ କହିବ
ଭରା ତ ଭଗାରୀ ଖାଲି ।୧।

ଆସ ତୁମେ ନାଥ ବାଟ କହି ଦିଅ
ଅନ୍ଧ ପରା ମୁହିଁ ହାତ ଧରି ନିଅ
ଖାଲ ଖଣା ମୁଁ ଯେ ବାରି ନ ପାରି ତ
ତୁମକୁ ଆଶରା କଲି ।୨।

ତୁମେ ଯେବେ ହେବ ନିପଟ ନିଠୁର
ଦୟାନିଧି ନାମ କାହିଁ ପାଇଁ ଧର
ଭଙ୍ଗା ଏ ମୋର କୁଡିଆ ଦୁଆରେ
ପଡିଯାଉ ପାଦଧୂଳି ।୩।

## ତୁମ ପଥ ଚାହିଁ ରହିଛି ଅନାଇଁ

ତୁମ ପଥ ଚାହିଁ ରହିଛି ଅନାଇଁ
ଆସ ମୋର ପ୍ରିୟତମ
ଅଭିସାର ରାତି ଆସେ ପାହି ପାହି
ଘେନ ମୋ କୋଟି ପ୍ରଣାମ ।୦।

ତୁମକୁ ଦେଖିଲେ ଭରିଯିବ ପ୍ରିୟ
ମୋ ନୟନ ଭିକ୍ଷା ଝୁଲି
ତୁମ ଶ୍ରୀଚରଣ ଧୋଇଦେବି ନାଥ
ମୋ ନୟନ ନୀର ଢାଳି
ହେ ପରାଣ ପ୍ରିୟ ମନ କୁଞ୍ଜବନେ ବିଜେ କର ଅନୁପମ ।୧।

ତୁମ ହସମୁଖ ଜାଳିଦେଉ ପ୍ରଭୁ
ମୋ ମନେ ଆଶାର ଦୀପ
ତୁମରି ଆଶିଷ ଲିଭାଇ ଦେଉ ହେ
ମୋ ମନରୁ ଦୁଃଖ ତାପ
ତୁମରି କରୁଣା ଝରଣାରେ ଭିଜି ଗାଉଥିବି ତୁମ ନାମ ।୨।

ମୋ ହୃଦୟ ସ୍ୱାମୀ ହେ ଅନ୍ତରଯ୍ୟାମୀ
ସେବା ପୂଜା ନାହିଁ ଜଣା
ସୁବାସ କୁସୁମ ଅଗୁରୁ ଚନ୍ଦନ
ସେ ତ ତୁମ ସରଜନା
ସଜଫୁଟା ଫୁଲ ସଜାଇଦେବି ମୁଁ ଆସ ବସ ପ୍ରିୟତମ ।୩।

ରଙ୍ଗପଦ ଦୁଇ ବୁକୁରେ ଜଡାଇ
ମିନତି କରୁଛି ପ୍ରିୟ
ଘେନ ପୁଷ୍ପାଞ୍ଜଳି ପରାଣ ଦେବତା
ସେବା ଅଧିକାର ଦିଅ
ତୁମରି ମୋହନ ମୁରଲୀ ନାଦରେ ଭରୁ ଏ ପରାଣ ମମ ।୪।

## ତୁମେ ଡାକିଛ ବୋଲି ମୁଁ ଆସିଛି ଧାଇଁ

ତୁମେ ଡାକିଛ ବୋଲି ମୁଁ ଆସିଛି ଧାଇଁ
ସେନେହ ତୁମର ତୁଳନା ନାହିଁ ।୦।

ଅମାନିଆଁ ପଣେ ଦାଣ୍ଡେ ଯାଉଥିଲି
କାହା ଡାକ ବୋଲି ଶୁଣି ନ ଶୁଣିଲି
ବାର ବାର କିଏ ଡାକୁଛି ବାରିଲି
କାନ ଡେରି ମନ ଭରି ଗୁଣି ହେଲି
କିଏ ! ଡାକୁଛି ବୋଲି ଦେଲି ପଛକୁ ଚାହିଁ
ସେନେହ ତୁମର ତୁଳନା ନାହିଁ ।୧।

ଆ' ଧନ ବୋଲି ଡାକ ଶୁଭୁଥିଲା
ଫେରିବି କି ନାହିଁ ମନ କହୁଥିଲା
ଏତେ ଆପଣାର ସେ ଡାକ ଲାଗିଲା
ଆଗଚଲା ପାଦ ପଛକୁ ଫେରିଲା
ତୁମ ଡାକର କୁହୁକ ଗଲା ହୃଦୟ ଛୁଇଁ
ସେନେହ ତୁମର ତୁଳନା ନାହିଁ ।୨।

ପାହୁଣ୍ଡେ ଫେରି ମୁଁ ପାଖକୁ ଆସିଲି
ଏକାନ୍ତେ ତୁମକୁ ଅନ୍ତରେ ଭେଟିଲି
ଗୁରୁପିତା ବୋଲି ତୁମକୁ ଜାଣିଲି
ଚରଣ ତଳରେ ଶରଣ ପଶିଲି
ରଖ, ସେବକ ପଣରେ ବୋଲି ମାଗୁଛି ସାଇଁ
ସେନେହ ତୁମର ତୁଳନା ନାହିଁ ।୩।

## ତୁମେ ମନ ଗଗନର ଶଶୀ ତାରା

ତୁମେ ମନ ଗଗନର ଶଶୀ ତାରା
ମୁଁ ଯେ ଅନ୍ଧାରେ ପଥହରା
ତୁମରି ଆଲୋକ ଝଲକ ହେରିବି
ଚାହିଁଛି ଜୀବନ ସାରା ।୧।

ତୁମେ ସରଗର ସୁଧା ସିନ୍ଧୁ
ମୁଁ ଯେ ଧରଣୀର ଏକ ବିନ୍ଦୁ
ତୁମରି କରୁଣା ଝରଣାର ତୀରେ
ହୋଇବି ଶୋକ ପାଶୋରା ।୨।

ତୁମେ କୋକିଳର କୁହୁତାନ
ମୁଁ ଯେ ନିରାଶାର ଛନ୍ଦହୀନ
ତୁମରି ଭରସା ଆଶାରେ ସହସା
ହୋଇଛି ପାଗଳ ପରା ।୩।

ତୁମେ ଆସ ଯାଅ ନିତି ନିତି
ମୁଁ ଯେ ଉଜାଗର ସାରା ରାତି
ଚରଣେ ଜୁହାରି କରୁଛି ଗୁହାରି
ଆସ ମୋ ନୟନ ତାରା ।୪।

## ଥାପିଛି ଦେବତା ଅନ୍ତର ମନ୍ଦିରେ

ଥାପିଛି ଦେବତା ଅନ୍ତର ମନ୍ଦିରେ
ସେ ସିନା ତୁମରି ସୌମ୍ୟ ମୂରତି
ସଞ୍ଜ ସକାଳେ ସେହି ମୋ ସାଧନା
ତୁମରି ବନ୍ଦନା ତୁମରି ଆରତି ।୧।

ସଂସାର-ଜଞ୍ଜାଳେ କର୍ମ କୋଳାହଳେ
କ୍ଷିପ୍ତ ସଦା ମନ ବିଷୟ ବିହ୍ୱଳେ
ଅବ୍ୟକ୍ତ ସାନ୍ତ୍ୱନା ପାଏ ଯାହା ତିଳେ
ତାହା ତ ତୁମରି ସ୍ନିଗ୍ଧ କୀରତି ।୨।

ଧାଇଁ ଥିଲି ଏକା ବନ୍ଧୁର ଏ ପଥେ
ଦୁଆରୁ ଦୁଆରେ ଘୁରି ଅବିରତେ
ମଝି ଯଉବନେ ହୃଦ ବାତାୟନେ
ଫୁଟିଲା ତ ଯାହା ତବ ପ୍ରତିକୃତି ।୩।

ଭଙ୍ଗୁର ଖେଳନା ଦେଖେ କେତେ ନିତି
ଚାହାଣୀ ଲୋତକ, ଅଭିମାନ ପ୍ରୀତି
ଘୁରି ଯାଏ ମତି ଭଉଁରୀରେ ମାତି
ଟାଣି ଆଣେ ଯାହା ତବ ପୁଣ୍ୟ ସ୍ମୃତି ।୪।

ପ୍ରଲୋଭନ ଜାଗେ ମଦିର ସଙ୍ଗୀତେ
ମଧୁବାତ କି ସେ ପ୍ରାଣଥରା ଶୀତେ
ପଡୁ ପଡୁ ଧରା ମୋହନ ଆବର୍ତ୍ତେ
ଚେତାଇ ଦିଏ ଯା ସେ ତ ତୁମ ପ୍ରୀତି ।୫।

ତୁମରି ସଂପଦେ ପରା ଅଧିକାରୀ
ତୁମରି ପ୍ରସାଦେ ଆଜି ମୁଁ ଭିକାରୀ
ମାଗିବୁଲେ ଶତ ଭକତ ଦୁଆରେ
ଭିଖ ଯାହା ତବ କରୁଣା ଶାଶ୍ୱତୀ ।୬।

ଏ ମଣି ମନ୍ଦିରେ ବାଜି ଉଠୁ ବାରେ
ଆଗମନୀ ତବ ଅନାହତ ତାରେ
ଜାଳିଛି ଅଲିଭା ଦୀପାଳି ଜାଗରେ
ପାଇବା ଆଶାରେ ତବ ସ୍ନିଗ୍ଧ ଜ୍ୟୋତି ।୭।

## ଦିବସର ଅନ୍ତେ ବାରୁଣି ଦିଗନ୍ତେ

ଦିବସର ଅନ୍ତେ ବାରୁଣି ଦିଗନ୍ତେ ଦିନମଣି ଗଲେ ବୁଡି
ଧୂସର ଅଚଳେ କୃଷ୍ଣ-ଘନ ଚୂଳେ କନକ କିରଣ ଛାଡି ।୦।

ଖଞ୍ଜ କରି ସଞ୍ଜ ଆସୁଛି ଘନେଇ
ସଜ ହୁଅ ଗୁରୁ ଅରଚନା ପାଇଁ
ଧୂପ-ଦୀପ-ଗନ୍ଧ-ପୁଷ୍ପ ନଇବେଦ୍ୟ ଆରତି ଥାଳି ସଜାଡି ।୧।

ଶୋଭାରାଣୀ ଉଭା ଗୋଧୂଳି ଗଗନେ
ଡାକ ପ୍ରିୟତମେ ବିଧୁର ପରାଣେ
ଘୋଟି ଆସେ ଘନ ତମସାର ଘଟା ଯିବୁ ନିଷ୍ଠେ ପଥ ହୁଡି ।୨।

ଆସ ହେଲା ଶେଷ ଦିବସ କରମ
ପୂଜିବା ଶ୍ରୀଗୁରୁ ଅଭୟ ଚରଣ
ଖୋଳ କରତାଳି, ଶଙ୍ଖ ହୁଳହୁଳି ଶବଦ ପଡୁ ଉଚ୍ଛୁଳି ।୩।

ବେଳ ନାହିଁ କାଳ ସୋତରେ ଜୀବନ
ଭାସି ଯାଉଅଛି କର ନିରୀକ୍ଷଣ
ମୁହଁ ସଞ୍ଜବେଳେ ଗୁରୁପଦ ତଳେ ଭକତି ଦିଅ ଅଜାଡି ।୪।

## ଦୂରେ ବହୁଦୂରେ ଆଖିର ସେପାରେ

ଦୂରେ ବହୁଦୂରେ ଆଖିର ସେପାରେ ରୁହ ନାହିଁ ଆଉ ପ୍ରିୟ
ତୁମ ପ୍ରେମଦାନ ଏଇ ମୋ ଲୁହର ବିନ୍ଦୁଏ ମୁକୁତା ନିଅ ।୦।

ଡାକିଥିଲି ଦିନେ ଆସିଥିଲ ସାଇଁ
ଶୋଇଗଲି ତୁମ ପ୍ରୀତି ମଧୁ ପିଇ
ଚେତି ଉଠି ଚାହିଁ ଦେଖିଲା ବେଳକୁ
ତୁମେ ଆଉ ପାଶେ ନାହଁ ।୧।

ଲିଭିଥିଲା ମୋର ହୃଦୟ ଦୀପାଳି
ପ୍ରେମମୟ ତୁମେ ଦେଇଗଲ ଜାଳି
ତୁମ ବିନେ ଆଜି ତୁମ ଅରଚନା
କିପରି କରିବି କୁହ ।୨।

ଜଞ୍ଜାଳ ଜୀବନେ କେବେ କେବେ ଥରେ
ମନେପଡ ମୋର ବିଜନ ବେଳାରେ
ଜାଣି ତ ନପାରେ କେଉଁ ଦୂର ଲୋକେ
ଗୋପନେ ଗୋପନେ ଥାଅ ।୩।

ନୟନ ଦୀପାଳି ତୁମ ଆଲୋକରେ
ତୁମ ଅଭିସାରେ ଆବାହନ କରେ
ଆସ ହେ ପ୍ରାଣେଶ ଏହି ଦୀନଦାସ
ପ୍ରୀତି ପୂଜା ପଦେ ନିଅ ।୪।

## ଦେହ-ଦେଉଳର ଗମ୍ଭୀରା ଭିତରେ

ଦେହ-ଦେଉଳର ଗମ୍ଭୀରା ଭିତରେ
କାହିଁକି ବସିଛ ଏକା?
ଆସ ପ୍ରେମମୟ ପରାଣ ସଙ୍ଗାଳି
ଆସ ମୋ ଜୀବନ ସଖା ।୦।

ତୁମ ଶିରୀମୁଖ ଦେଖି
ସାର୍ଥକ ହେବ ଏ ଆଖି
ଆରତି ସଜାଡି ବସିଛି ପରା ମୁଁ
ପାଇବାକୁ ଥରେ ଦେଖା ।୧।

ପଦେ ହେଲେ ଆସି ଭାଷ
ମନର କାଳିମା ନାଶ
ତୁମ ବିନା କିଏ ପାରିବ ଲିଭାଇ
ପୋଡା କପାଳର ଲେଖା? ।୨।

ତୁମ ପଦ ପୂଜାକରି
ଭବ ଦୁଃଖ ଯିବ ସରି
ଜୀବନ-ଦୁଆରେ ଆଙ୍କିଦିଅ ବାରେ
କମଳ ଚରଣ ରେଖା ।୩।

## ଦେବ ! ଦେଇ ଯାଅ ଆଶାବାଣୀ ହେ

ଦେବ ! ଦେଇ ଯାଅ ଆଶାବାଣୀ ହେ ।୦।

ଭାଳିବସେ ମନେ ଆସନ୍ତ କି ଥରେ,
ନିମିଷକ ପାଇଁ ଜୀବନ ପଥରେ
କୁସୁମିତ ଶ୍ୟାମ ଧରା ବକ୍ଷପରେ
ଖେଳାଇ ସ୍ନିଗ୍ଧ ଚାହାଣୀ ହେ
(ଦେବ) ଶୁଣାଇ ମଧୁର ବାଣୀ ହେ ।୧।

ଶୁଭ୍ର ଶରତର ଜୀବନ ତରଙ୍ଗେ,
ଧାନ୍ୟ ମଞ୍ଜରୀର ଦୋଳାୟିତ ରଙ୍ଗେ
ଦେବାଳୟ ଶଙ୍ଖ ମନ୍ଦ୍ର ନାଦ ସଙ୍ଗେ
ବନ୍ଦନ୍ତା ଧରଣୀ ରାଣୀ ହେ
ଶୁଣନ୍ତା ଅମୀୟ ବାଣୀ ହେ ।୨।

ଗ୍ରାମ-ଉପକଣ୍ଠେ ମଞ୍ଜୁ ଉପବନେ,
ନବ କିଶଳୟ ଛାୟାମୟ ସ୍ଥାନେ
ସଜାଡନ୍ତା ବେଦୀ ଫୁଟନ୍ତା ସୁମନେ
ପ୍ରଭାତ ଶିଶିରେ ଛାଣୀ ହେ
ଅଗମ୍ୟ କାନନୁ ଆଣି ହେ ।୩।

ପଖାଳନ୍ତା ପାଦ କାନନ ନିର୍ଝର
କାଶାହାରେ ରଚି ଭୂଷଣ ରୁଚିର
ବାଢନ୍ତା ନୈବେଦ୍ୟ ଅନବଦ୍ୟ ଫଳେ
ଶୁଚି ସ୍ନାତା ଉଷାରାଣୀ ହେ
ପ୍ରସାରି ଦିଗନ୍ତ ପାଣି ହେ ।୪।

ନୀଳ ନଭ କୋଳେ ସଲିଳେ ଅନୀଳେ
ମାଳତୀ ଲତିକା ମଞ୍ଜୁ ମଉଳିରେ
ଆସ ରାଜେଶ୍ୱର ! ତ୍ରିବେଣୀ ଦୋଳିରେ
ଶୁଣାଅ ଅମୃତ ବାଣୀ ହେ ।୫।

## ଦେବତା, ତୁମରି ଚରଣ ତଳରେ

ଦେବତା !
ଦେବତା, ତୁମରି ଚରଣ ତଳରେ ମିନତି ମୋହର ଘେନ
ଜୀବନର ଗତି ପଥେ ମୋ ବରଷ ଶୁଭ ଫୁଲ ଚନ୍ଦନ ।୦।

ଜୀବନ-ନଦୀର ତୀରେ
ନାଆ ବାହି ନିଅ ଧୀରେ
ଆସ ହେ ନାଉରୀ ! ଅନ୍ଧାର ଭେଦି, ଫୁଟାଅ ରବି କିରଣ ।୧।

ତୁଟୁ ଜୀବନର ଡର
ଚିର ନିରଳସ କର
ସେବାରେ ତୁମର ମନବୀଣା ମୋର, ନିତି କରୁ ଗୁଞ୍ଜନ ।୨।

ଘୁଞ୍ଚୁ ଯେତେ ବିକାର
ଅପସରୁ ଅହଙ୍କାର
ଆସ ପ୍ରିୟତମ ! ଜୀବନର ଧନ, କୋଟି ପ୍ରଣତି ମୋ ଘେନ ।୩।

## ଧରା ଥିଲା ତ ଚାହିଁ

ଧରା ଥିଲା ତ ଚାହିଁ
ଯାବତ କଳମଷ ଯିବାକୁ ଧୋଇ ।୦।

ଧାରା ଶ୍ରାବଣ ନୀର-ଧାର ଝରାଇ
ଧୋଇଲା ଧରାବୁକୁ କରୁଣା ବହି ।୧।

ଅନ୍ଧାର ଲୁଚେ ଉଷା ଯୋଷା ହସଇ
ସରେ ନଳିନୀ ମୁଖେ ହାସ ଫୁଟଇ ।୨।

ନଳିନୀକାନ୍ତ ଉଦେ ପରାଚୀ ଛୁଇଁ
ଜଗତ ଆଲୋକିଲା କିରଣ ପାଇ ।୩।

ଆସ ସରସ ମନେ ଭଉଣୀ ଭାଇ
ନଳିନୀକାନ୍ତ ପଦେ ମଥା ନୁଆଇଁ ।୪।

ଗୁରୁ ବନ୍ଦନା ଗାଅ କଣ୍ଠ ମିଳାଇ
ମାଗ ସରବେ ତାଙ୍କ ଚରଣ ଛାଇ ।୫।

ସେ ଗୁରୁ ସେହି ବିଷ୍ଣୁ ବ୍ରହ୍ମାଟି ସେହି
ଭଜିଲେ ତାଙ୍କୁ ଭବୁଁ ଲଭିବା ତ୍ରାହି ।୬।

## ଧୂସର ସନ୍ଧ୍ୟା ଧୂଳି ଧରଣିରେ ନଇଁଲା

ଧୂସର ସନ୍ଧ୍ୟା ଧୂଳି ଧରଣିରେ ନଇଁଲା
ଅନା ଗିରି ପାଙ୍ଗେ ବାରୁଣିମା ଅଙ୍ଗେ
ତପନ ମେଲାଣି ମାଗିଲା ।୦।

ନିଡେ ଫେରିଲେଣି ଦେଖ ବିହଙ୍ଗମ କୁଳ
ଗୁରୁ ଆରାଧନା ପାଇଁ ଆସ ହେ ସଅଳ
ଜାଳି ସଞ୍ଜବତି, ମଙ୍ଗଳ ଆଳତି
କରିବାକୁ ବେଳ ହୋଇଲା ।୧।

ଦେହ ଉଲୁସାଏ ସଞ୍ଜ ସମିର ତରଙ୍ଗ
ବାଜିଲାଣି ଶଙ୍ଖ ଘଣ୍ଟ ମଧୁର ମୃଦଙ୍ଗ
ଡାକ ଗୁରୁ ବର କରିବେ ଉଦ୍ଧାର
ଦେଖ ରାତି ମାଡି ଆସିଲା ।୨।

ଭାବ ମୁରୁ ଛନାଟୋଳି ମନ ବିଣା ତାରେ
ଭକତି କୁସୁମ ତୋଳି ଦିଅ ଶ୍ରିପୟରେ
ସରିଗଲା ଦିନ କର ଗୁରୁ ଧ୍ୟାନ
କାନେ ଆସି କିଏ କହିଲା ।୩।

## ନୟନର ନୀର ସାଇତି ରଖିଛି ଚରଣ

ନୟନର ନୀର ସାଇତି ରଖିଛି
ଚରଣ ଧଉତ ପାଇଁ
ମୋ କଣ୍ଠର ସୁରେ ଆବାହନ କରେ
ବିରହ ରାଗିଣୀ ଦେଇ ।୦।

ମେଘକୁ ଚକୋରୀ ଯେହ୍ନେ ଚାହିଁଥାଏ ଅନୁକ୍ଷଣେ
ବରଷାର ଧାରା ସତେ ଆଣିବ ବହି
ମୋ ମନ ସୁରର ପ୍ରତି ବାଲିକଣା ଝୁରଇ ଆକୁଳ ହୋଇ
ତୁମ ଦରଶନ ପାଇଁ ।୧।

ଗୁରୁପାଦ ତଳେ ଜଳି କରିବାରେ ଆଜି ଅଳି
ଜଗତର ମାୟା ମୋହ ଯିବ ଦୂରେଇ
ଆସିବେ ନାଶିବେ ଯେତେ ଦୁଃଖରାଶି ଅନ୍ଧାର ଯିବ ପଳାଇ
ଜ୍ଞାନର ଆଲୋକ ପାଇ ।୨।

ରହିଛି ବାଟ ଅନାଇ ଫୁଲ ଚାଙ୍ଗୁଡ଼ା ସଜାଇ
ବାରବାର ଚାହୁଁଅଛି କବାଟ ଫେଇ
ଜୀବର ଜୀବନ ଦିଅ ଦରଶନ
ଆସ ମୋ ପରାଣ ସାଇଁ ।୩।

## ନୟନେ ନୟନେ, ଦିଅ ଦେଖା

ନୟନେ ନୟନେ, ଦିଅ ଦେଖା
ପଭାତ ଶିଶିରେ ଝରି ବର୍ଣ୍ଣେ ବର୍ଣ୍ଣେ ରୂପ ଧରି ।୦।
ଆକାଶ ନୀଳିମାପରେ ସ୍ନିଗ୍ଧ ଜ୍ୟୋତିମଣ୍ଡଳରେ
ସ୍ୱଚ୍ଛ ଶୁଭ୍ର ଶତଦଳେ ଫୁଟାଅ ସ୍ୱରୂପରେଖା ।୧।
ହୃଦୟ-କମଳେ ରାଜ, ଅନାହତ-ତାରେ ବାଜ
କରି ରାଜ-ଅଭିଷେକ ପୂର୍ଣ୍ଣ ହେଉ ଆମ ଦୀକ୍ଷା ।୨।

ଗିରି-ବନ ନଦୀତଟେ, କୁଟଜବାସ ଚହଟେ
ଅଭିଷେକପାଇଁ ତବ, ପ୍ରକୃତିର ଶୁଭଲେଖା ।୩।
ଯୋଗୀ-ଧ୍ୟାନେ ଜ୍ୟୋତିର୍ମୟ, ଜ୍ଞାନୀର ବ୍ରହ୍ମ ଚିନ୍ମୟ
ଭକତ ପେମନିଳୟ ପ୍ରଣବର ବିନ୍ଦୁରେଖା ।୪।
ଶ୍ରାବଣ ବଉଦେ ଦୋଳି ପୂର୍ଣ୍ଣିମାଶ୍ରୀ ପୂର୍ଣ୍ଣ କରି
ଆସ ବନ୍ଦାଇବି ଧରି ଜ୍ୟୋଛନାର ଶୁଭ୍ରଟୀକା ।୫।

## ନାଥ ତୁମକୁ ଦେଖିବା ପାଇଁ

ନାଥ ତୁମକୁ ଦେଖିବା ପାଇଁ
ନିତି ନିତି ଚିତ୍ତ ଆକୁଳ ମୋହର
କୁହ ତୁମେ ଅଛ କାହିଁ ।୦।

ସୁଖ ପାଅ ମୋତେ ବାରୁଛି ମୁଁ ସତେ
ଖୋଜି ହୁଏ ଯେତେ ଦୂରେ ଦୂରେ ସେତେ
ଅଦେଖାରେ ଥାଅ ରହି ।୧।

ସୁଖର ଖବର ଦୁଃଖର ଖବର
ନିଅ ତୁମେ ମୋର ବାରେ ମୋ ଅନ୍ତର
ତୁମ ତୁଲ ବନ୍ଧୁ ନାହିଁ ।୨।

ଏତେ ଉପକାରୀ କିଏ ତୁମ ସରି
ଆଖିରେ ନ ହେରି ବଞ୍ଚିବି କିପରି
ମୋତେ ଥରେ ଦିଅ କହି ।୩।

ତୁମ ଗୁଣ ଗାଏ ତୁମ ରୂପ ଧ୍ୟାଏଁ
ମନ ମୋର ଧାଏଁ ଧରିବାକୁ ଚାହେଁ
ତୁମରି ଚରଣ ଦୁଇ ।୪।

## ନାଥ ! ମନର ବାସନା ମୋର

ନାଥ ! ମନର ବାସନା ମୋର
ଆଜି ଶୁଭକ୍ଷଣେ ପୂଜନ କରିବି ଚରଣ ଯୁଗ ତୁମର ।୦।

ହୃଦୟ କବାଟ ମୁକୁଳା ରଖିଛି ମନ ମନ୍ଦିରରେ ଆସନ ପାତିଛି
ବୋଳି ଦେବି ଅଙ୍ଗେ ଚନ୍ଦନ ଗୋଳିଛି ଦୟାମୟ ବିଜେ କର ।୧।

ପଖାଳିବି ବୋଲି ଚରଣ ଯୁଗଳ ଭରି ରଖିଛି ମୁଁ ନୟନରେ ଜଳ
ଗଳେ ଘେନାଇବି ବୋଲି ଗୁନ୍ଥିଛି ମୁଁ ଭକତି ସୁମନ ହାର ।୨।

ଦୀନବନ୍ଧୁ ବୋଲି ଘୋଷେ ଚରାଚର ଏ ଦୀନ ଅଧମ ମାଗେ ଯୋଡି କର
କରୁଣା-ସାଗର, ବିଜେ କରି ଆଜି ସେବା ମୋର ଘେନା କର ।୩।

## ନିରବଧି ତନୁ ମାଜି

ନିରବଧି ତନୁ ମାଜି ବସନ-ଭୂଷଣ ସାଜି
(ରହ) ପରାଣ ଧନର ପଥ ଚାହିଁ
କିବା ଦିବା କିବା ନିଶି ଜାଗି ମୁଁ ରହିଛି ବସି
ସେହି ଶୁଭ ଲଗନ ମନାଇଁ ।୦।

ସଧୀର ସମୀରେ ଭାଷି ଦୂତିକା ସଜନୀ ଆସି
କାନେ କାନେ ଗୋପନେ ଭାଷଇ
ଆସୁଛନ୍ତି ପ୍ରାଣପ୍ରିୟ ଆସନ ସଜାଡି ଥାଅ
ଆଣିବୁ ତୁ ଦୁଆର ମଣାଇ
ଅରଚନା ବିଧି ମାନ ବାକୀ ଥିଲେ ଆୟୋଜନ
ଲାଜକଥା, ମଥା ଯିବ ନଇଁ ।୧।

ସେ ଯେ ନାଗର ବର, ତିନି ଜଗତରେ ସାର ସୁନ୍ଦର ।
ସୁନ୍ଦର କରି ସାଜି ବେଶ ଭୂଷା
ଭୁଲାଇବି ସତେ ମନଟି ତାର
(ସେ ଯେ) ମଧୁ ହସି ଚାହିଁବେ ମଧୁବାଣୀ ଭାଷିବେ
(ତାର) ଚରଣ ପୂଜିବି ଗୁଣ ଗାଇ
(ମୋର) ସଫଳ ହେବ ଏ ମର ଦେହୀ ।୨।

## ନିତ୍ୟ ନବଭାବେ ତବ ପୂଜିବି ଚରଣ

ନିତ୍ୟ ନବଭାବେ ତବ ପୂଜିବି ଚରଣ
ନବରୂପ ଦେଖି ଧନ୍ୟ କରିବି ନୟନ
ନବୋଦ୍ୟମେ ନବପ୍ରେମେ କରି ଉଦ୍‌ବୋଧନ
ନବ ଆରାଧନା-ଧନେ ହୋଇବି ମଗନ
ହୋଇବି ମଗନ - ଅଭିନବ ତନୁ ନିରେଖିଣ
ନବଭାବେ ପୂଜି ଶ୍ରୀଚରଣ
ନବପ୍ରେମେ କରି ଉଦ୍‌ବୋଧନ ।୧।
ଯାଚିବି ତୁମରି ଦ୍ୱାରେ ନବ ରତ୍ନଧନ
ନବ ନବ ଗୀତିମାଳା କରିବି ଅର୍ପଣ
ତୁମେ ମୋ ଆଚାର୍ଯ୍ୟ ଦେବ ଗୁରୁ ନିରଞ୍ଜନ
ହୃଦୟବେଦୀ ଉପରେ ହୁଅ ସମାସୀନ
ହୁଅ ସମାସୀନ - ଅରପୁଛି ହୃଦୟ ଆସନ
ତୁମେ ମୋ ଆଚାର୍ଯ୍ୟ ପ୍ରାଣଧନ
ଶୁଣାଇବି ନବ ଗୀତିମାନ
ଅରପିବି ଭକତି ରତନ ।୨।
ସକଳ ତୁମରି ନାଥ ହେ ମୋ ପ୍ରାଣଧନ !
କି ଦେଇ ପୂଜିବି ଦେବ ! ତବ ଶ୍ରୀଚରଣ
ଗଙ୍ଗାଜଳେ ଗଙ୍ଗାପୂଜା ହୁଅଇ ଯେସନ
ନିଜ ମୁଖେ ନିଜ ମନ୍ତ୍ର କର ଉଚ୍ଚାରଣ
କର ଉଚ୍ଚାରଣ - ନିଜର ଶ୍ରୀମୁଖେ ନିଜ ନାମ
ତବ ପୂଜା ଦ୍ରବ୍ୟମାନ
ସବୁ ତୁମରି ଭିଆଣ
ଅରପୁଛି ମନ-ପ୍ରାଣ
ପ୍ରଣତି ତବ ଚରଣ ।୩।

## ନିରତ ମନନ ଖୋଜେ ସେ

ନିରତ ମନନ ଖୋଜେ ସେ ରତନ,
ପରାଣ ଆକୁଳ ମୋର,
ଭେଟାଇବ କିଏ ସେହି ଅପରୂପ-
ରୂପ ଚିର ମନୋହର ।୦।
କିବା ଦାମିନୀ ଦୋଳେ
ଚଳ-ଚଞ୍ଚଳ ବାଦଲ କୋଳେ
ସେଇ ଛବି ସେଇ ମୂରତି ଚମକେ
ଅଗଣନ ତାରା ମେଳେ
ଚାହିଁଛି ଚିତ୍ତ ଚକୋର
ସାରା ଜଗତର ଧିଆନୀ, ମଉନୀ-
କଳପନା ମାନେ ହାର ।୧।
ସେଇ ଦୁର୍ଲ୍ଲଭ ଧନ
ଖୋଜି ବୁଲେଁ ଅନୁଦିନ ;
ପ୍ରେମ ବିନେ ସେଇ,ପ୍ରେମ ଛବି କାହିଁ
ପରଶିବ ମନ-ତଳ
ନିଶି ଦିନ ଝୁରେ , ଦରଶନ ତାର
ଢାଳି ନୟନରୁ ଧାର ।୨।

## ନୀରବ ନିଶିଥେ ସଖୀ

ନୀରବ ନିଶିଥେ ସଖି ! ମୁରଲୀ କା' ବାଜେ ରେ
ବିଜନ ବେଳାରେ ମନ-ନୂପୁର ତ ନାଚେ ରେ ।୦।
ବଇଁଶୀର ସୁର ସତେ ମଧୁରରୁ ମଧୁର
ସରାଗେ ସେ ଡାକୁଅଛି କରନା ରେ ଉଛୁର
ଅଳସ ତେଜି ତୁ ଉଠ ନିଶି ହେଲା ଶେଷ ରେ ।୧।
ମମତା ବୋଳା ସେ ସୁର ସୁମଧୁର ରାଗିଣୀ
ଘୁମନ୍ତ ପରାଣେ ଢାଳେ ସୁଧା-ମନ୍ଦାକିନୀ
'ସୁଖପାଅ ଟିକେ ମୋତେ' ସୁରେ ସୁର ଭାଷେ ରେ ।୨।
ଚମକାଇ ଦେଲା ସତେ ସେଇ ସୁର ଛନ୍ଦ ତ
ତନୁ ମନେ ଖେଳିଯାଏ ଶିହରଣ ସତତ
ମରମ ଛୁଆଁ ସେ ସୁର ବାଜୁ ସଦା ଅନ୍ତରେ ।୩।

## ନୂତନ ପ୍ରଭାତେ ନୂତନ ହୃଦୟେ

ନୂତନ ପ୍ରଭାତେ ନୂତନ ହୃଦୟେ ପୂଜିବି ନବୀନ ପ୍ରାଣଧନ
ନୂତନ ନୂତନ ଭକତି-ସୁମନ କରିବି ଶ୍ରୀପଦେ ଅରପଣ
ଜାଗେ ପ୍ରାଣେ ଆଜି କେତେ ଅଭିନବ ଆଶାରାଜି ।୧।

ନବୀନ ଅନ୍ତରୁ ନବୀନ ଉଷାର ସଙ୍ଗୀତ-ଝଙ୍କାର ପଡେ ଝରି
ନବୀନ ସେ କେଉଁ ଗୋପନ ରାଇଜୁଁ ତରୁଣବନ୍ଧୁ ସୋହାଗ ଧରି
ଦଶ ଦିଶ ଭରି ପ୍ରେମାଲୋକେ ଆଲୋକିତ କରି ।୨।

ନବୀନ ଲଗନେ ବନ୍ଧୁ ଶ୍ରୀଚରଣେ ପ୍ରେମ-ଆଶୀର୍ବାଦ କରେ ଭିକ୍ଷା
ସେହି ପ୍ରେମେ ତାର ବିଶ୍ୱପରିବାର ସେବିବି ମାଗୁଛି ଏହି ଦୀକ୍ଷା
ବିଶ୍ୱସେବା କରି ବାହିନେବି ମୋର ଦେହତରୀ ।୩।

ମନ୍ତ୍ରର ସାଧନ କରିବାରେ ମନ ଥିଲେ ଥାଉ ଅବା ଯାଉ ପ୍ରାଣ
ମନ୍ତ୍ରସାଧନେ ବା ଶରୀରପତନେ କରମର ହେଉ ଅବସାନ
'ଜୟଗୁରୁ' ନାମ କରୁ ସଦା ବରାଭୟ ଦାନ ।୪।

## ପରଭାତ ବିଭାବରୀ

ପରଭାତ ବିଭାବରୀ
ଆସରେ ସରବେ ଚରଣରେ ଦେବା ଭକତି ସୁମନ ଢାଳି ।୦।
ସରାଗେ ପ୍ରୀତି-ଚନ୍ଦନ କରରେ ପଦେ ରଞ୍ଜନ
ଗାଅ ଗାଅ ମୁଖେ ଜୟଗୁରୁ ଜୟ ସକଳ ମାୟା ପାସୋରି ।୧।
ଅନ୍ତରରେ ପ୍ରେମ ଘେନି ସଜାଅ ଚରଣ ବେନି
ଆରତି କରରେ ଅତି ପ୍ରମୋଦରେ ବିଶ୍ୱାସ ପ୍ରଦୀପ ଜାଳି ।୨।
ମନର ସକଳ ଚିନ୍ତା ବରଜି ଜଣାଅ ବ୍ୟଥା
ଭକତି ମନର ରହିଥାଉ ଚିର ଜଣା କର ନିଉଛାଳି ।୩।
ମୋର ବୋଲି ବୋଲ ଯାହା ଭେଟି ଚରଣରେ ତାହା
ମଥାନତ କରି ମନପ୍ରାଣ ଭରି ମାଗରେ କରୁଣା ଖାଲି ।୪।

## ପ୍ରଣତି ଚରଣେ ଘେନ ଜଗତ-ବନ୍ଦନ

ପ୍ରଣତି ଚରଣେ ଘେନ ଜଗତ-ବନ୍ଦନ !
ଜ୍ଞାନୀଗୁରୁ ତୁମେ ଦେବ ! ପରାଣ-ନନ୍ଦନ
କର କର ଆଗମନ
ଏ ପୂଜା ମଣ୍ଡପେ ଘେନି ସଂଗେ ଦେବଗଣ |୧|
ପାପ କଳୁଷିତ ଚିତ୍ତ ଅଜ୍ଞାନ-ମୋହିତ
ଅନିତ୍ୟ ଯା ଏ ଜଗତେ, ମଣୁ ତେଣୁ ନିତ୍ୟ
ଦିବ୍ୟ କିରଣ ବିସାରି
ଦିଅ ଏ ନୟନୁଁ ଅନ୍ଧକାର ଅପସାରି |୨|
ବିଷୟ-ତୃଷ୍ଣା-ଜଡିତ ଅଶାନ୍ତ ମାନସ
ଜଞ୍ଜାଳ ଜାଲ ନିବାରି, ତ୍ରିତାପ ବିନାଶ
ତୁମେ କରୁଣା ସାଗର
ଶରଣ ଦିଅ ଚରଣେ ସର୍ବଦୁଃଖହର ! |୩|
ଅକୂଳ ,ଅଥଳ ଜଳ ସଂସାର ବାରିଧି
ପାପ, ତାପ, କଳୁଷର ନାହିଁ ତ ପରିଧି
ଆହେ ନାବ ଦଣ୍ଡଧର !
କୃତାର୍ଥ କରି, ଅଧମେ ପରିତ୍ରାଣ କର |୪|
ମୁଖର ବଚନ ତୁଲେ, କରରେ କରମ
ସାଧି ନ ପାରୁଛୁଁ କେବେ ହେ ପୁରୁଷୋତ୍ତମ
ଦୟାକର ଶକ୍ତିଧର !
(ତବ) କରୁଣାରେ ବାକ୍ୟେ, କର୍ମେ ନ ରହୁ ଅନ୍ତର |୫|
ଦେବରାଜ ରୂପେ ଦିଅ ସିଦ୍ଧେ ତପଫଳ
ତୁମେ ବିଷ୍ଣୁ ! ବିଶ୍ୱ ଘୋଷେ ଜୟ ଅବିରଳ
ବିଶ୍ୱ ଲୀଳା ସୁଚତୁର !
ବ୍ରହ୍ମା ରୂପେ ଗତି ନୀତି ନିୟନ୍ତ୍ରଣ କର |୬|
ତୁମେ ନିତ୍ୟ, ତୁମେ ସତ୍ୟ, ତୁମେ ଚିରନ୍ତନ
ସତ୍ୟ ପଥ, ଧର୍ମ ପଥ,କର ପ୍ରଦର୍ଶନ
ଢାଳି ଅମୀୟର ଧାର
ମଳିନ, ମୂର୍ଚ୍ଛିତ ଚିତ୍ତ ସମୁଜ୍ଜ୍ୱଳ କର |୭|
ଦିଅ ଦିବ୍ୟ ବୁଦ୍ଧି ଜ୍ଞାନ, ହେ ରସ ଆକର !
ଶ୍ରୀପଦ ସେବାରେ ଚିତ୍ତ ରହୁ ନିରନ୍ତର
ଲଭି ବିପରୀତ ଗତି
ଯାବତ କୁଚିନ୍ତା ପଥୁଁ, ଫେରିଆସୁ ମତି |୮|
କରୁଣା ସାଗର ! ଦୀନ ଜନେ କୃପା କର
ନମୁଁ ଅଛୁଁ ଶ୍ରୀଚରଣ ତଳେ ବାରବାର
ଆହେ ପରାଣର ସାଥୀ !
ଜନମେ ଜନମେ ତୁମେ ଜୀବନର ଗତି |୯|

## ପ୍ରଭାତୀ ଆରତି କଲାଣି ପ୍ରକୃତି

ପ୍ରଭାତୀ ଆରତି କଲାଣି ପ୍ରକୃତି, ନିଭୃତ ନିକୁଞ୍ଜ କାନନରେ
ହେ ଭକ୍ତସକଳ ଜାଗିଉଠି ବୋଲ 'ଜୟଗୁରୁ' ଜୟ ଭକ୍ତିଭରେ ।୦।
ବିଭିନ୍ନ ରଙ୍ଗର ବନଫୁଲମାଳ
ଶ୍ରୀଗୁରୁ ଶ୍ରୀଅଙ୍ଗେ ଶୋହେ ଝଲମଲ
ଅଳି ଗୁଣୁଗୁଣୁ ଶବ୍ଦେ ଚତୁର୍ଦ୍ଦିଗ ଝଙ୍କାରେ ଓଁକାର ପଞ୍ଚମରେ ।୧।
ତରୁ ଲତାଗଣ କରି ପ୍ରାତଃ ସ୍ନାନ
ଶିଶିରକଣିକା ସର୍ବାଙ୍ଗେ ଲେପିଣ
ଉଭାହୋଇ ସର୍ବେ କରନ୍ତି ପ୍ରଣାମ, ଗାଇ 'ଜୟଗୁରୁ' ନତଶିରେ ।୨।
ଭାବରେ ବିଭୋର ହୋଇ ସମୀରଣ
ମୃଦୁମନ୍ଦେ ଥରି କରେ ସଞ୍ଚରଣ
ଲତା-ପତ୍ର-ପୁଷ୍ପେ ଦେଇ ଆଲିଙ୍ଗନ ଗାଏ 'ଜୟଗୁରୁ' ମୃଦୁସ୍ୱରେ ।୩।
ଦେବକନ୍ୟା ଉଷା ଦେଖି ସେହି ଠାଣି
ଧୀରେ ଲାଜେ ଖୋଲି ମୁଖରୁ ଓଢଣୀ
ପୂରୁବ ଗଗନେ ଅରୁଣିମା ଛଟା ଗାଏ 'ଜୟଗୁରୁ' ସୁମଧୁରେ ।୪।
ନିଦ୍ରା ତେଜି ଏବେ ବିହଙ୍ଗମକୁଳ
ଶୁଣି ଚତୁର୍ଦ୍ଦିଗେ 'ଜୟଗୁରୁ' ରୋଳ
ବେଗେ ବେଗେ ତେଜି ନିଜ ନୀଡ ତରୁ ରଟିଲେଣି ଜୟ ଆନନ୍ଦରେ ।୫।
ସ୍ନାନ କରି ଗୁରୁନାମ-ଗଙ୍ଗାଜଳେ
ଗୁରୁପାଦୋଦକ ପାଇବା ସକଳେ
ପ୍ରେମ-ସିନ୍ଧୁନୀରେ ଭାସି ଧୀରେ ଧୀରେ ଚଳିଯିବା ନିତ୍ୟ ଭୁବନରେ ।୬।
ଗାଇ ସୁଲଳିତ ପ୍ରଭାତୀ ସଙ୍ଗୀତ
ଦେବତା ମାନବ ସର୍ବେ ଉନମତ୍ତ
ଏ ଜଡ ଜଗତ ପୁଲକେ ଉଷତ ସଂଜୀବିତ ନବ ଜୀବନରେ ।୭।
ପାଷାଣ ତରଳେ ଗୁରୁନାମବଳେ
ଲଭନ୍ତି ଶକତି ଦୁର୍ବଳେ ସବଳେ
ପ୍ରୀତି ଲତାକୁଞ୍ଜେ ପ୍ରେମଫୁଲ ଫୁଟେ ସୁପ୍ତେ ଜାଗରଣେ ସ୍ୱପନରେ ।୮।
ଅନାଥର ନାଥ ଶରଣବତ୍ସଳ !
ଜୀବନେ ମରଣେ ଶ୍ରୀଗୁରୁ ସମ୍ବଳ
ଗୁରୁ ଅନ୍ନ ଜଳ, ଗୁରୁ ବନ୍ଧୁବଳ ମଜ୍ଜ ଗୁରୁ-କଞ୍ଜଚରଣରେ ।୯।
ଗୁରୁନାମ ବିନା କେବା କରେ ପାର
ଦୁସ୍ତର ଏ ଘୋର ଭବ-ପାରାବାର ?
ଆଜ୍ଞା ଅନୁସର ତାଙ୍କ କାର୍ଯ୍ୟ କର 'ଜୟଗୁରୁ' ଗାଇ ବଦନରେ ।୧୦।
ମଙ୍ଗଳ ଉତ୍ସବେ ମଙ୍ଗଳଦୀପାଳୀ
ଭାଇ-ଭଗ୍ନୀ ମିଳି ଆରତିକ ଜାଳି
ପ୍ରଣମି ଗୁରୁଙ୍କ ଅମଳ-ଚରଣେ ଗାଅ 'ଜୟଗୁରୁ' ହରଷରେ ।୧୧।

## ପ୍ରାଣ ଠାକୁର, ସେହି ରୂପେ

ପ୍ରାଣ ଠାକୁର, ସେହି ରୂପେ ଦିଅ ଦର୍ଶନ
ଯା ଦର୍ଶନେ ମୃତ ପ୍ରାଣେ ସଞ୍ଚରେ ନବ ଜୀବନ ।୦।
ଯା ଦେଖି ଭକ୍ତ-ହୃଦୟ ପ୍ରେମେ ହୋଇଣ ତନ୍ମୟ
ଶ୍ରୀପଦ ପଙ୍କଜେ ପ୍ରାଣ ସମର୍ପିବ ଚିରଦିନ ।୧।
ଅବାରିତ-ଅଶ୍ରୁଧାର ରଚିବ ପ୍ରେମସାଗର
ସ୍ୱରୂପ-ମାଧୁରୀ ଦେଖି ବିମୋହିତ ହେବ ମନ ।୨।
ଘୁଞ୍ଚିବ ସର୍ବ ସଂଶୟ ଦୂରେ ଯିବ ପାପ ଭୟ
ନିର୍ମଳ ହେବ ହୃଦୟ, ଧନ୍ୟ ହୋଇବ ଜୀବନ ।୩।
ଲାଜ ଭୟ ତେଜି ଦୂରେ ନାଚିବି ଆନନ୍ଦଭରେ
ଗାଇବି ମୁଁ ଉଚ୍ଚସ୍ୱରେ, ତବ ନାମ ଜୟ ଗାନ ।୪।
ଶ୍ରୀପଦେ କରୁଛି ଅଳି ଦେଇ ଭକ୍ତି-ପୁଷ୍ପାଞ୍ଜଳି
ଚରଣସେବକ କରି, ରଖ ମୋତେ ଚିରଦିନ ।୫।

## ପ୍ରାଣ ବାନ୍ଧବ ହେ

ପ୍ରାଣ ବାନ୍ଧବ ହେ ! ଚାହିଁ ରହିଅଛି ପଥ ଆସିବ ବୋଲି
ସଜାଇଛି ଫୁଲ ଶେଜ
ଆସ ହେ ରସିକ ରାଜ
ଆଶାରେ ଆଶାରେ ଦିନ ଗଣୁଛି ଖାଲି
ଉଜାଗରେ ବସିଛି ମୁଁ ଜାଗର ଜାଳି ।୧।
କେତେ ଦିନ କେତେ ରାତି
ପ୍ରିୟ ହେ ଯାଇଛି ବିତି
ପ୍ରାଣବନ୍ଧୁ ବିନେ ଜୀବ ରହିଛି ଖାଲି
ଭୁଲିଯିବ ନାହିଁ ପ୍ରଭୁ ଅଯୋଗା ବୋଲି ।୨।

ରାତୁଳ ଚରଣ ଦୁଇ
ଶରଧାରେ ଧୋଇ ଦେଇ
ଅଗୁରୁ ଚୁଆ ଚନ୍ଦନ ଦେବି ମୁଁ ବୋଳି
ପ୍ରେମଭରେ ପିନ୍ଧାଇବି କୁସୁମ ମାଳି ।୩।
ଦୀନର ନୈବେଦ୍ୟ ଥାଳି
ନ ମଣିବ ତୁଚ୍ଛ ବୋଲି
ଆଦରେ ଘେନିବ ନାଥ ଏତିକି ଅଳି
ଯାହା ଦେଇଥିଲ ସବୁ ଅରପି ଦେଲି ।୪।

## ପିତାଙ୍କ ଦୁଆରେ

ପିତାଙ୍କ ଦୁଆରେ ଉଭାହୋଇ ସର୍ବେ ଭୁଲିଯାଅ ଅଭିମାନ
ଆସ ଆସ ଭାଇ ପ୍ରାଣେ ପ୍ରାଣେ ଆଜି ରଖ ନାଁରେ ବ୍ୟବଧାନ ।
ଭୁଲିଯାଅ ଅଭିମାନ ରଖ ନାଁ ରେ ବ୍ୟବଧାନ
ଏକ ପିତାଙ୍କ ସନ୍ତାନ ମିଳାଅ ରେ ପ୍ରାଣେ ପ୍ରାଣ ।୧।

ସଂସାରର ଧୂଳି, ଯତନେ ପଖାଳି, ଆସ ହସେ ମୁଖ ମାଜି
ହୃଦୟଥାଳୀରେ ଭରି ଆଣ ଭାଇ ! ଭକତି-କୁସୁମରାଜି ।
ଧୋଇ ବିଷୟର ମଳ ଆସ ହୋଇ ନିରିମଳ
ଆସ ହସେ ମୁଖ ମାଜି ଧରି ଭକ୍ତି ପୁଷ୍ପରାଜି ।୨।

ନୀରସ ହୃଦୟେ ସ୍ୱାର୍ଥଚିନ୍ତା ନେଇ ନ ଯାଅ ରେ ତାଙ୍କୁ ଭୁଲି
ଅନାଥ-ଜନର ମୁଖ ପ୍ରତି ଭାଇ ! ଚାହଁ ବାରେ ମୁଖ ତୋଳି ।
ନୀରସ ହୃଦୟୁ ତୋର ତେଜ ସ୍ୱାର୍ଥଚିନ୍ତା ଘୋର
ଚାହଁ ବାରେ ମୁଖ ତୋଳି ନ ଯାଅ ରେ ତାଙ୍କୁ ଭୁଲି ।୩।

କଠୋର ଆଘାତେ, ବ୍ୟଥା ପାଇ କେତେ, ବ୍ୟଥାଦେଲୁ
ପରପ୍ରାଣେ
ତୁଚ୍ଛକଥା ନେଇ, ବିବାଦରେ ମାତି, ପାଶୋରିଲୁ ନିଜ ଜନେ ।
ବ୍ୟଥା ଦେଇ ପରପ୍ରାଣେ ଭୁଲିଗଲୁ ନିଜ ଜନେ
ଦିବାହେଲା ଅବସାନ ନିଅ ବାରେ ଗୁରୁନାମ ।୪।

ହୋଇ ସମ୍ମିଳିତ, କର ପ୍ରଣିପାତ, ବନ୍ଦ ତାଙ୍କ ଶ୍ରୀଚରଣ
ହୃଦ-ପଦ୍ମାସନେ, ବସାଇ ଯତନେ, କର ଆତ୍ମନିବେଦନ ।
କର ଆତ୍ମନିବେଦନ ଭୁଲିଯାଅ ଦେହଜ୍ଞାନ
(ତାଙ୍କୁ) ବସାଅ ହୃଦୟାସନେ ତୋଷ ଭକ୍ତି-ଅର୍ଘ୍ୟଦାନେ ।୫।

ସମବେତ ହୋଇ, ବାଣ୍ଟିନିଅ ଭାଇ ! ପ୍ରେମର ଅମୃତବାରି
ପିତାଙ୍କ ଅମୂଲ୍ୟ ଧନ-ସଂପଦରେ ସର୍ବେ ସମ ଅଧିକାରୀ ।
ହୁଅ ବେଗେ ସମ୍ମିଳିତ ପାନ କର ପ୍ରେମାମୃତ
ପ୍ରାପ୍ୟ ବର ଦାବୀ କର ଲଭି ହୋଇବ ଅମର
ନାଶ କର ଅଭିମାନ ଲଭିବ ସ୍ୱରୂପ ଜ୍ଞାନ ।୬।

ତାଙ୍କ ପାଶେ ଆସି ତେବେ କି ହେ ଆଜି ନିଜକୁ ଭୁଲିବ ନାହିଁ ?
ହୃଦୟ-ମନ୍ଦିରେ ବରିନେବାପା ଇଁ ଦ୍ୱାର କି ଖୋଲିବ ନାହିଁ ?
ରଙ୍ଗେ ଆବାହନ କର ଖୋଲି ହୃଦ ୟ - ମନ୍ଦିର
ଆପଣାର ସ୍ୱାର୍ଥ ଭୁଲି ଡାକ ଆସ ପ୍ରଭୁ ! ବୋଲି ।୭।

## ପ୍ରିୟତମ ଆଖିର ଅଦେଖା ମୋର

ପ୍ରିୟତମ ଆଖିର ଅଦେଖା ମୋର
କେତେ ଦୂରେ ତୁମେ ଲୁଚି ଲୁଚି ଅଛ ଶୁଣେ ଖାଲି ବଂଶୀ ସ୍ୱର ।୦।

ବେଦନା ବିଧୁର ଏ ମୋର ଅନ୍ତର ଝୁରେ ଖାଲି ନିରନ୍ତର
ରହିରହି ପ୍ରିୟ ମଧୁର ମୁରତି ନାଚେ ଆଖିକୋଣେ ମୋର ।୧।

ଆଜି ଏହି ଶୁଭ ମିଳନ ବାସରେ ମୁଖ ନ ଫିଟଇ ମୋର
ପ୍ରାଣପ୍ରିୟ ବୋଲି ଡାକି ନ ପାରୁଛି ଝୁରୁଛି ମୋର ଅନ୍ତର ।୨।

କହିଥିଲ ତୁମେ ହାତ ଧରିନେବ ଆନନ୍ଦ ଧାମେ ତୁମର
ସେ ମଧୁ ଲଗନ କେବେ ମୋ ଆସିବ ରାଜିବ ହୃଦୟେ ଚିର ।୩।

ପ୍ରିୟ ସାଥେ ଚାଲିଯିବି ନିଜ ଘର ନିତ୍ୟଲୋକେ ନିତ୍ୟ ପୁର
ଆନନ୍ଦେ ମିଶିବି ଆନନ୍ଦ ସାଥିରେ ଆନନ୍ଦ ସ୍ୱରୁପେ ମୋର ।୪।

## ପ୍ରେମର ଠାକୁର ଆସ

ପ୍ରେମର ଠାକୁର ଆସ ରହିଛି ପ୍ରତୀକ୍ଷା କରି
ଚାରୁ କଞ୍ଜ ପଦ ଦେବି ନୟନ ନୀରେ ପଖାଳି ।୧।

ମୋ ମନ କୁସୁମ ଗୁନ୍ଥି ମାଳା ରଖିଛି ସାଇତି
ପୂଜିବି ପଦ ସାରସ କାମନା ଧୂପକୁ ଜାଳି ।୨।

ଷଡରିପୁ ନଇବେଦ୍ୟ ଦେବି ଭୁଲି ସବୁ ଖେଦ
ତୁମ ଅରଚନା ପାଇଁ ଚାହିଁଛି ଦୀପାଳି ଜାଳି ।୩।

ମୁଖେ ଗାଇ ଜୟଗୁରୁ ସେବିବି କଳପତରୁ
ଦେଖୁଥିବି ଚାରୁଛବି ପଦେ ଦେଇ ପୁଷ୍ପାଞ୍ଜଳୀ।୪।

ଏ ମର ଜଗତ ସୁଖ ଦେଇଛି ଯାତନା ଦୁଃଖ
ସବୁ ଦୁଃଖ ପାଶୋରିଛି ତୁମକୁ ଆଶରା କରି ।୫।

ହୃଦୟ ଦେବତା ଆସ ହୃଦ ସିଂହାସନେ ବସ
ତୁମ ନାମ ଗାଇ ଯାଉ ଜୀବନ ସଳିତା ଜଳି ।୬।

## ଫୁଲ ସଞ୍ଜ ବେଳେ ଶ୍ରୀଚରଣ ତଳେ

ଫୁଲ ସଞ୍ଜ ବେଳେ ଶ୍ରୀଚରଣ ତଳେ ପ୍ରଣତି ଘେନ ଠାକୁର
ଅପରାଧି ଜନ କରୁଛି ଜଣାଣ ସବୁ ଦୋଷ କ୍ଷମା କର ।୦।

ନ ଜାଣେ ଭକତି ସହଜେ କୁମତି ଚଞ୍ଚଳ ମତି ମୋହର
ତୁମ ବିନେ ସତେ କିଏ ଏ ଜଗତେ ଚିତ୍ତ ମୋ କରିବ ସ୍ଥିର ।୧।

ମୋ ମନ କୁଟୀର ମୁକୁଳା ଦୁଆର ଅନାଇଁ ବାଟ ତୁମର
ପାତିଛି ଆସନ ଗୁନ୍ଥିଛି ସୁମନ ଗଳେ ଲମ୍ବାଇବି ହାର ।୨।

ଭବ ସାଗରେ ମୋ ତରୀ ଟଳମଳ ତୁମେ ନାଉରିଆ ତାର
ଷଡ ରିପୁ ଆସି ପିଟନ୍ତି ବତାସି ତୁମେ କରିବ ହେ ପାର ।୩।

ଜୀବନ ଆକାଶେ ବେଳ ବୁଡି ଆସେ ତୁମେ ଏକା ଚାନ୍ଦ କର
ଦାସ ପଣେ ଘେନ କରୁଛି ଜଣାଣ କର ଭବନଦୀ ପାର ।୪।

## ଫୁଲ ସଞ୍ଜ ବେଳେ ବାହୁଡିବି ଯେବେ

ଫୁଲ ସଞ୍ଜ ବେଳେ ବାହୁଡିବି ଯେବେ ଦୁନିଆ ସଉଦା ସାରି
ବନ୍ଧା ଦେବି ସବୁ ତୁମ ପା' ତଳେ ଏତିକି ମୋର ଗୁହାରୀ ।୦।

ଆପଣାର ବୋଲି ଗରବ ଗୁମାନେ
ତୋଳି ଥିବି ଯେଉଁ ଘର
ଦିଦିନ କୁଣିଆ ବତାଣିଆ ପଣ
ଚାତର ଭାଙ୍ଗିବ ମୋର
ବାଟ ମଣାଇବ ତୁମ ଦେଉଳକୁ ଅନ୍ଧାରେ ଦୀପ ଧରି ।୧।

ପାଦେଠେଲି ଦେବେ ଲୋକେ ଦୂରେ ଯେବେ
ଠାବ କାହିଁ ଥିବ ନାହିଁ
ଆହା କରି ପଦେ ଆପଣାର ବୋଲି
ସାହା ମୋ ହେବ ଗୋସାଇଁ
କଲା ଦୋଷ ଯେତେ କ୍ଷମା କରି ମୋତେ ନ ଦେବଟି ପର କରି ।୨।

ସତ କରି କହ କେବେ ହେବି ମୁହିଁ
ତୁମରି ସେବକ ଜନ
କାନରେ ନକହି ମନରେ ମୋ କହ
ତୁମେ ମୋର ଜୀବଧନ
ପିତା ପରି ତୁମେ ଶାସିବ କୋଳରେ ଘେନିବ ଜନନୀ ସରି ।୩।

## ବଜାଅ ଶଙ୍ଖ ମହୁରୀ

ବଜାଅ ଶଙ୍ଖ ମହୁରୀ ବିଜୟ କାହାଳୀ ଲୋ ସଜନୀ ଦିଅ ହୁଳହୁଳି
ଆସିଛନ୍ତି ଭକତଙ୍କ ଜୀବନ ସଞ୍ଜୀବନୀ ଲୋ ସଜନୀ ଦିଅ ହୁଳହୁଳି ।୦।

ଯତନେ ସଜାଡ ଅରଚନା ଥାଳି ସଜାଅ ରତ୍ନ ପଲଙ୍କ
ହୃଦୟ ମନ୍ଦିରେ ବିଜେ ପ୍ରିୟତମ ଧିଆନରେ ଥରେ ଦେଖ
ଧୋଇଦିଅ ପାଦପଦ୍ମ ନେତ୍ର ନୀର ଢାଳି ଲୋ ସଜନୀ ।୧।

ପଣତରେ ପୋଛି ବୋଳି ଦିଅ ଅଙ୍ଗେ ଅଗୁରୁ ଚୁଆ ଚନ୍ଦନ
ମନ ଫୁଲହାର ମଣ୍ଡି ଦିଅ ଗଳେ ଚରଣ କର ବନ୍ଦନ
ଭେଟି ଦିଅ ଭକତିରେ କୁସୁମ ଅଞ୍ଜଳି ଲୋ ସଜନୀ ।୨।

ଆଦରେ ନିବେଦି ଧୂପ ନଇବେଦ୍ୟ ଭୁଞ୍ଜାଅ ଜନନୀ ପରି
ଭକତ ଭାବରେ ବନ୍ଧା ସେ ଠାକୁର ଲୋଡା ଖାଲି ଆଖିବାରି
ତୋଷ ଭବରସିଆଙ୍କୁ ଅଶ୍ରୁ ଅର୍ଘ୍ୟ ଢାଳି ଲୋ ସଜନୀ ।୩।

ମଧୁର ସଂଗୀତ ଗାଆ ଲୋ ସଜନୀ ମୃଦଙ୍ଗ ମଞ୍ଜିରା ବାଇ
ପ୍ରେମର ତରଙ୍ଗେ ଭାସିଚାଲ ସର୍ବେ ସାରା ଜଗତ ଭସାଇ
ଗୁରୁନାମ ଗାଇ ଗାଇ ନାଚ ଢଳି ଢଳି ଲୋ
ସଜନୀ ଦିଅ କରତାଳି ।୪।

## ବିଜେ କର ଆଜି ଠାକୁର !

ବିଜେକର ଆଜି ଠାକୁର !
ପୂଜିବାକୁ ମନ ମୋର ଚରଣ ଯୁଗ ତୁମର ।୦।

ଧୋଇଦେବି ପଦ ବେନି ଢାଳି ମୁଁ ନୟନ ବାରି
ବସାଇବି ସମାଦରେ ହୃଦୟ ଆସନ ପାରି
ପିନ୍ଧାଇ ଦେବି ମୁଁ ଗଳେ ଭକତି ସୁମନ ମାଳି
ପ୍ରୀତି ଚନ୍ଦନ ତିଳକ ମାଖି ସଜାଇବି ଶିର ।୧।

ଜାଣେ ମୁଁ ଜାଣେ ଦେବତା ତୁମେ ହେ କରୁଣା ସିନ୍ଧୁ
ଭକତ ମଥାରେ ଦିଅ ଅଜାଡି ଆଶିଷ ବିନ୍ଦୁ
ଦରଶନ ଦେବ ତୁମେ ଦୟାମୟ ଦୀନବନ୍ଧୁ !
ସଫଳ ହେବ ଜୀବନ ଏତିକି ଆଶା ମନର ।୨।

## ବିଜେ କର ପ୍ରଭୁ ପୂଜା ସିଂହାସନେ

ବିଜେ କର ପ୍ରଭୁ ପୂଜା ସିଂହାସନେ ମଧୁର ଲଗନ ଉଷାରେ
ପରାଣ ଆକୁଳେ ଡାକୁଛି ବିକଳେ କହିପାରୁନାହିଁ ଭାଷାରେ
ପ୍ରଭୁହେ ଶ୍ରୀପଦ ଦର୍ଶନ ପାଇଁକି
ପ୍ରତୀକ୍ଷାରେ ମୁହିଁ ବସିଛି ଅନାଇ ଜୟଗୁରୁ ନାମ ଗାଇକି ।୧।

ପୂଜା ଉପଚାର ସଜଫୁଲହାର ତୁମ ଅରଚନା ଆଶାରେ
ଧରିଅଛି କରେ ଆସ ପ୍ରଭୁ ବାରେ ବିଳମ୍ବ ନ ସହେ ଅଧିରେ
ପ୍ରଭୁ ହେ ବିଜେକର ଆସି ଆସନେ
ଦେଇ ଦରଶନ ହର ମୋ କଷଣ ଏତିକି ମାଗୁଣି ଚରଣେ ।୨।

ତୁମେ ଦୟାମୟ ଦିଅଟି ଅଭୟ ଅହେତୁକ କୃପା ଆଶିଷ
ଶିରେ ଢାଳିଦିଅ ବିପଦ ଘୁଞ୍ଚାଅ ବିଶ୍ୱପୂଜେ ପଦ ସାରସ
ପ୍ରଭୁହେ ଜଗତ ମଙ୍ଗଳ ପାଇଁକି
ନେଲ ଗୁରୁଗିରି ଆଦରରେ ବରି ଜୀବେ ମୁକ୍ତି ଦେବା ପାଇଁକି ।୩।

## ଭାଙ୍ଗିଲା ନିଦ ଡାକିଲ ତୁମେ

ଭାଙ୍ଗିଲା ନିଦ ଡାକିଲ ତୁମେ    ଶୁଣି ମିଳିଲି ପାଶେ
ମୁକୁଳା ଆଖି ରହିଲା ଚାହିଁ    ତବ ଦରଶ ଆସେ ।୦।

କୋଟିଏ ରବି କିରଣେ ତବ    ଅଙ୍ଗ ପରକାଶେ
ଅପସରିଲା ତିମିର ଘୋର    ତବ ବିମଳ ହାସେ ।୧।

ଭୁବନ ସାରା ମହକି ଗଲା    ତବ ତନୁ ସୁବାସେ
କୁସୁମ ଦଳ ମାଖିଲା ଘେନି    ସୁରଭି ମନ ତୋଷେ ।୨।

ଭକତ ଜନ ଚିତ୍ତେ ତବକରୁଣା ପରକାଶେ
ଧନ୍ୟ କର ଦାସେ ଦାନୀ    ତବ ଶୁଭ ଆଶୀଷେ ।୩।

## ଭାବ ରାଇଜର ଭାବର ଠାକୁର

ଭାବ ରାଇଜର ଭାବର ଠାକୁର କୁଞ୍ଜେ ମୋ ଆସିବ ବୋଲି
ମନ ମନ୍ଦିରର ଦୁଆର ଫିଟାଇ ବସିଛି ଜାଗର ଜାଳି ।୦।

ଆସି ଯେବେ ଉଭା ହେବ ମନ୍ଦିରରେ
ପାଦ ପଖାଳିବି ଆଖିର ଲୁହରେ
ପଦୁଅଁ ପାଦକୁ ହୃଦରେ ଧରିବି ମନରେ ଶରଧା କରି ।୧।

ହୃଦ ସିଂହାସନେ ବସାଇଣ ଦେବି
ନବ ବସନରେ ଶ୍ରୀଅଙ୍ଗ ମଣ୍ଡିବି
କାମନା ବାସନା ପଦେ ସମର୍ପିବି, ମନର ଦୀପାଳି ଜାଳି ।୨।

ମମତା ଚନ୍ଦନେ ଲଗାଇବି ଟୀକା
ଜନମ ଜନମ ସାଥୀ ତୁମେ ଏକା
ମନ ଫୁଲ ହାର ଚରଣେ ଅର୍ପିବି, ଅହମିକା ଚୂର୍ଣ୍ଣ କରି ।୩।

ପୂଜା ନଇବେଦ୍ୟ କି ଅବା ମୁଁ ଦେବି
କେଉଁ ଆଲୋକରେ ଆରତି କରିବି
ଦେଖିବି ମୂରତି ନୟନ ପୂରାଇ ଜୟଗୁରୁ ଜୟ କରି ।୪।

## ଭେଟ ପାଇଲେ ଜଣାନ୍ତି ଗୁହାରୀ

ଭେଟ ପାଇଲେ ଜଣାନ୍ତି ଗୁହାରୀ
ମୁହଁ ଛପା ଦେଇ ଯୁଗ ଯୁଗ ଧରି
ମୁରୁଛି ରହିଛି କିପରି ।୦।

ଗହୀର ଜଳରେ ବାନ୍ଧି ଅଛି ବସା
ଯିବି ବୋଲି ପାଶେ ପାଏନା ଭରସା
ବୁଡା ପହଁରା ମୁଁ ଶିଖି ନାହିଁ ବୋଲି
ଯାଉଥିବି କି ସଦା ଫେରି ।୧।

ପୂରି ରହିଅଛ ଘଟେ ଘଟେ ପରା
ମୋ ନିକଟେ କିଂପା ନ ପଡୁଛ ଧରା
ବୁଝି ପାରେ ନାହିଁ ମୋ ଆଖିର ଦୋଷ
କିବା ତୁମ ମାୟା ଚାତୁରୀ ।୨।

ଦୁନିଆ ଯାକର ସୁଖଦୁଃଖ ମାନ
ସ୍ମୃତି ପଟେ ଆସେ ଭାସେ ଅନୁକ୍ଷଣ
ହେଲେ ତୁମ କଥା ଲୀଳାଗୁଣ ଗାଥା
କେବେଠୁଁ ଦେଇଛି ପାଶୋରି ।୩।

ଅଯୋଗା ଅବୋଲକରା ଆଉ କେହି
ମୋ ସରି ଏ ସାରା ଜଗତରେ ନାହିଁ
ହେ କ୍ଷମାସାଗର ସବୁ ଦୋଷ କ୍ଷମି
ସନ୍ତାନେ ନିଅ କୋଳ କରି ।୪।

କରୁଣା କଟାକ୍ଷ ଢାଳି ଦିଅ ବାରେ
ଦେଖିବି ତୁମକୁ ଅନ୍ତରେ ବାହାରେ
ତୁମ ନାମ ଗାଇ ତୁମ ରୂପ ଧ୍ୟାୟୀ
ଚରଣେ ସତତ ଜୁହାରୀ ।୫।

## ଯାହାରି ପାଇଁ ବସିଛି ଚାହିଁ

ଯାହାରି ପାଇଁ ବସିଛି ଚାହିଁ,
ସଂଜ ନଇଁଲା, ସେ ଫେରିଲେ ନାହିଁ,
କି ଅପରାଧ କଲି ରେ ସହୀ,
ଜୀବନ ଧନ ମୋ ରହିଲେ କାହିଁ ? |୧|

ଓଠର ଭାଷା କଠୋର ଜାଣି,
ରୋଷ କଲେ କି ସେ ଗୁଣମଣି ?
ସେବାରେ ମୋର ବିମୁଖ ହୋଇ,
ପର କଲେ କି, ସେ ଭାବଗ୍ରାହୀ ? |୨|

ହେଲେ ବି ଯେତେ ମୂଢ଼ ପାମର,
ମୁଁ ଯେ ତାଙ୍କର ସିଏ ଟି ମୋର,
ନ ଥାନ୍ତୁ ଶଶୀ ସୂରୁଯ କେହି,
ଥିବି ମୁଁ ସାଥେ ତାଙ୍କରି ହୋଇ |୩|

ସହଜେ ସିଏ କୋମଳ ମତି,
କେଉଁ ରାଇଜେ ଥିବେ କେମିତି ?
ଭାବ ପୀରତି ବିହୁନେ ବାଇ,
କି ଭାଳୁ ଥିବେ କା ପାଶେ ରହି |୪|

ନ ଲାଗେ ମନ କାହିଁରେ ମୋର,
ବାହୁନି ଝୁରେ, ହୋଇ ଅଧିର,
ବିରହ ରାଗ ବୁକୁର ହାଇ,
ମିଳି ତୋଳୁଛି, ମୋ ଲୁହ ନଈ,
ଲୁହ ନଈର ନାଆକୁ ବାହି,
ଆସିବେ ସତେ ପରାଣ ସାଇଁ |୫|

## ମଧୁର ଗଗନେ ମଧୁର ପବନେ

ମଧୁର ଗଗନେ ମଧୁର ପବନେ ମଧୁର କୁସୁମବାସେ
ଆସ ଅବତରି ପ୍ରାଣର ଦେବତା! ବିରହ ରଜନୀ ଶେଷେ ।
ମଧୁର ପ୍ରଭାତେ ଆସ ମଧୁ କିରଣେ ପ୍ରକାଶ
ଶିଶିର ମଧୁରେ ଝରି ଦଶଦିଗେ ମଧୁ ଭରି
ଖେଳିଯାଅ ଧରାତଳେ ବିହର ମୃଦୁ ହିଲ୍ଲୋଳେ ।
ପୂର୍ଣ୍ଣକର- ଆବାହନଗୀତି ମଧୁମୟ ଛନ୍ଦେ
ବିରହ-ବେଦନା ମିଳନ-ଆନନ୍ଦେ
ଅଭିଷେକ ଶିରୀ ମଧୁ ଗୃହାଣୀରେ
ଆକୁଳ ପରାଣ ମଧୁର ବାଣୀରେ । (୧)

ପଖାଳିବୁଁ ପାଦ ଗିରି-ଝରଣାର ଶୀତଳ ନିର୍ମଳ ନୀରେ
ସଉରଭଭରା ମଞ୍ଜୁ ମଞ୍ଜୁଆଡି ଗୃମର ଢାଳିବୁଁ ଧୀରେ ।
ଢାଳିବୁଁ ଗୃମର ଧୀରେ ତିନ୍ତାଇ ନୟନନୀରେ
ଅଶ୍ରୁଭରା ବନ୍ଦନାରେ ବନ୍ଦିବୁଁ ଚରଣତଳେ
ପୀରତି ଉଛୁଳା ବାରି ଦେବୁଁ ଅଞ୍ଜଳିରେ ଭରି

ବନ୍ଧାଇବୁ- ମର ଜଗତର ବିଧୁର କାନ୍ଦରେ
ନୀରବ ବୀଣାର ଅଜଣା ଛନ୍ଦରେ
ଅମର ପୀରତି ଚଖାଇବ ବୋଲି
ମଧୁର ମୂରତି ଦେଖାଇବ ବୋଲି
ପ୍ରେମ-ଜଗତର ଭିକ୍ଷାଥାଳୀ ଧରି
ପ୍ରୀତି କଳପନା ଜପାମାଳୀ କରି । (୨)

ହୋଇଛି ସଜଡା କୁସୁମଚାଙ୍ଗୁଡା ଫୁଟନ୍ତା ଯୂଥିକାହାରେ
ଆଗମନ ତବ ସରସ କରିବୁଁ ପ୍ରଫୁଲ୍ଲ ଲୋତକଧାରେ ।
ଜୁଇଯାଇ ମାଳା ଧରି ପ୍ରେମଭରେ ନେବୁଁ ବରି
ପାଇ ଚୁମ୍ବକପରଶ ଭୁଲିବୁଁ ସବୁ ବିରସ
ପ୍ରେମାନନ୍ଦେ- ଗାଇବୁ ମିଳନ ମଧୁର ଛନ୍ଦରେ
ନାଚିବୁଁ ସାଗର-ତରଙ୍ଗଭଙ୍ଗିରେ
ଖେଳିବୁ ବାଲୁକା କୋମଳ କୋଳରେ
ଲୋଟିବୁଁ ଗରବେ ଚରଣଧୂଳିରେ । (୩)

ଆଣିଛୁଁ ପ୍ରକୃତି ରମ୍ୟକାନନରୁ ସୁରଭି ଅଗୁରୁଗନ୍ଧ
ଧୂପେ ଆମୋଦିବୁଁ ବୋଲି ରଖିଅଛୁଁ ଗନ୍ଧବହ ମଧୁ ମନ୍ଦ ।
ରଖିଛୁଁ ଅଗୁରୁ ଘୋରି କର୍ପୂରେ ଶୀତଳ କରି
ମନସାଧ ପୂର୍ଣ୍ଣ କରି ଦେବୁ ଶ୍ରୀଅଙ୍ଗରେ ବୋଳି
ନିବେଦିବୁ- ପ୍ରାଣଭରି ଯେତେ ମର୍ମଭେଦି ବ୍ୟଥା
ବିରହର କେତେ ଅନୁଭୂତି କଥା
ଅସର ଦିନର ଦୀର୍ଘ ଅପୂର୍ଣ୍ଣତା
ମରମଫଟା ଯେ କ୍ରନ୍ଦନ-ବାରତା । (୪)

ପନ୍ତି ପନ୍ତି କରି ଜାଳିଛୁ ହୃଦୟେ ଆଶାର ଶତ ଦୀପାଳୀ
ସାଇତି ରଖିଛୁ ପ୍ରେମର କଣିକା ଭରି ନଇବେଦ୍ୟ ଥାଳୀ ।
ଦୀନ ଏ ନୈବେଦ୍ୟ ଧରି ନିବେଦିବୁଁ ଭକ୍ତି ବୋଲି
ଦେଖାଇବୁ ହୃଦଖୋଲି ପୂର୍ଣ୍ଣ କର ଶୂନ୍ୟ ବୋଲି
ସଞ୍ଜ ପ୍ରାତେ- ବନ୍ଦିବୁ ସରସେ ଚରଣପ୍ରାନ୍ତେ
ସେବକ-ଗୌରବେ ମାତି ଏକାନ୍ତେ । (୫)

ଆସିବ କି ବୋଲି ବିଦେହରାଇଙ୍କୁଁ କେତେକାଳୁଁ ଅଛୁ ଚାହିଁ
ଅନ୍ତରେ ଭରିଛୁଁ ଅସର ପିପାସା ଅମୃତ ସେ ରୂପ ଧ୍ୟାୟି ।
ଆସିବ କି ଆସିବ କି? ମର୍ମବ୍ୟଥା ପୋଛିବ କି?
ଆଶାବାଣୀ ଭାସିବ କି? ପ୍ରାଣମନ ତୋଷିବ କି?
ମୂର୍ତ୍ତିମନ୍ତ- ହୋଇ ଦେଖାଦିଅ ହୃଦୟ-ଆସନେ
ପ୍ରକଟିତ ହୁଅ ଧ୍ୟାନେ ସପନେ
ଗୁଳିତ କରହେ ସ୍ୱରୂପଦର୍ଶନେ
ଝଙ୍କାରିଉଠ ବନ୍ଦନା କି ଗାନେ ।
ଚେତନାକୁ ଉର୍ଦ୍ଧେ ଗୁଳିତ କର ଅମୃତବାଣୀରେ ପରାଣ ହର
ଚହଟି କୁସୁମୁଁ କୁସୁମବାସ ନୟନେ ନୟନେ ରୂପ ପ୍ରକାଶ
ଜୟଗୁରୁ- ଜୟ ହେ ନିଗମ କଳ୍ପତରୁ
ଭକତ ଶିଷ୍ୟଙ୍କ କଳ୍ପତରୁ
ସାରସ୍ୱତ ସଂଘ କଳ୍ପତରୁ
ବିବେକବନ୍ତର ଜ୍ଞାନୀଗୁରୁ
ଜୟଗୁରୁ ଜୟଗୁରୁ । (୬)

## ମନ ବୃନ୍ଦାବନେ ବିଜେକର

ମନ ବୃନ୍ଦାବନେ ବିଜେକର ପ୍ରେମର ଠାକୁର!
ହେରିବି ହୃଦୟ ଭରି ରାଧା ତୁଲେ ବେଣୁ ଧାରି
ଛାର ଏ ନୟନ ହେବ ସାର ।୦।

ପ୍ରେମେ ପୁଲକିତ ହୋଇ ଯୁଗଳେ ପୂଜିବି ମୁହିଁ
ଦୂର ହେବ ମନର ଅନ୍ଧାର
ପୂରିବ ମନ ବାସନା ସାର୍ଥକ ହେବ କାମନା
ନାମ ରଟୁଥିବ କଣ୍ଠ ମୋର ।୧।

ପଦେ ପଦ ଛନ୍ଦିଦେଇ ନାଚ ତିନି ଭଙ୍ଗୀ ହୋଇ
କାନ ଶୁଣୁଥିବ ବେଣୁ ସ୍ୱର
ସବୁ ଗରବ ଗୁମାନ ପଲକେ ହେବ ବିଲୀନ
ଝରିବ ହୃଦୟେ ପ୍ରେମଧାର ।୨।

ତୁମେ ହେ କରୁଣାକର ଅପାର ଦୟାସାଗର
ଧୋଇଦିଅ ମାୟା ମୋହ ଘୋର
ତୁମ ଚରଣେ ଶରଣ ମାଗୁଅଛି ଅକିଞ୍ଚନ
ଦାସ ହୋଇ ସେବିବି ପୟର ।୩।

## ମନ ପୂଜା ତୋର ବିଫଳେ ନ ଯିବ

ମନ ପୂଜା ତୋର ବିଫଳେ ନ ଯିବ ପ୍ରିୟତମ ତୋର ଆସିବେ ରେ
କୁସୁମ-ଆସନ ସଜାଇ ରଖ ତୁ, ପରାଣ ଦେବତା ବସିବେ ରେ ।୦।

ବାସନା, କାମନା ଧୂପ ଦିଅ ଜାଳି
ତା' ନାମ ଫୁଲରେ ଗୁନ୍ଥ ବନମାଳି
ନୟନ ତାରାରେ ରଚ ଦୀପାବଳୀ ଆସିବେ, ତୋ ମନ ତୋଷିବେ ରେ ।୧।

ଗୋଳିରଖ ଆଖି ନୀରେ ତୁ ଚନ୍ଦନ
ଚରଣେ ମାଖି ତୁ କରିବୁ ବନ୍ଦନ
ସେବକ ତୁ ପଦ ସେବାର ଭାଜନ ହୁଡିଲେ ସୁନ୍ଦର ରୁଷିବେ ରେ ।୨।

ଝଡ ବତାସରେ ଆବାହନ କର
ନେଳି ମେଘ ତଳେ ଘର ପରା ତା'ର
ଘୁଞ୍ଚିଲେ ବାଦଲ ବିଜେ କରିବେ ସେ ତୋ ମଥା ଆଉଁସି ହସିବେ ରେ ।୩।

ନ କହିବୁ କିଛି, ନ ମାଗିବୁ କିଛି
ତୋର ମନ ପୋଥି ପାଠ ସେ ପଢିଛି
ଭକତିରେ ଖାଲି ମଥା ନୁଆଇଁଲେ ତୋ ମନ ଠାକୁର ରସିବେ ରେ ।୪।

## ମନ ମନ୍ଦିର ସପତ ଦୁଆର

ମନ ମନ୍ଦିର ସପତ ଦୁଆର ଛାଏଁ ଛାଏଁ ଯାଏ ମେଲି
ତୁମେ ଯେବେ ସଖା ହସି ହସି ଦିଅ ମରମ-କିଳିଣି ଖୋଲି ।୦।

ମୁକୁଳା ଦୁଆର ଉହାଡରେ ଥାଇ ସତେ
ଦରଦର ହସି କିଏ ସେ ଅନାଏଁ ମୋତେ ?
ସପନ କି ସତ, ମୁଦା ଅବା ମେଲା ଆଖି, ବାରି ନ ପାରିଲି
ଜୀବନ-ମରଣ ଚିର ପରିଚିତ ଛବି ସେ କି ନିରେଖିଲି ! ।୧।

ହସରୁ ତୁମର ଆଲୋକର ଧାରା ଖସେ
କଳାମେଘ ତଳେ ଚହଟ-ଚପଳା କି ସେ
ଅନ୍ଧ ଏ ଆଖିପତା ତଳେ ଦିଅ ଅଞ୍ଜନ ଲେଖା ବୋଳି
ଆଲୋକ, ଆଲୋକ, ଆଲୋକ ନିରେଖେଁ ଚଉଦିଗେ ମୋର ଖାଲି ।୨।

ତୁମେ ଯେବେ ସଖା ଦୁଆର ଦିଅ ଗୋ ମୁଦି
ଘେରି ତ' ଯାଆନ୍ତି ଭଗାରୀଏ ଦାଉସାଧି
ତୁମେ କି ପଥର ପାଲଟିବ, ମୋତେ ନ ଘେନିବ ଦାସ ବୋଲି
କୋଟି ଅପରାଧ କ୍ଷମାକର, ପଦ ତଳରୁ ନ ଦିଅ ଠେଲି ।୩।

## ମଣିମା ! ଭାରି ଡର ଲାଗେ ଅନ୍ଧାର ହେରି

ମଣିମା ! ଭାରି ଡର ଲାଗେ ଅନ୍ଧାର ହେରି
କଥା ନ ମାନି ତୁମର ଗଲି ମୁଁ ସରି ।୦।

ଭୁଲିଗଲି ସବୁ କଥା ସପନ ଦେଖିଲା ପରି
ଟିକେ ଭଲ ପାଇବାକୁ କହିଥିଲ କେତେ କରି
ଅକାରଣେ ମୋ ଜୀବନ ଦେଲି ମୁଁ ସାରି ।୧।

ଆନନ୍ଦରେ ଖେଳୁଥିଲି ଖେଳସାଥୀ ମେଳ କରି
ବେଳ ରତରତ ଦେଖି ଚେତା ପଶିଲା ମୋହରି
କି କରିବି କି କରିବି ହେଲି ମୁଁ ଘାରି ।୨।

ଅନ୍ଧାର ଆସଇ ମାଡି ଘୋର ଗରଜନ କରି
ଜାଣିଛି ସେ ଛାଡିବନି କାଳ ନୁହଁଇ କାହାରି
ତୁମ ବିନେ କିଏ ଅଛି ସାହା ମୋହରି ।୩।

ବାଟ ଦିଶୁନାହିଁ ପ୍ରଭୁ ଗ୍ରାସୁଛି କାଳ ଭଉଁରୀ
ବାହୁଡା ରଥ ମୋ କାହିଁ ଯେଉଁଥିରେ ଯିବି ଫେରି
କାତରେ ଡାକୁଛି ନିଅ ମୋ ହାତ ଧରି ।୪।

## ମହା-ମନ୍ଦିର ଚାରୁ-ତୋରଣରେ

ମହା-ମନ୍ଦିର ଚାରୁ-ତୋରଣରେ ପ୍ରିୟ ମୋର,
ନୀରବରେ ଖାଲି ଜୁହାରି ଆସିଛି ନାହିଁ ପୂଜା-ଉପଚାର ।୦।

ଆଖି ଆଗେ କେତେ ଭକତ ତୁମର
ଘେନି ଆସିଛନ୍ତି ନାନା-ଉପଚାର
ପୂଜିବେ ତୁମକୁ, ତୋଷିବେ ତୁମକୁ ପଣ କରି ଜୀବନର ।୧।

କିଏ ଗାଏ ତୁମ ଅସୀମ ମହିମା
କରେ ଆରାଧନା, ନାହିଁ ତାର ସୀମା
ସାରା ଜଗତରେ ବିତରେ କେ ଅବା ତୁମରି କରୁଣା-ଧାର ।୨।

ମୁଖ ନ ଫିଟାଇ, ଅନ୍ତରେ ପୁଣି
କରୁଣା ତୁମର କିଏ ହୁଏ ଗୁଣି,
ଆସ ତୁମେ ଥରେ, ମୋ ଆଖିର ନୀରେ ବନ୍ଦନ ଘେନା କର ।୩।

ସାରା ଦୁନିଆଁରେ କେହି ନାହିଁ ମୋର,
ସବୁରି ମନର ମୁଁ ଯେ ସାତପର,
ଶରଣ କେବଳ ଚରଣ-କମଳ, ସେହି ମୋର ଆପଣାର ।୪।

## ମରମ ମଝିରେ ବିରାଜିତ ତୁମେ

ମରମ ମଝିରେ ବିରାଜିତ ତୁମେ
ତେବେ ହେଲେ ଖୋଜି ମରେଁ
ଶୟନେ, ସ୍ୱପନେ,ଜାଗରେ, ଧିଆନେ
ଦରଶନ ନିତି ଝୁରେଁ |୦|

କାଞ୍ଚନ ମଣିର ବଦଳେ କାଚର-
କଣିରେ ଯତନ କରେ
କାହିଁ କାହିଁ ବୋଲି ସୁଖ ଖୋଜୁଥାଇ
ନ ଚାହିଁ ଅନ୍ତର-ଘରେ |୧|

ସୁରଧୂନୀ ନୀରେ ବୁଡି ନିରନ୍ତରେ
ଆଶା ପିଆସା ନ ମରେ,
ଜୀବ ଯିବ ମଣେ, ଉପାୟ ବିହୀନେ
ଚରଣ ତବ ସୁମରେ |୨|

ଅବଶ-ଜୀବନେ ଶକତି ମାଗୁଛି
ଯୋଡି କର ପଦତଳେ
ରୂପ ପରକାଶ ପାପରାଶି ନାଶ
ଯାଉ ଅନ୍ଧକାର ଦୂରେ |୩|

## ମହାମିଳନର ଭୂଇଁ

(ଏ ଯେ) ମହାମିଳନର ଭୂଇଁ
ହେ କରୁଣାମୟ! ଆସିଅଛ ଆଜି
ଭକ୍ତ ଭଗବାନ ହୋଇ ।୦।

ଅତୁଳ ମାଧୁରୀ ବିପୁଳ ବିଭବ
ଅନନ୍ତ ଆଶିଷ ଅସୀମ ଗୌରବ
କରୁଣା ଦାନରେ କରିଛ ସମ୍ଭବ
କରୁଣା ନୟନ ଫେରି ।୧।

ଦୁଃଖ ଜରଜର ମୋର ସୁରଗିତୀ
ଭରା ବସନ୍ତରେ ସ୍ନେହଝରା ପ୍ରୀତି
ମନ ଗହନ ରେ ମନ ମୋହନ !
ସେ କି ଛବି ଉଲ୍ଲସଇ ।୨।

କେତେ ରଜନୀ ସପନ ତୁଟିଛି
କେତେ ଜହ୍ନରାତି ଉଆଁସ କଟିଛି
ନିଦାଘ, ବରଷା, କାକରେ ତିନ୍ତିଛି
ତୁମ ଆସିବାର ଚାହିଁ ।୩।

ପାହାନ୍ତି ଉଷାରେ ଗୋଧୂଳି ରାଗରେ
ଫୁଲ ଆସନରେ ସାଜି ସରାଗରେ
ବିରହ ରାଗିଣୀ ଗାଇ ଆବେଗରେ
ଖୋଜିଛି ମନ ମନାଇ ।୪।

(ଆଜି) ଆକାଶେ ବତାସେ ବିପୁଳ ମହକେ
ନିଖିଳ ପରାଣେ ମରମ ପୁଲକେ
ମରମଛୁଆଁ ସେ ମଞ୍ଜୁଳ ଚରଣେ
କୋଟି ମଥା ଯାଏ ନଇଁ ।୫।

## ମିଳନ ମନ୍ଦିରେ ମୋର

ମିଳନ ମନ୍ଦିରେ ମୋର
ଆଶାପଥ ଚାହିଁ ବସିଛି ମୁଁ କେବେ ଆସିବ ଗୋ ମନଚୋର ।୦।

ଯୁଗ ଯୁଗ ଧରି କେତେ ମୁଁ ବନ୍ଦିଛି
କେତେ ଯେ ହସିଛି କେତେ ଯେ କାନ୍ଦିଛି
ତନୁ ମଳିନତା କେତେ ଯେ ପୋଛିଛି ନୀରବ ନୟନ ଧାର ।୧।

ସାଜିଲି ଶେଜ ମୁଁ ବେଦୀପରେ କେତେ
ଅଗଣାରେ କାନି ପାତିଲି ଏକାନ୍ତେ
ତୁମ ଚଲାପଦରଜ ବୋଲି ହୋଇ ପୂତ ହେବ ଏ ଶରୀର ।୨।

ରତନ ପ୍ରଦୀପ ଜାଳି ମୁଁ ରଖିଲି
ହେମ ଘଟେ ନଇବେଦ୍ୟ ସଜାଡିଲି
ନିରିଜନେ କେତେ ସାଇତି ରଖିଲି ନିରାଜନା ଉପଚାର ।୩।

ଗାଇବି ବୋଲି ମୁଁ ତବ ପ୍ରୀତି ଗୀତି
ବୀଣା ତାର କଲି ସୁରରେ ସଙ୍ଗତି
ସବୁ ସରାଗ ମୋ ମନ ବେଦନାରେ ହେଲା ଖାଲି ନାରଖାର ।୪।

ଏକା ଯେବେ କରି ରଖିବ ଜୀବନେ
ଦେଖାଦେବ ନାହିଁ ଅଛି ସତେ ମନେ
ଦୂରେ ଥିଲେ ଥାଅ, ଭରି ରଖ ତବ ସ୍ମୃତିରେ ମୋର ଅନ୍ତର ।୫।

## ମୁହଁ ସଂଜେ ହସି ଘାଟେ

ମୁହଁ ସଂଜେ ହସି ଘାଟେ ଡାକେ ତ ନାଉରୀରେ
ଆସ ବେଗେ କିଏ ହେବ ପାରି ।୦।

ଚଲାମେଘ ଉହାଡରେ ଚନ୍ଦ୍ରମା ଉଠେ
କୂଳରେ ରଜନୀ ଗନ୍ଧା ବାସ ଚହଟେ
କଳା ଭଉଁରୀକି ଦେଖି ଯାଆନା ଡରି ରେ
ଦୃଢମନ କଲେ ହେବୁ ପାରି ।୧।

ଦୁଇ କୂଳ ଲଂଘି ସୁଅ ଉଛୁଳି ଧାଏଁ
ଥଳକୂଳ କେଉଁ ଦିଗେ ଆଖି ନ ପାଏ
କାତ ମୋର ଅତି ଟାଣ ଦେବି ଉତାରୀ ରେ
ଧରି ମଙ୍ଗ କରିଦେବି ପାରି ।୨।

ଉଠ ଯେତେ ଲୋକ ଭୟ ବିଚାର ନାହିଁ
କର ଦେବ ଷୋଳପଣ ଉତାର ପାଇଁ
ମାଲ ମତା ଛାଡି ହୁଅନା ଭାରିରେ
ଏହି ନାବେ କରିଦେବି ପାରି ।୩।

ଏଠା ପରବାସ ଚିନ୍ତା ମନେ ଉଇଁ ରେ
ପହଞ୍ଚି ପାରିବନିକି ନିଜ ଭୂଇଁରେ
ଏକ ଲକ୍ଷ୍ୟେ ସ୍ମର ଭବ ନଦୀର କାଣ୍ଡାରିରେ
ସେହି ନାମେ ହୋଇଯିବ ପାରି ।୪।

## ମୋ ଅନ୍ତରେ ଯେତେ ବେଦନା ଗୁମରେ

ମୋ ଅନ୍ତରେ ଯେତେ ବେଦନା ଗୁମରେ ପରଶେ ତୁମରି ମନ
ବେଦନା ଅନ୍ତରୁ ଫେରି ଫେରି ଯାଏ ହେରି କରୁଣା ନୟନ ।୦।

ତୁମ ବେଣୁସ୍ୱନ ବାଜେ ମୋ ମରମେ
ଗୋପନେ ଗୋପନେ ବିଜନ କାନନେ
ବିଧୁର ବେଦନା ପାଶୋରି ବସେ ମୁଁ ହେରି ସେ ଚନ୍ଦ୍ରବଦନ ।୧।

ଅଧୀର ମନ ମୋ ସଧୀରେ ଖୋଜଇ
ମଧୁର ଲଗନେ ଆସିବ କି ସାଇଁ
ପୂଜିବାକୁ ରଙ୍ଗଶ୍ରୀଚରଣ ଦୁଇ ବସିଛି ପାତି ଆସନ ।୨।

ପାଇ ନାହିଁ ବୋଲି ବାଧି ନାହିଁ ମୋତେ
ଭେଟୁଛି ଅନ୍ତରେ ଗୋପନେ ଗୁପତେ
ପ୍ରଣମି ତୁମକୁ ବସିଛି ଦେବତା ଭେଟିବାକୁ ଘନ ଘନ ।୩।

ଆବାହନ କରେ ଆସ ହେ ଦେବତା
ନ କହିବି ଆଉ ବେଦନାର କଥା
ଆସ ପ୍ରିୟତମ ମନ କୁଞ୍ଜବନେ ପୂଜିବି ରଙ୍ଗ ଚରଣ ।୪।

## ମୋତେ ସେହି ରୂପେ ଦିଅ ଦରଶନ

ମୋତେ ସେହି ରୂପେ ଦିଅ ଦରଶନ
ଚେତି ଉଠି ଫୁଟେ ହେରି ଯାରେ ମଉଳା ସୁମନ ।୦।

ଅମାଘେରା ମନ ମେଘେ ଯେ ରୂପ ହସାଏ ଚାନ୍ଦ
ଭକତ ମାନସ ଘରେ ଜଗାଏ ପରମାନନ୍ଦ
ଶୋକ ତାପ ଦୂରେ ଘୁଞ୍ଚେ ଲଭି ଯାର ପରସନ୍ନ ।୧।

ଜୁଆର ଉଠଇ ପ୍ରେମ ଦରିଆରେ ନିଶିଦିନ
ଯେ ମୂରତି ଉଦୟରେ ବିଳୟ ନାହିଁ ଲିଖନ
ନୟନ ଖୋଜଇ, ସେହି କମଠାମ ବିଲୋକନ ।୨।

ଜଗତର ପାପଭୟ ହେରି ଯାରେ ଅପସରେ
ଲାଜ-ଡର-ଭୁଲା ସେହି ମୂରତି ମନ-ମୋହନ
ଆଖି ତାରା ଖୋଜି ବୁଲେ କାହିଁ ସେହି ଅପଘନ ।୩।

ବାଉଳା ହେବି ଯେ ରୂପ ହେରି ଶୟନେ, ସ୍ୱପନେ
ନାଚିବି ପ୍ରେମ ବିଭୋରେ ଯାହାର ନାମ ଗାୟନେ
କାନ ନୟନ ବିବାଦ ଯା ଦେଖି ହେବ ଭଞ୍ଜନ ।୪।

## ମୋର ମନର ଠାକୁର

ମୋର ମନର ଠାକୁର ଆଜି ଆସିବେ, ସତେ ଆସିବେ
ପଥ ଚାହିଁ ବସିଛି ମୋ ମନ ତୋଷିବେ, ଆଜି ଆସିବେ ।୦।

ତାଙ୍କୁ ଆଦରେ ପୂଜିବି ଧୋଇ ଚରଣ
ତାଙ୍କ ଅଭୟ ପଦରେ ନେବି ଶରଣ
ମୋର ଚପଳତା ଦେଖି କେତେ ହସିବେ, ଆଜି ଆସିବେ ।୧।

ମୋର ହୃଦୟ ସିଂହାସନେ ବସାଇବି
ତାଙ୍କୁ ନୂଆ ନୂଆ ବେଶରେ ସଜାଇବି
ବିଶ୍ୱ ବିମୋହନ କି ସୁନ୍ଦର ଦିଶିବେ, ଆଜି ଆସିବେ ।୨।

ତାଙ୍କ ଚରଣେ ଲଗାଇ ବାସ ଚନ୍ଦନ
ପ୍ରୀତି ଭକତି ଭରେ କରିବି ବନ୍ଦନ
ମୋର ଭାବରେ ଅଭାବ ହେଲେ ରୁଷିବେ, ଆଜି ଆସିବେ ।୩।

ତାଙ୍କୁ ରୁଚିକର ଭୋଗ ଦେବି ଭୁଞ୍ଜାଇ
ପ୍ରୀତି ପଲଙ୍କରେ ଦେବି ତାଙ୍କୁ ଶୁଆଇ
ମୋର ବିରହ ବେଦନା ଯେତେ ନାଶିବେ, ଆଜି ଆସିବେ ।୪।

ମୋର ଭଙ୍ଗା କୁଟୀର ଭାଗ୍ୟ ଫେରିବ
କେତେ ଜନମ ବାସନା ମୋର ପୂରିବ
ମୋର ନୟନେ ଲୋତକ ଦେଖି ରସିବେ, ଆଜି ଆସିବେ
ସେ ଯେ ଭାବ ବିନୋଦିଆ ଭାବ ବୁଝିବେ, ଆଜି ଆସିବେ ।୫।

## ଯେତେ ଅପରାଧ ମୋର କ୍ଷମା କରିଦିଅ ହେ

ଯେତେ ଅପରାଧ ମୋର କ୍ଷମା କରିଦିଅ ହେ
ପୋଛି ଆଖି ଲୁହ ଧାର ବୁକେ ତୋଳି ନିଅ ହେ ।୦।

ଯାହା କିଛି ସୁଖ ବୋଲି ଭାବିଥିଲି ସଂସାରେ
ମିଛ ମରୀଚିକା ଭଳି ଗଲା ଚାଲି ଅଚିରେ
ବେଦନାର ଗୁରୁଭାର ସହିତ ହୁଏନା ଆଉ
ଯେତେ ବ୍ୟଥା ମରମର ସବୁ ପୋଛି ନିଅ ହେ ।୧।

ଦରଦୀ ସଖା ଗୋ ତୁମ କରୁଣାର ପରଶେ
ଭରିବ ମୋ ଭଙ୍ଗା ମନ ପୁଣି ନୂଆ ହରଷେ
ତୁମ ମଧୁ ହାସ ଦେଖି ବୁଝିବି ମୁଁ ତୁମ ଆଖି
ମୁଁ ତୁମର ବୋଲି ପ୍ରଭୁ ବାରେ କହଦିଅ ହେ ।୨।

ଆସିବ କେବେ ଗୋ ପଥ ଚାହିଁଛି ମୁଁ ଆତୁରେ
ଏ ଜନମେ ଅବା ପୁଣି ମରଣର ସେପାରେ
ଶକତି ଦିଅ ହେ ନାଥ ଚାଲିବାକୁ ଅବିରତ
ଏ ଜନମ ମରୁ ପଥେ ତୁମେ ସାହା ହୁଅ ହେ ।୩।

## ରଙ୍କଧନ ତୁମେ ମୋର ଜୀବନ ସଞ୍ଜାଳି

ରଙ୍କଧନ ତୁମେ ମୋର ଜୀବନ ସଞ୍ଜାଳି
(ମୁଁ) ଉନିଦ୍ର ନିଶିଥେ ବସେ ଯାହା କଥା ଭାଳି ।୦।

ତୁମ ସ୍ମୃତି ମୋର ଜାଗର ଦୀପାଳି
ଚେତନେ ସ୍ୱପନେ ତୁମ ନାମ ଜପାମାଳି ।୧।

ତୁମ ଅଭିସାରେ ଗୁନ୍ଥେ ଫୁଲମାଳି
ପଥ ଚାହିଁ ବସେ କାଳେ ଆସିବ କି ଭାଳି ।୨।

କେତେ ଆଶା ଭରେ ନଇବେଦ୍ୟ ଥାଳି
ପୂଜିବାକୁ ଧରେ ବସି କୁସୁମ ଅଞ୍ଜଳି ।୩।

ଅତି ସଂଗୋପନେ ଡାକେ ଆସ ବୋଲି
ଚାହିଁ ଥରେ ଭାସିଯିବ ପଦେ କଥା ଖାଲି ।୪।

ଅବିଶ୍ୱାସ ସଂଶୟକୁ ପୋଡି ଜାଳି
ଆଶାପଥେ ବସିଥିବି ନେତ୍ର ନୀର ଢାଳି ।୫।

## ଶିଶିର ଭିଜା ଏ ଶରତ ପ୍ରଭାତେ

ଶିଶିର ଭିଜା ଏ ଶରତ ପ୍ରଭାତେ ମଧୁସୁରେ କିଏ ଡାକେ
ଅତି ପରିଚିତ ଲାଗେ ସେହି ସ୍ୱର ଶୁଭେ ବାତାୟନ ପଥେ ।୦।

କି ମଧୁର ସତେ ଲାଗେ ସେହି ସ୍ୱର
ଶ୍ରୁତି ମୋ ଅଧୀରେ ଶୁଣେ ବାର ବାର
ଭରା ଯମୁନାର କଦମ୍ବ ପୁଳିନେ ଧାଉଁଛି ମନ ସରାଗେ ।୧।

ସ୍ମୃତି ବିଜଡିତ ଏ ଯମୁନା କୂଳ
କୁଞ୍ଜ କାନନରେ ଲୁଚକାଳି ଖେଳ
ରହି ରହି ଆଜି ପଡୁଅଛି ମନେ ମିଳନ ରାଧିକା ସଙ୍ଗେ ।୨।

ଭାରି ଅଭିମାନୀ ବୃଷଭାନୁ ସୁତା
ବିରହ ଜ୍ୱାଳାରେ ବଢୁଛି ତନୁ ତା
ନୟନେ ଲୋତକ ଲହରୀ ଭାଙ୍ଗୁଛି ପ୍ରୀତି ପ୍ରଣୟ ଆବେଗେ ।୩।

ଛଳନା ତେଜ ହେ ଶ୍ୟାମ ନଟବର
ହେ ରାଧାରମଣ ! ଯୋଡି ବେନି କର
ଏ ମନ-ରାଧିକା ସମର୍ପି ନିଜକୁ ଶ୍ରୀପଦେ ଶରଣ ମାଗେ ।୪।

## ଶୁଭ-ମିଳନ-ବାସରେ

ଶୁଭ-ମିଳନ-ବାସରେ
ଆସ ଆସ ନର- ରୂପୀ ଭଗବାନ
ଅନ୍ଧାର ଯାଉ ଦୂରେ ।୦।

ଚରଣ-କମଳ ନୁପୂର-ବାଦନେ
ବିଜେ କର ପ୍ରଭୁ ହୃଦୟ-ଆସନେ
ପୂର୍ଣ୍ଣ କର ହେ ମନର ବାସନା, ପଦ ଦରଶନେ ଥରେ ।୧।

ତାପିତ ପରାଣ ହେଉ ସୁଶୀତଳ
ଧ୍ୱଂସଲୀଳାର ଡମ୍ବରୁ ରୋଳ
ବାଜୁଛି କାନରେ ଥରୁଛି ପରାଣ ଦଳିଦିଅ ପଦତଳେ ।୨।

ମୋହ-ମାୟାଘେରା ତନୁ ମନସାରା
ମରଣ-ସ୍ମରଣେ ଚିର ଭୀତ ପରା
ଶୁଣାଇ 'ମା ଭୈଃ' ବାଣୀ ହେ ଠାକୁର ! ଚିତ୍ତ ଭରିଦିଅ ବଳେ ।୩।

ସେବକ-ସେବିକା ସର୍ବେ ହୋଇ ଠୁଳ
ଜଣାକରୁ ପ୍ରଭୁ ! ଆଜି ଯୋଡି କର
ଯେତେ ଅପରାଧ କ୍ଷମା କରି ଦେବ ! ଠାବ ଦିଅ ପଦତଳେ ।୪।

## ସକାଳେ ସଂଜେ ଜୀବନ କୁଞ୍ଜେ

ସକାଳେ ସଂଜେ ଜୀବନ କୁଞ୍ଜେ ତୁମ ମୁରଲୀ ବାଜେ
ତୁମ ଆରତୀ ତୁମରି ଗୀତି ଗାଇ ତୁମକୁ ଖୋଜେ ।୦।

ତୁମେ ନିକଟ ଦୂରେ ନାହିଁ ବନ୍ଧୁ କେଉଁଠି ଅଛ କୁହ
ଧୀରେ ଧୀରେ ମୋ କାନେ ଶୁଭୁଛି
ଚକିତେ ଚାହିଁ ଚେଇଁ ଉଠୁଛି
ନିମିଷେ କାହିଁ ହଜେ ।୧।

ଦେଖିବି ବୋଲି ଥରେ ଏଇ ମୋ ମନ ଘରେ
ଜାଗର ଜାଳି ପାରିଲି ନାହିଁ
ଲିଭିଲା ଦୀପ ବତାସୀ ହୋଇ
ଫେରିଲି ମୁହିଁ ଲାଜେ ।୨।

ତୁମେତ ଜାଣ ସାଇଁ ମୋର ସାଧନ ବଳ ନାହିଁ
ତୁମ ଗୀତରେ ପରାଣ ଭରେ
ଭଜନ ସୁରେ ଦିନ ମୋ ସରେ
ଲୁହରେ ଆଖି ଭିଜେ ।୩।

(ତୁମେ) ଆସିବ ବୋଲି ଜାଣେ (ଦିନେ) ହସିବ ମନ କୋଣେ
ମନ ବୀଣାରେ ସୁର ବାନ୍ଧିଛି
ସେହି ଦିନକୁ ଚାହିଁ ରହିଛି
ତୁମ ଗୀତରେ ମଜେ ।୪।

## ସଜାଡ ଯତନେ ମରମ-ଆସନ

ସଜାଡ ଯତନେ ମରମ-ଆସନ କମଳଦଳରେ ସାଜି
ଗୋଳି ରଖ ଚୂଆ ଚନ୍ଦନ ମନ-ଭକତି ଜଳରେ ଆଜି ।୦।

କଣ୍ଠରେ ସୁର ଭରି
ତାହାରି ଗୁଣ ସୁମରି
ଗାଅ ସେହି ଗୀତ, ମରମରେ ତା'ର ମଧୁତାନ ଯିବ ବାଜି
ସେହି ଏକା ଜୀବ-ପରମ ନାୟକ ସତତ ଥାଏ ବିରାଜି ।୧।

ଧରାରେ ସେ ଏକା ଦୟାର ଠାକୁର; ଜୀବନ ମରଣ-ସାଥୀ
ଜଗତ ଜଞ୍ଜାଳେ ଘୁମ ନାହିଁ ତା'ର ନାହିଁ ତା'ର ଦିନରାତି
ଅର୍ଚ୍ଚନା କର ତା'ର
ବଞ୍ଚନା ନାହିଁ ଯା'ର
ପାପ-ତାପ ଭବ-ବନ୍ଧନହାରୀ ସେହି ରେ ଜୀବର ଗତି
ଯାବତ ଦୁଃଖର ଅବସାନ କରି, ସେହି ରେ ଦେବେ ମୁକତି ।୨।

ବନ୍ଦନ କର ଚରଣଯୁଗଳ ଅରପି ଭକତି ଫୁଲ
ମଧୁରୁ ମଧୁର ଅମୀୟଝରା ସେ ପଦତଳ, ନାହିଁ ତୁଲ
ସେହି ଏକା ସାଥୀ ତୋର
ଆଉ ଯେତେ ସବୁ ପର
ଶମଶାନ ଯାଏ ଯିବେ ବନ୍ଧୁଜନ, ଏ କଥା ମନୁ ନ ଭୁଲ
ଦଦରା ନାଆ ତୋ ଝଞ୍ଜା-ବତାସୀରେ କୂଳେ ନେବେ ଆଦିମୂଳ ।୩।

## ସଞ୍ଜ ଆସୁଛିରେ

ସଞ୍ଜ ଆସୁଛି ରେ, ଦୂରପଥ ଯାତ୍ରୀ
ଚାହୁଁ ଚାହୁଁ ଘୋଟିଯିବ ଘୋର କାଳରାତ୍ରି ରେ ।୦।

ଦେଖିଲେ ବିଚିତ୍ର ବର୍ଣ୍ଣ, ଝଲସି ଯାଏ ନୟନ
ରହିବନା କ୍ଷଣକରେ ମଞ୍ଜର ଏ ଭାତି ରେ ।୧।

ହଜିଯିବ ଏ ଚେତନା, ଉଡିଯିବ ଉନ୍ମାଦନା
ଗ୍ରାସିଯିବ ଅନ୍ତିମର ଘୋର ମୋହ-ଭ୍ରାନ୍ତି ରେ ।୨।

ଏହି ଧନ ଜନ ବଳ, ତହିଁ ନୋହିବେ ସମ୍ବଳ
ସଜାଗ ଚେତନା ଏକା ସେହି ପାରେ ସାଥି ରେ ।୩।

ସଜହୁଅ ବେଳ ଥାଉଁ, ଆଶ୍ରେକର ମହାବାହୁ
ଲଢିବାକୁ ହେବ ପଥେ କରାଳ ଅରାତି ରେ ।୪।

କରି ଚେତନା ସଞ୍ଚାର, ଘୁଞ୍ଚାଇବେ ଅନ୍ଧକାର
ଦେଖାଇବେ ପଥ ଆଗେ ହିରଣ୍ମୟ ଜ୍ୟୋତି ରେ ।୫।

ଅମୁହାଁ ଦେଉଳେ ପଶି, ପୁହାଇବୁ କ୍ଷଣେ ନିଶି
ଭାଙ୍ଗିଦେବ ମୋହ ନିଦ୍ରା ବିମଳ ପାହାନ୍ତି ରେ ।୬।

## ସଞ୍ଜ ଦୀପାଳୀ ମୁଁ ଅନାଇ ବସିଛି

ସଞ୍ଜ ଦୀପାଳୀ ମୁଁ ଅନାଇ ବସିଛି
ସଞ୍ଜ ଆସିବା ପାଇଁ
ଆଖିର ଲୁହରେ ଦୀପ ସଜାଇଛି
ପ୍ରିୟଙ୍କୁ ବନ୍ଦିବା ପାଇଁ ।୦।

ସକାଳ ସଳିତା ଜଳି ମୁଁ ଯାଇଛି
ପାଇନାହିଁ ଦରଶନ
କିପରି ପାଇବି ସେ ଶୁଭ ମୁହୁର୍ତ୍ତ
କରିନାହିଁ ଏତେ ପୂଣ୍ୟ ।୧।

ଜୀବନଯାକର ସବୁ ଆବିଳତା
ଅନୁତାପେ ଦେଲି ପୋତି
ଶେଷ ଜୀବନର ସାୟାହ୍ନ କାଳରେ
ମାଗୁଛି ମୁଁ ହାତ ଯୋଡି ।୨।

ଦିଅ ଦରଶନ ହେ ପ୍ରାଣ ଠାକୁର
ଜୀବନର ଜ୍ୟୋତି ମୋର
ସାର୍ଥକ ହୋଇବ ଏ କ୍ଷୁଦ୍ର ଦୀପାଳୀ
ପରଶି ରଙ୍ଗ ପୟର ।୩।

## ସଞ୍ଜ ବେଳେ ତୁମ କଞ୍ଜ ପଦ ତଳେ

ସଞ୍ଜ ବେଳେ ତୁମ କଞ୍ଜ ପଦ ତଳେ
ଟିକିଏ ଥାନ ଦେବ ଦେବ କି ହେ?
ସାଗର ଛଳ ଛଳ ମୋ ତରୀ ଟଳ ମଳ
ଆର ପାରିକି ବାହିନେବ କି ହେ? ।୦।

ଏଇ ଯେ ଝଡ ରାତି ଝଞ୍ଜା ଉଠେ ମାତି
ବିଜୁଳି ଘନ ଘନ ଚମକି ପଡେ ଛାତି
ହେ ମୋର ଚିର ସାକ୍ଷୀ! ଏ ଦୁଖଃ କେତେ ବାକି
ମନାଇ ବାରେ କହି ଦେବ କି ହେ? ।୧।

ବାରେକ ନେତ୍ର ଢାଳି ଦେଖ ହେ ପଦ୍ମମୁଖ
ଭବ-ସାଗରେ ମୋତେ ପଡିଛି କେତେ ଦୁଃଖ
ଆରତ ସୁରେ ଆଜି ଡାକୁଛି ରଖ ବୋଲି
ରାହା ବତାଇ ସାହା ହେବ କି ହେ? ।୨।

ତାରିବ ନାହିଁ ଯେବେ ପାରିବ କିଏ ଆଉ?
ତୁମେ ତ କର୍ଣ୍ଣଧାର ତୁମେ ତ ମହାବାହୁ
ଦଦରା ଡଙ୍ଗାର ଏ ଭଙ୍ଗା ଆହୁଲା ଖଣ୍ଡି
ନିଜ ହାତକୁ ଟେକି ନେବ କି ହେ? ।୩।

## ସଞ୍ଜ ସମୀରଣେ

ସଞ୍ଜ ସମୀରଣେ, ମୃଦୁଳ କଂପନେ, ଆସ ଫୁଲେ ଫୁଲେ ବାସି ହେ
ମନ୍ଦିରେ ମନ୍ଦିରେ, ହୃଦୟ-କନ୍ଦରେ ଖେଳାଇ ସୌରଭରାଶି ହେ ।୦।

କୁଟୀର ଦୁଆରୁ ଫିଟାଇ ଅର୍ଗଳି,
ପାତିଛି ଆସନ ଆସିବ ତ ବୋଲି
ଧୂପ ଦୀପ ଗନ୍ଧ ଦୀନ ନଇବେଦ୍ୟ ପୂର୍ଣ୍ଣ କର ସବୁ ଆସି ହେ ।୧।

ଜୀବନ ଚହଳ ନୀରବ ହେଲାଣି
ପୁରେ ଗ୍ରାମେ ଘରେ ଶାନ୍ତି ରାଜିଲାଣି
ସନ୍ଧ୍ୟା-ବନ୍ଦନାର ଅନୁଷ୍ଟୁପ ଛନ୍ଦେ ଆସ ଓଁକାରରେ ମିଶି ହେ ।୨।

ଭକତ ବତ୍ସଳ ବୋଲି ମୁଁ ତୃପତ
ନୁହେଁ କେବେ ଦିନେ ହୋଇ ନାହିଁ ଭକ୍ତ
ପତିତପାବନ ରୂପେ ଆସ ତାରି ପତିତ ଜଗତବାସୀ ହେ ।୩।

କଳୁଷ କଳଙ୍କ ଗୋଟି ଗୋଟି କରି
ନିବେଦିବି ଆଗେ ଅନୁତାପ ଭରି
ପ୍ରାରବ୍ଧ ସଙ୍ଗତେ ତବ ଇଚ୍ଛା ଧରି ଆସ ଆଶିଷ ବରଷି ହେ ।୪।

ଜାଗରଣେ ଧ୍ୟାନ ସ୍ୱପନେ ସାଧନ
ହୋଇ ଆସ ମୋର ନିଦ୍ରାରେ ଚେତନ
ଅନ୍ତର ବାହାର ସକଳ ସମାନ କର ଜ୍ୟୋତି ପରକାଶି ହେ ।୫।

## ସରଗ ଦେବତା ଆସି ପ୍ରୀତି ବଂଶୀ ବାଏରେ

ସରଗ-ଦେବତା ଆସି
ପ୍ରୀତି ବଂଶୀ ବାଏ ରେ
ସରାଗ ଭରା ସେ ସୁରେ
ପୁଲକ ଜଗାଏ ରେ |୦|

ତା କୋମଳ ସୁଧାବାଣୀ
ମରମ ନେଉଛି କିଣି
ତା ମଧୁ ମଞ୍ଜୁଳ ଠାଣି
ପ୍ରାଣ-ମନ ମୋହେ ରେ |୧|

ମୋ ମାନ ଗରବ ଦମ୍ଭ
ଭାଜଇ ତା ପାଶେ ସର୍ବ
ତା ଚାହାଣି ଅନଳେ ମୋ
ତନୁ ମନ ଦହେ ରେ |୨|

ମୁଁ ନାସା ସେ ଯେ ନିଃଶ୍ୱାସ
ମୁଁ ତୃଷ୍ଣା ସେ ଯେ ପୀୟୂଷ
ତା ବିହୁନେ ମୋ ଜୀବନ
ମରଣ ପରାୟେ ରେ |୩|

ଆଖି ଖୋଜେ ସେ ମୂରତି
ବୁକୁ ଖୋଜେ ତା ପୀରତି
ମଥା ଖୋଜେ ରହିବାକୁ
ଶ୍ରୀପଦ ଆଶ୍ରୟେ ରେ |୪|

ତା ଦୟା-ଦୁଆରେ ଅଳି
ଦେଇ ଅଶ୍ରୁ-ଅର୍ଘ୍ୟାଞ୍ଜଳି
ତା ପଦ-ପଙ୍କଜେ ଯେହ୍ନେ
ଶିର ମୋର ଶୋହେ ରେ |୫|

## ସରାଗେ ଆଜି ସଜାଅ ଶେଯ

ସରାଗେ ଆଜି ସଜାଅ ଶେଯ
ଆସିବେ ଗୋ ପୁରେ ରସିକ ରାଜ ।୦।

ସେ ରୂପ ଲାବଣ୍ୟ ହେରିବ ନେତ୍ର
କଣ୍ଠେ ଭରିବ ସେ ମଧୁ ସଂଗୀତ
ଚଉଦିଗ ଅଙ୍ଗ ବାସେ ମହକିବ ପାରିଜାତ ଗନ୍ଧ ପାଇବ ଲାଜ ।୧।

ବିଚାରୁଛି କେତେ ରଜନୀ ଦିନ
ମରମ କଥା କରିବି ବୟାନ
ନୟନେ ସେ ରୂପ ନିରେଖିଲେ ଥରେ ମଉଳି ଯିବ ତ ବିଷାଦ ତେଜ ।୨।

ଦୁଃଖର ବତାସ ଦେହ ଛପା-ଦେବ
ଶୁଭ ପରଭାତେ ଏ ଜୀବନ ନାବ
ସେ ପ୍ରେମ ତରଙ୍ଗେ ନାଚିବ ଲେଳିବ ଖୋଜିବ ତାହାର ଚରଣ ରଜ ।୩।

ନିରେଖି ନୟନେ ସେ ରୂପ ମଧୁର
ଜୀବନର ସବୁ ଦୁଃଖ ହେବ ଦୂର
ପର ଦୁଃଖେ ଦୁଃଖୀ ପର ସୁଖେ ସୁଖୀ ହେବାକୁ ଏ ଜୀବ ହୋଇବ ସଜ ।୪।

## ସାରା ଜୀବନର ଯେତେକ ଶକତି

ସାରା ଜୀବନର ଯେତେକ ଶକତି ସଜଳ ମୁଁ ଠୁଳ କଲି
ମରମ-ବେଦୀରେ ତୁମ କମନୀୟ ମୂରତି ଥାପିବି ବୋଲି
ନ ପାରିଲି ନ ପାରିଲି
କେତେଦିନ, କେତେରାତି ଗଲାବିତି ହାରିଗଲି, ହାରିଗଲି ।୦।

କେହି ନ ଜାଣିବେ, କେହି ନ ଦେଖିବେ, ଖେଳିବି ମୁଁ ତୁମ ତୁଲେ
ସେ ଖେଳ ଜଗତେ ମୋର ବିନେ କେହି ଶିଖିନାହିଁ କେବେ ହେଲେ
ଲୁଚି ଲୁଚି, ଲୁଚି ଲୁଚି
ତରକି ତରକି ଚାହିଁ ଦେଖୁଥିବି ତୁମ ପାଇଁ ମାଳା ରଚି ।୨।

ମାଗୁଣି ଏତିକି ରଖ ଜୀବଧନ ! ହୃଦୟ ମନ୍ଦିରେ ବସ
କମଳ-ଚରଣ ପୂଜିବି, ପୂରିବ ଏ ମନର ଯେତେ ଆଶ
ଆସ ଆସ, ଆସ ଆସ
ରୂପ ହେରି, ମନେ ମୂରତି ଆଙ୍କିବି ନ କର ମୋରେ ନିରାଶ ।୧।

ଦୁନିଆ ଆଖିରେ ଅଦେଖାରେ କରି ତୁମ ରୂପ ବିରଚନ
ଜୀବନ ପଣରେ ସାଇତି ରଖିବି କରି ମୋର ଗଣ୍ଠିଧନ
ରୁଣୁ ଝୁଣୁ, ରୁଣୁ ଝୁଣୁ
ବାଜୁଥିବ ତୁମ ଚରଣ ନୂପୁର ଝାମ ଯିବି ଶୁଣୁ ଶୁଣୁ ।୩।

## ସୁରୁଜ ବୁଡ଼ିଲା ବାରୁଣୀ ମା' ଅଙ୍କେ

ସୁରୁଜ ବୁଡ଼ିଲା ବାରୁଣୀ ମା' ଅଙ୍କେ ସନ୍ଧ୍ୟା ଆସିଲା ନଇଁ
ସଘନ କାଳିମା ଗଗନ ଛାଇଲା ଧୂମ୍ର ପଟଳ ଦେଇ ।୦।

ଧୂଳିଧରଣୀର ମଳିନ ଆଲୋକ
ଲିଭାଇ ଦେଲାଣି ଆଶାର ପୁଲକ
ସଜାଇ ଆସନ ଡାକ ପ୍ରିୟତମେ ସନ୍ଧ୍ୟା ବନ୍ଦନା ଗାଇ ।୧।

ଦିଗନ୍ତ ବିଦାରି ବିଷାଦ ବଇଁଶୀ
ନିରାଶ ପରାଣେ ବାଜିଲାଣି ଆସି
ଲିଭି ଲିଭି ଆସେ ଜୀବନ ସଳିତା ବିପୁଳ ବାସନା ନେଇ ।୨।

ପୂଜିବା ଶ୍ରୀଗୁରୁ ପଦେ ନିଉଛାଳି
ସଜାଅ ଆରତି ବନ୍ଦନା ଥାଳି
ବଜାଅରେ ଶୁଭ ଶଙ୍ଖ ଘଣ୍ଟ, ଭେରୀ, ଧୂପ ନଇବେଦ୍ୟ ଦେଇ ।୩।

ଚାହୁଁ ଚାହୁଁ କାଳ ରାତିଆସେ ମାଡି
ଅଜ୍ଞାନ ଅନ୍ଧାରେ ଯିବା ପଥ ବୁଡି
ଜୀବନ ସଞ୍ଚରେ ଡାକ ନାଉରୀରେ ଭବ ନଦୀ ପାର ପାଇଁ ।୪।

## ସୁନ୍ଦର ଫୁଲହାର ଗୁନ୍ଥିଛି ପ୍ରେମସାଗର

ସୁନ୍ଦର ଫୁଲହାର ଗୁନ୍ଥିଛି ପ୍ରେମସାଗର
ପ୍ରେମ ଭରେ ଲମ୍ବାଇବି ଗଳେ
କିବା ଦିବା କିବା ନିଶି ଜାଗି ମୁଁ ରହିଛି ବସି
ଲୋଟିବାକୁ ଶ୍ରୀଚରଣ ତଳେ ।୦।

ଶୁକପିକ ଚକବାକ ଏ ବନ ବିହାରୀ
ସବିନୟ ସମର୍ପଣ କରନ୍ତି ଗୁହାରି
କୁହୁ କୁହୁ କୁହୁ ତାନ ଶୁଣ ଶୁଣ ସଖୀ ଗଣ
କଂପିଉଠେ ବନଲତା କୋଳେ
ଲୋଟିବାକୁ ଶ୍ରୀଚରଣ ତଳେ ।୧।

ଜୁଇ ଜାଇ ହେନା ଆଦି ବଣର ମାଳତୀ
ଯୋଡହସ୍ତେ ଉଭା ଦେଖ ଅପୂର୍ବ ଭାରତୀ
ପ୍ରୀତି ହସ୍ତେ ପ୍ରୀତିପର୍ଣ୍ଣ ଅପରୂପେ ସପ୍ତବର୍ଣ୍ଣ
ଶ୍ୱେତ ପଦ୍ମ ସାଜେ ଶତଦଳେ
ଲୋଟିବାକୁ ଶ୍ରୀଚରଣ ତଳେ ।୨।

ଜୋଛନାରେ ଛନ୍ନ ଛନ୍ନ ଏ କୁଞ୍ଜ ବଲ୍ଲରୀ
ହିଲ୍ଲୋଳିତ ତନୁ ମନ ଆନନ୍ଦ ଶର୍ବରୀ
ଚେତି ଉଠି କଥା କହେ ପ୍ରାଣପଣେ ଜଡ ଦେହେ
ନିତ୍ୟ ପଭା ନବ ଦୂର୍ବାଦଳେ
ଲୋଟିବାକୁ ଶ୍ରୀଚରଣ ତଳେ ।୩।

ଘନ ଘନ ଶିହରଣ ଚେତା ଅଚେତା ରେ
ଛାଇ ଆଲୁଅ ର ଖେଳ ଅନ୍ତରେ ବାହାରେ
ଲିଭିଲାଣି କୋଳାହଳ ଏଇ ଆସିବାର ବେଳ
ଆସ ସଖୀ ଆସ ସଖୀ ମେଳେ
ଲୋଟିବାକୁ ଶ୍ରୀଚରଣ ତଳେ ।୪।

ଧନ୍ୟ ଧନ୍ୟ ଏ ଜୀବନ ଦେହ ମନ ପ୍ରାଣ
ସାର୍ଥକ ହୋଇବ ଦେଖି ଗୁରୁ ନାରାୟଣ
ନାଚି ନାଚି ନିତ୍ୟାନନ୍ଦେ 'ଜୟଗୁରୁ' ଛନ୍ଦେ ଛନ୍ଦେ
ଭେଟି ଦେବା ନୟନର ଜଳେ
ଲୋଟିବାକୁ ଶ୍ରୀଚରଣ ତଳେ ।୫।

## ହେ ଦେବତା ! ଏତିକି ମାଗୁଣି ଖାଲି

ହେ ଦେବତା ! ଏତିକି ମାଗୁଣି ଖାଲି
ଘୁମର ଅମଳ ତୁଟାଇ ଦିଅ ହେ, ଚାହିଁବି ନୟନ ମେଲି |୦|

ପିତା ପରା ତୁମେ,ନ ହୁଅ ନିଠୁର
ଭେଟିବି ବୋଲି ମୁଁ ନିରତ ଆତୁର
ଆଶିଷ ତୁମର ପାଉଛି ସତତ, ଖୋଜେ କାହିଁ ତୁମେ ବୋଲି |୧|

ରହି ଦୂରେ-ଦୂରେ ଅଗୋଚର କାହିଁ
ସୁଖ ଦୁଃଖ ଭଲ ମନ୍ଦ ବୁଝ ସାଇଁ
ଦେଖି ତ ନ ପାରେଁ ଆଖିରେ ମୋହର, ଭରିଛି ମୋହର ବାଲି |୨|

ଏ କି ଜାତି ପ୍ରେମ ବୁଝି ତ ନ ପାରେଁ
କଳନାକୁ ଜ୍ଞାନ, ବୁଦ୍ଧି , ମତି ହାରେ
ଛଳନା ନ କର, କରୁଣାମୟ ହେ ! ଝୁରି ଝୁରି ନିତି ମଲି |୩|

## ହେ ନରଦେବତା ! ଆସ

ହେ ନରଦେବତା ! ଆସ
ତୁମେପରା ଜନ-ଭାଗ୍ୟ ବିଧାତା, ନ କର ଆଜି ନିରାଶ ।୦।

ଧାରା ଶିରାବଣ ଝରେ ବାରିଧାର
ପୁନେଇଁର ଚାନ୍ଦ ହସେ ଦରଦର
ଏପରି ଦିନେ ତ ଆସିଥିଲ ତୁମେ
ଧରା ରେ, କରି ସରସ
ଆଜି ଆମ ଡାକ ନ ଶୁଭେ କାନେ କି
କହ ଅମର-ପୁରୁଷ ! ।୧।

ଗୋଟିଏ ରୂପରେ ଜନମ ହୋଇଲ
କୋଟିଏ ରୂପରେ ପରକାଶ ହେଲ
ଭକତ ପରାଣେ ଆଜି ତ' ବହୁଛି
ତୁମରି ସେହି ନିଃଶ୍ୱାସ
ଯୁଗର ବାରତା କାନେ କାନେ କହି
ବିରାଜୁଛ ଦେଶ ଦେଶ ।୨।

ତୁମରି ସନ୍ତାନ ଆଜି ଅଶରଣ
କାତରେ ମାଗଇ ଅଭୟ ଚରଣ
ଭେଟି ମୁଁ ଚରଣେ ପ୍ରାଣ ନିବେଦନ
ସାରା ଜୀବନ ଉଚ୍ଛ୍ୱାସ
ନର-ନାରାୟଣ ! ପ୍ରଣିପାତ ଘେନ
ଏତିକି ମନର ଆଶ ।୩।

## ହୃଦୟ-କମଳ ଆସନ ପାତି

ହୃଦୟ-କମଳ ଆସନ ପାତି
ବସାଅ ରେ ! କରି ଯତନ ଅତି
ଜଳାଇ ତୁ ପଞ୍ଚମନର ବତୀ
ତିନି ସଞ୍ଜେ କର ନିତି ଆରତି ଯେ,
ଭରି ତୁ ପରାଣ ମନ ଯେ,
ସେଇ ଅନୁପମ ଜୀବନ-ବନ୍ଧୁଆ କର ତା' ମହିମାଗାନ |୧|

ଧୋଇ ଦିଅ ସେହି ରଙ୍ଗ ଚରଣ
ନୟନ ନୀରରେ କର ବରଣ
ମାଗ ପଦ ତଳେ ଚିର ଶରଣ
(ସେ ଯେ) ପତିତପାବନ ଭବତାରଣ ଯେ,
ଅଥଳ ସାଗର ତରୀ
ସେହି ଏକା ବାହି ଜାଣେ ରେ ବାଉଳା ! କ୍ଷମାର ଆହୁଲା ଧରି |୨|

ଅନ୍ଧ ନୟନର ସେ ତ ଅଞ୍ଜନ
ପାପ-ଷଡ଼ରିପୁ ଗରଗଞ୍ଜନ
ନାମ ବହିଅଛି ଦୁଃଖ-ଭଞ୍ଜନ
ସେ ଏକା ଭକତ ହୃଦ ରଞ୍ଜନ ଯେ,
ବତାଇ ଦିଅଇ ବାଟ
ସୁମନ, କୁମନ ମଝିରେ ନିରତ ସେ ପରା ବିବେକ ଛାଟ |୩|

ତୁ ଯେ ପଥ ହରା ବଣା ବାଟୋଇ
ହତାଶ ବତାସ ଯାଉଛି ବହି
ଥକା ମରା ପାଦେ ଶକତି ନାହିଁ
ଖୋଜି ବୁଲୁଥାଉ ସାହା କେ କାହିଁ
ଉଆଁସ ଅନ୍ଧାର ରାତି ଯେ,
ପତର ଗହଳେ କାଳ-ଛଞ୍ଚାଣଟା ଡାକୁଛି ଥରାଇ ଛାତି |୪|

ମନମୂନ ଏକ କରି ତୁ ବେଳେ
ଡାକ ଅତିଥିରେ ଏତିକିବେଳେ
ବାଟ ବତାଇବ ତୋତେ ସେ ବଳେ
କୋଟି କାଳଯମ ଯା ପାଦ ତଳେ
ଜୁହାରଇ ନିତି ନିତି ଯେ,
ହସି ହସି ଆସି ତୋ ଘରେ ବସିବେ, ତା'ପାଦେ କର ପ୍ରଣତି |୫|

## ହୃଦୟ-ନିକୁଞ୍ଜ ରାସବେଦୀ ପରେ

ହୃଦୟ-ନିକୁଞ୍ଜ ରାସବେଦୀ ପରେ ଆସ ରସରାଜ ମୋହର
ଉଜାଗରେ ରହି ରାତି ପୁହାଉଛି କେତେ ମୁଁ ସହିବି ଉଛୁର ।୦।

ଧୋଇଦେବି ପାଦ ଅସରା ଲୁହରେ
ବସାଇବି ପେମ ହେମ ଆସନରେ
ପରାଣ ଧୂପରେ ଆମୋଦିବି ପ୍ରିୟ କରି ତନୁ ମନ ବିଭୋର ।୧।

ପୀରତି ଚନ୍ଦନ ଘୋରି ମୁଁ ରଖିଛି
ତହିଁରେ ସରାଗ ସୁବାସ ଭରିଛି
ଆଙ୍କି ଦେବି ଶିରେ ବାଙ୍କ ଚିତା, ଦେବି କମଳ ଚରଣେ ନୂପୁର ।୨।

ମନ-ଉପବନୁ ତୋଳିଅଛି ଫୁଲ
ପିନ୍ଧାଇବି ଗଳେ ମାଳା ସୁରୁଚିର
ସାଜି ଦେବି ନିତି ନବ ନବ ବେଶ ଶିରୀ ଅଙ୍ଗ କରି ସୁନ୍ଦର ।୩।

ଭକତିର ଦୀନ ନଇବେଦ୍ୟ ଦେଇ
ତୋଷିବି ତୁମକୁ ହେ ପରାଣ ସାଇଁ
ମଥା ପାତି ପଦେ କହିବି, 'ଦାସର ଦୋଷ କ୍ଷମ କ୍ଷମାସାଗର' ।୪।

## ହୃଦୟ ମନ୍ଦିରେ ପତାଇ ଆସନ

(ମୁହିଁ) ହୃଦୟ ମନ୍ଦିରେ ପତାଇ ଆସନ ବସିଛି ପ୍ରତୀକ୍ଷା କରି
ମନୋମତ କରି ସଜାଇ ତୁମକୁ ଦେଖିବି ପରାଣ ଭରି ।
ବସିଛି ପ୍ରତୀକ୍ଷା କରି ଦେଖିବି ପରାଣ ଭରି
ପାତିଛି ହୃଦ ଆସନ; ବସିବେ ମନମୋହନ ।୧।

(ମୁହିଁ) ତୋଳିଅଛି ଫୁଲ ଗୁନ୍ଥିଅଛି ମାଳ ଦେବି ପଦେ ପୁଷ୍ପାଞ୍ଜଳି
ହେ ମୋର ବାଞ୍ଛିତ ଚିର ପ୍ରିୟତମ ! ଦିଅ ବାରେ ପଦତୋଳି
ଦେବି ପଦେ ପୁଷ୍ପାଞ୍ଜଳି ଦିଅ ବାରେ ପଦତୋଳି
ତୋଳିଅଛି ବନଫୁଲ ପୂଜିବି ପଦ-ଯୁଗଳ ।୨।

(ମୁହିଁ) ମହାନ ଆଶାରେ ଡାକେ ଭକ୍ତି ଭରେ ସକରୁଣ ଆବାହନେ
ଆଲୋକିତ କରି ହୃଦୟ ମୋହର ବସ ଗୋ ହୃଦ-ଆସନେ
ବସ ହୃଦୟ-ଆସନେ; ତୋଷ ଉପଦେଶ ଦାନେ
ମୋ ଅଜ୍ଞାନ-ଅନ୍ଧକାର, ନାଶି ଜ୍ଞାନ ଦାନ କର ।୩।

(ମୁହିଁ) ଅଶ୍ରୁ-ଅର୍ଘ୍ୟ ଢାଳି ଧୋଇବି ଚରଣ ଦେବି ଭକ୍ତି ପୁଷ୍ପାଞ୍ଜଳି,
ଅନୁତାପେ ଭରା ହୃଦ ଭାବଧାରା ଦେବି ଶ୍ରୀଚରଣେ ଢାଳି
ଅଶ୍ରୁଜଳେ ଶ୍ରୀଚରଣ ଧୋଇ ମୁଁ ହୋଇବି ଧନ୍ୟ
ଦେବି ଭକ୍ତି ପୁଷ୍ପାଞ୍ଜଳି, ଅନୁତାପ ଗନ୍ଧ ବୋଳି ।୪।

(ଆଜି) ଆସ ଆସ ମୋର ହୃଦୟର ଧନ ଡାକେ ପ୍ରାଣେ ଆଶା ଭରି
ହୃଦାସନେ ବସି ପୂରାଅ ବାସନା ରହନା ନିରାଶ କରି
ଆସ ଆସ ମୋର ହୃଦୟ ଧନ ! ଅଶ୍ରୁ ଜଳେ ଧୋଇ ଦେବି ଚରଣ
ଅନୁତାପ ଭରା ହୃଦୟ-ଥାଳି; ଶ୍ରୀଚରଣ ତଳେ ଦେବି ମୁଁ ଢାଳି
ଆଜି ଏ ଶୁଭ ଲଗନେ; ପ୍ରାର୍ଥନା ତବ ଚରଣେ
ସଦା ମୋର ମତି ରତି, ତବ ପଦେ ରହୁ ମାତି ।୫।

## ହୃଦୟ ମନ୍ଦିରେ ତୁମ ପାଇଁ ମୁଁ ଯେ

ହୃଦୟ ମନ୍ଦିରେ ତୁମ ପାଇଁ ମୁଁ ଯେ
ସଜାଇ ରଖିଛି ଆସନ
ଆସ ଆସ ମୋର ପରାଣ ଦେବତା
ବିତିଯାଏ ଶୁଭ ଲଗନ ।୦।

ତୁମ ଆସିବାର ପଥ ଚାହିଁ ଚାହିଁ
କେତେ ଦିବା ନିଶି ଦେଇଛି ବିତାଇ
ଅଧୀର ମନ ମୋ ବୁଝି ନ ବୁଝଇ
ସତେ ସତ ହେବ ସପନ ।୧।

ଧୋଇବାକୁ ତବ ଚରଣ ଯୁଗଳ
ସାଇତିଛି ନେତ୍ରେ ପୂତ ଗଙ୍ଗାଜଳ
ପଣତେ ପୋଛି ମୁଁ ଲେପିବାକୁ ଘୋରି
ରଖିଛି ସୁବାସ ଚନ୍ଦନ ।୨।

ସଜଫୁଟା ଫୁଲେ ଗୁନ୍ଥି ଅଛି ହାର
ଲମ୍ବାଇବି ବୋଲି ଗଳାରେ ତୁମର
ଅନୁପମ ଶୋଭା ଶ୍ରୀରି ଦେଖି ଲୋଭା
ହେବ ମୋର ବେନି ନୟନ ।୩।

ଆସ ଆସ ପ୍ରଭୁ ନ କର ନିରାଶ
ପିଆସୀ ପରାଣେ ନ ଦିଅ ପରାଶ
ପଦ ସ୍ପର୍ଶେ ତବ ସେବକ ହୃଦୟ
ପାଉ ଆଜି ନବ ଜୀବନ ।୪।

## ହୃଦୟର ସ୍ୱାମୀ ମୋର

ହୃଦୟର ସ୍ୱାମୀ ମୋର,
ନବ ବରଷର ପହିଲି ପ୍ରଭାତେ ପୂଜେ ଚରଣ ତୁମର ।୦।

ଧୋଇ ଦେଇ ପାଦ ନୟନଜଳରେ
ପୂଜିବି ପ୍ରଭୁ ହେ କମଳଦଳରେ
ଭକତି-ସୁମନେ ଗୁନ୍ଥି ମୁଁ ଯତନେ ଗଳେ ଲମ୍ବାଇବି ହାର ।୧।

ସେନେହ ଲତାରେ କୁସୁମ ଫୁଟିଛି
ନବ ସୁରଭିରେ ଭୁବନ ଭରିଛି
ନୂଆ ସାଜେ ଆଜି ଧରଣୀ ସାଜିଛି ଦିଶୁଛି କି ମନୋହର ।୨।

ମାଳତୀ ସୁବାସେ ଦିଗ ସୁରଭିତ
କୋଇଲି କଣ୍ଠରେ ବନ କୁହରିତ
ଅପୂରୁବ ଗନ୍ଧେ ଚଉଦିଗ ଭରେ ଆହା କିବା ସୁମଧୁର ।୩।

ହୃଦୟ-ବେଦନା ଦିଅ ପୋଛି ଦିଅ
କଳମଷ ଯେତେ ଦୂରେ ଦୂରେ ନିଅ
ଏ ମନ-ମନ୍ଦିରେ ନିଶି ଦିବସରେ ବଜାଅ ମୁରଲୀସ୍ୱର ।୪।

ବିହଗ ଗାଉଛି ଆଗମନୀ ଗୀତି
ଏ ସାରା ଜଗତେ ଶୁଭୁଛି ଆରତି
ହେ ଆନନ୍ଦଘନ, ମାନସ-ମୋହନ-ପ୍ରଣିପାତ ଘେନା କର ।୫।

## ଲିଭି ଲିଭି ଆସେ ଯେବେ

ଲିଭି ଲିଭି ଆସେ ଯେବେ ଜୀବନର ଦୀପଶିଖା
ବାରିଲି କାହିଁକି ଦୁଃଖ ଅଶେଷ ମୋ ଭାଲେ ଲେଖା ।୦।

ସାରାଟି ଜୀବନେ ଥରେ କମଳ-ଚରଣ ତବ
ଆଦରେ ଧରିବି ବୋଲି ହେଲା ତ ନାହିଁ ସମ୍ଭବ
ନିମିଷେ ହେଲେ ତୁମକୁ ଖୋଜିନାହିଁ ପ୍ରାଣ-ସଖା ! ।୧।

କରେ ଯେ ତୁମର ସେବା ତୁମ ନାମ-ସୁମରଣ
ଜାଳି କି ପାରିବ ତାକୁ ଭବ-ଅନଳ-ଦହନ ?
ଅନ୍ତିମେ ଜାଣୁଛି, ଦୁଃଖହାରୀ ସିନା ତୁମେ ଏକା ।୨।

ବିଫଳ ସିନା, ସକଳ ସାଧନ, ଭଜନ ମୋର
କି ଫଳ ଜୀବନ ଧରି, ସବୁତ ହେଲା ଅସାର
ବୃଥା ଏ ଜନମ, ଯେବେ ନ ମିଳିଲା ଥରେ ଦେଖା ।୩।

## ସଜାଡ ଯତନେ ମରମ-ଆସନ

ସଜାଡ ଯତନେ ମରମ-ଆସନ କମଳଦଳରେ ସାଜି
ଗୋଳି ରଖ ଚୂଆ ଚନ୍ଦନ ମନ-ଭକତି ଜଳରେ ଆଜି ।୦।

କଣ୍ଠରେ ସୁର ଭରି
ତାହାରି ଗୁଣ ସୁମରି
ଗାଅ ସେହି ଗୀତ, ମରମରେ ତା'ର ମଧୁତାନ ଯିବ ବାଜି
ସେହି ଏକା ଜୀବ-ପରମ ନାୟକ ସତତ ଥାଏ ବିରାଜି ।୧।

ଧରାରେ ସେ ଏକା ଦୟାର ଠାକୁର; ଜୀବନ ମରଣ-ସାଥୀ
ଜଗତ ଜଞ୍ଜାଳେ ଘୁମ ନାହିଁ ତା'ର ନାହିଁ ତା'ର ଦିନରାତି
ଅର୍ଚ୍ଚନା କର ତା'ର
ବଞ୍ଚନା ନାହିଁ ଯା'ର
ପାପ-ତାପ ଭବ-ବନ୍ଧନହାରୀ ସେହି ରେ ଜୀବର ଗତି
ଯାବତ ଦୁଃଖର ଅବସାନ କରି, ସେହି ରେ ଦେବେ ମୁକତି ।୨।

ବନ୍ଦନ କର ଚରଣଯୁଗଳ ଅରପି ଭକତି ଫୁଲ
ମଧୁରୁ ମଧୁର ଅମୀୟଝରା ସେ ପଦତଳ, ନାହିଁ ତୁଲ
ସେହି ଏକା ସାଥୀ ତୋର
ଆଉ ଯେତେ ସବୁ ପର
ଶମଶାନ ଯାଏ ଯିବେ ବନ୍ଧୁଜନ, ଏ କଥା ମନୁ ନ ଭୁଲ
ଦଦରା ନାଆ ତୋ ଝଞ୍ଜା-ବତାସୀରେ କୂଳେ ନେବେ ଆଦିମୂଳ ।୩।

## ସତେ ଆସିବ କିହେ ଠାକୁର

ସତେ ଆସିବ କିହେ ଠାକୁର
ସାଜି ନାହିଁ ଶେଯ ସୁପାତି ସାଥୀ ହେ, ମାଜି ନାହିଁ ମନ ମୋର ।୦।

ନ ଜାଣେ ଏ ମନ କାହିଁକି କେଜାଣି ଆଶା କରେ ବାର ବାର,
ଆସିବ, ରସିବ, ବେଦନା ନାଶିବ, ତୁମେ ହେ ରସିକ ବର ! ।୧।

ନିଶିଦିନ ଏ ମୋ ଅଥିର ମନ ତ ଖୋଜିଲା ଦାରା-ସୋଦର,
ଅତି ଆପଣାର ଜାଣୁ ଜାଣୁ ମୁଁ ଯେ ତୁମକୁ କରୁଛି ପର ।୨।

କେଜାଣି ବା ଥରେ ଅଣହେଳାରେ ମୁଁ ଧରୁଛି ନାମ ମାତର,
ଏତିକିରେ ସତେ ଆଶା କରିବି କି କରୁଣା-କଣା ତୁମର? ।୩।

ଫୁଲ ନାହିଁ, ନାହିଁ ଅଗୁରୁ ଚନ୍ଦନ, ନାହିଁ ପୂଜାର ସମ୍ଭାର,
ଅନାଇଛି ବାଟ ଜୁହାରିବାକୁ ମୁଁ, ମୁକୁଳା କରି ଦୁଆର ।୪।

# ଆବାହନ

## ଅଲିଭା ପ୍ରଦୀପ ଜାଳି ମୁଁ ରଖିଛି

ଅଲିଭା ପ୍ରଦୀପ ଜାଳି ମୁଁ ରଖିଛି ତୁମ ଅଭିସାର ପାଇଁ
ଅମଳିନ ଫୁଲ ସଜାଇ ରଖିଛି ଶ୍ରୀଚରଣ ସେବା ପାଇଁ ।୦।

ଅପରୂପ ତବ ସ୍ୱରୂପ ଆଲୋକେ
(ତବ) ଅତୁଳନ ଗୁଣ ସଞ୍ଚାରେ ବିଲୋକେ
ଅତୁଳ ଆଲୋକେ ବିପୁଳ ପୁଲକେ
ବସି ରହେ ପଥ ଚାହିଁ ।୧।

ଅଳୀକ ମମତା ମାୟାର ସପନ
ଅପୂର୍ଣ୍ଣ କାମନା ଚହଲାଏ ମନ
ଅସରା ଲୁହର ପସରା ଧରିଛି
ଚରଣ ଧଉତ ପାଇଁ ।୨।

ଅଦିନ ମେଘର ବଉଦରେ ଭାସି
ଅଜଣା ରାଇଜେ ଯିବାକୁ ବସିଛି
ଅକୁହା ବେଦନା ଅଲୋଡା ଜୀବନେ
ଘେରି ଆସେ ରହି ରହି ।୩।

ଅନାଇଁ ରହିଛି ତୁମ ପଥ ଚାହିଁ
ଅଧିରେ ଡାକୁଛି ଆସ ଆସ ସାଇଁ
ଅନାଥ ଜନରେ ଅନାଅ ହେ ବାରେ
(ଦିଅ) ଜନମ କଳୁଷ ଧୋଇ ।୪।

ଅନନ୍ତ ଆକାଶ ଅନନ୍ତ ନୀଳିମା
ଅନନ୍ତ ବାରିଧି ଅନନ୍ତ ସୁଷମା
ଅନନ୍ତରେ ଅନ୍ତ ହୋଇ ଯାଉଥିବି
ତୁମ ପଥ ଚାହିଁ ଚାହିଁ ।୫।

## ଆଖି ଲୁହ ମୋର ମାନୁନାହିଁ ମନା

ଆଖି ଲୁହ ମୋର ମାନୁନାହିଁ ମନା
ବହୁଛି ହୋଇ ସେ ଧାର ଧାର
ପଖାଳିବ ବୋଲି ତୁମ ଛନ୍ଦାପଦ
ଅଭିଳାଷ ତା'ର ଅନିର୍ବାର ।୦।

ବାହ୍ୟନେତ୍ର ଦେଖେ ତୁମ କମଠାମ
ମୁଦିଲେ ନୟନ ଅମାଘୋର
ସତେ କେବେ ଥରେ ସେ ମୁଦାଆଖିରେ
ଦର୍ଶନ କରିବି ପ୍ରିୟବର
ଧନ୍ୟ ହୋଇଯିବ ନେତ୍ରନୀର ମୋର
ଧୋଇଦେଇ ତୁମ ଶ୍ରୀପୟର ।୧।

ପରାଣଦେବତା ହୃଦପଦ୍ମାସନେ
ବିଜେଅଛ ଜାଣେ ମନ ମୋର
ଦର୍ଶନ ପାଇଁକି ସବୁ ସାଧନା ତ
ବିଫଳ ହେଲାଣି ହେ ଠାକୁର
ଜପ ଧ୍ୟାନ ସବୁ ହାର ମାନିଲାଣି
ତୁମ କୃପା ଏକା ଭରସାର ।୨।

## ଅଜଣା ରାଇଜେ ଯିବୁ

ଅଜଣା ରାଇଜେ ଯିବୁ ଛାଡି ଭବ କାରବାର
ଛାଡି ଧନ ମାନ ସୁଖ ସଖା ସୁତ ପରିବାର ।୦।

କିପରି ସେ ଦେଶ କାହିଁ କି କରିବୁ ତହିଁ ଯାଇ
ଟିକିଏ ଭାଳିଲୁ ନାହିଁ ବୃଥା ଗଲା ଏତେ କାଳ ।୧।

ଦାରା, ସୁତ, ଭାଇ, ବନ୍ଧୁ ଯାହା ପାଇଁ ଏତେ କାନ୍ଦୁ
ସ୍ୱାର୍ଥରେ ଲାଗିଲେ ବାଧା ନୋହିବେ କେ ଆପଣାର ।୨।

ନଥିଲା ସମ୍ବନ୍ଧ ପୂର୍ବେ ନ ରହିବ ପୁଣି କେବେ
ମାୟା ଭେଳିକିରେ କହୁ ସେ ମୋହର ମୁଁ ତାହାର ।୩।

କରୁ ଯେତେ କର୍ମ ଏକା ସେ ତୋ ଜୀବନ-ପଞ୍ଜିକା
କାଳକୁ ଜିଣେ ସେ ଲେଖା ତୋ ଭାଗ୍ୟ ପଥର ଗାର ।୪।

ଗୁରୁ ସମ କାହିଁ ସଖା ଖୋଜି ନ ପାଇବୁ ଦେଖା
ବେଳ ଥାଉ ବୁଝି କର ଶ୍ରୀଗୁରୁ-ଚରଣ ସାର ।୫।

ଆସେ କାଳ ରାତ୍ରି ମାଡି, ନିଷ୍ଠେ ଯିବୁ ପଥ ହୁଡି
ଦେଖାଇବେ ଆଲୋକ ସେ ଭେଦି ମାୟା ଅନ୍ଧକାର ।୬।

ସାତ ପୁର ଅରଗଳି ଲଙ୍ଘି ପାରନ୍ତି ମୁକୁଳି
ଏକା ସେ ପାରନ୍ତି ନେଇ (ତୋର) ଇହ-ପରକାଳ ଭାର ।୭।

କର ଧନ ଦେହ ମନ ଗୁରୁ ପଦେ ସମର୍ପଣ
ସେ ନାମେ ଭବ ବନ୍ଧନ କରିଯିବୁ ଚୂରମାର ।୮।

## ଅମୃତ ଧାର ଝରେ ନିରନ୍ତର

ଅମୃତ ଧାର ଝରେ ନିରନ୍ତର ଚାଖିଛ କି କେବେ ଚାଖିଛ କି ?
ଝରେ ଯା' ଚରଣୁ ଅମୃତ ସଦା ଜୀବନରେ ତାଙ୍କୁ ଦେଖିଛ କି ? ।୦।

ଏ ଜୀବନେ ଯେବେ ଦେଖିବାକୁ ଆଶା
ରଖିଅଛ ଯଦି ହୁଅନା ନିରାଶା
ଭରସା ରଖିଲେ ପରଶ ପାଇବ ମନ ହାତୀଟାକୁ ବାନ୍ଧିଛ କି ? ।୧।

ଦରଶନ କଲେ ସେ କଞ୍ଜ ଚରଣ
କେଉଁ ଭାବେ ତାଙ୍କୁ କରିବ ବରଣ
କି ଦେଇ ତୋଷିବ, କି ଭାବେ ପୂଜିବ ଅରଚନା ବିଧି ଶିଖିଛ କି ? ।୨।

କୋଟି ସୂର୍ଯ୍ୟ ତେଜ କାନ୍ତି ଝଲମଲ
କୋଟି ଚନ୍ଦ୍ର ପ୍ରଭା ଛାୟା ସୁଶୀତଳ
ହୃଦୟ-ଗଗନୁ ଉଇଁ ଆସିବେ ସେ ଏ ଦୃଢ -ବିଶ୍ୱାସ ରଖିଛ କି ? ।୩।

ଭାବ ରାଇଜରେ ଘର ପରା ତା'ର
ଭକତିରେ ଧରା ଦିଅନ୍ତି ଠାକୁର
ନୟନ ଲୋତକେ ଭାରି ଲୋଭ ତାଙ୍କ ଯତନେ ସାଇତି ରଖିଛ କି ?
ତେବେ ଅମୃତ ହୋଇବା ସରବେ ଗୁରୁପଦ ସୁଧା ଚାଖି ଚାଖି ।୪।

## ଅସମୟେ କାଳେ ଦେଖା ଦେଲେ ତୁମେ

ଅସମୟେ କାଳେ ଦେଖା ଦେଲେ ତୁମେ
ପାରିବି ନାହିଁ ମୁଁ ଚିହ୍ନି
ତେଣୁ ହେ ଠାକୁର! ମୋ ପାଶକୁ ତୁମେ
ଆସ ନାହିଁ ଜାଣି ଜାଣି ।୦।

ବାରବାର କେତେ ଦେଉଛ ସୂଚନା
ପାଶେ ଅଛି ତୋର ନ କର ଶୋଚନା
ହେଲେ ତୋ ସମୟ ହାତ ଧରି ତୋର
କୋଳକୁ ନେବି ମୁଁ ଟାଣି ।୧।

ଦେଖିବାକୁ ତୁମ ଜ୍ୟୋତିର୍ମୟ ମୂର୍ତ୍ତି
ଏ ଅନ୍ଧ ଆଖିର କାହିଁ ବା ଶକତି
ପରାନାଦେ କେତେ ଡାକୁଛ ତୁହାଇ
ଏ କାନ ନ ପାରେ ଶୁଣି ।୨।

ତୁମ ଶ୍ରୀତନୁର ମଧୁର ସୁବାସ
ବାରେ ଦିନେ ଦିନେ ଖେଳେ ଚଉପାଶ
ଅମା ଘେରା ଏ ମୋ ଅନ୍ଧ ନୟନେ
ନ ଫୁଟେ ସେ ରୂପ ଠାଣି ।୩।

କେବେ ଏ ଜୀବନେ ସେ ଶୁଭ ଲଗନ
ଆସିବ ବସି ମୁଁ ଗଣୁଅଛି ଦିନ
ତୁମେ ମୋ ଜୀବନ ସର୍ବସ୍ୱ ବୋଲି
ସେ ଦିନ ପାରିବି ଜାଣି
ସବୁ ଆବରଣ ଖସିଯିବ, ପଦେ
ଲୋଟିବି 'ମୁଁ' କୁ ଚିହ୍ନି ।୪।

## ଅନ୍ତର ଦେବତା ଆସ ହେ

ଅନ୍ତର ଦେବତା ଆସ ହେ, ହୃଦ ସିଂହାସନେ ବସ
ତୁମ ରୂପ ଶିରୀ ନୟନେ ହେରି ହେ, କରୁଣା ମୟ
ତୁଟିବ ମନ ପରାଶ ।୦।

ହୃଦୟ ଦୁଆର ଖୋଲି ହେ କେତେ ଆଶା ମନେ ଭରି
ବସିଅଛୁ ପରା ଜାଗର ଜାଳି ହେ, କରୁଣା ମୟ
ମୁଖେ ଜୟଗୁରୁ ବୋଲି ।୧।

ସରାଗ ସହାଗ ଯେତେ ହେ ସାଇତିଛି ହୃଦଗତେ
ଢାଳି ଦେବି ତୁମ ଶ୍ରୀପଦ ପାନ୍ତେ ହେ, କରୁଣା ମୟ
ପ୍ରେମ ଭକତି ସହିତେ ।୨।

କେତେ କାଳୁ ଏହି ପରି ହେ ନାମଟି ଆଶରା କରି
ଅସରା ଆଶାର ପସରା ଧରି ହେ, କରୁଣା ମୟ
ବସିଅଛୁ ଅନୁସରି ।୩।

ସଂସାର ଜଞ୍ଜାଳେ ପଡି ହେ ଦୁଃଖ ତାପେ ମରେ ସଢି
ଚାହିଁ ଚାହିଁ ବେଳ ଯାଉଛି ଗଡି ହେ, କରୁଣା ମୟ
ଅବସାଦ ଆସେ ଛେରି ।୪।

ତୁମେ ମୋ ଜୀବନ ବନ୍ଧୁ ହେ ମନ ଆକାଶ ଇନ୍ଦୁ
ତୃଷା କାତର ମୁଁ ଚାତକୀ ପରା ହେ, କରୁଣା ମୟ
ଢାଳ କୃପା ବାରି ବିନ୍ଦୁ ।୫।

ଶରଣ ରକ୍ଷକ ବୋଲି ହେ ତୁମ ନାମେ ପଡେ ହୁରି
ମୋ ଲାଗି ସେ ନାମ ନ ଯାଅ ଭୁଲି ହେ, କରୁଣା ମୟ
ଘେନା କର ପଦେ ଅଳି ।୬।

## ଅନ୍ତର ମନ୍ଦିର ଭରିଛି ମା' ଗୋ

ଅନ୍ତର ମନ୍ଦିର ଭରିଛି ମା' ଗୋ
ତୁମରି ପିୟୁଷ କଣିକା ପାଇଁ
ଦେବ ଯେତେ ଦିଅ ନେଲା ବେଳେ ନିଅ
ଆଉ କି ସମ୍ପଦ ଲୋଡ଼ଇ ନାହିଁ ।୦।

ପ୍ରାଣଭରା ଉତ୍ସ ତୁମେ ମରୁତଟେ
ସୁଦୂର ବାହିନୀ ରହିଛି ନିକଟେ
ନିରାଶାରେ ଭରା ଶତକୋଟି ଆଶା
ଫୁଟାଅ ମା' କୃପା ନୟନେ ଚାହିଁ ।୧।

ସଂସାର ଅନ୍ଧାରେ ତୁମେ ମା' ଆଲୋକ
ପାଏ ସେ ଏକାନ୍ତେ ଖୋଜେ ଯେଉଁ ଲୋକ
ଯୁଗ ଯୁଗାନ୍ତର ପରିଚିତା ମୋର
ଅନାଇଛି ତୁମ ଆସିବା ପାଇଁ ।୨।

ରଖିଛି ଶାରଦୀ ଶେଫାଳି ସଜାଡି
ତରଳ ଜ୍ୟୋତ୍ସା ଯତନେ ଅଜାଡି
କୋଟି ସନ୍ତାନଙ୍କ ହୃଦୟ ବେଦୀରେ
ଜାଗର ଦୀପାଳି ଲିଭିତ ନାହିଁ ।୩।

## ଆଜି ଲାଗିଲା

ଆଜି ଲାଗିଲା ଦିଗନ୍ତେ କି କୁହୁକ ଲାଗିଲା ।୦।

ଆସିଛନ୍ତି ଆମ ପ୍ରାଣର ଠାକୁର
ଅଭିଳାଷ ମନେ ଆଜି ପୂରିଲା ।୧।

ସେ ରୂପ ଦର୍ଶନ ଆଶା ମେଣ୍ଟାଇବା ପାଇଁ ତୃଷା
ନଭୁ ରବି କିରଣ ତ ଝରିଲା ।୨।

ଆସି ସର୍ବ ଦେବଗଣ ଜୟଗୁରୁ କରି ଗାନ
ଉନ୍ମାଦନା ଆଜି ପ୍ରାଣେ ଭରିଲା ।୩।

ଜ୍ୟୋତିର୍ମୟ ସେ ରୂପରେ ଶତଦଳ ପଦ୍ମ ପରେ
ଯୋଗୀଜନ ମନ ଧ୍ୟାନେ ମଜ୍ଜିଲା ।୪।

ଭକତ ମିଳନ କଲ ଜ୍ଞାନ ପ୍ରେମ ବିତରିଲ
ଜୟଗୁରୁ ଧ୍ୱନି କମ୍ପି ଉଠିଲା ।୫।

## ଆଜି ଆନନ୍ଦ ଜୁଆରେ ମନ ଭାସେରେ

ଆଜି ଆନନ୍ଦ ଜୁଆରେ ମନ ଭାସେରେ
ପ୍ରିୟତମ ଆସିବେ ତ ପାଖେରେ ।୦।

ମମତା ଭରା ତାଙ୍କ ଚୋରା ଚାହାଣୀ
ପଲକ ମାତ୍ରେ ମନ ନେବେଟି କିଣି
ଦେବା ଭକ୍ତି ପୁଷ୍ପାଞ୍ଜଳି ତାଙ୍କ ପଦରେ ।୧।

ପ୍ରେମର ଠାକୁର ଖାଲି ପ୍ରେମ ପସରା
ଆଣିବେ ଆମରି ପାଇଁ ଅମୃତ ଧାରା
ଆଜି ସ୍ୱର୍ଗୀୟ ଆନନ୍ଦ ଖେଳେ ଧରାରେ ।୨।

ଆସିବ ଜୀବନେ ଆମ ଶୁଭ ଲଗନ
ଭକ୍ତ ଭଗବାନ ମେଳ ହେବ ଏ ସ୍ଥାନ
ଆଜି ଶିହରଣ ଜାଗେ ତନୁ ମନରେ ।୩।

## ଆବାହନ କରୁଛି ଆଜି

ଆବାହନ କରୁଛି ଆଜି
ବିଜେକର ପ୍ରାଣପ୍ରିୟ ବିଶ୍ୱସିଂହାସନ ତେଜି ।୦।

ସଂଘପୂଜା ମଣ୍ଡପରେ ବସ ଭକ୍ତ ଗହଣରେ
ଦେଖିବୁ ନୟନ ଭରି ଅପରୂପ ରୂପ ରାଜି ।୧।

ତୁମରି ଦର୍ଶନ ପାଇଁ ଆସିଛୁ ସରବେ ଧାଇଁ
ଶୁଣି ଉପଦେଶ ତବ ମନ ପ୍ରାଣ ଯିବ ମଜ୍ଜି ।୨।

ସୁଗନ୍ଧ କୁସୁମ ମାନ ଗୁନ୍ଥି ମାଳ ଅନୁପମ
ରଖିଛୁ କରି ଯତନ ଦେବୁ ବର ବପୁ ସାଜି ।୩।

ଦେଇ ନାନା ଉପହାର ପୂଜିବୁ ରଙ୍ଗପୟର
ଶୁଣିବୁ ଲୀଳା କାହାଣୀ ଆନ ସକଳ ବରଜି ।୪।

ସୁମଧୁର ଗୀତ ଗାଇ ତୋଷିବୁ ପରାଣ ସାଇଁ
ତୁମ କରୁଣା ସାଗରେ ଯିବାକୁ ସରବେ ହଜି ।୫।

କର ଆଶିଷ ପ୍ରଦାନ ଆହେ ଗୁରୁ ଭଗବାନ
ଯାଉ ଏ ଛାର ଜୀବନ ତବ ପଦ କଞ୍ଜ ହେଜି ।୬।

## ଆଲୋକ ଦେଶର ବାରତା ଆଣିଛ

ଆଲୋକ ଦେଶର ବାରତା ଆଣିଛ
ଅନ୍ଧାର ଏଇ ରାଇଜ ପାଇଁ
ତୁମରି ପ୍ରେମର ଅମର ମଧୁରେ
ଜୀବନ କଲୁଷ ଦେବାକୁ ଧୋଇ ।୦।

ଭ୍ରାନ୍ତ ପଥିକ କ୍ଲାନ୍ତ ଜୀବନେ
ଶାନ୍ତି ଅମୀୟ ଦେଇଛ ଢାଳି
ନୀର ଖୋଜୁ ଥିଲା ପିଆସୀ ପରାଣ
କ୍ଷୀର ଦେଲ ତାର କଣ୍ଠ ଭରି
ମରଣ ଦୁଆର ରୁଦ୍ଧ କରିଛ
ମୁକତି ର ମହା ମନ୍ତ୍ର ଗାଇ ।୧।

ଚେତନା ହରାଇ ଅମୃତ ଶିଶୁ
ନିଗମ ର ମଧୁ ମମତା ଭୁଲି
ଭାସି ଯାଉଥିଲା ଭବ ଜଳଧି ରେ
ଊର୍ଦ୍ଧ୍ୱ ରେ ତାରେ ନେଇଛ ତୋଳି
ଆଶିଷ ତୁମର ବରଷି ଦେବାକୁ
ପରଷି ଦେବାକୁ ଆସିଛ ଧାଇଁ ।୨।

ଏପାଖେ ଅନ୍ଧାର ସେପାଖେ ଆଲୋକ
ମଝି ଦରିଆରେ ବାନ୍ଧିଛ ଭେଳା
ମର ମାନବର ହାତ ଧରି ନେବ
ଚଖାଇବା ପାଇଁ ଅମର ଲୀଳା
ଚକିତ ନୟନେ ତୁମ କୀରତିରେ
ଜଗତ ଜୀବନ ରହିଛି ଚାହିଁ ।୩।

## ଆସ ଆନନ୍ଦ ସ୍ୱରୂପ

ଆସ ଆନନ୍ଦ ସ୍ୱରୂପ ପ୍ରେମ ପସରା
ବାରେ ହୃଦୟ ପରଶ ଶୋକ ପାଶୋରା ।୦।

ହସି ହସି ଶିଶୁ ଯାଉଛି ଲୋଟି
ଫୁଟି ଉଠେ ଫୁଲ ବାସ ଚହଟି
(ଆଜି) ଉଚ୍ଛୁଳେ ଆନନ୍ଦ ଭୁବନ ସାରା ।୧।

ଖେଳିଯାଏ ହସ ପବନ ଦୋଳେ
ଭାସିଯାଏ ବାସ ମୃଦୁ ହିଲ୍ଲୋଳେ
(ଆଜି) ହସେ ମିଶି ଭାସେ ସୁବାସ ଧାରା ।୨।

ପ୍ରାଣେ ପ୍ରାଣେ ଆଜି ଏକି ମିଳନ
କାହା ସ୍ମୃତି ଜାଗେ ସକଳ ମନ
(ଆଜି) ଲଙ୍ଘିଯାଏ ଦେହ ପିଞ୍ଜରା କାରା ।୩।

ଆନନ୍ଦେ ନାଚରେ ଆନନ୍ଦ ଦେଇ
ଆନନ୍ଦେ ଆଶିଷ ମଥାରେ ନେଇ
(ଆଜି) ମୁଞ୍ଚରେ ଆନନ୍ଦ ଲୋତକ ଧାରା ।୪।

ଅନାଏଁ ତୁମକୁ ସକଳ ଆଖି
ହସି ବସ ସତେ ନୀରବ ସାକ୍ଷୀ
(ଆଜି) ଉଙ୍କି ମାରି ହସେ ଗଗନ ତାରା ।୫।

## ଆସ, ଉଛୁର ନ କରି ଆସ ରେ

ଆସ, ଆସ
ଆସ, ଉଛୁର ନ କରି ଆସରେ !
ପ୍ରେମ-ସରୋବରେ ଆନନ୍ଦ ମନରେ
ଦିଅ ପ୍ରେମ ଜଳେ ଝାସ ରେ ।୦।

ସଂଗରେ ଘେନି ବନ୍ଧୁ-ସୋଦର
ଯେ ଯହିଁ ଅଛ ରେ ଭକତ ପିତାର
ଜ୍ଞାନ-ଗନ୍ତାଘର ଖୋଲା ଅଛି ତାର
ଲୁଟିବା ପୁରାଇ ଆଶ ରେ ।୧।

ପିତା ଆମର ତ ପତିତପାବନ
ଅଧମ ଜନର ସେ ଏକା ତାରଣ
ପାପର ପଙ୍କରେ ବୁଡି କିଂପାଇଁ ରେ
ତନୁରେ କାଳିମା ଲେପ ରେ ।୨।
ଆମେ ତ ରେ ଏକ ପିତାର ସନ୍ତାନ
ଏକ ଘରେ ବାସ, ଏକ ଆମ ମନ
ଭୁଲି ଭେଦାଭେଦ, ଭୁଲି ଯେତେ ବାଦ
ପିତାର ଶରଣ ପଶ ରେ ।୩।

ଅପାରଗ ଯେଉଁ ସନ୍ତାନ ପିତାର
ଜାଣନା କି ଲଭେ ଅଧିକ ଆଦର ?
ଆମେ ଯେ ଅଧମ, ଅଯୋଗ୍ୟ ଅକ୍ଷମ
କୋଳାଇ ନେବେ ସେ ପାଶ ରେ ।୪।
ବିତରିବେ ସେ ଯେ ଆନନ୍ଦ-ଅମୀୟ
ଚାଖି, ଏ ଜୀବନ ହେବ ନିରିଭୟ
ଜରା ମରଣର ନ ଥିବ ଖାତର
ତାଙ୍କ ପ୍ରେମ-ଜଳେ ଭାସ ରେ ।୫।

**ଆସ ଭାଇ ! ତେଜ ମନ ଭାବନା**

ଆସ ଭାଇ ! ତେଜ ମନ ଭାବନା
ସୁଖେ, ଦୁଃଖେ ଅବିରତ କର ସେ ନାମ ସାଧନା ।୨।

ଶ୍ରୀଗୁରୁ-ଗୋବିନ୍ଦ ନାମ ରଟରେ ଦିବସ, ଯାମ
ସେ ନାମେ ପତାକା ତୋଳି କର ଗୁରୁ ନିରାଜନା ।୧।

ଗୁରୁ ନାମେ ନାହିଁ ଶଙ୍କା ଘୁଞ୍ଚିବରେ ଭବ-ଦକା
ଅନ୍ଧାରେ ବତାଇ ରାହା ଗୁରୁ ଏକା ହେବେ ସାହା
'ଜୟଗୁରୁ' 'ଜୟଗୁରୁ' ରଟୁ ଚିର, ଏ ରସନା ।୩।

**ଆସ ରେ ଆସ ପ୍ରଣତି ଦେବା**

ଆସ ରେ ଆସ ପ୍ରଣତି ଦେବା
ଆନନ୍ଦମୟ ଚରଣ ତଳେ
ଯୁଗ ଯୁଗ ବସି ବନଗିରିବାସୀ
ଯୋଗୀଜନ ଯା'ରେ ନିରତ ଭାଳେ ।୦।
ଜ୍ଞାନମୟ ସେହି ଲାବଣ୍ୟ ମୂରତି
ଅନନ୍ତ ବ୍ରହ୍ମାଣ୍ଡ ଯାହାର କୀରତି
ସେ ଜଗତପିତା ମଙ୍ଗଳବିଧାତା
ଗାଇବା ତା' ନାମ ଭକତି ଭରେ ।୧।

ତାହାରି ପୂଜନ, ତାହାରି ଭଜନ
ନୟନରେ ଦିଏ ଜ୍ଞାନର ଅଞ୍ଜନ
ଭବ-ପାରାବାରେ ସେହି ଦୟାମୟ
ଜୀବନ-ତରଣୀ ଲଗାଏ କୂଳେ ।୨।
ତ୍ରିଭୁବନେ ରାଜେ ମହିମା ଯାହାର
ଯଶ ଯା'ର ଗାଏ ବିଶ୍ୱ ଚରାଚର
ତାହାରି ପ୍ରେମରେ ବନ୍ଧା ଏ ଦୁନିଆ
ଜନମ ମରଣ ତାହାରି କୋଳେ ।୩।

**ଆସ ହେ ଆସ ପରାଣ ଈଶ**

ଆସ ହେ ଆସ ପରାଣ ଈଶ ପୂଜା ମଣ୍ଡପେ ଆସ
ପୂଜିବୁ ତୁମ ଚରଣ ଯୁଗ ମେଣ୍ଟିବ ମନ ଆଶ ।୦।

ଗୁନ୍ଥିଛୁ ମାଳା ନିତି ମାନସେ ଗଳେ ଲମ୍ବାଇ ଦେବୁ ସରସେ
ଚରଣ ତଳେ ନୁଆଁଇ ଶିର ପରାଣ ହେବ ତୋଷ ।୧।

ତୁମେ ତ ଆମ ହୃଦୟେଶ୍ୱର ବାନ୍ଧବ ଚିର କୋଟି ଜନ୍ମର
ତୁମରି ସେବା ଆମ କରମ ଆମେ ଯେ ନିତ୍ୟ ଦାସ ।୨।

ନ କର ଦେବ ! ଆଉ ଉଛୁର ବଢାଇ ଦିଅ ରଙ୍ଗ ପୟର
ନୟନ ନୀରେ ପଖାଳି ପାଦ ଭୁଲିବୁ ଭବ କ୍ଲେଶ ।୩।

ଅମୃତ-ରାଜ୍ୟ ବାଟୋଇ ଆମେ ପଥ ଦୁର୍ଗମ ଦିଶାରୀ ତୁମେ
ଅନୁସରିବୁ ତୁମରି ପଥ ଦିଅ ଶୁଭ ଆଶିଷ ।୪।

**ଆସ ହେ ଜୀବନ-ନନ୍ଦନ**

ଆସ ହେ ଜୀବନ-ନନ୍ଦନ ! ମଧୁର ଆଜି ଏ ସନ୍ଧ୍ୟା
ସଜାଡି ରଖିଛି ତୁମ ପାଇଁ ମନର ରଜନୀଗନ୍ଧା ।୦।

ତୁମରି ସୋହାଗ ଅନୁରାଗ ଆନନ୍ଦ ମଧୁର ରୂପରାଗ
ଲିଭାଇ ଦେବ ଏ ନୟନରୁ ମାୟାର ଅଳସୀ ତନ୍ଦ୍ରା ।୧।

ଦେଖିଲେ ତୁମକୁ ଦୁଃଖହାରୀ ଭବ ଦୁଃଖ ମୋର ଯିବ ସରି
ଧୋଇ ଦେବ ତୁମ ପଦ ବେନି ପ୍ରେମର ଅଳକାନନ୍ଦା ।୨।

ପାଇଲେ ତୁମର ଦୟାଦାନ ଭୁଲି ସବୁ ମାନ ଅଭିମାନ
ଶ୍ରୀଚରଣ ତଳେ ପ୍ରିୟତମ ଦେବି ଏ ପରାଣ ବନ୍ଧା ।୩।

**ଆସ ହେ ପରମ ସୁନ୍ଦର**

ଆସ ହେ ପରମ ସୁନ୍ଦର
ଆସ ହେ ପରମ ସୁନ୍ଦର
ମଧୁ ସଉରଭେ ଅମୋଦିତ କରି
ବିରହୀ ମରମ ମନ୍ଦିର ।୦।
ହେ ପରମ ବନ୍ଧୁ ଗୁରୁ ନିରିଗୁଣ
ହୋଇ ଆସ ବାରେ ସାକାର ସଗୁଣ
ଆଦରେ ମଧୁରେ ବରିବାକୁ ମନ
ନିରାଜନା ପଦ କଞ୍ଜର ।୧।

ମର ଭୁବନରେ ଆସ ଅବତରି
ଅମର ଜ୍ୟୋତିର ବଇଭବ ଧରି
ଲିଭାଇ ଦିଅ ଏ ଭବ ଜୀବନରୁ
ମାୟା ଘେରା ଘନ ଅନ୍ଧାର ।୨।
ତୁମ ପୂଜନର କମଳ କରବୀ
ତୁମ ଭଜନର ପୀରତି ପୂରବି
ଚରଣେ ଅରପି ପାରିନାହିଁ ବୋଲି
ଚଲାପଥ ମୋର ବନ୍ଧୁର ।୩।
ଭାବ ରାଇଜର ଭାବମୟ ଦେବ
ମୋ ଜୀବନେ ଏକା ତୁମେ ହିଁ ଅଭାବ
ତୁମ ଆଲୋକରେ ପରିପୂର୍ଣ୍ଣ କରି
ଭରି ଦିଅ ହୃଦ କନ୍ଦର ।୪।

## ଆସିଛନ୍ତି ଆମ ପ୍ରାଣର ଠାକୁର

ଆସିଛନ୍ତି ଆମ ପ୍ରାଣର ଠାକୁର କରୁଣା-ବାରିଦ ବାହି ହେ
ଏ ମରୁ-ହୃଦୟେ ଢାଳି ପ୍ରେମବାରି ପତିତ ତାପିତ ପାଇଁ ହେ ।୦।

'ଜୟଗୁରୁ' ନାମ ଅମୀୟବୋଳା
ଦେଖିଲେ ସେ ମୁଖ ଘୁଞ୍ଚଇ ଜ୍ୱାଳା
(ତାଙ୍କ) ଅଭୟ ଚରଣ ଆଶ୍ରୟ କରିଲେ ଭବଭୟ ରହେ ନାହିଁ ହେ ।୧।

କରି ତାଙ୍କ କଥା-ଅମୃତ ପାନ
ଜାଗିଅଛି ଆମ ଅବଶ ପରାଣ
ହତାଶ ପରାଣେ, ତୀବ୍ର ଆଶା ଜାଗେ, 'ଜୟଗୁରୁ' ନାମ ଗାଇ ହେ ।୨।

ସର୍ବେ ତାଙ୍କ ପଦେ ନେବାରେ ଆଶ୍ରୟ
ଶୀତଳ ହୋଇବ ତାପିତ ହୃଦୟ
ଆନନ୍ଦ-ସାଗରେ ବୁଡି ରହିଥିବା ସେ ରୂପ ମାଧୁରୀ ଧ୍ୟାୟି ହେ ।୩।

## ଆସ ହେ ପ୍ରାଣ ଠାକୁର

ଆସ ହେ ପ୍ରାଣ ଠାକୁର ପୂଜାସନେ ବିଜେ କର
ବହୁ କାଳୁ ଆଶା କରି ଅଛୁ ଅନାଇ
ତୁମେ ଭକ୍ତ ପ୍ରାଣବନ୍ଧୁ ଦୟାମୟ ଦୀନବନ୍ଧୁ
ସେବକ ପଣରେ ପଦେ ଦିଅ ଲୋଟାଇ
ଦୀନଜନେ କର ହେ ଦୟା
ତୁଟାଇ ଦିଅ ଠାକୁର ଭବର ମାୟା ।୧।

ତୁମେ ତ ଅନ୍ତରଯାମୀ ତୁମରି ପଦେ ପ୍ରଣମି
ଅଧମ ସନ୍ତାନ ତୁମ ମାଗେ ଶକତି
ଅନ୍ତର ମଝିରେ ଥାଇ ନିଅ ହେ ପଥ ମଣାଇ
ଷଡରିପୁ ଦୂରେ ଯାଉ ଘେନ ମିନତି
ଦିବା ନିଶି ନାମ ଭଜନ
ଶୟନେ ସ୍ୱପନେ ମିଳୁ ତୁମ ଦର୍ଶନ ।୨।

## ଆସ ହେ ଶାନ୍ତ କାନ୍ତ ମଧୁର

ଆସ ହେ ଶାନ୍ତ କାନ୍ତ ମଧୁର
କଣାଏ କରୁଣା ନେଇ
ଆକୁଳ ନୟନ ରହିଛି ଅନାଇ
ତୁମ ଅରଚନା ପାଇଁ ।୦।

ଅବଚେତନ ମୋ ବାଳୁତ ଜୀବନେ
ଧୂଳି ଖେଳଦେଖି ଫେରିଗଲ ତୁମେ
ଆଣିଥିଲ ଯେଉଁ ପ୍ରେମ ଅନୁରାଗ
ମାଗି ତ ପାରିଲି ନାହିଁ ।୧।

ତୁମ ସୁର ଆଜି ଭାସି ଆସେ ଦୂରୁ
ନୀଳ ଗଗନର ନୀଳିମା ସେପାରୁ
ମଧୁଠାରୁ ବଳି ମଧୁର ସେ ସୁର
ବାଜି ଉଠେ ରହି ରହି ।୨।

ବାରେ ମୁଁ ନିରତ ତାରାରେ ତାରାରେ
ତୁମ ପଦଧ୍ୱନି ବିପୁଳ ଧରାରେ
ଭବ ଅନ୍ଧକାରେ ଚନ୍ଦ୍ରମା ବଦନ
ଦିଶେ ଖାଲି ଛାଇ ଛାଇ ।୩।

ପାଏ ନାହିଁ ଆଖି ଅଛ କେତେ ଦୂରେ
ତୁମ ଲାଗି ମୁଁ ଯେ ନିତି ଝୁରି ମରେ
ଏ ଦୀନ କୁଟୀରେ ଥାପି ଦିଅ ବାରେ
କମଳ ଚରଣ ଦୁଇ ।୪।

## ଆସ ହେ ଠାକୁର ନବୀନ ସୁନ୍ଦର

ଆସ ହେ ଠାକୁର ନବୀନ ସୁନ୍ଦର
ଆସ ମୋ ହୃଦ ମନ୍ଦିରେ
ତୁମରି ଶାନ୍ତ ମଧୁର ମୂରତି
ଦର୍ଶନ କାମନା କରେ ।୦।

ଢଳ ଢଳ ଦୁଇ ନୟନ ଯୁଗଳ
ତହିଁ ପ୍ରେମ ବାରି ସ୍ରବେ ଅବିରଳ
କରୁଣା ନୟନେ କରୁଣା ଚାହାଣୀ
ମୋ ପାପ ସନ୍ତାପ ହରେ ।୧।

ଅଭୟ ଚରଣ ହୋଇ ପରଶନ
ବିଶ୍ୱବାସୀ ଜନେ ଅଭୟ ଦେଇଣ
ଶ୍ରୀକର ପରଶ ଅପବିତ୍ର ଜନେ
ପରମ ପବିତ୍ର କରେ ।୨।

ଆସ ହେ ଠାକୁର, ବସ ହୃଦାସନେ
ନାଶ ହେ ତ୍ରିତାପ କର ପରଶନେ
କର ସୁଶୀତଳ ପ୍ରେମ ବରଷଣେ
ପ୍ରାର୍ଥନା କରେ କାତରେ ।୩।

କେ ଅଛି ମୋହର କାହାପାଶେ ଯିବି
ହୃଦୟ ର ଜ୍ୱାଳା କା ଆଗେ କହିବି
କହି ଶ୍ରୀଚରଣେ ସାନ୍ତ୍ୱନା ଲଭିବି
ରହିବି ଚରଣ ଧ୍ୟାୟୀ ।୪।

## ଆହା କି ଆନନ୍ଦ ଶୁଭେ ବଂଶୀ ସ୍ୱନ

ଆହା କି ଆନନ୍ଦ ଶୁଭେ ବଂଶୀ ସ୍ୱନ
ଡାକୁଛନ୍ତି ପ୍ରାଣ-ସାଇଁ
ସବୁ ଛାଡି ଦେଇ ଯିବା ଚାଲ ସହୀ
ଶ୍ରୀପଦ ଦର୍ଶନ ପାଇଁ
ନ ବଳାଅ ମନ ସଂସାରେ ଆଉ
ଭଲ ମନ୍ଦ ସବୁ ପଛକୁ ଥାଉ ।୧।

ଭାସି ଉଠେ ଆଖି ଆଗେ ସେ ମୂରତି
ଜ୍ୟୋତିରୂପ ମନୋହର
ଶିହରଣ ଜାଗେ ଏ ସାରା ତନୁରେ
ପୁଲକିତ ମୋ ଅନ୍ତର
ରହି ରହି ଦିଶେ ଅଭୁଲା ମୁହଁ
ଅନ୍ତରେ ଭରୁଛି ଅଜଣା କୋହ ।୨।

ବ୍ରହ୍ମାନନ୍ଦ ତେଜି ଆସିଛନ୍ତି ଆଜି
ନିତ୍ୟାନନ୍ଦ ଲୀଳା ପାଇଁ
ଉଚ୍ଛୁର ହୋଇଲେ ହରାଇ ବସିବା
ଦୂରେ ଚାଲିଯିବେ ସାଇଁ
ଆନ ମନା ଆଉ ନ ହୁଅ ସଖୀ
ଚାଲ ବେଗେ ଯିବା ପ୍ରିୟଙ୍କୁ ଦେଖି ।୩।

ପାଇ ସେ ରତନ ଜୀବନର ଧନ
ନିଜକୁ ହଜାଇ ଦେବା
ନାମ ଗାଇ ଗାଇ ମହାନନ୍ଦେ ସହୀ
ନୀତକୁ ବାହୁଡି ଯିବା
ପୀରତି ପଥଟି କଣ୍ଟକ ଭରା
ମୋହମାୟା ହାତେ ନଦେବା ଧରା ।୪।

ତାଙ୍କ ସେବା କରି ତାଙ୍କ ନାମ ଧରି
ବାକି ପଥ ଯିବା ଚାଲି
ଖସିଗଲେ ଗୋଡ ଚିନ୍ତା ନ କରିବା
ହାତ ଧରିଛନ୍ତି ବୋଲି
ବେଗି ବେଗି ଚାଲ ଆନନ୍ଦ ଧାମ
ସାର୍ଥକ କରିବା ଏଇ ଜୀବନ ।୫।

## ଏ ପୁଣ୍ୟ ବାସରେ

ଏ ପୁଣ୍ୟ ବାସରେ ସମବେତ ସ୍ୱରେ
ଗାଅ ଆବାହନ ଗାନ
ସମ ଉଚ୍ଚ ସ୍ୱରେ ସମାନ ରସରେ
ତୋଳ ସମ ମନ୍ଦ୍ର ତାନ
ଏକତାଳେ ବାନ୍ଧ ତାର
ସ୍ମୃତି ହୃଦୟ-ବୀଣାର
ଜୟଗୁରୁ ଜୟଗୁରୁ
ଜୟ ବାଞ୍ଛା କଳ୍ପତରୁ ।୧।

ପ୍ରଳୟ ଅନ୍ତରେ ପ୍ରକୃତି କଣ୍ଠରେ
ନିନାଦି ଥିଲା ଓଁକାର
ପ୍ରାଣର କଂପନେ ଖେଳିଗଲା କ୍ଷଣେ
ବିପୁଳ ଉଗ୍ର ଝଙ୍କାର,
ଅପୂର୍ବ ସୃଷ୍ଟି ରହସ୍ୟ
କଂପନରୁ ଜାତ ବିଶ୍ୱ
ତରୁ କୀଟାଦି ଅଶେଷ
ଗ୍ରହ ନକ୍ଷତ୍ର ମନୁଷ୍ୟ
ଚନ୍ଦ୍ର ତପନ ବିକାଶେ
ଅନନ୍ତ ନୀଳ ଆକାଶେ ।୨।

ସମ କଂପେ ବଜା ହୃଦ ବୀଣା ତାର
ଅସାଧ୍ୟ କର ସାଧନ
ଯେଉଁ କଂପନରେ ଦୂର ଅତୀତରେ
ବଜାଇଲେ ସୁରଗଣ
କୋଟି ବିଦ୍ୟୁତଲତା ଖେଳେ
ମହାଜ୍ୟୋତି ମୂର୍ତ୍ତ ହେଲେ
ଦଶଭୁଜା ପ୍ରକାଶିଲେ
ତମୋବଳ ବିଧ୍ୱଂସିଲେ ।୩।

ନୀରବେ ଖେଳାଇ ସେ ଜାତି କଂପନ
ନିରତ ହିମାଦ୍ରି କୋଣେ
ବରଷକେ ଥରେ ଓହ୍ଲାଇ ଆଣନ୍ତି
ତଥାଗତେ ଭିକ୍ଷୁଗଣେ
ପାଷାଣ ବେଦିରେ ବସି
ଶିଷ୍ୟେ ଚାହିଁ ଶାକ୍ୟ ଋଷି
ସିଞ୍ଚି ତୀର୍ଥ ବାରି ରାଶି
ଶ୍ରୀକର ତୋଳି ଆଶ୍ୱାସି
ଢାଳନ୍ତି ଆଶିଷ ରାଶି ... ।୪।

ବିହରନ୍ତି ଆମ ହୃଦୟ ଦେବତା
ଏହି ଭକତ ସମାଜେ
ତେଣୁ ମନ୍ଦତାନେ ଆବାହନ ଗାନେ
ପ୍ରତି ହୃଦତନ୍ତ୍ରୀ ବାଜେ
ସମଞ୍ଜସ କର ତାନ
ସମରସେ କର ଗାନ
ଜୟଗୁରୁ ଜୟଗାନ
ଶ୍ରୁତି ରସାୟନ ନାମ
(ଭକ୍ତ) ଅଛନ୍ତି ପ୍ରତୀକ୍ଷା କରି ଆସିବେ ସେ ଅବତରି
ଭାତିବେ ଶରୀର ଧରି ସ୍ଥୂଳ ନୟନେ ତୋହରି ।୫।

ଅଳପେ ମିଳିବା ଧନ ସେ ନୁହନ୍ତି
ଅଳପେ ପାରିବୁ ଧରି
ପୂର୍ଣ୍ଣଭାବେ ମନ ନିରିମଳ ଶୂନ୍ୟ
କରି ତାକ ପ୍ରାଣ ଭରି
ଏତେ କି ସେତେ ତୋହର
ଲୋଡନ୍ତି ନାହିଁ ଠାକୁର ।
ଅଛି କେତେ ଦେଉ କେତେ ଦେଖନ୍ତି ସିନା ନିରତେ
ମନେପ୍ରାଣେ ଡାକ ଦେଲେ ଟଳେ ସେ ଆସନ ହେଲେ ।୬।

କରୁଣା ମୂରତି ସତତ କରନ୍ତି
ସତୃଷ୍ଣ ନୟନ ପାତ,
ଆମ ଅଯତନୁ ସ୍ୱେଦସିକ୍ତ ତନୁ
ବ୍ୟଥା ପାଇ ଆଜି ଶ୍ରାନ୍ତ ।
ତମ ତନ୍ଦ୍ରା ପରିହର ଶୁଦ୍ଧ ସତ୍ତ୍ୱ ଭାବଧର
ଠାକୁର ଆରତି ବେଳେ ଆପ୍ରାଣ ଆହ୍ୱାନ କର ।
ଡାକରେ, ଡାକରେ, ...
ଏକ କଣ୍ଠେ ଏକ ତାନେ, ଡାକରେ ଡାକରେ
ସମଶକ୍ତି ଯୁକ୍ତ ତାନେ, ଡାକରେ ଡାକରେ
ଦେଖାଦେବେ ସଶରୀରେ, ଡାକରେ ଡାକରେ
ଦେଖିବୁ ସ୍ଥୂଳ ନେତ୍ରରେ, ଡାକରେ ଡାକରେ
ଉଚ୍ଚେ ହୁଳହୁଳି ଦେଇ, ଡାକରେ ଡାକରେ
ସ୍ଥୂଳ ନେତ୍ରେ ଦେଖା ଦେବେ, ନାଚରେ ନାଚରେ
ଜୟଗୁରୁ ଜୟ ଗାନେ, ନାଚରେ ନାଚରେ ।୭।

## ଏଇ ତ ମୋହନ ବଂଶୀ

ଏଇ ତ ମୋହନ ବଂଶୀ ବାଜିଲାଣି ଆସି
ଚାଲ ସଖୀ ଯିବା ଚାଲ ପ୍ରିୟ ମୁଖ ଦେଖି ।୦।

ଯମୁନା କୂଳେ ଶୁଭୁଛି ରାଇ ରାଇ ସେ ଡାକୁଛି
କାହା ପାଇଁ କେଉଁ ସୁର ସବୁ ତା ବଂଶୀ ଜାଣିଛି
ପାଟ ପିନ୍ଧି ଘାଟ ଜଗି ରହିଛି ସେ ବସି ।୧।

କଦମ୍ବ ମୂଳେ ହସୁଛି ସେ ହସେ କି ମଧୁ ଅଛି
ଅଧରେ ଅଧୀର ବଂଶୀ ସାତ ସୁରେ ସେ ବାନ୍ଧିଛି
ମରମେ ବିରହ ଜ୍ୱାଳା ଦେଉଛି ପରଶି ।୨।

କୁଞ୍ଜବନେ ଗୁଞ୍ଜ ମାଳି ତା'ସଙ୍ଗେ କଦମ୍ବ କେଳି
ପୁଞ୍ଜି ପୁଞ୍ଜି ଦେବା ଖଞ୍ଜି ଖୁସି ହେବେ ବନମାଳୀ
ଉଛୁର ନ କର ଦେଖ ବେଳ ହେଲା ଆସି ।୩।

ଷୋଳକଳାରେ ସୁନ୍ଦର ସୁନ୍ଦର ଶ୍ୟାମସୁନ୍ଦର
ବୁକୁରେ ଜଡାଇ ଧରି ରଖିବା ତାଙ୍କ ପୟର
ଇହ ପରକାଳ ସଖୀ ସଖା ପଦ ସାଥୀ ।୪।

## ଏତେ ଦରଦିଆ କିଏ ଲୋ ସଜନୀ

ଏତେ ଦରଦିଆ କିଏ ଲୋ ସଜନୀ
ବଇଁଶୀର ସୁରେ ମୋ ନାମ ଝୁରେ
କାହିଁକି କେଜାଣି ସେଇ ସୁର ଶୁଣି
ମରମେ ମରମେ ବିରହ ଘାରେ ।୦।

ଚିହ୍ନା ଚିହ୍ନା ମୋତେ ଲାଗେ ସେଇ ସୁର
ଆସିଲେ କି ସତେ ପ୍ରିୟତମ ମୋର
ଏ ମନ ପରାଣ ବନ୍ଧାରେ ସଜନୀ
ତାଙ୍କରି ସୋହାଗ ପ୍ରେମ-ଡୋରିରେ ।୧।

କହି ଦେ ମୋତେ କି ବୁଦ୍ଧି କରିବି
ବନ୍ଧୁ-ପଦ ତଳେ କି ମଧୁ ଢାଳିବି
ଡିଳେ କିଛି ଉଣା ହୋଇଗଲେ ପରା
ରସରାଜ ରୁଷି ବସିବେ ଦୂରେ ।୨।

ଭଲ ପାଆନ୍ତି ସେ ଶୁଭ ଝୀନବାସ
ସଜ ଶେଫାଳିର ସାଇତା ସୁବାସ
ଶରଧା ଥାଳିରେ ସୁଆଦ ପରଷା
ଶୁଅନ୍ତି କଅଁଳ ଫୁଲ ଶେଯରେ ।୩।

ଆସିଲେ ଦେବେ ସେ ନୂଆ ନୂଆ ପ୍ରୀତି
ଜଗତରେ ଯାହା କେହି ନ ଜାଣନ୍ତି
ଧୂଳି ଲାଗିଛି ଏ ଧରା ପୀରତିରେ
ପୂଜିବି ତାଙ୍କୁ ମୁଁ ତାଙ୍କ ପ୍ରେମରେ ।୪।

## ଏସୋ ପ୍ରେମମୟ୍ ନିଗମାନନ୍ଦ

ଏସୋ ପ୍ରେମମୟ୍ ନିଗମାନନ୍ଦ ଗୌରବ ରବି କୀର୍ତ୍ତିମାନ୍
ଏସୋ ଜ୍ଞାନବାନ୍ ଏସୋ ଗୁନବାନ୍ ବିପୁଲ ବିଦ୍ୟା କୃପାନିଧାନ୍ ।୦।

ଦୀନ-ହୀନ ଭକ୍ତ ଆମ୍ରା ସବାଇ କି ପୂଜା ତୋମାରେ କରିବ ଦାନ୍
ଧର ସଦ୍‌ଗୁରୁ ଧର ଉପହାର୍ ମିଲିତ ଭକ୍ତେର୍ ଆକୁଲ ପ୍ରାନ୍ ।୧।

ତୁମି ଓହେ ପ୍ରଭୁ ଦେବ ଦୟାମୟ ଆମ୍ରା ତୋମାରେ ସଂପେଛି ପ୍ରାନ୍
ଅକୃତି ଅଧମ୍ ଆମ୍ରା ସବାଇ ସତତ ଚାହିଁଏ ଚରନେ ସ୍ଥାନ୍ ।୨।

କତ ଜନମେର୍ ବାନ୍ଧବ ତୁମି ଯାଚେ ହେ ତୋମାରେ ଆକୁଲ ପ୍ରାନ୍
ତୋମାରି କୃପାୟ୍ ଶିଖେଛି ଆମ୍ରା ଗାଇତେ ତୋମାରି ମଙ୍ଗଲ୍ ଗାନ୍ ।୩।

(ଆମାର୍)ହୃଦୟ ମନ୍ଦିରେ ଉଠୁକ୍ ଜାଗିୟା ପ୍ରେମମୟ୍ ତବ ମୂରତିଖାନ୍
ତବ ଅଭୟ ଚରନେ ପ୍ରନମି ଆମ୍ରା କର ହେ ମୋଦେର୍ ଆଶିଷ ଦାନ୍ ।୪।

## କଜଳ ଲଗାଇ ସଜଳ ନୟନେ

କଜଳ ଲଗାଇ ସଜଳ ନୟନେ
ରହିଛି ହେ ତବ ପଥ ଅନାଇଁ
ହୃଦୟ-ମନ୍ଦିର ସାଜିରଖିଛି ମୁଁ
କେତେବେଳେ ବିଜେ ହେବ ଗୋସାଇଁ ।୦।

ସଜାଡି ରଖିଛି କୁସୁମ ଆସନ
ଆଲଟ ଚାମର ଆଉ ପାଦାସନ
ପୂର୍ଣ୍ଣ କୁମ୍ଭେ ଜଳ ଭରି ରଖିଅଛି
ଧୋଇ ଦେବି ମୁହିଁ ରଙ୍ଗାଚରଣ ।୧।

ଧୂପ ଦୀପ ଆଉ ଦୀନ ନଇବେଦ୍ୟ
ନିବେଦିବି ପ୍ରଭୁ ପଦ ସେବି ତବ
ଉନିଦ୍ର ରଜନୀ ବସି ରହିଅଛି
ଦୟାମୟ କେବେ କରୁଣା ହେବ ।୨।

ଆସିବ କେବେ ହୋ! ଏ ଦୀନ କୁଟୀରେ
ଘେନିବ ପଦରେ ଅର୍ଘ୍ୟ ମୋର
କରପତ୍ର ଯୋଡି ବସିଅଛି ପ୍ରଭୁ
ଆସି ପରଶିବ ଶିର ମୋହର ।୩।

## କର ଗୋ କୁଞ୍ଜ ମଣ୍ଡନ

କର ଗୋ କୁଞ୍ଜ ମଣ୍ଡନ ବିଜେ ହେବେ ଆମ ପରାଣ ଧନ ଗୋ
ଦେଖି ଧନ୍ୟ ହୋଇବ ଜୀବନ, ସଜନୀ ଗୋ ।୧।

ବାନ୍ଧ ଗୋ ଫୁଲ ଚାନ୍ଦୁଆ ଜଳାଅ ଯତନେ ଚନ୍ଦ୍ରଉଦିଆ ଗୋ
ତୋଷ ହେବେ ଭାବବିନୋଦିଆ ସଜନୀ ଗୋ ।୨।

ଅଗୁରୁ ଚୁଆ ଚନ୍ଦନ କର୍ପୁର ମିଶାଇ ଆଣ ବହନ ଗୋ
ତାଙ୍କ ଅଙ୍ଗେ କରିବା ଲେପନ ସଜନୀ ଗୋ ।୩।

ସୁବାସ ସୁମନ ମାନ ସୁମାନ ସେ ତୋଳ କରି ଯତନ ଗୋ
ଅଙ୍ଗେ ଦେବା ଫୁଲ ଆଭରଣ ସଜନୀ ଗୋ ।୪।

ଆଣ ଗୋ ବରଣ ଥାଳି ବଜାଅ ଶଙ୍ଖ ଦିଅ ହୁଳହୁଳି ଗୋ
ହାତ ପାତ ହୋଇ ନିଉଛାଳି ସଜନୀ ଗୋ ।୫।

ମଙ୍ଗଳ ସଙ୍ଗୀତ ମାନ ଗାଇ ତୋଷ ତାଙ୍କ ପରାଣ ମନ ଗୋ
ଆଜି ଆସିଛି ଶୁଭ ଲଗନ ସଜନୀ ଗୋ ।୬।

ଚରଣ ପରଶି ଧିରେ ବରଣ କରିବା ହୃଦୟ ପୁରେ ଗୋ
ବାନ୍ଧି ରଖିବା ପୀରତି ଡୋରେ ସଜନୀ ଗୋ ।୭।

## (କମ) ଚକା ଆଖିକି

(କମ) ଚକା ଆଖିକି
ସତେ ଆଉ ଥରେ ଭେଟିବି କି ? ।୦।

ମୁନି ଋଷିଗଣ କରନ୍ତି ଧିଆନ
ଯେଉଁ ଚରଣ ବେନିକି
ତା'ର ଦରଶନ ପାଇଁକି ଭାଜନ ଏ ଅଧମ ହେବ ନି କି? ।୧।

ପତିତପାବନ ବୋଲି ତ୍ରିଭୁବନ
ନାଗରା ବାଜୁଛି ତାକି
ଶୁଣି ମୁଁ ପତିତ ଧାଇଁ ଆସିଛି ତ ନ ଦେବ ହେ ମୋତେ ଠକି ? ।୨।

କହ ମୋ ବେଳକୁ ଗଲା କି ଗୋସାଇଁ
କରୁଣା-ଝରଣା ଶୁଖି
ନ ଦେଲେ ନ ଦିଅ ଦରଶନ ଦିଅ ରହିଲି ଦୁଆରେ ଟାକି ।୩।

## କମଳ ଚରଣେ କୁସୁମ ଅଞ୍ଜଳି

କମଳ ଚରଣେ କୁସୁମ ଅଞ୍ଜଳି
ଦେବାକୁ ମନରେ ଭାଳି
ସାଇତି ରଖିଛି ନାନା ଜାତି ଫୁଲ
ବନ ଉପବନୁ ତୋଳି ।୦।

ନୟନ-ବାରିର ଭିଜା ପଣତରେ
ପୋଛି ଦେବି ପଦ ଦୁଇ
ଆକୁଳ ପ୍ରାଣର ବ୍ୟାକୁଳତା ଘୋରି
ଚନ୍ଦନ ଲେପିବି ତହିଁ
ବସାଇ ତୁମକୁ ହୃଦ-ପଦ୍ମାସନେ
ବାଢିବି ନୈବେଦ୍ୟ ଥାଳି ।୧।

ମରମେ ସାଇତା ଗୋପନ ବାରତା
ତୁମ ଆଗେ ଦେବି କହି
ଅଲୋଡା ବୋଲି ମୋ କଥା ଏଡିବନି
ଶୁଣିବ ସରାଗ ବହି
ପ୍ରାଣ ଭରା ପ୍ରୀତି ଅଜାଡି ଦେଇ ମୁଁ
ନେବି ତୁମକୁ ସଙ୍ଖୋଳି ।୨।

ଜୀବନରେ ସେବା କରିଥିଲେ ସିନା
ମରଣେ ପାରିବି କରି
ସେ ପାରିକୁ ଯିବା ବେଳ ହେବ ଯେବେ
ତୁମେ ନେବ କର ଧରି
ସେବାର ସୁଯୋଗ ଦେଉଥାଅ ଦେବ
ଏତିକି ଶ୍ରୀପଦେ ଅଳି ।୩।

## କାହାର ବଇଁଶି ବାଜୁଛି ସଖୀ ରେ

କାହାର ବଇଁଶି ବାଜୁଛି ସଖି ରେ
ଶୁଣ ଶୁଣ ଡେରି କାନ
ରାଧା ରାଧା ବୋଲି ଡାକୁଛି ଅଧୀରେ
ଭାଙ୍ଗୁଛି ମୋ ଦମ୍ଭ ଟାଣ ।୦।

ଏଇତ ଶୁଭୁଛି ଯମୁନା କୂଳ ରେ
ବିରହ ରାଗିଣୀ ଧରି
ଏଇତ ଭରୁଛି ହୃଦୟେ ମୋହର
ବେଦନା ବିଧୁର ବାରି
ପାରୁନାହିଁ ଆଉ ସହିରେ ସଙ୍ଗୀତ
ଉଛୁର ନ ମାନେ ମନ ।୧।

ଆସ ଆସ ବୋଲି ଡାକୁଛିରେ ସହି
କୁଞ୍ଜକୁଟୀରେ ରହି
କେତେ ଲାଜ କଥା କହରେ ସଜନୀ
କେମିତି ପାରବି ସହି ?
ପ୍ରାଣ ସଖା ନିଜେ ଡାକୁଛନ୍ତି ମୋତେ
ଛି ମୋ ପୋଡା ଜୀବନ ।୨।

ପର କରି ଘର ପିୟ ପାଶେ ଯିବି
ଯିବି ମୁଁ କୁଞ୍ଜେବହନ
ମାନିବି ନାହିଁ ମୁଁ ବାରଣ ବନ୍ଧନ
ଜାତି କୁଳ ଅଭିମାନ
ଇହ-ପର କାଳ ସେହି ମୋ ଶରଣ
ଶ୍ରୀଗୁରୁ ଚାରୁ ଚରଣ ।୩।

## କିଏ ଶୁଣାଇଲା କୃଷ୍ଣ ବୋଲି ନାମ ତାର

କିଏ ଶୁଣାଇଲା କୃଷ୍ଣ ବୋଲି ନାମ ତାର
ଶୁଣିଲା ବେଳରୁ ପ୍ରେମୀଜନ ମନ ବୁଡାଇଲା ନିରନ୍ତର ।୦।

କେତେ କେତେ ନାମ ନାହିଁ ଏ ଗୋକୁଳେ କେତେ ନାମ ଶୁଣା ନାହିଁ
କୃଷ୍ଣ ନାମ ଏକା ଶୁଣନ୍ତେ ଶ୍ରବଣେ କାମୀ ପ୍ରେମରେ ବିଭୋର ।୧।

କି ମାଧୁରୀ ଭରି ରହିଛି ସେ ନାମେ ଢାଳେ କାନେ ସୁଧାଝର
ଅମୃତ ସେ କିବା ସୁବାସ ସତେ କି ଜୀବନଭରି ପ୍ରସର ।୨।

ଦେଖିବାର ପାଇଁ ସେ ମଧୁ ମୂରତି ନିରତ ଆଶା ମନର,
ସଦା ସେହି ରୂପ ଦରଶନ ପାଇଁ ଝୁରେ ସଦା ଚିତ୍ତ ମୋର ।୩।

### କୁଞ୍ଜବନେ ରାଧାରାଣୀ

କୁଞ୍ଜବନେ ରାଧାରାଣୀ ଝୁରି ଝୁରି କାନ୍ଦିଲାଣି
ଆହେ ଶ୍ୟାମ ନଟବର ପ୍ରୀତି ଫୁଲ ଝରିଲାଣି ।୦।

ଭୂମିପରେ ଅଙ୍ଗବାସ ମୁକୁଳା ହୋଇଲା କେଶ
ଆଖି ଲୁହେ ଭିଜାଉଛି ଗଣ୍ଡଦେଶ ବିନୋଦିନୀ ।୧।

ତୁମ ଅଙ୍ଗସଙ୍ଗ ସୁଖ ନପାଇ ରାଇ ବିମୁଖ
କଳା କଜଳର ଗାର ଭୂମି ପରେ ଆଙ୍କିଲାଣି ।୨।

ଅତର ଫୁଲ ଚନ୍ଦନ ବାସିହେଲା ଶ୍ୟାମଘନ
ଆସ ବେଗେ ଚିତ୍ତଚୋର ବେଳ ଉଛୁର ହେଲାଣି ।୩।

ଆମେ ଅଷ୍ଟସଖି ମିଳି ଶ୍ରୀଚରଣେ କରୁ ଅଳି
ରାଇ ଦୁଃଖ ଫେଡ ନାଥ ବେଳ ଉଛୁର ହେଲାଣି ।୪।

ଦେଖି ସେ ମଧୁ ମିଳନ ଧନ୍ୟ ହୋଇବ ଜୀବନ
ସାର୍ଥକ ହେବ ନୟନ ଶ୍ୟାମ ତୁଳେ ରାଇ ହେରି ।୫।

### କେ ଜାଣେ ଏ ବେଳ ଆଉ

କେ ଜାଣେ ଏ ବେଳ ଆଉ ମିଳିବ କି ନାହିଁ ରେ
ଆସରେ ସରବେ ଗୁରୁ ପଦ ସେବା ପାଇଁ ରେ ।୦।

ଅଚିର ତ ଏ ସଂସାର
କେ ଜାଣି କେବେ କାହାର
ଡାକରା ଆସିବ ଯିବା ପାଇଁ, ଜଣା ନାହିଁ ରେ ।୧।

ବେଳହୁଁ ମନରେ ଚେତ
ଗୁରୁ ସତ୍ୟ, ଗୁରୁ ନିତ୍ୟ
ଗୁରୁ ସାକ୍ଷାତ୍ ପରଂବ୍ରହ୍ମ, ଗୁରୁ ପ୍ରାଣ-ସାଇଁ ରେ ।୨।

ବ୍ୟଥିତ ତାପିତ ଜନ
ତାରଣ ଏକା ସେ ନାମ
ଅଖଣ୍ଡ ମଣ୍ଡଳାକାରେ ଚରାଚରେ ଥାଇ ରେ ।୩।

ମରଣର ଡର ଛାର
ହୋଇବ ମର ଜନର
ଅମୃତ-ସନ୍ତାନ ହୁଅ, ଗୁରୁ ପଦ ଧ୍ୟାୟୀ ରେ ।୪।

ଗୁରୁଦାସ କହେ ରାଇ
ଚିନ୍ତା ନାହିଁ ଚିନ୍ତା ନାହିଁ
ଗୁରୁ ନାମ ସୁମରଣେ ଭବ ତରି ଯାଇରେ ।୫।

### କେଉଁ ଦିନ ଦୀନବନ୍ଧୁ ହେ

କେଉଁ ଦିନ ଦୀନବନ୍ଧୁ ହେ !
ପ୍ରାଣବନ୍ଧୁ ବୋଲି ଡାକିବି ସତେ ?
ମର ଜୀବନର ମରମ ବେଦନା
ସମରପି ଦେବି ଚରଣ ପ୍ରାନ୍ତେ ।୦।

ନବଘନ କମଳ କାନ୍ତି
ପୂଜିବି ମୁଁ ପରାଣ ପତି
ଆଲୋକେ ଆଲୋକେ ପୁଲକେ ପୁଲକେ
ପୂରିଯିବ ମନ ଅନୁବରତେ ।୧।

ହୃଦୟର ନିରୋଳା ଘରେ
ନିଦ ଭାଙ୍ଗି ଚାହିଁବି ଧୀରେ
ରୂପର ମନ୍ଦିରେ ସ୍ୱରୂପ ମାଧୁରୀ
ହେରିବି ନୟନେ ବସି ଏକାନ୍ତେ ।୨।

ପର ପ୍ରେମେ ହଜିବ ମତି
ପ୍ରେମ ନୀରେ ବୁଡିବ ଛାତି
ହସିବି, କାନ୍ଦିବି, ନାଚିବି ଆନନ୍ଦେ
ନାମ ଗାଇ ଗାଇ ଅନ୍ତର ଗତେ ।୩।

### କେତେ ଗୋପନ ଆଶା କେତେ ଗୋପନ ଭାଷା

କେତେ ଗୋପନ ଆଶା କେତେ ଗୋପନ ଭାଷା
ନିରୋଳା ଏ ମନକୋଣେ ବାନ୍ଧିଛି ବସା
ପ୍ରିୟତମ ହେ ମୋର ମୋର ପ୍ରାଣ ଠାକୁର
ତୁମ ଲାଗି ଘାରିଛି ଏ ମରମେ ନିଶା ।୦।

ଏଇ ଆସୁଛ ବୋଲି ମୋର ନୟନ ମେଲି
ତୁମ ଆସିବା ବାଟକୁ ଚାହିଁ ରହିଲି
ସତେ ଶୁଭିଗଲା କି ତୁମ ନୂପୁର ଧ୍ୱନି
ଏଇ ଦିଶିଗଲା ତୁମ ଚରଣ ବେନି
ଆସ ପରାଣ ଧନ ମୋର ରଙ୍କରତନ
ଅନ୍ଧର ଲଉଡି ଦୁରୁଦିନ ଭରସା ।୧।

କେତେଦିନ ଆଉଦୂରେ ଦୂରେ ରହିବ
ବିରହିଣୀ ରାଧା କେତେ ବାଧା ସହିବ
ମୋର ମରମ ତଳେ ଫୁଲ ଆସନ ପାତି
ଜାଗି ବସିଲିଣି କେତେ ଅସରା ରାତି
ଏବେ ଦିଅ ହେ ଧରା ମୁଁ ଯେ ତୁମରି ପରା
ଅସାର ନକର ମୋର ଜାଗର ଓଷା ।୨।

### କେବେ ସେ ଦିନ ସତେ ଆସିବ ରେ

କେବେ ସେ ଦିନ ସତେ ଆସିବ ରେ?
ଅବଗାହିବି ପ୍ରେମ ସିନ୍ଧୁ ନୀରେ ।୦।

ଆନନ୍ଦେ ମତ୍ତ ହୋଇ
ଶ୍ରୀଗୁରୁ ନାମ ଗାଇ
ଦ୍ୱାରେ ଦ୍ୱାରେ କରିବି ଭ୍ରମଣରେ ।୧।

ଭେଟି ସର୍ବସ୍ୱ ମୋର
ହୋଇ ଚିର କୋୟର
ଅନୁରାଗେ ସେବିବି ଚରଣରେ ।୨।

ହେରିବ ଏ ନୟନ
ସତତ ପୁଣ୍ୟଧାମ
ଗୁରୁବାଣୀ ଶୁଣିବି ଶ୍ରବଣରେ ।୩।

## ଚାଲ ଯିବା ସଭିଏଁ ଗୁରୁ ଦୁଆରେ

ଚାଲ ଯିବା ସଭିଏଁ ଗୁରୁ ଦୁଆରେ
ସେ'ତ ବାଣ୍ଟୁ ଅଛନ୍ତି ଦୟା-ମୁଆଁ ରେ ।୦।

ଆଶିଷ ଆଖୁ ରସ    ରନ୍ଧା ଭାରି ସରସ
ଜଳାଇ ଦୟା ନିଆଁ    ପାଗ ବଡ ବଢିଆ
ମୁଆଁ ବଳା କରୁଣା ଲିଆରେ ।୧।

ଶୁଣିଲି ଆମ ବାଟ    କରିବାକୁ ଆକଟ
ଛଅ ଜଣ ଭଗାରି    ଅଛନ୍ତି ଖଣ୍ଡା ଧରି
କେହି ନୁହନ୍ତି ଊଣା କାହାରେ ।୨।

ବାଟରୁ ତାଙ୍କୁ ଯେବେ    ତଡି ନ ଦେବା ତେବେ
ହଟହଟା କରିବେ    ଖଣାକୁ ଠେଲି ଦେବେ
ଅସଲ ଖଣ୍ଟ ଦଗାଦିଆ ରେ ।୩।

ମନ ଧିଆନ ଭରି    ଗୁରୁ ନାମ ସୁମରି
ପାଦ ଚାଲିଲେ ଭାଇ    ଆଉ ତୋ ଡର ନାହିଁ
ବାଟରେ ଗୁରୁ ହେବେ ସାହା ରେ ।୪।

## ଜୀବନରେ ଖାଲି ଚାହୁଁ ତ ନାହିଁ ମୁଁ

ଜୀବନରେ ଖାଲି ଚାହୁଁ ତ ନାହିଁ ମୁଁ
ମରଣେ ତୁମକୁ ଚାହୁଁଛି
ଧନ, ଜନ, ପଦ, ଲୋଡା ନାହିଁ କିଛି
ଚରଣେ ଶରଣ ମାଗୁଛି ।୦।

ଏକା ଏକା ମୁହିଁ ଏ ସାରା ସଂସାରେ
ନାହିଁ ନାହିଁ କେହି ଆଗରେ ପଛରେ
ଛାଇ ଛାଇ ଖାଲି ଅନ୍ଧାର ଏ ଘରେ
ଏ ଆଖିକୁ ମୋର ଦିଶୁଛି
ପାଶେ ପାଶେ ତୁମେ ଅଛ – ତୁମେ ଅଛ
ତୁମ ଲାଗି ଏକ ଜୀଇଁଛି ।୧।

ଲୁଚି ଲୁଚି ଆଉ ନ ରହ ଠାକୁର !
ଦୂରେ ଦୂରେ ଘୁଞ୍ଚି ନ ବସ ଏଥର
ଆସ ଆସ ହୃଦ-ମନ୍ଦିରେ ବସ
ଆସନ ମୁଁ ପାତି ରଖିଛି
ବାର ବାର ପଦେ ପ୍ରଣତି, ମିନତି
ନିଶି ଦିନ ଜଣା କରୁଛି ।୨।

## ତୁମ ବଗିଚାରେ ଘାସ ଫୁଲ ମୁଁ ହୋଇ

ତୁମ ବଗିଚାରେ ଘାସ ଫୁଲ ମୁଁ ହୋଇ
ଚାହିଁ ରହିଥିବି ପଥ ମନ ମନାଇ ।୦।

ଆନ ବାସ ଫୁଲ ସାଥେ ଖେଳୁଥିବି ନତ ମାଥେ
ତୁମ ଚରଣ ପରଶ ଲଭିବା ପାଇଁ ।୧।

ଧିଆନୀ ମନଟି ମୋର ଭାଳେ ଏଇ ଆସିଗଲ
ଶିହରିବି ବାର ବାର ସରମି ଯାଇ ।୨।

ଝଡି ଯେବେ ଆସେ ମାଡି ଆନ ଫୁଲ ସାଥେ ଜଡି
ତଳେ ପଡି ଚାହିଁଥିବି ହୋଇ ଆଶାୟୀ ।୩।

ତୁମ କୃପା କଟାକ୍ଷରେ ଅଜାଣତେ ତୋଳି ନେଲେ
ତୁମ ଶ୍ରୀରଙ୍ଗଚରଣେ ଲୋଟିବି ଯାଇ ।୪।

ଏତିକି ମୋ ନିବେଦନ ଘେନା କର ପ୍ରିୟତମ
ଆଉ ଆଖି କୋଣେ ଦେବ ଟିକେ ଅନାଇ ।୫।

## ତୁମରି ପାଇଁକି ଖୋଲା ଆଖି ମୋର

ତୁମରି ପାଇଁକି ଖୋଲା ଆଖି ମୋର
ଆଉ ସବୁଥିକି ଅନ୍ଧ,
ତୁମ ତନୁ-ବାସ ବିନା ନ ବାଁରେ ମୁଁ
ଆଉ ତ କାହାରି ଗନ୍ଧ ।୦।

ହାତ ବଢାଇ ମୁଁ ଧରି ମନ କଲେ
ତୁମରି ପରଶ ପାଏଁ,
ଛାଇନିଦେ ଢଳି, ସପନ ନୟନେ
ତୁମ ଛବି ନାଚିଯାଏ,
କାନ ଶୁଣେ ଖାଲି ଦୂର ବଇଁଶୀର
ମନ ଭୁଲା ସୁର ଛନ୍ଦ ।୧।

ଯୁଗ ଯୁଗ ଧରି ଜୀବନେ ମରଣେ
ତୁମେ ଏକା ସାଥୀ ମୋର,
ପ୍ରିୟଠାରୁ ବଳି ପ୍ରିୟତମ ତୁମେ
ଆଉ ତ ସଭିଏଁ ପର,
ଦୂରରେ ନ ରହ, ଦୂରରେ ନ ରଖ,
ନ କର ଦୁଆର ବନ୍ଦ ।୨।

## (ତୁମ) ରୂପ ଲାଗି ଆଖି ଝୁରେ

(ତୁମ) ରୂପ ଲାଗି ଆଖି ଝୁରେ    କାହିଁ ଲୁଚି ଲୁଚି ଅଛ କୁହ
(ତୁମ) ବିରହରେ ଦିନ ସରେ    କାହିଁ ଗୋପନେ ଗୋପନେ ରୁହ ?
ଦୂରେ ଦୂରେ ତୁମେ କେତେ ଦୂରେ ଅଛ
ଖୋଜୁଛି ମୋ ଆଖି ଲୁହ ।୦।

ଖୋଜିଛି ଅମା ଅନ୍ଧାରେ    ଆକାଶ ବତାଶ ଭରି
ତୁମ ଚଲାପଥ ସରି    ବାଦଲ ରହିଛି ଘେରି
ଥରେ ଥରେ କେବେ ତାରାଫୁଲ ମେଳେ
ଜୋଛନା ପରଶ ଦିଅ ।୧।

(ତୁମ) ଲାବଣ୍ୟ ମଧୁର ଶିରୀ    (ମୋର) ଆଖି ପାରୁନାହିଁ ଧରି
(ତୁମ) ଇନ୍ଦ୍ରଧନୁର ରଂଗ    (ମୋର) ମନେ ଭରେ ଅନୁରାଗ
ଧୀରେ ଧୀରେ କେଉଁ ଆଲୋକ ଝଲକେ
ଦିଶିଯାଏ ତୁମ ମୁହଁ ।୨।

ସସାଗରା ଧରା ଧରି    ରହିଛ ହେ ପ୍ରିୟ ପୁରି
(ତୁମ) ହସର ପରଶ ପାଇ    (ସାରା) ଭୁବନ ଉଠୁଛି ଚେଇଁ
ଥରି ଥରି କେବେ ସେହି ରୂପ ଛାଇ
ଫୁଟିବ ମୋ ମନେ କୁହ ।୩।

(ତୁମ) ପଦରେ ପ୍ରଣତି ଢାଳି    କର ଯୋଡି କରେ ଅଳି
ନାହିଁ ମୋର ଟାଣପଣ    (ଦୀନ) ଅଧମ ଗୁହାରୀ ଘେନ
ସରି ସରି ଆସେ ଜୀବନ ଦୀପାଳି
ଦେଖା ଦିଅ ଦେଖା ଦିଅ ।୪।

## ଥକା ମନ ଚାଲ ଯିବା

ଥକା ମନ ଚାଲ ଯିବା ଗୁରୁଙ୍କ ଶରଣ ନେବା
ନିଜେ ସ୍ୱୟଂ ବ୍ରହ୍ମରାଶି
ମରତ ଭୁବନେ ଆସି
ନରକଳେବର ହୋଇ
ଅମୃତର ଭାଣ୍ଡ ନେଇ
ଅକାତରେ ବାଣ୍ଟୁଛନ୍ତି ତାଙ୍କୁ ହାତ ପତାଇବା ।୧।
ଜଣାଏ ମାତର ତହିଁ
ଭାଗ୍ୟେ ଯେବେ ଯିବୁ ପାଇ
ଭୟ ଶୂନ୍ୟ ସଦା ହେବୁ
ଯମ ସଦନ ନ ଯିବୁ
ସକଳ ଚିନ୍ତା ବରଜି ତାଙ୍କରି ଗୁଣ ଗାଇବା ।୨।
ତାଙ୍କ ସମ ଆପଣାର
ନ ହେବେ କେହି ଆମର
ବିପଦେ ସେ ସାହା ହେବେ
ସଦା ପାଖେ ପାଖେ ଥିବେ
ଚିର ସାଥୀ ହୋଇ ଯାଇ ଆନନ୍ଦେ ସଦା ମାତିବା ।୩।
ଚରଣ ତଳେ ତାଙ୍କରି
ଅଜାଡି ଦେଇ ଆମରି
ସକଳ ଜଞ୍ଜାଳ ଜାଲ
କାଟିବେ ପ୍ରାଣ ଠାକୁର
ଜଞ୍ଜାଳଶୂନ୍ୟ ହୋଇ ରେ ପ୍ରେମାନନ୍ଦେ ବିହରିବା ।୪।
ଭବବୈଦ୍ୟ ସେ ଅଟନ୍ତି
ତ୍ରିତାପ ନାଶ କରନ୍ତି
କରୁଣା ବଟିକା ଦେଇ
ସକଳ ଦୁଃଖ ହରନ୍ତି
ପଦ ତାଙ୍କ ଛାଡିବାନି ବୁକେ ଭିଡି ରଖିଥିବା ।୫।

## ଥରେ ଯେବେ ଗୋ ଦେଖା ପାଇବିରେ

ଥରେ ଯେବେ ଗୋ ଦେଖା ପାଇବିରେ
ପରମ ପଦ ତାର ଧୋଇବିରେ |0|

ପରାଣ ପ୍ରିୟ ବୋଲି , ଡାକିବି ତାରେ ଖାଲି
ସବୁ ଭୁଲି ତା ଗୁଣ ଗାଇବି ରେ |୧|

ସେ ମୋର ଜୀବ ଗତି , ତା ଲାଗି ଢାଳି ମତି
ପ୍ରେମ ନୀରେ ପୟର ଧୋଇବି ରେ |୨|

ତା ପ୍ରୀତି ଷୋଳ କଳା, ତା ଗୀତି ମଧୁ ବୋଳା
ତା ପଦେ ଦାସ ହୋଇ ରହିବି ରେ |୩|

ମନ ନୟନ ଭରି ତାହାରି ରୂପ ହେରି
ତା ସେବା ପାଇଁ ବାଇ ହୋଇବି ରେ |୪|

## ଥରେ ବଂଶୀ ବଜାଅ କହ୍ନାଇ

ଥରେ ବଂଶୀ ବଜାଅ କହ୍ନାଇ ରେ
ଥରେ ମୁରଲୀ ଦିଅ ତୁ ବାଇ ।0।

ତୋ ମଧୁ ମୁରଲୀସ୍ୱନ ନ ଶୁଣି ମନମୋହନ
ଆଉ ଗୋଠ ଯିବା ମନ ନାହିଁ
ଦେଖ ଧେନୁ ବତ୍ସା ଯେତେ ଅନାଇଁଛନ୍ତି ଚକିତେ
ଗୋପର ବାଳକକୁଳ ସରବେ ହେଲେଣି ଠୁଳ
ରହିଛନ୍ତି ତ ତୋତେ ଚକାଇ ରେ ।୧।

ଆଉ ତୁ ଉଛୁର କଲେ ମୁରଲୀ ନ ବଜାଇଲେ
ଖେଳିବୁ କହ କା ତୁଲେ ବୁଲିବୁ କହ କା ମେଳେ
ଏ କଥାକି କାହୁଁ ଜାଣୁନାହୁଁ ରେ? ।୨।

ହୃଦୟ-ଯମୁନା କୂଳେ ହସି ଖେଳି ଭାବ ଭୋଳେ
ରାଜା କରିବୁରେ ତୋତେ ଭେଟି ଫୁଲହାର କେତେ
ମନଭରି ଗୁନ୍ଥିଛୁଁ ତୋ ପାଇଁ ରେ ।୩।

(ଥରେ) ତିନିଭଙ୍ଗିଆ ଠାଣିରେ (ପିନ୍ଧି) ପୀତବାସ କାଛେଣୀ ରେ
(ଆସ) ମନନିକୁଞ୍ଜ କାନନେ (ଘେନ) ନିବେଦନ ଶୁଭଦିନେ
ଆମେ ପାଦ ଦେବୁଁ ତୋର ଧୋଇ ରେ ।୪।

## ଦରଶନ ଦିଅ ପ୍ରଭୁ ଦରଶନ ଦିଅ

ଦରଶନ ଦିଅ ପ୍ରଭୁ ଦରଶନ ଦିଅ
ତୁମକୁ ବସିଛି ଚାହିଁ ଆସବାରେ ପ୍ରିୟ ।0।

କିପରି କରିବି ସେବା ବିଧି ଜଣାନାହିଁ
କିପରି ଡାକିବିପ୍ରଭୁ ଡାକି ଜାଣେନାହିଁ
ହୃଦୟ ଆସନ ପାଶେ ଡାକୁଛି ତୁମକୁ
ବିଜେକର ପ୍ରାଣ ପ୍ରିୟ ଉଛୁର ନ କରି ।୧।

କିପରି ସେବିବି ପଦ ସେବି ଜାଣେ ନାହିଁ
ଅଗୁରୁ ଚୁଆ ଚନ୍ଦନେ ମନ ମାନେ ନାହିଁ
ନୟନର ସ୍ୱଚ୍ଛ ନୀର ରଖିଛି ସାଇତି
ବିଜେକର ହୃଦାସନେ ଦେବି ପଦ ଧୋଇ ।୨।

ସେବି ଜାଣେ ନାହିଁ ପ୍ରଭୁ ଡାକି ଜାଣେ ନାହିଁ
ତଥାପି ଡାକେ ମୁଁ ନିତି ଦରଶନପାଇଁ
କୃପା କର ବାରେ ପ୍ରଭୁ ଅଧିନା ପାଇଁ
ସାର୍ଥକ କର ଜୀବନ ଦରଶନ ଦେଇ ।୩।

## ଦରଶନ ଦେବାକାଳେ

ଦରଶନ ଦେବାକାଳେ ଦିଅ ଚିହ୍ନିବା ଶକତି
ଅନାଦରେ ଫେରିବନା ଆସ ଧରି ଯେ ମୂରତି ।ଠା

ପୂଜା କରିବି କିଂପାଇଁ
ଯୋଗ୍ୟ ଯେବେ ହେବି ନାହିଁ
ନ କରିବି ସେବା କେବେ ନୋହିଲେ ତୁମ ତୃପତି ।୧।

ଫୁଟିଲେ ଫୁଲ ଚହଟି
ନେବା ପାଇଁ ମଧୁ ଲୁଟି
ମଧୁପରାଜ ଗୁଞ୍ଜନେ କରେ ତା ପାଶେ ମିନତି ।୨।

ଆସୁ ବା ନ ଆସୁ କେହି
କୁସୁମର କ୍ଷୋଭ ନାହିଁ
ସାର୍ଥକ ଜୀବନ ତା'ର ସିଦ୍ଧି ପାଇଁ ବଳେ ମତି ।୩।

ଡାକୁଥିବି ଆସ ବୋଲି
ରଖିଥିବି ମନ ଖୋଲି
ନ ଆସିବ କେବେ ଯେବେ ଦିଅ ଶ୍ରୀପଦେ ଭକତି ।୪।

## ଦୟାମୟ ହେ ! ଖୋଲି ଦିଅ ହୃଦୟର ଦୁଆର

ଦୟାମୟ ହେ,
ଖୋଲି ଦିଅ ହୃଦୟର ଦୁଆର
ଭସାଇ ନେଉ ଜୀବନ ଆନନ୍ଦର ଜୁଆର ।ଠ।

ବାଉଳା ହେଲାଣି ମନ ପରାଣ ମୋର
ପାନ କରିବାକୁ ସୁଧା ମଧୁର-ଧାର
ପିଆସୀ କଣ୍ଠରେ ଦିଅ କଣିକାଏ ଏଥର ।୧।

ହସିବି ଭାସିବି ସୁଖ -ସାଗର ନୀରେ
ଜଗତ ଯାତନା ଜାଳ ଘୁଞ୍ଚିବ ଦୂରେ
ଆଉ ନ ଭୁଲିବି ତୁମ ପ୍ରେମମୟ ପୟର ।୨।

ତୁମ ବିନା କିଏ ଦେବ ମନର ମୂଲ ?
ବାରି ବିନା ଶିଶିରେ କି ଫୁଟିବ ଫୁଲ ?
ମନର ମଣିଷ ପରା ତୁମେ ଏକା ମୋହର ।୩।

## ଦୟାମୟୀ ମା' ବୋଲି ଗୋ

ଦୟାମୟୀ ମା ବୋଲି ଗୋ, କେ ତୋତେ କହେ
ଏଇ ଘରେ ଥାଉ ତୁ ତୋ ଦେଖା ନ ପାଏ |0|

ଆଦରେ ଜନମ ଦେଲୁ , ଗେଲ୍ହାଇ ତୁ ବଢ଼ାଇଲୁ
ମୁଖ ଲୁଚାଇ ତୁ ରହୁ , ଯେତେ ମୁ ଚାହେଁ |୧|

ଜାଣେ ଅଛୁ ଏଇ ଘରେ, କିଲିଣୀ ଦେଉ ଦୁଆରେ
କ୍ଷୀର ଦେଇ ବଢ଼ାଇ କେ ଦୂରରେ ରହେ ? |୨|

ଅବୋଲ ର ହେଲି ବୋଲି , ଦୂରେ ଦୂରେ ଦେଉ ଠେଲି
ଅବାଧ୍ୟ ସନ୍ତାନେ କି ମା' କ୍ଷମା ନ ଦିଏ |୩|

ଆଉ କିଛି ମାଗୁ ନାହିଁ, ଖାଲି ତୋର ପଦ ଛାଇ
ନମିଲୁ ପଛକେ ଆଜି , ଦେବୁ ଯେବେ ଅନ୍ତ ହୁଏ |୪|

## ଦିବସ ନିଶି ଯେତେ ଖୋଜି ହେଲି

ଦିବସ ନିଶି ଯେତେ ଖୋଜି ହେଲି
କାଙ୍ଗାଳ ଧନେ କାହିଁ ନ ପାଇଲି ।ଠ।

ଦେଖି ଯାଅ ତ ଥରେ ଅଛି ମୁଁ କି ଦୁଃଖରେ
ଦିନ ରାତି ତୁମକୁ ଝୁରି ଝୁରି
ମୋହ ମାୟାରେ ଭୁଲି ତୁମକୁ ନ ପାଇଲି
ଦୀନ କୁଟୀରେ ଆସ ଦୟାକରି ।୧।

ହୃଦୟ ପାପାନଳେ ଜଳି ପୋଡି ମୁଁ ମରେ
ଅନ୍ତର୍ଯାମୀ ନାଥ କି ଗଲ ଭୁଲି
ନିତି ତୁମକୁ ଝୁରେ ନାହିଁ ତ ବହୁ ଦୁରେ
ହୃଦ ସ୍ୱାମୀ ନ ଦେବ ପର କରି ।୨।

ଦେଖିବାକୁ ନ ପାଏ ଯେତେ ମୁଁ ଖୋଜି ହୁଏ
ଚୌଦିଗେ ସଦା କାହିଁ କାହିଁ ବୋଲି
ତୁମେ ତ ଦୟାମୟ ହେବ କି ନିରଦୟ
କ୍ଷମାନିଧି ନ ଦିଅ ଦୁରେ ଠେଲି ।୩।

## ନଈ ସେପାରିରୁ ବେଣୁ ବାଇଲା

ନଈ ସେପାରିରୁ ବେଣୁ ବାଇଲା
କିଏ ନାମ ଧରି ମତେ ରାଇଲା |୦|

ଡାକେ ସୁରେ ସୁରେ କେଡେ ସରାଗରେ
ମନ ପ୍ରାଣ ଭରେ ସେହି ସୋହାଗରେ
ତା'ର ପ୍ରୀତିରେ ମୋ ମତି ରହିଲା |୧|

ଯାର ବେଣୁ ତାନ ଏଡ଼େ ମଧୁବୋଳା
ତା'ର ରୂପ ହୋଇଥିବ ଷୋଳ କଳା
ସେ ତ ଭାବେ ଭାବେ ଚିତ୍ତ ମୋହିଲା |୨|

ଥରେ ହୁଅନ୍ତା କି ତା'ର ମୋର ଦେଖା
ଯିବି କେମିତି ମୁଁ ସତେ ଏକା ଏକା
ଭରା ନଈଟା ଭଗାରି ହୋଇଲା |୩|

ଭାରି ଦରଦିଆ ସେଇ ମନ ଚୋର
ଲାଗେ ସତେ କି ସେ ଅତି ଆପଣାର
ମୁଁ ଯେ ହେଲିଣି ତା ଲାଗି ବାଉଳା |୪|

## ନୟନମଣିକି ମୋର ନୟନରେ ରଖିବି

ନୟନମଣିକି ମୋର ନୟନରେ ରଖିବି
ତା ମୁଖ ସରଗ ଶିରୀ ଆଖି ଭରି ଦେଖିବି ।୦।

ବିଜନ ବେଳାରେ ବସି
ତାହାରି ଧିଆନେ ରସି
ତା ପଦ କମଳ ଛବି ମରମରେ ଆଙ୍କିବି ।୧।

ପ୍ରେମମୟ ସେ ମୂରତି
ପାଗଳ କଲାଣି ମତି
ପ୍ରୀତି ଅଭିସାରେ ତା'ରେ ତନୁ ମନ ସଁପିବି ।୨।

ତାହାରି ଆରତି କରି
ବଞ୍ଚିବି ଜୀବନ ଧରି
ତା ନିଗମ ଗୀତ ଛନ୍ଦ ହୃଦୟରେ ଲେଖିବି ।୩।

ନ ଛାଡିବି ତା'ରେ ଆଉ
ଜୀବ ପଛେ ଗଲେ ଯାଉ
ତା ପଦ-ସରୋଜ-ରଜ ଶିରେ ମୋର ମାଖିବି ।୪।

## ନଟବର ବେଶେ ଆସ

ନଟବର ବେଶେ ଆସ ରସିକ ଶେଖର
ନିରୁପମ ରୁପ ସତେ କେଡେ ମନୋହର ।୦।

ଭକତି ଯମୁନା କୂଳେ ପୀରତି କଦମ୍ବ ମୂଳେ
ଚିତ୍ତବୃତ୍ତି ସଖାଗଣ ତୁଲେ
ବଜାଅ ମୂରଲୀଧର ନିଃଶ୍ୱାସ ପବନେ ମୋର
ବିବେକ ବଇଁଶୀ ମଧୁସୁରେ
ଚିଦାନନ୍ଦେ ତନୁମନ ହେଉ ହେ ବିଭୋର ।୧।

ତୁମେ କରୁଣା ସାଗର ରସ ରସିକ ନାଗର

ହୃଦୟ ରାଧିକା ସଙ୍ଗେ ରସି
ଏ ମୋ ମନ ବୃନ୍ଦାବନେ ବିହର ଆନନ୍ଦ ମନେ
ନ ଗଣି ଦିବସ ଅବାନିଶି
ସଙ୍ଗେ ଘେନି ଯେତେଛନ୍ତି ଭକତ ଗୋପାଳ ।୨।

ପ୍ରେମର ବରଜଧୂଳି ନାମ ରସେ ଗୋଳି ଢାଳି
ହୋରି ଖେଳେ ମତାଅ ଭୁବନ
ତୁମ ଗିତ ଗାଇ ଗାଇ ନାଚିବି ମୁଁ ହୋଇ ବାଇ
ଅନୁସରି ଗୁରୁ ମହାଜନ
ଜୀବନରେ ଆନବାଞ୍ଛା ନାହିଁ ଏ ମନର ।୩।

## ନିରାଶାର ଅନ୍ଧକାର

ନିରାଶାର ଅନ୍ଧକାର ଘେରିଛି ପରାଣ ମୋର
କାହିଁଅଛ ପରାଣର ପ୍ରିୟ ମୋହର
ଘୁଞ୍ଚାଅ ବିରହ ବ୍ୟଥା ବେଦନାରେ ଘୂରେ ମଥା
ଦୁର୍ଭେଦ୍ୟ ଅନ୍ଧାରେ ପଥ ନୁହେଁ ଗୋଚର
କାହିଁ ମୋର ଭକତି ବଳ
ତୋଷିବି ତୁମକୁ ବନ୍ଦି ପଦ ଯୁଗଳ ।୧।

ଜନମ ଜନମ ଧରି ଲକ୍ଷ୍ୟହୀନ ପଥେ ଘୂରି
ମରୁ-ମରୀଚିକା ସାର ହେଲା ଜୀବନେ
ଜଳେ ହିଆ ଦାବାନଳେ ଅଶାନ୍ତି ସିନ୍ଧୁର ଜଳେ
ଏକାକୀ ବିଳାପ କରେଁ ବୁଲି ବିଜନେ
ଦରଶନ ଦିଅ ଦାସରେ
ସରସ କର ହୃଦୟ ମଧୁ ଭାଷରେ ।୨।

କୁବୃତ୍ତି ବିନାଶ କରି ଅଶାନ୍ତି ଦୁଃଖ ନିବାରି
ଆସ ହେ ଭାବବିହାରୀ ! ଜୀବନ ପଥେ
ଆଶ୍ରୟ ଦିଅ ଚରଣେ ଜୀବନର ଶେଷ ଦିନେ
ଅଶ୍ରୁ ଅର୍ଘ୍ୟ ନିବେଦିବି, ରଖିଛି ଯେତେ
ବସ ହୃଦ କମଳାସନେ
ହର ସନ୍ତାପ ମୋହର ମଧୁ ବଚନେ ।୩।

ଅଜ୍ଞାନ-ଅନ୍ଧାର ନାଶି ଜ୍ଞାନ-ଆଲୋକ ପ୍ରକାଶି
ଆଶୀର୍ବାଦ ଦେଇ କର ସନ୍ତାପ ଦୂର
ସେବାର ସୁଯୋଗ ଦିଅ ତବ ଲୀଳାରେ ମଜ୍ଜାଅ
ଅନିତ୍ୟ ଜଗତେ ରଚ ନିତ୍ୟମନ୍ଦିର
ଏହି ମାତ୍ର ଅଳି ଚରଣେ
ପୂର୍ଣ୍ଣ କର ଗୁରୁଦେବ ! ଦାସ ଜୀବନେ ।୪।

## ପଖାଳିବି ବୋଲି ଚରଣ ଯୁଗଳ

ପଖାଳିବି ବୋଲି ଚରଣ ଯୁଗଳ ମନରେ ଆଶା ମୁଁ କରି
ସାଇତି ରଖିଛି ଅତି ଯତନରେ ବେନି ନୟନର ବାରି
ହେ ଠାକୁର ! ପାଶରୁ ନ ହୁଅ ଦୂର
ଆଜି ଶୁଭଦିନେ, ଶୁଭ ଲଗନରେ ଏତିକି କରୁଣା କର ।୧।

ପ୍ରୀତି-ଚନ୍ଦନ ମୁଁ ଘୋରି ରଖିଅଛି ଶ୍ରୀଅଙ୍ଗେ ଲେପିବା ପାଇଁ
ଆହୁରି ରଖିଛି ମନ ଫୁଲେ ମୋର ଗୁନ୍ଥା ହାରକୁ ସଜାଇ
ହେ ଦେବତା ! ନିବେଦୁଛି ମନ କଥା
ହୃଦୟ-ଆସନେ ଆସି ବସ, ମୁହିଁ ପୂଜିବି, ନୁଆଇଁ ମଥା ।୨।

ଏ ମନର ଚିର ପିଆସ ମୋହର ହର, ଦେଇ କୃପା ବାରି
ତିନି ଜଗତର ଆଶ ପୂରାଇବ ଆନ କିଏ ତୁମ ସରି
ହେ ଠାକୁର ! ମିନତି ମୋ ଘେନା କର
ଯେତେ ଅପରାଧ କ୍ଷମା କରି, ଶିରେ ପଦରଜ ଢାଳ ମୋର ।୩।

## ପାରିଲି ଦୂରୁଁ ବାରିରେ

ପାରିଲି ଦୂରୁଁ ବାରିରେ କୁଞ୍ଜେ ମୂରଲୀ ବାଜେ
ମରମ-ହେମ-ବେଦୀରେ ତା'ର ମୂରତି ସାଜେ ।୦।

ଚାରୁ ଚରଣ-ତଳ ଚନ୍ଦନ ପରିମଳ
ଛଟା ରଙ୍ଗ କମଳ ଫୁଟା ସରସ ଦଳ
ଶିରୀ ତ ହାରେ ସଲାଜେ ।୧।

ତା' କମ ପଦରେଣୁ ରସି ମାଖିଲା ଦିନୁଁ
ହିମ-ଶୀତଳ ଭାନୁ କର ପରଶ ମନୁ
ନ ଯାଏ, ପ୍ରୀତି ସରଜେ ।୨।

ତା' ମୁଖ ଦରହାସ ତା'ର ନେତ୍ର-ବିଳାସ
ହରେ ମନ-ପରାଣ ରଚଇ ମଧୁରାସ
ଆନରେ ରତି ବରଜେ ।୩।

କେବେ ରସିକରାଜ ପୁରେ ହେବେ ବିରାଜ
ସାଜି ସୁମନ-ଶେଯ କହିବି ବନ୍ଧୁ ! ଆଜ
ଖଟାଅ ପଦ-ସରୋଜେ ।୪।

## ପ୍ରାଣ ଠାକୁର ହେ କେବେ ଆସିବ ସେ ଦିନ

ପ୍ରାଣ ଠାକୁର ହେ, କେବେ ଆସିବ ସେ ଦିନ ?
ଅନ୍ତର ମନ୍ଦିରେ ଆସିବ ବସିବ
ତୋଷିବ ଏ ପ୍ରାଣ ମନ ।୦।

ଜାଗିବସି ଅଛି କେତେ କାଳୁ ମୁହିଁ
ତବ ଶ୍ରୀଚରଣ ଦରଶନ ପାଇଁ
ଶରଣାଗତରେ କୃପା କରି ଦେବ
ସାର୍ଥକ କର ଜୀବନ ।୧।

ଅବିରତ ମୋର ଆକୁଳ ପରାଣ
ଖୋଜିବୁଲୁ ଥାଏ ସଦା ନିଶିଦିନ
ତୁମ କମ ଛବି ହେରିବା ପାଇଁକି
ନିରତ ଖୋଜେ ନୟନ ।୨।

ଅପରୂପ ତବ ମୋହନ ମୂରତି
ନିରେଖିବା ପାଇଁ ବଳାଇଛି ମତି
ଆଖି ନୀରେ ଧୋଇ ଶ୍ରୀଚରଣ ବେନି
ପଶିବି ପଦେ ଶରଣ ।୩।

ମାଗିବିନି କିଛି ହେ ଦୟାସାଗର !
ଶ୍ରୀପଦ ସେବାରୁ ବଞ୍ଚିତ ନ କର
ଏହି ଅର୍କି ତବ ଶ୍ରୀଛାମୁ ରେ ମୋର
ଘେନା କର ଜୀବଧନ ।୪।

## ପ୍ରାଣର ମଣି ନ ଯାଏ ହଜି

ପ୍ରାଣର ମଣି ନ ଯାଏ ହଜି ବନ୍ଧୁରେ
ସର୍ବଗାସୀ କାଳ ଜୁଆରେ
ଦିନର ମଣି ନ ଯାଏ ଲୁଚି ବନ୍ଧୁରେ
ଶତ ଘନ ଘୋର ଅନ୍ଧାରେ ।୦।

ପରଶ ମଣିଟି ଅଛି ତୋହରି ପାଶେ ପରଶ ଆସେ
ଦିନମଣି କାଳ ଜାଣି ଉଇଁ ଯେ ଆସେ ଅନ୍ଧାର ନାଶେ
ଫୁଟନ୍ତା ଫୁଲରେ ଉଷା ସାଜେ ତା କନକ ଭୂଷା
କଞ୍ଜ ହାସେ ବିରହର ରଜନୀ ପାରେ
ମିଳନର ନୂଆ ଆଶାରେ ।୧।

ପ୍ରାଣ ସଖା ରହିବେ ନା ପ୍ରାଣର ଡାକେ କେଉଁ ମୂଲକେ
ବନ୍ଦାଇବା ଅଶ୍ରୁ ଅର୍ଘ୍ୟେ ଆସିବେ ପାଖେ ପ୍ରେମ ପୁଲକେ
ପ୍ରେମ ତରଙ୍ଗିଣୀ ମୁଖେ ସିନ୍ଧୁ ଉଠି ଚୁମ୍ବେ ସୁଖେ
ପାଛୋଟି ନେବାକୁ ଆସେ ଉଛୁଳି ଜୁଆରେ
କୋଳ କରି ବାନ୍ଧେ ବାହାରେ ।୨।

ବିରାଟ ପ୍ରାଣରେ ପ୍ରାଣ ମିଳନ ଲାଗି ହୁଅ ତିଆଗୀ
ଆତ୍ମ ବିସର୍ଜନ କରି ଅନ୍ତରେ ଜାଗି ସୁଖ ତିଆଗୀ
ତିଳେ ତିଳେ ଦାନ ଯାର ସାର୍ଥକ ଜନମ ତାର
ଝରାଇ ନିଗାଡେ ପ୍ରାଣ ମହା ପାରାବାରେ
ରୂପାନ୍ତର ପରିପୂର୍ଣ୍ଣତାରେ ।୩।

## ପ୍ରିୟତମ ଡାକ ଶୁଭେ ତ ଆଜିରେ

ପ୍ରିୟତମ ଡାକ ଶୁଭେ ତ ଆଜିରେ
ଶୁଣ ଶୁଣ ଡେରି କାନ
ଡାକି ଆସିଛନ୍ତି ଆସ ବେଗ କରି
ଗଡିଯାଏ ତ ଲଗନ ।୦।

ତାପିତ ହୃଦୟ ତୋର ବହେ ନୀର ଧାର ଧାର
ଆଜିରେ ନୟନ ପୋଛିଦେବେ ସେ ତ
ଯିବ ବିରହ ବେଦନ ।୧।

ହେବରେ ମଧୁ ମିଳନ ମଧୁରେ ପୂରିବ ମନ
ସେହି ପ୍ରେମ ମୁଖ ଅନ୍ତରେ ଜାଗି
ପୁଲକିବ ରେ ପରାଣ ।୨।

## ପ୍ରିୟତମ ହେ! ଆଖିର ଅଦେଖା ମୋର

ପ୍ରିୟତମ ହେ! ଆଖିର ଅଦେଖା ମୋର
ପ୍ରେମରେ ପାଗଳ ପରା ମୁଁ ନାମ ଶୁଣି ମାତର ।୦।

ମୋର ମୋର ବୋଲି କହେ ମୁଁ ଯାହା
ସଂପି ଦେଇଛି ତ ଚରଣେ ତାହା
ମାୟା-ନିଶି ଅଧେ ଘୋର ଘୁମ ଭାଙ୍ଗି
ସଜାଇଛି ଶେଯ ତୁମର ।୧।

ଉପବନେ ଯାଇନାହିଁ ମୁଁ ବୁଲି
ମନ-ସୁମନରେ ଗୁନ୍ଥିଛି ମାଳି
ଭକତି ପେଡ଼ିରେ ସୋହାଗ-ଚନ୍ଦନ
ଘୋରି ରଖିଛି ମୁଁ ନାଗର ।୨।

କୁଡ଼ିଆ ଦୁଆର ମୁକୁଳା କରି
ଲୁହଧାରେ ଘିଅ ଦିପାଳୀ ଜାଳି
ଆଡୁଆଳ କରି ବାଆ ବତାସିକୁ
ତୁମ ବାଟ ଚାହିଁ କାତର ।୩।

## ପ୍ରିୟ ନିକେତନ ଛାଡି କି କାରଣ

ପ୍ରିୟ ନିକେତନ ଛାଡି କି କାରଣ
ଆସିଲୁ ପଥିକ ଧାଇଁ ରେ
କେତେ ଅତୀତର ଅଲେଖ-ସଂସ୍କାର
ଅଜାଡରେ ଶିରେ ବହି ରେ ।୧।

କେତେ ଜ୍ୟୋତି ରେଖା ପଥେ ଦେଲା ଦେଖା
ଅନ୍ଧାରେ ହୋଇଲୁ ବାଇ ରେ
ମୋହ ଭେଳିକିରେ ଏଡିଦେଲୁ ସବୁ
ଜନ୍ମ-ମୃତ୍ୟୁ ଛକ ଡେଇଁ ରେ ।୨।

ଛେଦ କର ଏହି ଅନ୍ତହୀନ ଯାତ୍ରା
ମରଣ ଏପାରେ ଥାଇ ରେ
ଫେରିବାକୁ ହେବ ଆସିଛୁ ଯେ ପଥେ
ପାରିବୁ କି ଏକା ଯାଇ ରେ ? ।୩।

ସମ୍ମୁଖରେ ତୋର କାହିଁ ଲକ୍ଷ୍ୟସ୍ଥଳ
ଚାହାଁ ନୟନ ଫେରାଇ ରେ
ଆଲୋକ ବର୍ତ୍ତିକା ଦେଖାନ୍ତି ଯେ ସଖା
ଧର ତାଙ୍କ ପଦ ଧ୍ୟାୟି ରେ ।୪।

ସେହି ପିତା-ମାତା ସେହି ଇଷ୍ଟ ଭ୍ରାତା
ତାଙ୍କ ସମ କିଏ କାହିଁରେ ?
ଭକ୍ତିଯୁକ୍ତ ହେଲେ ଶ୍ରୀପଦ ଧରିଲେ
ତରିବୁ ଆଶ୍ରୟ ପାଇ ରେ ।୫।

ଯେତେ ତ୍ୟାଗ ନୁହେଁ ତ୍ୟାଗ, ଯହିଁ ହୁଏ
ମରଣେ ଜୀବନ ସ୍ଥାୟୀ ରେ
ଲକ୍ଷେ ଜୀବନର ତପ କିଛି ନୁହେଁ
କୈବଲ୍ୟ କଣିକା ପାଇଁ ରେ ।୬।

ପାଇଲେ ସେ ପଦ ଅମର ସଂପଦ
ନାଚିବୁ ଉନ୍ମାଦ ହୋଇ ରେ
ତୋର ଲକ୍ଷସ୍ଥାନ ନିତ୍ୟ ସତ୍ୟ ଧାମ
ହେଲେ ପହଞ୍ଚିବୁ ଯାଇ ରେ ।୭।

## ପ୍ରେମମୟ ଜୟ ନିଗମାନନ୍ଦ

ପ୍ରେମମୟ ଜୟ ନିଗମାନନ୍ଦ କାନ୍ତି-କୀର୍ତ୍ତି-ମୂର୍ତ୍ତିମାନ
କୃପାମୟ ଦେବ ! ନିଗମ ଗୌରବ ଶୌର୍ଯ୍ୟ-ଗାରିମା-ଦୀପ୍ତିମାନ ।୦।

ସିଦ୍ଧ ସଦ୍‌ଗୁରୁ ଭକ୍ତ କଳ୍ପତରୁ ଅଭୟ ମୂରତି ଜ୍ଞାନବାନ
ନେଇଛୁ ଶରଣ ଜିଣିବୁଁ ମରଣ ତ୍ରିଜଗତେ ଆମେ ଶକ୍ତିମାନ ।୧।

ନିର୍ଭର କରି ନିର୍ଭୀକ ଆମେ ସଂଗ୍ରାମଜୟୀ ଆର୍ଯ୍ୟ ସନ୍ତାନ
ଜନ୍ମମୃତ୍ୟୁଛେଦ ଶଙ୍କାବିହୀନ ହୋଇଛୁଁ ସକଳେ ବୀର୍ଯ୍ୟବାନ ।୨।

ତୁମରି ସାଧନା ଦେଇଛି ପ୍ରେରଣା ବିଶ୍ୱହିତେ ଆମେ ତେଜିବୁ ପ୍ରାଣ
କରମ ସାଧନେ ଶରୀର ପାତନେ ଶ୍ରୀଚରଣତଳେ ଲଭିବୁଁ ସ୍ଥାନ ।୩।

ଜନହିତକର କରମ ତୁମର ସାଧନେ କରିବୁଁ ଜୀବନ ଦାନ
ତବ କୀର୍ତ୍ତିରକ୍ଷା ଜୀବନର ଦୀକ୍ଷା ଜୟଗୁରୁ ଆମ ସଂଗ୍ରାମ ଗାନ ।୪।

## ମାଗିବି ନାହିଁ ମୁଁ କିଛି

ମାଗିବି ନାହିଁ ମୁଁ କିଛି ତୋ ଚରଣେ ଅଳି କରି
ଦରଶନ ଦିଅ ଗୋ ମାଆ, ଏତିକି ଭିକ୍ଷା ଶଙ୍କରୀ ।୦।

କମଳ-ପଦରେ ତୋର ନୁଆଁଇବି ମଥା ମୋର
ମାଆ ବୋଲି ଥରେ ଖାଲି, ଡାକିବି ପରାଣ ଭରି ।୧।

ତପତ ନୟନ ନୀରେ ପଖାଳିବି ତୋ ପୟରେ
ଚାହିଁ ତୋ ଚରଣ ଥରେ, ମୋ ଦୁଃଖ ଯିବି ପାଶୋରି ।୨।

ସେବାର ଅଯୋଗ୍ୟ ବୋଲି ପାଦେ ଥରେ ଦିଅ ଠେଲି
ଶିରେ ପଦରଜ ବୋଳି, ବାସନା ଯିବ ମୋ ପୂରି ।୩।

## ମନ-ଘରେ ବସା ବାନ୍ଧି ରଖିବାକୁ

ମନ-ଘରେ ବସା ବାନ୍ଧି ରଖିବାକୁ
କେତେ ଆଶା ମନେ କରିଅଛି
ମନା କର ନାହିଁ ହେ ହୃଦୟ-ସାଇଁ !
ଶିରୀପଦେ ଗୁହାରି ହେଉଛି ।୦।

ସାଉଁଟି ଆଣିବି ଭକତି ସୁମନ
ନୀଡଟି ରଚିବି ଦେଇ ମନ ପ୍ରାଣ
ଶ୍ରଦ୍ଧା ଭୋଗ ଦେଇ ପ୍ରେମ ନୀର ପେଇ
ସେବା କରୁଥିବି ମନ ବୁଝି ।୧।

ହୃଦୟ-ପଲଙ୍କେ ସେନେହ ଶେଯରେ
ଶୁଆଇଣ ଦେବି ପ୍ରସନ୍ନ ଚିତ୍ତରେ
କହିବି ମନର ଅକୁହା କଥା ମୁଁ
ଗୋପନ ଅନ୍ତରେ ଅଛି ସାଇତି ।୨।

ତିଆଗ ସଂଯମ ପଥ ଆଚରିବି
ଭାବର ଆର୍ତ୍ତିରେ ଆରତି କରିବି
ମଥା ନତ କରି ଶରଣ ଆଦରି
ଚିତ୍ତ ପ୍ରସନ୍ନତା ମନରେ ବାଞ୍ଛି ।୩।

କାମନା-ବାସନା ଧୂପ ନିବେଦିବି
ଅଭ୍ୟାସ ବୈରାଗ୍ୟ ପଥ ଆଦରିବି
ନିବୃତ୍ତି ମାର୍ଗର ଆଶରା ନେବି ମୁଁ
ସ୍ୱାର୍ଥ ସଂକୀର୍ଣ୍ଣତା ହୃଦରୁ ପୋଛି ।୪।

ଗୁରୁସେବା ସେବା-ମାହାତ୍ମ୍ୟ ପଥ
ବୁଝି ହୋଇବି ମୁଁ ସେବାରେ ନିରତ
ଆନନ୍ଦେ ହେରିବି ସେ ଚନ୍ଦ୍ରବଦନ
ଅନ୍ତିମେ ପରମ ପଦକୁ ଇଚ୍ଛି ।୫।

## ମନ ମୋର ଚାହେଁ

ମନ ମୋର ଚାହେଁ ସେବିବାକୁ ସଦା
ସେହି ଶ୍ରୀରଙ୍ଗପୟର
ଶ୍ରୀଚରଣ ରେଣୁ ମୁଣ୍ଡେ ବୋଳିବାକୁ
ମନ ମୋ ହୁଏ ଅଧୀର ।୦।
ସେ ଚରଣ ସୁଧା ପାନ କରିବାକୁ
ବ୍ୟାକୁଳିତ ହୁଏ ପ୍ରାଣ
ଆଖି ନୀର ଧାରେ ଧୋଇ ଦେବା ପାଇଁ
ସେ ବେନି ଛନ୍ଦା ଚରଣ
ଦୂରେ, ନ ରୁହ ପ୍ରାଣ ଠାକୁର ।୧।
ଆଖି ମୋର ଚାହେଁ ହେରିବାକୁ ସଦା
କମ ଛବି ନିରନ୍ତର
କଣ୍ଠ ମୋର ଚାହେଁ ଗାଇବାକୁ ପ୍ରଭୁ
ସେ ନାମ ସୁଧା-ମଧୁର
ପ୍ରଭୁ ! ଏହି ନିବେଦନ ମୋର ।୨।
ଜନମେ ଜନମେ ଇହ ପରକାଳ
ସାଥୀ ଏକା ତୁମେ ମୋର
ତୁମକୁ ନ କହି କାହାରେ କହିବି
ଦୁଃଖ ଯାହା ହୃଦୟର
ଦିଅ, ପଦସେବା ଅଧିକାର ।୩।
ଭୁକ୍ତି ମୁକ୍ତିଦାତା ଦୟାର ସାଗର
ପ୍ରଣତି ମୋ ଘେନା କର
ଅଧମ ଅଯୋଗ୍ୟ ଅଗୁଣର ବୋଲି
କର ନାହିଁ ମୋତେ ପର
ମାଗେ, ଦରଶନ ଯୋଡି କର ।୪।

## ମନ ନିଧୁବନ ଝୁରେ

ମନ ନିଧୁବନ ଝୁରେ ତୁମ ଲୀଳା ତୁମ ରୂପ
ଗୋକୁଳ ଚନ୍ଦ୍ରମା ବାରେ ଆସ
ତୁମ ବିନେ ତୁମ ପ୍ରୀତି ଆହେ ପ୍ରଭୁ ଶିରିପତି
ଦିଏ ନିତି ଦାରୁଣ ପରାଶ ।୦।

ଜୀବନର କେଳି କୁଞ୍ଜେ ମାଧବୀକା ଫୁଟିଲାଣି
ମିଳନ ଲଗନ ସ୍ମରି ମଧୁବାସ ଛୁଟିଲାଣି
ବାସି ହୁଏ ଅଭିସାର ପଲଙ୍କ ସୁପାତି ମୋର
ଆଉ ଏବେ ନ କର ନିରାଶ ।୧।

ଛଳଛଳ ଏ ନୟନ ଯମୁନାର ନୀରଧାରେ
ତୁମ ପ୍ରୀତି ପିଆସି ଏ ଚିତ୍ତ ମୋର ନିତି ଝୁରେ
ଛାତି ତଳେ କେତେ ତାତି ସହିଲିଣି ଦିନ ରାତି
ସୁରସ ନାଗର ବାରେ ଆସ ।୨।

ମରମର ମଧୁପୁରେ ଜୀବନ ଦିପାଳୀ ମୋର
ଜଳି ଜଳି ଅବଶେଷେ ଲିଭିବାକି ହେବ ସାର
ଏକା ଏକା ରଖି ମୋତେ କି ସୁଖ ପାଉଛ ସତେ
ଥରେ ହେଲେ ଆସି ପଦେ ଭାଷ ।୩।

## ମଣିମା ! ଦେଉଳ ଦୁଆର ଦିଅ ଫିଟାଇ

ମଣିମା ! ଦେଉଳ ଦୁଆର ଦିଅ ଫିଟାଇ
ପୂଜିବି ପୟର ଶିର ଲୋଟାଇ ।୦।

ସଂସାର ଜୀବନୁ ଆଣିଛି ସାଉଁଟି
ସୁଖର ଫୁଲଟି, ଦୁଃଖର ଫୁଲଟି
ଅଞ୍ଜଳି ଭରି କମଳ ଚରଣେ ଭେଟିବି ମନର ଆଶା ମେଣ୍ଟାଇ ।୧।

ସକଳ ମୁଖରେ ତୁମେ ପଦ୍ମମୁଖ
ସକଳ ଦୁଃଖରେ ତୁମେ ଏକା ସୁଖ
ପଦଯୁଗ ପୂଜି, ତୁମ ନାମ ଭଜି ସାରାଟି ଜୀବନ ଦେବି ବିତାଇ ।୨।

ବେସୁରା ବୀଣାରେ ସୁର ଦେବ ତୁମେ
ଗାଇବି ଗୀତ ମୁଁ ତବ ଶୁଭ ନାମେ
ଆସ ପ୍ରେମମୟ କଲ୍ୟାଣ ବରଷି ମଉଳା ମରମେ ହସ ଫୁଟାଇ ।୩।

## ମଣିମା ଶୁଣିମା ହେଉ ଅଳି ମନର

ମଣିମା ଶୁଣିମା ହେଉ ଅଳି ମନର
ଦୀନ ତାପିତ ଜନରେ କରୁଣା କର ।୦।

ହୃଦ ଆସନ ପାରି ବସିଛି ଅନୁସରି
ଆସି ବିଜୟକର ସକଳତାପ ହର
ତୁମ ବିନୁ କେ ସାହା ନାହିଁ ମୋହର ।୧।

ହୁଅ ହେ ପରଶନ ଦେଇ ଶୁଭ ଦର୍ଶନ
ସହି ନପାରେ ଆଉ ଷଡ ରିପୁର ଦାଉ
ଚିର ଚଞ୍ଚଳ ମତି କର ହେ ସ୍ଥିର ।୨।

ଡାକି ତ ଜାଣେନାହିଁ ଦିଅ ମୋତେ ବତାଇ
ଗାଇ ତୁମରି ନାମ ଘେନି ତୁମ ଶରଣ
ଅନ୍ତ ହେଉ ହେ ନାଥ ଜୀବନ ମୋର ।୩।

## ମୁଁ ଚାହେଁ ପ୍ରଭୁ ଭେଟିବି ତୁମକୁ

ମୁଁ ଚାହେଁ ପ୍ରଭୁ ଭେଟିବି ତୁମକୁ ମନ ମନ୍ଦିରେ ମୋର
ଭେଟି ନପାରଇ ମୋହମାୟା ଘୋରେ ନିଶିଦିନ ଅନ୍ଧକାର ।୦।

ଅଳି ମହୁପିଆ ତୃପତ ହେବକି ପିଇ ଝରଣାର ଜଳ
ତୁମ ପେମ ଦୟା ଆଶିଷ ବିନାରେ ହୁଏକି ପ୍ରାଣ ଶୀତଳ
ହୃଦୟ ନିକୁଞ୍ଜେ ବିହର ସତତ ଏତିକି କରୁଣା କର ।୧।

ଯେ ଲଳିତ ତାନେ ଡାକିବି ତୁମକୁ କଣ୍ଠେ ସେହି ସୁରଭର
ଜ୍ୟୋତିରୂପ ତବ ଶୟନେ ସପନେ ସାଥୀହେଉ ନୟନର
ଘୋର ଦୁରୁଦିନେ ମରଣ ସଙ୍କଟେ ଭୟ ଶଙ୍କା ମୋର ହର ।୨।

ଅନାଥର ନାଥ ପାଶେପାଶେ ତୁମେ ଅଛ ବୋଲି ଏ ବିଚାର
ହେଉ ଦୃଢ ମୋର ପାଦ ତଳେ ତବ ମିନତି ମୋ ଘେନାକର
ଅନ୍ତିମ କାଳରେ ତୁମ ନାମ ଜପ ହୋଇ ରହୁ କଣ୍ଠହାର ।୩।

## ମୁଁ ଯେ ଖୋଜିବୁଲେ ନିଶିଦିନ

ମୁଁ ଯେ ଖୋଜିବୁଲେ ନିଶିଦିନ
କାହିଁ କାହିଁ ସେହି ମହାଜନ ।୦।

ଯାର ମଧୁର ପବନ ପରଶ
ସାରା ତନୁ ମନ କରେ ସରସ
ସତେ ମଳୟ ସୁବାସ ପରା
ଛୁଇଁ ଧନ୍ୟ ହୋଇବ ଜୀବନ ।୧।

ଥାଇ କର ପଦ ଶିର ଆଖି
ଝୁରି ଝୁରି ହେଲି ନିରିମାଖି
କାହିଁ ସେହି ମାନବଟି ମୋର
ଯା'ରେ ଅନୁସରେ ନିଶିଦିନ ।୨।

ସେ ଯେ ଅମୂଲ ପରଶ ମଣି
ସେ ଯେ ସରଗ ସୁଧାର ଖଣି
ଛଣା ପିତଳ ହୋଇବ ସୁନା
ଲଭି ଯାର କର ପରଶନ ।୩।

ଗୁଣି ଗୁଣି ଗୁଣ ଗଣ ଯାର
ହେଲେ ଭବ ନଦୀ ହେବି ପାର
ଗୁରୁ ବିନେ ଏ ଶକତି କାର
ଦେବ ଶିଖାଇ ସେ ଗୀତି ଗାନ ।୪।

## ମୁଁ ଯେ ଆଶାରେ ଗଣୁଛି ଦିନ

ମୁଁ ଯେ ଆଶାରେ ଗଣୁଛି ଦିନ
କେବେ ସତେ ମୋର ଭଙ୍ଗା କୁଡିଆରେ ଦେବ ତୁମେ ଦରଶନ ।୦।

ମୋହ ମଦ ନିଶାଘୋରେ ଶୋଇଥିବି ଅଚେତାରେ
ରୁମୁଝୁମୁ ତୁମ ଚରଣ ନୂପୁର ଶବଦେ ଭାଙ୍ଗିବ ଘୁମ ।୧।

ମନଫୁଲ ହାର ଦେଇ ଆଖି ନୀରେ ପାଦ ଧୋଇ
ଏ ମରଦେହର ମୋର ଭେଟିଦେଇ ପଶିବି ତୁମ ଶରଣ ।୨।

ମଥାରେ ଚରଣ ଧୂଳି କେବେ ହୋଇବି ମୁଁ ବୋଲି
ଏତିକି ମନର ନିବେଦନ ମୋର ଘେନାକର ଜୀବଧନ ।୩।

## ମୁଦିତ ନୟନେ ଯେବେ ତୁମ ରୂପ

ମୁଦିତ ନୟନେ ଯେବେ ତୁମ ରୂପ ଝଲସି ଯାଏ ଅନ୍ତରେ
ଖୋଜି ହୁଏ ମନ ଦରଶନ ପାଇଁ ନୟନୁ ଲୋତକ ଝରେ ।୦।

ବିଜୁଳି ଝଲକ ଯେହ୍ନେ ହସଇ ଘନେ
ତୁମ ରୂପ ଫୁଟି ନିଭେ ମନ ନୟନେ
ଆକୁଳ ଅନ୍ତରେ କୋହ ଉଛୁଳି ମରେ ।୧।

ଅନ୍ଧାରୀ ଜୀବନ ନଭେ ତୁମେ ଧ୍ରୁବତାରା
ପଥ ଦରଶାଇ ଥାଅ ହେଲେ ଦିଗହରା
ବାଟ ଭୁଲା ବାଟୋଇ ମୁଁ ତୁମକୁ ଝୁରେ ।୨।

କନକ ବରଣ ରୂପ ନୟନ ତାରା
ଗୋପୀଜନ ମନଲୋଭା ପ୍ରେମ-ପସରା
ବିରହିଣୀ ରାଧା ମନ କାନ୍ଦେ ଆକୁଳେ ।୩।

ଅନ୍ତର ଦେବତା ଥାଇ ଅନ୍ତରେ ମୋର
ସେବକ ସାଜେ ସଜାଅ ତନୁ ମୋହର
ଏତିକି ଅଳି ଠାକୁର ତବ ପୟରେ ।୪।

## ମୂରଲୀ ବାଜୁଛି କେଉଁ ଦୂର ବନରେ

ମୂରଲୀ ବାଜୁଛି କେଉଁ ଦୂର ବନରେ
ମଧୁରୁ ମଧୁର ସ୍ୱର ଭାସି ଆସେରେ ।୦।

ସଂସାର ସୁଖ ଶେଯରେ ଶୋଇଥିଲି ଆନନ୍ଦରେ
ବୁଲୁଥିଲି ସପନରେ କାହିଁ କେଉଁ ମାୟା ପୁରେ
ବାଜିଲା କାନରେ ମୋର କାହା ସୁରରେ ।୧।

ସପନ ଭାଜିଲା ପରେ ଉଠି ଧାଇଁଲି ମୁଁ ଖରେ
ଯେଉଁ ସୁର ଥିଲା ଦୂରେ ଶୁଭିଲା ତା ନିକଟରେ
ବସିଲି ମୁଁ କାନ ଡେରି ଶୁଣିବା ତାରେ ।୨।

ଜାଣିଲି ସେ ସୁର କାର କିଏ ସେହି ଯାଦୁକର
କାହିଁକି ବଇଁଶି ବାଇ କାହାକୁ କରେ ଅଥିର
ଶରଣ ପଶିଲି ତାର ଛନ୍ଦା ପୟରେ ।୩।

ଏତେ ଭଲ ପାଅ ବୋଲି ଏବେ ମୁଁ ଜାଣିଲି ଖାଲି
ସଂସାର ମରୁରେ ବୁଲି ଯାଏ ମୁହିଁ ବାଟ ଭୁଲି
ପଛେ ପଛେ ଧାଇଁ ଥାଅ ମୂରଲୀ କରେ ।୪।

## ମୋ ମନ କୁଞ୍ଜବନେ

ମୋ ମନ କୁଞ୍ଜବନେ ଭାବଫୁଲ ଫୁଟିବ
ତୁମ ଚାରୁ ଚରଣରେ ବାସ ତା'ର ଛୁଟିବ ।୦।

ସଜଫୁଟା ଫୁଲ ନେଇ ନିତି ଗୁନ୍ଥିଛି ହାର
ପିନ୍ଧାଇବି ପ୍ରିୟଗଳେ ଦିଶିବଟି ସୁନ୍ଦର
ଦେଖିବି ମନଭରି ନାଚିବି କୋଳକରି
ନୟନୁ ପ୍ରେମବାରି ଝରିବ ।୧।
ସେଇ ଫୁଲେ ମୁଁ ରଚିବି ତୁମପାଇଁ ଝୁଲଣା
ଝୁଲୁଥିବ ତୁମେ ପ୍ରିୟ ପୂରିବ ମୋ କାମନା
ଝୁଲାଉଥିବି ନିତି କିବା ଦିବସ ରାତି
ସତେ ସପନ ସତ ହୋଇବ ।୨।

ମୋ ନୟନେ ନୀରଧାରା ଦେଖି ତୁମେ ରସିବ
ମୋ ଭାବ-କମଳ କୋଳେ ମନଭରି ବସିବ
ଆସିବ ପ୍ରାଣବନ୍ଧୁ ପିଇବ ପ୍ରୀତିମଧୁ
ଆଶାୟୀ ଆଶାପୂର୍ଣ୍ଣ କରିବ ।୩।

## ମୋର ଆଉ କାମନା ନାହିଁ ମା ! ଆନ ଧନେ

(ମୋର) ଆଉ କାମନା ନାହିଁ ମା ! ଆନ ଧନେ
(ତୁମକୁ) ମୁଦିଲେ ନୟନ ଯେହ୍ନେ ଦେଖେ ହୃଦ ପଦ୍ମାସନେ ।୦।

ହୃଦୟେ ତବ ମୂରତି ଦେଖେ ଯେହ୍ନେ ନିଶି ଦିନ
ରହୁ ମୋ ନୟନ ଲାଖି ତବ ପଦ ନଖ କୋଣ
ତୁମକୁ ଦେଖିଣ ତାରା ହୁଏ ଯେହ୍ନେ ଦିଶହରା
ଝରୁ ପ୍ରେମ ଅଶ୍ରୁଧାରା ମୋ (ବେନି) ନୟନେ ।୧।

କି ଛାର ମଣି କାଞ୍ଚନ ତା ପାଶେ ତୁଚ୍ଛ ନଗଣ୍ୟ
ସେ ପଦ ପରଶମଣି ଜାଗେ ଯେବେ ହୃଦ କୋଣ
ଧନ ଆଶା ଯାଏ ଯାର ପରଶନେ ।୨।

ଅନିତ୍ୟ ଧନ ସଂପଦେ କି ଫଳ ଅଛି ଜନନୀ
ଯଦି ହୋଇ ନ ପାରିଲି ତବ ପଦ-ଧନେ ଧନୀ
ତେବେ ଆଉ କିବା ଫଳ ସେ ଧନ କରି ସମ୍ବଳ
ଯେ ଧନ ଭୁଲାଏ ତବ ପଦ ଧ୍ୟାନେ ।୩।

ଧନ ପ୍ରଲୋଭନେ ଭୁଲି କେତେ ଘୂରି ଫେରୁଥିବି ?
ଅଶିବ ନାଶିନୀ ଶିବେ ! ତୁମକୁ କି ନ ପାଇବି ?
ଦେବନି କି ଦରଶନ ମା ! ଏ ଦୀନେ ।୪।

ପୂରିଛି ମା' ଅନ୍ୟ ଆଶା କେବଳ ଆଶା କମଳେ
ଦେଖିବି ପଦ କମଳ ମୋର ଏ ହୃଦ କମଳେ
ବସ ମୋ ହୃଦୟାସନେ ତେଜି-ତାରା ଶବାସନେ
ପୂଜିବି ପଦ ସରୋଜେ ଅନୁଦିନେ ।୫।

## ବଡ ଆଶା କରି ପ୍ରଭୁ ! ତୁମ ପାଶେ

ବଡ ଆଶା କରି ପ୍ରଭୁ ! ତୁମ ପାଶେ
ଆସିଛି ଅଧମ ଜନ
ନୟନ ପୂରାଇ ଦେଖିବି ତୁମକୁ
ପୂରିବ ମନ ପରାଣ ।୦।

ଘୁଞ୍ଚିବ ସବୁଯାତନା ପୂରିବ ମନ କାମନା
ବିରହର ଜ୍ୱାଳା ସତେ ହେବ ବିଲୀନ
ପ୍ରେମରେ ବୁଡିବି ଆନନ୍ଦେ ମାତିବି
ପାଇ ତୁମ ଦରଶନ
ସାର୍ଥକ ହେବ ଜୀବନ ।୧।

ତନୁ ମନ ମାଜିମୁଜି ଆସିଛି ଦୁଆରେ ଆଜି
ମଣ୍ଡିଦିଅ ସତତ ମୋ ହୃଦ ଆସନ
ଆକୁଳ ପରାଣେ ଡାକୁଛି ବିକଳେ
ଆସ ମୋ ପ୍ରାଣ ରମଣ
ଭକତ ପରାଣ ଧନ ।୨।

ଭକତ କୁସୁମାଞ୍ଜଳି ତବ ପଦେ ଅରପିଲି
ପ୍ରୀତି ଅର୍ଘ୍ୟ ଘେନାକର ଜୀବନ ଧନ
ଏ ଦାସକୁ କିଣି ନିଜର କରି ହେ
ରଖ ହେ ଦୀନ ଶରଣ
ପଦେ ଏହି ନିବେଦନ ।୩।

## ବସ ହୃଦ-ସିଂହାସନେ

ବସ ହୃଦ-ସିଂହାସନେ ଦେବତା ମୋର
ପୂରିବ ମନ-ବାସନା ସେବି ପୟର ।୦।

ହେରି ସେ ରୂପ ମୋହନ ସାର୍ଥକ ହେବ ନୟନ
ଜ୍ଞାନ-ଅଞ୍ଜନ ଘେନାଅ କରୁଣା କର ।୧।

ମାୟା-ମୋହ ଅମା ଘୋର ଅପସରୁ ଜୀବନର
ଜ୍ୟୋତି ରୂପ ଫୁଟିଉଠୁ ମାଗୁଛି ବର ।୨।

ବିନ୍ଦୁଏ କରୁଣା ବାରି କଣ୍ଠେ ଦିଅ କୃପା କରି
ପିପାସିତ ପରାଣର ତୃଷା ନିବାର ।୩।

ଭବ-ସାଗର ଦୁସ୍ତର-ଜଞ୍ଜାଳୁ କର ହେ ପାର
ଦୟାନିଧି ! ପୁରାଅ ଏ ଆଶା ମନର ।୪।

## ବସନ୍ତ ଆସିଛି ଫଗୁଣ ସକାଳେ

ବସନ୍ତ ଆସିଛି ଫଗୁଣ ସକାଳେ
କୁହୁ କୁହୁ କରେ କୋକିଳ
ନରମ ଖରାରେ ଧରା ପରଶଇ
ଫୁଟିଅଛି ବନେ ବଉଳ ।୦।

କଅଁଳ ପତର ଆସନ ପକାଇ
ପ୍ରିୟତମ ! ମୁଁ ଗୋ ବସିଅଛି ଚାହିଁ
କେବେ ମୋ କୁଟୀରେ କରିବ ବିଜୟ
ଜନମ କରିବ ସଫଳ ।୧।

ଆଖି ନୀର ଧାରେ ଧୋଇବି ଚରଣ
ନବ ମଲ୍ଲୀମାଳେ କରିବି ବରଣ
କହିବି ଅକୁହା କାହାଣୀ କେତେ ମୁଁ
ଗୋପନେ ରଖିଛି ସକଳ ।୨।

କେତେ ଆଦରରେ ରଖିଥିଲ ପାଶେ
ପଠାଇଣ ଦେଲ କର୍ମ-ବ୍ୟୋପଦେଶେ
ଯୁଗ ଯୁଗ ଧରି ଘୂରିଲିଣି କେତେ
ଫେରିବାକୁ ମନ ଆକୁଳ ।୩।

ଲୁଚି ଲୁଚି କେଉଁଠାରେ ରହିଥିଲ
ଏତେ ଦିନ ପରେ ଆସି ଦେଖା ଦେଲ
ଆଉ ନ ଭୁଲାଅ, ନିଅ କୋଳେ ତୋଳି
ତୁଟାଇ ଏ ଭବ-ଜଞ୍ଜାଳ ।୪।

## ବହୁଦିନୁ ଆଶା ମୋର ରହିଛି ମନରେ

ବହୁଦିନୁ ଆଶା ମୋର ରହିଛି ମନରେ
ଆସନ୍ତ କି ପ୍ରାଣନାଥ ମୋ ଦୀନକୁଟୀରେ, ଆଜି ଆସନ୍ତ କି
ସାର୍ଥକ କରନ୍ତି ବେନି ଆଖି ।୦।

ପରାଣ ଭରି ଦେଖନ୍ତି ଶ୍ରୀମୁଖ ମାଧୁରୀ
କମଳ ଚରଣେ ଲୋଟି କରନ୍ତି ଗୁହାରି ହେ, ଦୀନବନ୍ଧୁ !
ସିନ୍ଧୁରେ ମିଶାଅ କ୍ଷୁଦ୍ର ବିନ୍ଦୁ ।୧।

ସାଇତି ରଖିଛି ଯେତେ ନୟନରେ ଜଳ
ସରାଗେ ଧୋଇ ଦିଅନ୍ତି ଚରଣ କମଳ ହେ, ଭକତିରେ
ବସାଇ ମୋ ହୃଦ-ଆସନରେ ।୨।

ଧୂପ, ଦୀପ, ଗନ୍ଧ, ପୁଷ୍ପ ନଇବେଦ୍ୟ ଥାଳି
ସଜଫୁଟା ମଲ୍ଲୀଫୁଲେ ଗୁନ୍ଥିଅଛି ମାଳି ହେ, ପିନ୍ଧାଇବି
ପ୍ରେମ ଭରେ ଶ୍ରୀପଦ ପୂଜିବି ।୩।

ରସରାଜ ବେଶେ ଆସ ରସିକନାଗର
ପୂରାଅ ଭକତ-ବାଞ୍ଛା ପ୍ରାଣର ଠାକୁର ହେ, ବିରହରେ
ନୟନୁ ନିରତ ନୀର ଝରେ
(ଆସ) ଦେଖ ଥରେ ।୪।

## ବନ୍ଧୁ ହେ ! ଲୁଚି ଲୁଚି ଆଉ ଦୂରେ ରୁହନା

ବନ୍ଧୁ ହେ ! ଲୁଚି ଲୁଚି ଆଉ ଦୂରେ ରୁହନା
ଶୁଭ ଆଗମନ ପାଇଁ, ରହିଛି ହେ ପଥ ଚାହିଁ
କାହିଁକି କରୁଛ ଏତେ ଛଳନା ।୦।

ଧୋଇ ଦେବି ପଦଯୁଗ ନୟନ ନୀରେ
ବସାଇ ପୂଜିବି ହୃଦ ପୂଜା-ବେଦିରେ
ପୀରତି ଚନ୍ଦନ ଗୋଳି ଶ୍ରୀଅଙ୍ଗରେ ଦେବି ବୋଳି
ଉଛୁର ଆଉ ତ ସହି ପାରେନା ।୧।

ଭକତି କୁସୁମ ତୋଳି ଗୁନ୍ଥିଛି ମାଳି
ପିନ୍ଧାଇ ଦେବି ହେ ପ୍ରିୟ ଗଳାରେ ବୋଲି
ଆସ ଆସ ପ୍ରାଣଧନ ଆସ ମୋ ମନମୋହନ
ପୂରାଅ ଏ ଦୀନ ମନ ବାସନା ।୨।

କାମନା ବାସନା ଧୂପ ଦୀପ ମୁଁ ଜାଳି
ସଜାଇଛି ମନଫୁଲ ନୈବେଦ୍ୟ ଥାଳି
ମୋର ବୋଲି ଯାହା ଅଛି ସବୁ ପଦେ ଅରପୁଛି
ଘେନ ଜୀବଧନ ଦାସ ପ୍ରାର୍ଥନା ।୩।

## ବାଜିଲାଣି ସଖୀ ମୋହନ ମୁରଲୀ

ବାଜିଲାଣି ସଖୀ ମୋହନ ମୁରଲୀ
ନିଭୃତ ନିକୁଞ୍ଜ କାନନରେ
କାନରେ ବାଜି ସେ ସୁମଧୁର ତାନ
ମରମ ପରଶେ ଧୀରେ ଧୀରେ ।୦।

ପୁଲକ ଜଗାଏ ସାରା ତନୁ ମନେ
ଆକୁଳିତ ପ୍ରାଣ କହ କି କାରଣେ
କାହିଁକି କେଜାଣି ଅଜାଣତେ ମୋର
ନୟନରୁ ନୀର ଧାର ଝରେ ? ।୧।

ସେ ସୁରେ ଭରିଛି ସତେ କି କୁହୁକ
କାହିଁ ପାଇଁ ଚିତ୍ତ ହୁଏ ଆକୁଳିତ
ସକଳ ବନ୍ଧନ ଏଡି ଦେଇ ମନ
ଉଡି ଚାଲି ଯାଏ ତା ପାଶରେ ।୨।

ବଇଁଶୀର ସୁରେ ନାମ ଧରି ମୋର
ଡାକୁଛି ଯେ ସେ ମୋ କେତେ ଆପଣାର
ଯାହାପଛେ ହେଉ ସ୍ୱର ଅନୁସରି
ଯିବି ତା'ର ଶୁଭ ଅଭିସାରେ ।୩।

କେତେ ଜନମର ସାଥୀ ମୋର ସେହି
ସେ ମୋତେ ଚିହ୍ନେ, ମୁଁ ଚିହ୍ନିପାରେ ନାହିଁ
ସବୁ ଆବରଣ କାଢି ଫିଙ୍ଗି ଦେଇ
ପ୍ରାଣ ଅରପିବି ତା' ପୟରେ ।୪।

## ବିଜେ ପଥ ଚାହିଁ ରହିଛି ଅନାଇଁ

ବିଜେ ପଥ ଚାହିଁ ରହିଛି ଅନାଇଁ ତୁମରି ହେ ଜୀବଧନ !
ତୁମରି ଆଶାରେ ନିଶିରେ ବାସରେ ଝୁରି ମରେ ଏ ନୟନ
କହ ପ୍ରିୟ ମୋର ଜୀବ-ଜୀବନ !
ହୃଦୟ ମନ୍ଦିରେ ଆସିବ ବସିବ, ମଣ୍ଡିବ କେବେ ଏ ମନ ଆସନ
ଜୀବ-ଜୀବନ ! ।୧।

ଭରି ରଖିଛି ମୁଁ ନିଗାଡି ନୟନୁଁ ନୀରଧାର ଅନିବାର
ପଖାଳି ଦେବି ସେ ଚରଣ-ଯୁଗଳ ମନର ବାସନା ମୋର
ଘୋରି ମୁଁ ରଖିଛି ପୀରତି-ଚନ୍ଦନ, ବୋଳି ଦେବି କରି ଅଭିନନ୍ଦନ
ଜୀବ-ଜୀବନ ! ।୨।

କାନ ଶୁଣୁଥିବ ପୟର ନୂପୁର, କଣ୍ଠ ଗାଇବ ସେ ସୁର
ଯେ ସୁରେ ତୁମରି ନାମରାଗିଣୀର ଶୁଭୁଥିବ ଝଙ୍କାର
ତୁମେ ନାଚୁଥିବ ତା ଥେଇ ତା ଥେଇ, ତାଳ ଦେବି ମୁହିଁ ହଜାଇ ଜ୍ଞାନ
ଜୀବ-ଜୀବନ ! ।୩।

ଜୀବନ, ଜନମ, ଧରମ, କରମ, ସବୁ ପଦେ ନିବେଦିବି
ଅନ୍ତର-କାମନା ସାରା ଜନମର ଭାଙ୍ଗି ଚୁରି ଧୂପ ଦେବି
ନିରାଶ ନ କର ପରାଣ ନାଥ ହେ ! ଜଳି ମନ-ଦୀପ ଦାନ
ଜୀବ-ଜୀବନ ! ।୪।

## ବିଶ୍ୱେଶ୍ୱର ବୋଲି ଯେବେ

ବିଶ୍ୱେଶ୍ୱର ବୋଲି ଯେବେ ଡାକିବି ବୋଲି ମୁଁ ଭାବେ
ମନେ ହୁଏ ବହୁ ଦୂରେ ରହି ମୁଁ ଯାଉଛି ତେବେ ।୦।

ଭାଳେ ଯେବେ ମନେ ମୋର
ପାଶେ ଅଛ ଚିତ୍ତ ଚୋର
ବ୍ୟବଧାନ କାହିଁ ଯାଏ ଆନନ୍ଦରେ ମନ ବୁଡେ ।୧।

ବିଶ୍ୱ ଆସନରୁ ଖସି ପାଶେ ମୋର ଆସ ବାରେ
ପୂଜା ଅଧିକାର ପ୍ରଭୁ ଦିଅ ତବ ଶ୍ରୀପୟରେ
ଅଶ୍ରୁକଣା ଉପଚାର
ବିନା କିଛି ନାହିଁ ମୋର
କାଙ୍ଗାଳର ଅଶ୍ରୁ ବୋଲି ଗ୍ରହଣ କି ନ କରିବେ ? ।୨।

## ବୃନ୍ଦାବନେ ଯିବି କାହିଁକି ?

ବୃନ୍ଦାବନେ ଯିବି କାହିଁକି ?
ହୃଦ-ବୃନ୍ଦାବନେ-ବୃନ୍ଦାବନ
ଚନ୍ଦ୍ର ଛଇଳ କହ୍ନାଇଁ ମୋର ନାହିଁକି ।୦।

ଖୁଆଇବି ଲବଣୀ ସର
ମଛି ନିତି ପରାଣ ମୋର
ଶ୍ୟାମଳା, ଅମଳା ମତି ମୋର ନିତି
ତା ମୁରଲୀ ସୁରେ ଯିବ ଧାଇଁ କି ।୧।

ସେ ମୋହନ ମୁରଲୀ ତାନ
ଶୁଣୁ ଶୁଣୁ ହଜିବ ଜ୍ଞାନ
ପ୍ରେମ-କୁଞ୍ଜବନେ, ଯମୁନା ପୁଳିନେ
ହେରିବି ନାଗର ତୁଲେ ରାଇ କି ।୨।

ଯୁଗଳ ସେ ମଧୁ-ମିଳନ
ବେନି ମନ ପ୍ରେମେ ମଗନ
ମଧୁର ମୂରତି ହେରି ମୋର ମତି
ପୁଲକରେ ପୁରି ହେବ ବାଇ କି ।୩।

ଘନ ନୀଳ-କମଳ କୋଳେ
ହେମ-କମଳିନୀଟି ଦୋଳେ
ଆନନ୍ଦେ ମଗନ ହେବ ସତେ ମନ
ଅପରୂପ ରୂପ-ଠାଣି ଚାହିଁ କି ।୪।

## ଭିଖ-ଥାଳ କରେ ଧରି ଆସିଛି

ଭିଖ-ଥାଳ କରେ ଧରି ଆସିଛି ଦୀନ-ଭିଖାରୀ
ଆରତ ଗୁହାରି ଶୁଣ ତାର,
ଯେ ଦୁଆରେ ହୋଇ ରୁଣ୍ଡ କରୁଣା ମାଗେ ବ୍ରହ୍ମାଣ୍ଡ
ଅଧମ କି' ତହିଁରୁ ବାହାର ? ।୦।

ଯାତନା କର ହେ ଦୂର ପୋଡଇ ବାସନା ଛାର
ଉଷର ପରାଣେ ରଚ ଉପବନ ବୁହାଇ କରୁଣା-ଧାର
ଆଶା ସିନା ଏତିକି ମାତର ଦିଆପଣକୁ ନୁହଁ କାତର
ତାର ଅବା ମାର ବନ୍ଧୁ ଶରଣ ତ ଦୀନବନ୍ଧୁ
ଜୀବନେ ମରଣେ ଅନିବାର
ଏତିକି ଏ ମନେ ଥାଉ ଭୁଲାଇ ନ ଦିଅ ଆଉ
ଘୋର ମାୟା-ଜାଲ ନ ବିସାର ।୧।

ବୁଲି ତ ବାର ଦୁଆର ଥକି ଗଲାଣି ପୟର
ଝାଞ୍ଜିପିଟା ଖରା ତାତିଲା ବାଲିରେ ଆଉ ଜଳାଇ ନ ମାର
ସତେ ଦୟା କି ଗଲା ପାଶୋର ଲୋକ କହେ କରୁଣା-ସାଗର
(ତୁମେ) ରତ୍ନାକର ଘରେ ଶୋଇ ରଖ ସଂପତ୍ତି ଘୋଡାଇ
(ତିଳେ) ଆଶା ନାହିଁ ତହିଁକି ମୋହର
ତୁମ ପାଦଝରା ଜଳ ପୂରାଇ ଦେଉ ମୋ ଥାଳ
ସେବକ ପଣରେ ଘେନାକର ।୨।

## ଯେତେ ଦେଖୁଥିଲେ ତୁମ ରୂପଠାଣି

ଯେତେ ଦେଖୁଥିଲେ ତୁମ ରୂପଠାଣି
ମନହୁଏ ପୁଣି ଦେଖିବା ପାଇଁ,
ମରମ ମଝିରେ ଛବିଟି ତୁମର
ପ୍ରୀତି ପଲ୍ଲବରେ ଆଙ୍କିବା ପାଇଁ ।୧।

ଯେତେ ଶୁଣୁଥିଲେ ତୁମ ମଧୁବାଣୀ
ଭଲଲାଗେ ପୁଣି ଶୁଣିବା ପାଇଁ,
କିଏ ବାଟ କିଏ ଅବାଟ ମୋ ଲାଗି
ତୁମ ଆଲୁଅରେ ଜାଣିବା ପାଇଁ ।୨।

ଯେତେ ଗାଉଥିଲେ ନାମଟି ତୁମର
ଭଲ ଲାଗେ ପୁଣି ଗାଇବା ପାଇଁ,
ମଧୁର ରାଗିଣୀ ବିଧୁର ବୀଣାର
ଚେତନାର ତାରେ ବାଇବା ପାଇଁ ।୩।

ଯେତେ ପାଉଥିଲେ ତୁମରି ଆଶିଷ
ମନ ହୁଏ ପୁଣି ପାଇବା ପାଇଁ,
ସେଇ ଆଶିଷରେ ଦୁଃଖୀ ଜୀବନର
ସକଳ ଯାତନା ଧୋଇବା ପାଇଁ ।୪।

ଯେତେ ଲୋଟୁଥିଲେ ତୁମରି ସେବାରେ
ଭଲ ଲାଗେ ପୁଣି ଲୋଟିବା ପାଇଁ,
ତୁମ ପୂଜା ଲାଗି ଶ୍ରୀଚରଣ ତଳେ
ଫୁଲଟିଏ ହୋଇ ଫୁଟିବା ପାଇଁ ।୫।

## ରହିଛି ମୁଁ ବାଟ ଅନାଇଁ

ରହିଛି ମୁଁ ବାଟ ଅନାଇଁ
ସଜାଡି ସାଇତି ହୃଦୟ ଆସନ କେତେବେଳେ ବିଜେ ହେବ ଗୋସାଇଁ।୦।

ନିରିଜନେ ଅଛି ମୁଁ ଚାହିଁ କୋଳାହଳ ନାହିଁ ତ କାହିଁ
ବିଜନ କୁଟୀରେ ତୁମ ପାଦତଳେ ମନର ସୁମନ ଭେଟିବା ପାଇଁ ।୧।

ନିରୋଳା ଏ ଘର ମୋର ଚଉକତି ଅନ୍ଧକାର
ରବି ଶଶୀ ସିନା କିରଣ ଢାଳନ୍ତି ଦିଗ ବିଦିଗକୁ ହସି ହସାଇ ।୨।

ତୁମେ ଏକା ପରାଣପତି ଆସିବ ହେ ମୋର କତି
ବିକଶି ଉଠିବ ମୋ ଅନ୍ଧାର ଘର ତୁମରି କରୁଣା-କିରଣ ପାଇ ।୩।

ପାସୋରି ବାସନା ସକଳ ଘୁଞ୍ଚିଅଛି ଭବଜଞ୍ଜାଳ
କର ଯୋଡି ବସି ଭାଳୁଅଛି ନାଥ ତୁମ ଦରଶନ ଲଭିବା ପାଇଁ ।୪।

କ୍ଷମା ଦେବ ପରାଣ-ନିଧି ଅପସରି ଯିବ ମୋ ବ୍ୟାଧି
ପାତି ବସିଅଛି ହୃଦୟ ଆସନ ଦୟାନିଧି ! ଲବେ କରୁଣା ପାଇଁ ।୫।

ଦିବାନିଶି ନାମ ସୁମରି ମୁଁ ଯେ ଦରଶନ ଭିଖାରୀ
ଜଳ ସାଇତିଛି ମନ କୁଣ୍ଡରେ ମୋ ତୁମ ଶିରୀପଦ ଧୋଇବା ପାଇଁ ।୬।

## ରହି ରହି ଆଜି ତୁମେ ଦୟାନିଧି !

ରହି ରହି ଆଜି ତୁମେ ଦୟାନିଧି ! କାହିଁକି ପଡୁଛ ମନେ ?
ଛାଇ ଛାଇ ଦିଶିଯାଏ ତୁମ ରୂପ ମାୟାଘେରା ଏ ନୟନେ ।୦।

ସତେ ସତେ ମନେ ହେଉଅଛି ମୋର
ଚାହିଁ ଚାହିଁ ମୁହିଁ ରହିଛି ପାଶର
ତୁନି ତୁନି କେତେ କଥା କହୁଅଛ ଶୁଣି ନ ପାରଇ କାନେ ।୧।

ଫୁଟି ଫୁଟି ଉଠେ ମୋ ଆଖି ଆଗର
ହସ ହସ ଭରା ଶ୍ରୀମୁଖ ତୁମର
ମନେ ମନେ ଭାଳେ ଉଭାରି ହସୁଛ ତୁମେ ମୋ ହୃଦୟ କୋଣେ ।୨।

ଠାରି ଠାରି ସତେ ଡାକୁଛ ତୁହାଇ
ମିଶି ମିଶି ଯିବି ତୁମ ତୁଲେ ଯାଇ
ଟାଣି ଟାଣି ଘେନୁଅଛ ମୋତେ ପରା ତୁମରି ତନୁ ମିଳନେ ।୩।

ପାଶେ ପାଶେ ତୁମେ ଡାକୁଅଛ ମୋତେ
ପଥେ ପଥେ ପାଦ ଥମିଯାଏ ସତେ
ରହି ରହି କର ବଢାଇଲେ ଧରା ନ ପଡଇ ବ୍ୟବଧାନେ ।୪।

ଯାଉଁ ଯାଉଁ ସତେ ତୁମେ ପ୍ରାଣଧନ
ଥରେ ଥରେ ଚାହିଁ ଫେରାଇ ନୟନ
ସତେ ସତେ ଅବା ଫୁଟଇ କି ଦେବ ! ତୁମରି ଛବି ନୟନେ ।୫।

ଦେଖି ଦେଖି ଏତେ ଭରସା ପାଉଛି
ବେଳେ ବେଳେ ମୋର ମନଟା କହୁଛି
ମିଶି ମିଶି ଯିବି ତୁମ ତୁଲେ ମୁହିଁ ଜୀବନେ ଅବା ମରଣେ ।୬।

## ଶରଣ ମନାସି ଶଙ୍କର ହେ ଆଜି

ଶରଣ ମନାସି ଶଙ୍କର ହେ ଆଜି
ଭକତ ଡାକଇ ଆକୁଳ ସୁରେ
କରୁଣାକର ହେ କରୁଣାନିଧାନ
'ଜୟଗୁରୁ' ନାମ ଆଜି ପ୍ରାଣେ ଉଛୁଳେ ।୦।

ପୁଲକେ ଝଲକେ ଭକତ ପରାଣ
ପଲକ ନପଡେ ହେରି ଆକୁଳ ନୟନ
ମଳୟ ପରଶ ଭରା ସୁନୀଳ ଗଗନ ଗାଏ
(ଗାଏ) ଶୁଭ ଆବାହନୀ ମଧୁର ସୁରେ ।୧।

ଭଜନେ ଭକତ ହୃଦୟ ବିଭୋର
ରାସ ରସ ମୟ ଆହେ ପରାଣ ଠାକୁର
ଅନନ୍ତ ଅଶେଷ ତୁମେ ଶେଷହୀନ ରୂପ
ସାଦରେ ବିରାଜ ଆଜି ଭକତ ପୁରେ ।୨।

ତୁମେ ପୂର୍ଣ୍ଣମୟ ପୂର୍ଣ୍ଣ ସନାତନ
ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଶିବ ନାରାୟଣ
ଭକତ ଅନ୍ତର ପୂର୍ଣ୍ଣକର ଗୁରୁଦେବ
ତବ ମହିମା ବିକଶୁ ଆନନ୍ଦ ଭରେ ।୩।

ତୁମେ ରାମ, ତୁମେ କୃଷ୍ଣ, ତୁମେ ଜଗନ୍ନାଥ
ଦେବ ଶ୍ରୀନିଗମାନନ୍ଦ ଅନାଥ ର ନାଥ
ପ୍ରେମମୟ ପ୍ରେମାନନ୍ଦ ତୁମେ ପ୍ରେମରୂପ
ମିଳାଅ ଭକତେ ଆଜି ପ୍ରେମାନନ୍ଦରେ ।୪।

## ଶୟନେ, ସ୍ୱପନେ, ଜୀବନେ, ମରଣେ

ଶୟନେ, ସ୍ୱପନେ, ଜୀବନେ, ମରଣେ
ସାହା ଏକା ତୁମେ ମୋର;
ସାଧନ, ପୂଜନ, ଆରାଧନ ଯାହା
ସବୁ ତ' ତୁମ ପୟର ।୦।

ଜନମରେ ତୁମେ, ମରଣରେ ତୁମେ
ଜୀବନରେ ତୁମେ, ସାହା ମରୁଭୂମେ
ସସାଗରା ଧରା ତୁମ ପ୍ରୀତିଭରା
ତୁମରି ରସେ ବିଭୋର ।୧।

ତୁମରି ମୂରତି ତୁମରି ପୀରତି
ତୁମ ଦୟା ନିତି, ତୁମରି ବିଭୂତି
ହେରେଁ ଯହିଁ ତହିଁ ଆନ କିଛି ନାହିଁ
ତୁମେ ତ କାୟା ଭବର ।୨।

ମରମରେ ମୋର ବିରାଜି ଠାକୁର !
ସାରା-ଜୀବନର ସେବା ଘେନ କର
ଏତିକି ମିନତି ଅଥିର ଏ ମତି
ରହୁ ତବ ପଦେ ଥିର ।୩।

## ଶୁଭିଲାଣି ବଂଶୀସ୍ୱନ ଚାଲ ସଖୀ ଯିବା

ଶୁଭିଲାଣି ବଂଶୀସ୍ୱନ ଚାଲ ସଖୀ ଯିବା କୁଞ୍ଜକାନନ ଗୋ
ହେବ ପ୍ରିୟ ସାଥୀରେ ମିଳନ, ସଜନୀ ଗୋ ।୧।

ବଂଶୀ ଡାକେ ନାମ ଧରି ଚାଲ ସଖୀ ଯିବା ଡେରି ନ କରି ଗୋ
ସେ ତ ଭାବ ବିନୋଦିଆ ହରି, ସଜନୀ ଗୋ ।୨।

ଶିରେ ଶିଖୀ ପୁଚ୍ଛ ଖୋସି ମଧୁର ମଧୁର ହାସ ପ୍ରକାଶି ଗୋ
ସତେ କଳା ମେଘ ତଳେ ଶଶୀ, ସଜନୀ ଗୋ ।୩।

ଉଭା ତ୍ରିଭଙ୍ଗ ଠାଣୀରେ କିଙ୍କିଣିର ସ୍ୱନ ବାଜେ ମଧୁରେ ଗୋ
ଚିତ୍ତ ଦହୁଅଛି ବିରହରେ, ସଜନୀ ଗୋ ।୪।

କଟି ତଟେ ପୀତବାସ ଭୂମିରେ ଲୋଟଇ ହୋଇ ସରସ ଗୋ
କୁଳବଧୂରେ ଦିଏ ପରାସ, ସଜନୀ ଗୋ ।୫।

ମସ୍ତକେ ଅଳକାବଳୀ ମେଘ ତଳେ ଅବା ଖେଳେ ବିଜୁଳି ଗୋ
କିଏ ରହିବ ଜୀବନ ଧରି, ସଜନୀ ଗୋ ।୬।

ରାଧା-ବାଧା ନ ବିଚାରି ଡାକେ ଘନ ଘନ ତା' ନାମ ଧରି ଗୋ
ସେ କି ରହିବ ଧଇର୍ଯ୍ୟ ଧରି, ସଜନୀ ଗୋ ।୭।

ଜଟିଳାର ବଧୂ ହୋଇ କୁଟିଳା ନଣନ୍ଦ ରହିଛି ଚାହିଁ ଗୋ
ସଦା ଦୃଷ୍ଟି ପଥେ ଜଗି ଥାଇଁ, ସଜନୀ ଗୋ ।୮।

ଶ୍ରୀମତୀ-ଶ୍ରୀପତି ଦୁଇ ମିଳନରେ କେତେ ମଧୁ ଝରଇ ଗୋ
ଦେଖି ପଲକ ପଡଇ ନାହିଁ, ସଜନୀ ଗୋ ।୯।

ଆଜି ଏ ରାସରଜନୀ    ସାର୍ଥକ ହୋଇଲା ନୟନବେନି ଗୋ
ଶ୍ୟାମ-ଶ୍ରୀମତୀ ମିଳନ ଘେନି, ସଜନୀ ଗୋ ।୧୦।

ଚାଲ ସଖୀ ସର୍ବେ ଯିବା    ମିଳନ ମାଧୁରୀ ଦେଖି ଭୁଲିବା ଗୋ
ଏ ପରାଣ ପଦେ ଅରପିବା, ସଜନୀ ଗୋ ।୧୧।

ପ୍ରାର୍ଥନା ପରାଣେଶ୍ୱରେ    ଗୋପୀଭାବେ ସେବା ତାଙ୍କ ପୟରେ ଗୋ
କରୁଥିବା ଆମେ ନିରନ୍ତରେ, ସଜନୀ ଗୋ ।୧୨।

## ଶ୍ୟାମ ନାଗର ହେ ଶ୍ୟାମନାଗର

ଶ୍ୟାମ ନାଗର ହେ ଶ୍ୟାମନାଗର
କେଣେ ଚାଲିଗଲ ଛାଡି ବୃନ୍ଦାବନ ଖୋଜି ବୁଲେ ନେତ୍ର ମୋର ।୦।
ସେଇ କୁଞ୍ଜ ଅଛି ସେଇ ଦୋଳି ଅଛି
କାହିଁ ତୁମେ ନାହିଁ ସେଠି
ଏ ଯମୁନାକୂଳ ଏ କଦମ୍ବମୂଳ
ତୁମ ପାଇଁ ଝୁରୁଛନ୍ତି
ରୋଷ କି ବହିଲ ହେ ବାଙ୍କଚୂଳିଆ ଦେଖି ଚପଳତା ମୋର ।୧।
ବନ୍ଦାପନା ପାଇଁ ସଜଡା ଥାଳିଟା
ଚାହିଁଛି ତୁମ ବାଟକୁ
ଦୀପର ସଳିତା ଜଳି ଜଳି ଆସେ
କେତେ ଡେଜିବି ତାହାକୁ
କର୍ପୂର ଚନ୍ଦନ ଅଗୁରୁ ଚୁଆ ତ ସେବା ମାନସେ ଅଧୀର ।୨।
ଗୋରସ ନବାତ ସଂଗେ ନବନୀତ
ତୁମ ବାଟ ଚାହିଁଛନ୍ତି
କେବେ ତୁମେ ଦେବ ଅଧର ପରଶ
ଭାବ ବିହ୍ୱଳ ହୁଅନ୍ତି
ଭଲ ଲାଗୁନି କି ଏ ସର ଲବଣୀ ମନ ଖୋଜେ ପ୍ରେମସର ।୩।
ଭଲ ମୁଁ ପାଇଛି ତୁମକୁ ହେ କାହ୍ନୁ
ବୁଝି କି ପାରିନ ଏହା
ପ୍ରେମ କରିବାରେ କେତେ ଯେ ବେଦନା
ତୁମେ କି ଜାଣିବ ତାହା
ଜାଣିଥାନ୍ତ ଯଦି ଦୂରେଇ ନ ଥା'ନ୍ତ ବହେ ନେତ୍ରୁ ନୀର ଧାର ।୪।
ହେ ବନମାଳିଆ ମୟୁରଚୂଳିଆ
ତୁମ ପାଇଁ ଏ ଜୀବନ
ତୁମେ ନ ରସିଲେ ଏ ମନ-ବିପିନ
ନାରଖାର ମଧୁବନ
ଆଉ କେତେକାଳ କନ୍ଦାଇ ମାରିବ କି ଅବା ଅଛି ମନର ।୫।

## ଶ୍ୟାମ ବିନା ସଜନୀରେ କେତେ ସରି ହେଲିଣି

ଶ୍ୟାମ ବିନା ସଜନୀରେ କେତେ ସରି ହେଲିଣି
ତାଙ୍କ ପ୍ରୀତି-ସୁଖ ଚିନ୍ତି ଝୁରି ଝୁରି ମଲିଣି |୦|
ରାସ ରଜନୀରେ ମୋତେ କହିଥିଲେ ସେ ଏକାନ୍ତେ
ଡାକିଲେ ଆସିବେ ପାଶେ ପାଶୋରି କି ଦେଲେଣି |୧|
ଭାବରେ ଭାବ ମିଶାଇ ରାସ ରସରେ ରସାଇ
ନିସିନାଶେ ରସ ରାଜ ନେଇଥିଲେ ମେଲାଣି |୨|
ଆଜି ଏ ଗୁରୁ ବିରହ କେମିତି ସହିବି କହ
ଭାବ ଅଭାବରେ ମୋର ତନୁ କ୍ଷୀଣ ହେଲାଣି |୩|
ଦୋଷ ଯେବେ କଲି ମୁହିଁ ଶ୍ୟାମଙ୍କୁ କହିଦେ ସହୀ
ରୋଷ ନ କରିବେ ଆଉ ଯା' ହେବାର ହେଲାଣି |୪|

## ସଖି ! ବାଜିଲା ବାଜିଲା ବଂଶୀ

ସଖି ! ବାଜିଲା ବାଜିଲା ବଂଶୀ
ରଙ୍ଗିମା ଅଧରେ ଖେଳି ଧୀରେ ଧୀରେ ପ୍ରସରିଲା ଦଶ ଦିଶି ।୦।

ମନର ଗୋପନ ବାରତା ଜଣାଇ
ସାରା ଶରୀରକୁ ଯାଏ ଛୁଇଁ ଛୁଇଁ
ହୃଦ ସରସୀର ଜଳେ ସନ୍ତରଣ କରୁଥାଏ ହସି ହସି ।୧।

ପ୍ରେମିକ ଭକତ ମନକୁ ସଜାଇ
ଆସେ ଶିହରଣ ବୁକୁ ଉଲୁସାଇ
ଛନଛନ ମନ ହୁଏ ଭେଟିବାକୁ ସେ ଚାରୁବଦନ ଶଶୀ ।୨।

ସବୁ ସୁଖ ଦୁଃଖ ପଲକ ଭିତରେ
ଚାଲିଯାଏ ପାଶୁ କାହିଁ କେତେ ଦୂରେ
ଆନନ୍ଦ ହିଁ ସାର ହୁଏ ପରାଣର କିବା ଦିବା କିବା ନିଶି ।୩।

ଅଚଳ ସକଳ ସଚଳ ହୁଅଇ
ସଚଳ ଅଚଳ ବାରି ହୁଏ ନାହିଁ
ହୃଦୟ ଯମୁନା ଉଜାଣି ବହଇ କୂଳ ଲଙ୍ଘିଯାଏ ଭାସି ।୪।

ଆସ ସଖି ! ଯିବା ସେ କୁଞ୍ଜ କୁଟୀରେ
ନିରେଖି ଦେଖିବା ପ୍ରାଣ-ବଲ୍ଲଭରେ
ଢଳ ଢଳ ଆଖି ଚାରୁ ଚନ୍ଦ୍ରାନନ-ଠାଣୀରେ ରହିବା ଲାଖି ।୫।

## ସଖୀ ଲୋ ଥରେ ଚାହାଁ

ସଖୀ ଲୋ ଥରେ ଚାହାଁ, ଥରେ ଚାହାଁ ନିରେଖି
ଭକ୍ତ ଚିତ୍ତ-ଚୋର ଚିନ୍ତାମଣିଙ୍କି
କୋଟି ରବି ଶଶୀ ପ୍ରଭା ବିସ୍ତାରିଛି    ଆହା କି ସୁନ୍ଦର କମ ଠାଣିକି ।୦।

କନ୍ଦର୍ପର ଦର୍ପ ହରା ଲୋ ସଜନୀ  କେବେ ତା ନଜର ପଡିଲେ ଥରେ
ରମ୍ଭା ପତ୍ର ପ୍ରାୟ ଥରିବ ଶରୀର   ପରାଣ ମନ ଉଠିବ ପୁଲକି ।୧।

ନୟନରୁ ନୀର ଝରୁଥାଏ ଯା'ର   ଝୁରି ଝୁରି ସେହି ରୂପ ମାଧୁରୀ
ସେ ଏକା ବାନ୍ଧିବ ପୀରତି ଡୋରିରେ ପୀରତି ରସିଆ ବେଣୁପାଣିକି ।୨।

ଆସ ଗୋ ସଜନୀ ଅର୍ଘ୍ୟଥାଳି ଘେନି   ବନ୍ଦିବା ଶ୍ରୀଗୁରୁ ଚରଣ ବେନି
ଅନ୍ତର ଦେବତା ଗୁରୁ ଭାବେ ଉଭା (ଆଜି) ସରାଗେ ପୂଜିବା ଗୁଣମଣିକି ।୩।

ଏଇ ପରା ସେଇ ଭାବ ବିନୋଦିଆ    ଭକତ ବାଛନ୍ତି ଭାବ ପରଖି
(ତାଙ୍କ) ମଧୁର ବଚନ ଜିଣେ ବେଣୁସ୍ୱନ ଶରଧାରେ ଶୁଣ ସୁଧାବାଣୀକି ।୪।

## ସଖୀ ! ମୋହନ ବଂଶୀ ବାଜିଲା

ସଖୀ ! ମୋହନ ବଂଶୀ ବାଜିଲା
ସେ ସୁର-ମାଧୁରୀ ଭୁବନ ସଞ୍ଚରି
ପ୍ରକୃତିର ଦମ୍ଭ ଭାଜିଲା ।୦।

ଚକିତ ହୋଇଲେ ପଶୁପକ୍ଷୀ କୁଳ
ଧୀରେ ଧୀରେ ବହେ ମଳୟ ଅନିଳ
ଯମୁନାର ଜଳ ହୋଇଲା ନିଷ୍ଚଳ
ଶୁଷ୍କ ତରୁଲତା ପଲ୍ଲବିଲା ।୧।

ଶୂନ୍ୟେ ଦେବଗଣ ହେଲେ ସ୍ତମ୍ଭୀଭୂତ
ଶୁଣି ବିରହର ମୁରଲୀ ସଙ୍ଗୀତ
ଯୋଗେ ଯୋଗୀ ଜନ ହେଲେ ମୁହ୍ୟମାନ
ପାଷାଣ ତରଳି ବହିଲା ।୨।

ଶୁଣି ନିଶୀଥରେ ମୁରଲୀର ନାଦ
ଗୋପିନୀ କୁଳରେ ପଡିଲା ପ୍ରମାଦ
ତେଜି କୁଳମାନ ଧାଇଁଲେ ସେ ବନ
ମୁରଲୀ ଭଗାରୀ ହୋଇଲା ।୩।

## ସଜନୀ ଶ୍ୟାମ ନାମ କିଏ ଶୁଣାଇଲା

ସଜନୀ .....
ଶ୍ୟାମ ନାମ କିଏ ଶୁଣାଇଲା
କାନର ଭିତରେ ପଶି ମରମ ପରଶି ଗୋ
ମନପ୍ରାଣ ଆକୁଳ କରିଲା ।୦।

କେତେ ମଧୁ ଅଛି ସତେ ଶ୍ୟାମର ନାମରେ ଗୋ
ନିଶିଦିନ ପାନେ ମନ ମୋର
ପାଶୋରି ନପାରେ ତା'ରେ ନିରବଧି ମତିଘାରେ
ହେବି ସତେ ପାଗଳିନୀ ପରା ।୧।

ଅବଶ ହେଲିଣି ସହୀ ଶ୍ୟାମ ନାମ ଗାଇ ଗାଇ
ଆଖି ନିତି ଦରଶନ ଝୁରେ
ପାଶୋରିବି ପାଶୋରିବି ଯେତେ ମୁଁ ହେଲିଣି ଭାବି
ମନୁ ମୋର ଦୂର ସେ ନୋହିଲା ।୨।

ଥିଲେ ଏଥିକୁ ଉପାୟ ସହୀରେ ବତାଇ ଦିଅ
ଋଣୀ ତୋ ରହିବି ଜୀବ ସାରା
କୁଳ ମାନ ପଛେ ଯାଉ ରାହା ନଦିଶଇ ଆଉ
ଶ୍ୟାମ ନାମ ପାଗଳିନୀ କଲା ।୩।

## ସଜନୀ ଲୋ ଟିକେ ଜାଣିରଖିଥା

ସଜନୀ ଲୋ ଟିକେ ଜାଣିରଖିଥା ଶ୍ୟାମ ନାମ କେତେ ମିଠା
କାନରେ ବାଜିଲେ ମନରେ ପଶେ ଲୋ
ହୃଦୟରେ ଲାଗେ ଅଠା ।୦।

ଶୁଣି ଦେଲେ ଥରେ ଗୁଣି ହେଉଥିବୁ ପ୍ରେମରେ ପଡିବୁ ତାର
ଭୋକ ହେବନି କି ଶୋଷ ହେବନି ଲୋ ନିଦ ହଜି ଯିବ ତୋର
ଆନମନା ହୋଇ ଦିନ ବିତାଇବୁ ଆଉ ସବୁ ହେବ ପିତା ।୧।

ଦୂରେ ଦୂରେ ଗଲେ ପାଶେ ପାଶେ ଥିବ ପାରିବୁନି କରି ପର
ପର ପର ବୋଲି ଯେତେ ଭାବିଲେ ତୁ ହୃଦୟେ କରିବ ଘର
ଧର ଧର ବୋଲି ପଛେ ଗୋଡାଇବ (ଏ ତ) ପୀରତି ରାଇଜ କଥା ।୨।

କହଲୋ ସଜନୀ କେଉଁଥିରେ ମନ ପ୍ରାଣ ଖୋଲି କହ ବାରେ
ଏ କୂଳ ସେ କୂଳ କେଉଁ କୂଳ ହେବୁ ମନ ଥୟ କରି ଥରେ
(ସଖୀ) ବେଳ ଥାଉଁ କୁଞ୍ଜ ଦୁଆର ହୁଡିଲେ ପଛେ ହେବୁ ହଟହଟା ।୩।

## ସଜାଇଛୁ ଫୁଲଶେଯ

ସଜାଇଛୁ ଫୁଲଶେଯ ଅଭିସାର ପାଇଁ
ଆସ ହେ ରସିକରାଜ ରହିଅଛୁ ଚାହିଁ ।୦।

ଅରୁଣ କିରଣ ଜିଣି ଚରଣ କମଳ ବେନି
ବକ୍ଷେ ସାଇତିବୁ ନାଥ ଚକ୍ଷୁ ଜଳେ ଧୋଇ ।୧।

ଅଗୁରୁ ଚୁଆ ଚନ୍ଦନ ରଖିଛୁ କରି ଯତନ
ହେରିବୁ ମଧୁର ଶିରୀ ଅଙ୍ଗେବୋଳି ଦେଇ ।୨।

ମଲ୍ଲିକା ମାଳତୀ ମାଳେ ପିନ୍ଧାଇବୁ ପ୍ରିୟ ଗଳେ
ବିଭୂଷଣ କରି ଆଜି ବନ୍ଦିବୁ ପରାଣ ସାଇଁ ।୩।

ଗୋପାଙ୍ଗନା ଚିତ୍ତଚୋର ହେ ତ୍ରିଭଙ୍ଗ ନଟବର
ରସାଅ ପୀରତି ରସେ ମୁରଲୀ ବଜାଇ ।୪।

ଆସ ହେ ରସିକରାଜ ! ଦୋଳାଇଛୁ ଫୁଲଶେଯ
ବୋଲି ତବ ପଦରଜ ଶିର ଦେବୁ ଲୋଟାଇ ।୫।

## ସଞ୍ଜ ସଳିତା ମୁଁ ଜଳି ଜଳି ଯାଏ

ସଞ୍ଜ ସଳିତା ମୁଁ ଜଳି ଜଳି ଯାଏ
ଶୁଭ୍ର ଜ୍ୟୋତିରାଶି ବିଛୁରି ଦେଇ
ମନେ ଆଶା ବାନ୍ଧି ଆଲୋକ ଦେଉଛି
କାଳେ ଦିଶିଯିବ ଚରଣ ଦୁଇ ।୦।

ଜଳିବାଟା ଖାଲି ସାର ହେଉଅଛି
ରଙ୍ଗ-ପଦକଞ୍ଜ ଦର୍ଶନ ଚାହୁଁଛି
କେତେଦିନ ଆଉ ଏମିତି ଜଳିବି
କୃପା କରି ବାରେ ଦେବ କି କହି ।୧।

ଶୁଭ ଶଙ୍ଖ ଧ୍ୱନି ଏଇ ତ ଶୁଭୁଛି
ବିଜେ କଲ ସତେ ମନେ ମୁଁ ଭାଳୁଛି
ତୁମ ଅଙ୍ଗବାସ ଚହଟି ଯାଉଛି
ଚିତ୍ତ ବ୍ୟାକୁଳିତ ଦର୍ଶନ ପାଇଁ ।୨।

ତୁମେ କୃପାମୟ ବାରେ କୃପା କର
ଏ ଦୀନ ଦାସର ମନ ତାପ ହର
ଦରଶନ ଦିଅ ହେ ପ୍ରାଣଠାକୁର !
ଛାଡ଼ିଯିବା ଆଗୁ ଏ ମର୍ତ୍ତ୍ୟଭୂଇଁ ।୩।

## ସପନୁ ଚେତି ମୁଁ ଖୋଜିଲି ସେଦିନ

ସପନୁ ଚେତି ମୁଁ ଖୋଜିଲି ସେଦିନ
ଗଗନ, ପବନ, ବନ
ଜଳ ଥଳ ସାରା ପଚାରିଲି କାହିଁ
ଥାଅ ତୁମେ ଜୀବଧନ ।୦।

ସବୁରି ମଝିରେ ତୁମ ହସ ରେଖା
ଦେଖା ଦିଏ ଦୂରେ ଥାଇ
ଅନ୍ତର-ଘରର ଗମ୍ଭୀରା ଦେଖିଲି
ତୁମେ ପହୁଡ଼ିଛ ସାଇଁ ! ।୧।

ହାତ ପସାରି ମୁଁ 'ଆସ' ବୋଲି କେତେ
ଡାକିଲି ବିନୟ କରି,
କାନରେ କହିଲ 'ଆସିବ', ଯେବେ ମୁଁ
ଡାକଦେବି ମନ ଭରି ।୨।

## ସରସ ତୁମରି ସରସିଜ ପଦେ

ସରସ ତୁମରି ସରସିଜ ପଦେ ଦେବାକୁ ପ୍ରଣତି ମୋର
କେତେ ଦିନ ଧରି ଚାହିଁ ବସିଛି ମୁଁ ରଚି ନିତି ଅଭିସାର ।୦।

ଥରେ ଥରେ କେବେ ବାଉଳା ସୁରଭି ରହି ରହି ଭାସି ଆସେ
ଚଉଦିଗ ତୁମ ତନୁ ଗନ୍ଧ ପରି ମହକି ମହକି ବାସେ
ଲୁଚି ଯାଅ କାହିଁ ବାତାୟନ ଦ୍ୱାରେ, ଚାହେଁ ଯେତେ ବାରବାର ।୧।

ମରତ ମାଟିର ମଳିନ ଫୁଲରେ ସଜାଡ଼ିଲି ଯେଉଁ ଶେଯ
ନ ମାନିଲା ବୋଲି ତୁମ ମନ, ସତେ ରୁଷିଲ କି ରସରାଜ ?
ମୋ ମରଜି ତୁମ କଷଟି ପଥରେ ପରଖ ଆଉ ନ କର ।୨।

ସରଗ ଯାକର ସୁଖ ଶିରୀ ପଛେ ଯାହାକୁ ଦେଉଛ ଦିଅ
ମୋତେ ତୁମେ ଖାଲି 'ଭଲ ପାଅ' ବୋଲି ବାରେ ଆସି କହି ଯାଅ
ତୁମ ନାମ ପରା ପ୍ରେମମୟ, ତୁମେ ପୀରତି ରସର ସାର ।୩।

ଆସ ହେ ସୁନ୍ଦର ମୋହନ ମଧୁର ମନର ଦେବତା ମୋର
ବାଜେ ନା କି ପ୍ରଭୁ ତୁମ ବୀଣା ତାରେ ଭବ-ବେଦନାର ସୁର ?
ସେବାରେ ତୁମରି ଦିନ ଯାଉ ସରି ବଢ଼ାଇ ଦିଅ ପୟର ।୪।

## ସାଗର ବେଳାରେ ଶାମୁକାଟିଏ ମୁଁ

ସାଗର ବେଳାରେ ଶାମୁକାଟିଏ ମୁଁ
ବାଲୁକା ଶେଯରେ ଶୋଇ
କେତେ ଆଶା ନେଇ ରହିଛି ଅନାଇଁ
ତୁମକୁ ଦେଖିବା ପାଇଁ ! ।୦।

ପଡ଼େ ଏବେ ମନେ ପ୍ରଥମ ଜୀବନେ
ଦେଖିଥିଲି ଦିନେ ତୁମକୁ ଗୋପନେ
ସାଗର କୂଳରେ ବୁଲୁଥିଲ ଯେବେ
ସଞ୍ଜ ଆସୁଥିଲା ନଇଁ ।୧।

ସହିଛି ମୁଁ କେତେ ପ୍ରକୃତି ର ଦାଉ
ନିରିମମ ସିନ୍ଧୁ ଅମାନିଆଁ ଢେଉ
ତଥାପି ବଞ୍ଚିଛି ସେହିକାଳୁ ପ୍ରଭୁ
'ଜୟଗୁରୁ' ନାମ ଗାଇ ।୨।

ଶ୍ରୀପଦ ସରୋଜ ଦେଖିବାକୁ ଥରେ
ପଡ଼ି ରହିଛି ଏ ବେଳାଭୂମି ପରେ
ସାର୍ଥକ କରିବି ଜୀବନ ମୋହର
ଚରଣ ପରଶ ପାଇ ।୩।

ଆଶା କରିଛି ମୁଁ ଏ ଜୀବନଯାକ
କରିଦିଅ ପ୍ରଭୁ ତୁମରି ସେବକ
ଦୂର କର ଖେଦ ତୁମରି ଶ୍ରୀପଦ
ସେବକ ଜୀବନ ଦେଇ ।୪।

## ସାତ ସୁରେ ବନ୍ଧା ତୁମ

ସାତ ସୁରେ ବନ୍ଧା ତୁମ ମୁରଲୀ ସ୍ୱନ
ଝୁରଇ ଯମୁନା ଝୁରେ ରାଇପରାଣ ।୦।

ତୁମ କଥା ଭାଳି ଭାଳି ଆହେ ଗିରିଟେକା
ଲୁହରେ ଯାଇଛି ଭିଜି ମାନିନୀ ରାଧିକା
କଳାମାଣିକ ନ ଦେଖି ଯଶୋଦା ଅନ୍ତରେ ଦୁଃଖୀ
ସର୍ବସଖୀ ନିରିମାଖି ହେଲେ ଶ୍ୟାମଘନ ।୧।

ଧନ୍ୟ ତୁମର ଏ ପ୍ରେମ ଅମୃତରେ ପୂର୍ଣ୍ଣ
ଚିହ୍ନିଛି ଏ ରାଧାରାଣୀ ଚିହ୍ନେ ବୃନ୍ଦାବନ
ଗୋପାଳବାଳକ ମେଳେ ଗୋରୁ ରଖ ବନ ଘୋରେ
ବରଜ ଧୂଳିରେ ଆଙ୍କି ଦିଅ ପଦଚିହ୍ନ ।୨।

ପାଶେ ଥିଲେ କିଛି ହେଲେ କହି ତ ହୁଏନା
ଗଲେ ଦୂରେ ମନ ଝୁରେ କାହିଁକି କୁହନା
ଯାହା ହେବାର ତ ହେଉ ଏତିକି କରୁଣା ଥାଉ
ଜୀବ ଗଲାବେଳେ ମିଳୁ ତୁମ ଦରଶନ ।୩।

## ସୁନ୍ଦର ଚିର ସୁନ୍ଦର ତୁମେ

ସୁନ୍ଦର ଚିର ସୁନ୍ଦର ତୁମେ ସୁନ୍ଦର ପ୍ରିୟ ମୋର
ତୁମ ଆଗମନ ବାଟ ମୁଁ ଅନାଇଁ ଜାଳି ବସିଛି ଜାଗର ।୦।

ସଂସାରର ସୁଖ ସରାଗ ଭୁଲିଛି
କେତେ ଚିହ୍ନାଜନେ ଦୂରକୁ ଠେଲିଛି
ମାନ ଅଭିମାନ ପଛକୁ ପକାଇ ଚାହିଁଛି ପଥ ତୁମର ।୧।

ମନ ମନ୍ଦିରରେ ଆସନ ପାତିଛି
ସୁଗନ୍ଧ ଫୁଲରେ ହାର ସଜାଡ଼ିଛି
ପଖାଳିବା ପାଇଁ ସାଇତି ରଖିଛି ନୟନର ସ୍ୱଚ୍ଛ ନୀର ।୨।

ତୁମ ପାଶେ ବସି ମରମର କଥା
କହିବି ଯା ଅଛି ଗୋପନେ ସାଇତା
ତୁମରି ଆଦର ପରଶ ପାଇ ମୋ ଝରେ ଆଖି ନୀର ଧାର ।୩।

କେତେ କାଳୁ ଏହି ପରି ବସିଅଛି
ଅମାପରେ କେତେ ଚାନ୍ଦିନି ବିତିଛି
ଖରା ବର୍ଷା ଶୀତ କେତେ ଯେ ସହିଛି ଯାଇଛି ଘୁମ ପାଶୋର ।୪।

କାନେ କାନେ କିଏ କହିଯାଏ କଥା
ଆସିବେ ତୋ ବନ୍ଧୁ ଅବଶ୍ୟ ଜାଣିଥା
କେତେ କାଳ ଆଉ କରିଲେ ପ୍ରତୀକ୍ଷା ଦିଶିବ ରଥ ତୁମର ।୫।

## ସେ ଦିନକୁ ଆଶା କରି

ସେ ଦିନକୁ ଆଶା କରି ବସିଛି ମୁଁ ଅନୁସରି
ଯୋଡି କର ପତ୍ର ନିଶିଦିନ
ମରମ ମଝିରେ ମୋର ଉଛୁଳିବ ପ୍ରେମ ଝର
ପୂର୍ଣ୍ଣିମାର ଜୁଆର ନର୍ତ୍ତନ
ଆହେ ନବଘନ !
ପୁଲକି ଉଠିବ ପ୍ରାଣମନ
ଚଞ୍ଚଳ ଏ ମୋ ହୃଦୟ କେବେ ସତେ ହେବ ଥୟ
ନିରେଖିବି ତବ ଶ୍ରୀଚରଣ ।୧।

ଯହିଁ ଚାହିଁବ ନୟନ ହେରିବ ତବ ନର୍ତ୍ତନ
ଲୋଡ଼ୁନାହିଁ ଧନ ଅବା ଜନ
ମାଗୁଛି ଚରଣ ଧୂଳି ମଥାରେ ହୋଇ ମୁଁ ବୋଳି
ପାଗଳ ହୋଇବି ଅନୁଦିନ
ଆହେ କୃପାମୟ
ମୋ ବେଳକୁ ନ ହେବ ନିର୍ଦ୍ଦୟ
ତୁମେ ପରା ଦୀନବନ୍ଧୁ ଟୋପିଏ କରୁଣା ବିନ୍ଦୁ
ଢାଳିଦେଲେ ହେବି ମୁଁ ଅଭୟ ।୨।

ଷଡରିପୁ ମୋତେ ଘେରି ଦିଅନ୍ତି ଅଥୟ କରି
ମାଗୁଛି ମୁଁ ମନେ ବଳ ଦିଅ
ରିପୁଙ୍କୁ ଦୂରକୁ ଠେଲି ତୁମ ନାମ ବୋଲି ବୋଲି
ପାଇବି ମୁଁ ଶ୍ରୀପଦ ଆଶ୍ରୟ
ଆହେ ଜଗଦ୍‌ଗୁରୁ
ସାହାହୁଅ ତୁମେ କଳ୍ପତରୁ
ଅରୂପ-ସ୍ୱରୂପ ତବ ନୟନେ ମୋ ନାଚୁ ଦେବ !
ଗୁରୁଦାସ ମନବାଞ୍ଛା ପୂରୁ ।୩।

## ଲୁହ ଝରିଗଲା ଆଖିରେ ଆଖିରେ

ଲୁହ ଝରିଗଲା ଆଖିରେ ଆଖିରେ ଚରଣ ଧଉତ ପାଇଁ
ମନ ଜଳିଗଲା ବେଦନା ନିଆଁରେ ତୁମ ଆଗମନ ଚାହିଁ ।୦।

ମନ ଖୋଲି କିଛି କହି ତ ପାରେନା ବୋଲି
ମନେ ପାଞ୍ଚିଲ କି ତୁମକୁ ଯାଇଛି ଭୁଲି ?
ସେ କି ଭୁଲିବାର ଛବି ଅରୂପର ସାରା ମୋ ଜୀବନ ପାଇଁ ?
ମନକୋଣେ ନିତି ନିରେଖୁ ଥିବି ମୁଁ ମୁଦା ଆଖି ତଳେ ଚାହିଁ ।୧।

ସାରା ଦୁନିଆରେ କେ କେତେ ଦିଶେ ସୁନ୍ଦର
ତୁମେ ତ ମଧୁର ସୁନ୍ଦର ଆଖିରେ ମୋର
ତୁମେ ଯେବେ ପ୍ରିୟ ହସି ଦେଖା ଦିଅ ଗୋପନ ମରମେ ରହି
ସେ ଶିରୀ ମଧୁର ଝୁରି ଅନିବାର ତନୁ ମନ ଶିହରଇ ।୨।

ଶୁଭ ଶଙ୍ଖ ବାଜେ ମନ୍ଦିରେ ତବ ଆଜି
ଘେନ ମୋ ବନ୍ଦନ ନବ ଅରଚନା ରାଜି
ପଲକର ପ୍ରୀତି ପୁଲକର ତାତି ଖେଳିଯାଉ ତନୁ ଛୁଇଁ
ଜୀବନ ଫୁଲ ମୋ ଫୁଟି ଲୋଟିପଡୁ ସେ ଚାରୁଚରଣ ଚାହିଁ ।୩।

# ପୂଜାର୍ଚ୍ଚନା ଓ ଆରତୀ

## ସୁନ୍ଦର ପ୍ରଭାତକୋଳେ

ସୁନ୍ଦର ପଭାତକୋଳେ ଅରୁଣ କିରଣ ଭରି
ଆସ ଜ୍ୟୋତିର୍ମୟ ରଥେ ବ୍ୟୋମପଥେ ଅବତରି ।୦।

ବିହଙ୍ଗମ କଳଗୀରେ, ମଧୁପ ଗୁଞ୍ଜନେ ଧୀରେ
ଆସ ତରଙ୍ଗିତ ହୋଇ ମୃଦୁକମ୍ପେ ଥରି ଥରି ।୧।

ଶୀତଳ ସମୀର ଦୋଳେ, ଶ୍ୱେତ ଶତଦଳ କୋଳେ
ଆସ ଶୁଭ୍ର ପାଖୁଡ଼ାରେ ତରଳ ଜ୍ୟୋତିରେ ଝରି ।୨।

ସନ୍ତାନ-ବତ୍ସଳ ପିତା, କରୁଣା-ମୂରତି ମାତା
ଯେବେ ଯେଉଁ ରୂପେ ଆସ ରହିଛି ପ୍ରତୀକ୍ଷା କରି ।୩।

ଦେଖିଲେ ଶ୍ରୀମୁଖକାନ୍ତି, ତୁଟିଯିବ ସବୁ ଭ୍ରାନ୍ତି
ଚରଣ-ପଙ୍କଜ ବେନି, ବକ୍ଷେ ସାଇତିବି ଧରି ।୪।

ନିତି ନବଭାବେ ଆସ ଚଉଦିଗରେ ପ୍ରକାଶ
ଜଳେ ସ୍ଥଳେ ଅନ୍ତରୀକ୍ଷେ ବିରାଜୁ ଶୋଭା ତୁମରି ।୫।

ଫୁଟିଉଠ ମର୍ମେ ମର୍ମେ ଖେଳିଯାଅ ସବୁ କର୍ମେ
ଅନ୍ତର ଦେବତା ! ଆସ ଅନ୍ତରଦେଶୁଁ ପ୍ରସରି ।୬।

## ଆସିଛନ୍ତି ଅବତରି

ଆସିଛନ୍ତି ଅବତରି ଚିନ୍ମୟ ରୂପ ଧରି
ହୃଦୟ-ଦେବତା ପରକାଶି
ସୁବାସିତ ଧୂପଧର ରଙ୍ଗେ ଆବାହନ କର
ବସାଅ ଆସନେ ମନ ତୋଷି
ପାଦାସନ ଦିଅ ଖଞ୍ଜି, ପାଦପଦ୍ମ ଦିଅ ସାଜି ।୧।

ସୁବାସିତ ଜଳ ଘେନି ପଖାଳ ହେ ପାଦ ବେନି
ସୁକ୍ଷୀନ ବସନେ ଦିଅ ପୋଛି,
ସୁବାସିତ ଜଳ ଦେଇ ମୁଖ ଧଉତ କରାଇ
ଦନ୍ତ ମାରଜନ ମନେ ଇଚ୍ଛି ।
କରାଇ ମୁଖ ଧଉତ,
ବସନେ ପୋଛ ତୁରିତ
ସୁଗନ୍ଧ ତୈଳ ମର୍ଦ୍ଦନ, କର ହୋଇ ହୃଷ୍ଟମନ
ପାଇ ଚୁମ୍ବକ ପରଶ ଖେଳାଅ ପରାଣେ ହର୍ଷ ।୨।

କର୍ପୂର ଅଗୁରୁ ଗୋଳି ସ୍ୱର୍ଣ୍ଣକୁମ୍ଭେ ଢାଳ ଶ୍ରୀଅଙ୍ଗେ ଯତନେ,
ଗାତ୍ର ମାରଜନ ପୁଣି ଜଳେ ସ୍ନାନ କରିଣ ପୋଛ ବସନେ ।
ପିନ୍ଧାଅ କୁଞ୍ଚି ବସନ,
ଦିଅ ଉତ୍ତରୀ ସାଜିଣ
କେଶ ପ୍ରସାଧନ କର, ଦରପଣ ଧରି କର
ଅଗୁରୁ ଚନ୍ଦନ ଗୋଳି, ଶ୍ରୀଅଙ୍ଗରେ ଦିଅ ବୋଳି
ସୁଗନ୍ଧ ସୁମନହାର, ଭୂଷଣ ଖଞ୍ଜ ଆବର ।୩।

ସଜାଅ ଭୋଗ ଆସନ, ନୈବେଦ୍ୟ ମିଷ୍ଟାନ୍ନ
ସଜାଅ ପାନୀୟ ଜଳ, ଧୂପେ ଆବାହନ
ଆସ ଆସ ମୋର ହୃଦୟେଶ୍ୱର,
ଭୋଗ ଆସନରେ ବିରାଜ କର
ଏହି ନଇବେଦ୍ୟ ଗ୍ରହଣ କର,
ଏ ଦୀନ-ପରାଣୁ ସନ୍ତାପ ହର ।
ବିଲୋକ ଦୀପ-ଆଲୋକେ
ସଜାଇ ରଖିଛି ଯେତେ ।୪।

ଆଚମନ ଜଳ ଦେଇ ମିଷ୍ଟାନ୍ନ ଭୁଞ୍ଜାଅ
ପ୍ରୀତି-କଥୋପକଥନେ ମନକୁ ରଞ୍ଜାଅ ।
ଭୋଜନାନ୍ତେ ତୁଷ୍ଟି କର ଦେଇଣ ପାନୀୟ
ବସନରେ ମୁଖ ପୋଛି ତାମ୍ବୁଳ ଯୋଗାଅ ।
ଦେଇ ଆଚମନ ନୀର,
ଶ୍ରୀକର ପୋଛ ସତ୍ୱର ।
ବସାଅ ପୂର୍ବ ଆସନେ, ହୋଇ ହୃଷ୍ଟ ମନେ ପ୍ରାଣେ
ଏହି ନିବେଦନ କର, ପୁଷ୍ପାଞ୍ଜଳି ଧରି କର ।୫।

ଅତି ଅଭାଜନ ମୁହିଁ ନ ଜାଣେ ପୂଜନ
ନ ଜାଣଇଁ ଆବାହନ କିବା ବିସର୍ଜନ ହେ
କ୍ଷମା କର ପ୍ରାଣବନ୍ଧୁ,
ଦୀନବନ୍ଧୁ ପ୍ରେମସିନ୍ଧୁ
ଏହି ନିବେଦନ ମୋର, ଘେନ ହେ ପରାଣେଶ୍ୱର
ଯହିଁ ଇଚ୍ଛା ତହିଁ ନିଅ, ପାଶେ ପାଶେ ରହିଥାଅ
ସ୍ୱର୍ଗେ ବା ନରକେ ନିଅ, ପାଶେ ପାଶେ ରହି ଥାଅ
କି କହିବି ଆଉ ମୁହିଁ, କିବା ଅଜଣା ଅଛଇ ?
ଜୟଗୁରୁ ଜୟଗୁରୁ ଜୟଗୁରୁ ।୬।

## ସତ୍ୟଲୋକ ପରପାର

ସତ୍ୟଲୋକ ପରପାର ବିରାଜିତ ନିତ୍ୟପୁର
ଅତ୍ୟାଶ୍ଚର୍ଯ୍ୟ ଗୁପ୍ତ ଗୁରୁ ଧାମ
ଚତୁର୍ଦ୍ଦ୍ୱାର ରତ୍ନମୟ ତୋରଣ କି ଶୋଭାମୟ
ବିଚିତ୍ର ପତାକା ମନୋରମ !
ମୁକ୍ତାମାଳାରେ ଶୋଭିତ ସେ ଶୋଭା ଅତି ବିଚିତ୍ର
ପୁରୀମଧ୍ୟେ ରାଜେ କଳ୍ପଦ୍ରୁମ
ସଦାଫଳ ଭାରାନତ କଳ୍ପପାଦପ ସମସ୍ତ
ପ୍ରଫୁଲ୍ଲ କୁସୁମ-ସମାକୀର୍ଣ୍ଣ ।
କଦମ୍ବ ତରୁ ଉଦ୍ୟାନ,
(ସଦା) ମନ୍ଦବାୟୁ ବହମାନ
ନିତ୍ୟ ବସନ୍ତ ବିରାଜେ, କୁହୁତାନ ସଦାବାଜେ
ରାଗ ରାଗିଣୀ ସମସ୍ତ, ମୂର୍ତ୍ତି ଧରି ବିରାଜିତ ।୧।

ସିଦ୍ଧଗଣ ନାନାରୂପ ଧରି ପଶୁ-ପକ୍ଷୀରୂପ
ସୁମଧୁର ନୃତ୍ୟଗୀତେ ରତ,
ସୁଦୃଶ୍ୟ ଚିନ୍ମୟ ଦେହୀ ଭଗବତ-ଗୁଣ ଗାଇ
ବିଚିତ୍ର ଭଙ୍ଗିରେ ଉନମତ୍ତ ।

ପୂର୍ବେଚାରୁ ସରୋବର ତହିଁ ସୁବର୍ଣ୍ଣ କମଳ
କୁମୁଦାଦି ହୋଇ ପ୍ରସ୍ଫୁଟିତ,
ମଧୁପ ଭ୍ରମର ଶ୍ରେଣୀ ମନ-ପ୍ରାଣ ନିଏ କିଣି
ମନ୍ଦବାୟୁ ସଦା ଆନ୍ଦୋଳିତ ।
(ସେହି) ସରୋବର ତଟଦେଶ
ବିବିଧ ପୁଷ୍ପେ ଶୋଭିତ
ଚତୁର୍ଦିଗେ ବିରାଜିତ କେଳିକୁଞ୍ଜ ସୁଶୋଭିତ
ସରୋବର ମଧ୍ୟ ଦେଶ ମଣି-ମନ୍ଦିର ସୁଦୃଶ
ରାଜେ ସୁରମ୍ୟ ସଦନ ଯୁକ୍ତ ସୁବର୍ଣ୍ଣ ତୋରଣ ।୨।

ରତ୍ନପର୍ଯ୍ୟଙ୍କଉପରେ ମନ୍ଦିରର ଅଭ୍ୟନ୍ତରେ
ବିରାଜିତ ସଦା ପ୍ରିୟତମ
ପରା-ପ୍ରକୃତି ହ୍ଲାଦିନୀ ମହାଭାବ ସ୍ୱରୂପିଣୀ
ସହ ପ୍ରେମମୟୀ ସଖୀଗଣ
ସରବେ ସେବା ନିରତ ସମଭାବେ ଆନନ୍ଦିତ
ପ୍ରଣୟାଦି ପ୍ରେମରସେ ସେ ପୁରୁଷେ ସର୍ବେ ତୋଷେ ।୩।

## ଜୟ ଜୟ ଗୁରୁଦେବ

ଜୟ ଜୟ ଗୁରୁଦେବ ମଙ୍ଗଳ ଆରତି
ରତନ ପ୍ରଦୀପେ ଜଳେ ସୁବାସିତ ବାତି ।୧।

ଶଙ୍ଖ ବାଜେ ଘଣ୍ଟା ବାଜେ ବାଜେ କରତାଳ
ମଧୁର ମୃଦଙ୍ଗ ବାଜେ ଶୁନିତେ ରସାଲ ।୨।

ବିବିଧ କୁସୁମ ଦଳେ ବନମାଳା ଗଳେ
ପ୍ରେମେର ହିଲ୍ଲୋଲେ ମାଲା ନା ଦୁଲାତେ ଦୋଲେ ।୩।

ବିଚିତ୍ର ଚାନ୍ଦୁଆ ଶୋହେ ରତନ ଝାଲର
ଦୁହୁଁ ପାଶେ ଶୋଭା କରେ ଧବଳ ଚାମର ।୪।

ଚନ୍ଦ୍ର ସୂର୍ଯ୍ୟ ଜିନି ରୂପ ବରନ ଉଜ୍ୱଳ
ରକ୍ତ କୋକ ନଦ ଶୋହେ ଚରନ ଯୁଗଲ ।୫।

ହାସେ କାନ୍ଦେ ନାଚେ ଗାଏ ଦିଏ କରତାଳି
ମାଟିତେ ଲୋଟାଏ କେହ ଜୟଗୁରୁ ବୋଲି ।୬।

ଜୟଗୁରୁ ଜୟଗୁରୁ ରବେ ଭରିଲ ଭୁବନ
ମଙ୍ଗଳ ଆରତି କରେ ମିଲି ଭକ୍ତଗନ ।୭।

## ନିତ୍ୟସ୍ଥଳୀ ମନୋହର ମନୋରମ ସ୍ଥାନ

ନିତ୍ୟସ୍ଥଳୀ ମନୋହର ମନୋରମ ସ୍ଥାନ
ଦିବ୍ୟ ଚିନ୍ତାମଣିପୁର ଅତି ସୁଶୋଭନ ।୧।

ରତନ-ମନ୍ଦିର ଶୋଭେ କାଳିନ୍ଦୀର ନୀରେ
ରାଜହଂସ ସ୍ୱର୍ଣ୍ଣପଦ୍ମ ମଧ୍ୟେ କେଳି କରେ ।୨।

ପଦ୍ମୋପରି ରତ୍ନସିଂହାସନେ ପ୍ରିୟତମ
ଲାବଣ୍ୟ ମୂର୍ତ୍ତିରେ ବିରାଜିତ ଅନୁପମ ।୩।

ସୁଦିବ୍ୟ ସୁବର୍ଣ୍ଣ କାନ୍ତି ପ୍ରବାଳ ବରଣ
ସୁମାନସେ ସ୍ୱଚ୍ଛନୀରେ ରଞ୍ଜେ ପ୍ରଭୁ - ମନ ।୪।

ଲଳିତ ବଚନ ଭାସି ତାମ୍ବୁଳ କେ ଦିଏ
ସଖୀଗଣ ବିଶେଷେ କେ ଚନ୍ଦନ ଯୋଗାଏ ।୫।

ଗୀତ ବିଦ୍ୟା ବାଦ୍ୟେ ତୁଙ୍ଗ ଅନୁରାଗୀ ଭକ୍ତ
ଗୀତ-ବାଦ୍ୟେ-ନୃତ୍ୟ ରଙ୍ଗେମୋହେ ପ୍ରଭୁ ଚିତ୍ତ ।୬।

ଅଷ୍ଟଦଳେ ଅଷ୍ଟଦଳ ପ୍ରେମିକ ଭକତ
ହାସ ପରିହାସେ ନିତ୍ୟ ସେବାରେ ନିରତ ।୭।

ଦେଖ ରଙ୍ଗେଘଣ୍ଟା ବାଜେ, ବାଜେ ଭେରୀ ତୁରୀ
ମଧୁର ମୃଦଙ୍ଗ ସ୍ୱନ ପଡୁଛି ଉଛୁଳି ।୮।

ଚଂପକଲତିକା-କାନ୍ତି ଚାମର ପକାଏ
ଉତ୍କଣ୍ଠଭାବେ କେ ରଙ୍ଗ ଅଳତା ଲଗାଏ ।୯।

ଯା ଅଙ୍ଗେ ଶୋଭିତା ବିଶ୍ୱପିତା ଜଗନ୍ମାତା
ଯେ ସ୍ୱଂୟ ଅଟନ୍ତି ତ୍ରିଭୁବନତ୍ରାଣକର୍ତ୍ତା ।୧୦।

ଚିତ୍ର-ବିଚିତ୍ର ବସନ ଅଳଙ୍କାର ଘେନି
ଇନ୍ଦୁରେଖା ଅଙ୍ଗ-ପଙ୍ଗ ଯୋଗାଏ କେ ପୁଣି ।୧୧।

କେହୁ ନାଚେ କେହୁ ଗାଏ ଦେଇ କରତାଳି
ଉନମତ୍ତ ଭକ୍ତବୃନ୍ଦ ଜୟନାଦ କରି ।୧୨।

ଖଟୁଛନ୍ତି ଯା ପୟରେ ଭାବୁକ ଭକତ
ପ୍ରେମେ ମୁଗଧ କରି ହରୁଛନ୍ତି ପ୍ରଭୁଚିତ୍ତ ।୧୩।

ନାହିଁ ଥଳକୂଳ ଏଥି ଦୀନଭକ୍ତଙ୍କର
କି ଅଛି କି ଅରପିବୁ ଶ୍ରୀପଦକମଳ ।୧୪।

ଏତିକି ମାତର ଉଣା ଅଛି ତୁମ ଠାରେ
ଅରପଣ କରୁଁ 'ମନ' ତବ ଶ୍ରୀପୟରେ ।୧୫।

## ମହୀରୁହ ରସୋତ୍ପନ୍ନ ସୁମନୋହର

ମହୀରୁହ ରସୋତ୍ପନ୍ନ ସୁମନୋହର
ଦିବ୍ୟ ସୌରଭେ ଭରା ଧୂପ ରୁଚିର ।0।

ତବ ଅର୍ଚ୍ଚନା ଆଶେ, ଦୀନ ସେବକ ବେଶେ
ଧୂପ ହସ୍ତେ ଉଭା ଦେବା! କଳୁଷ ହର ।୧।

ଧୂପ-ଧୀରେ ପ୍ରସରି ରଙ୍ଗେ ଖେଳେ ଭଉଁରୀ
ନଭେ ମିଶି ନଶ୍ୱରତା କରେ ପ୍ରଚାର ।୨।

ହୈମ ବରଣ ଅଙ୍ଗ ନିନ୍ଦେ କୋଟି ଅନଙ୍ଗ
ଜ୍ୟୋର୍ତିମୟ ନଭେ ରାଜେ କି ପୂର୍ଣ୍ଣଚନ୍ଦ୍ର ।୩।

ଘଣ୍ଟା ଟଂ ଟଂ ଟଂ ବାଜେ ବୀଣା ରାଗିଣୀ ସାଜେ
ବାଜେ ତାକ୍ ଧିନି ମୃଦଙ୍ଗ ଗୁରୁ ଗମ୍ଭୀର ।୪।

ଦୁଃଖ ପାଶୋରା ପଦ- ଅବ୍ଜ ଶୋଭା-ସଂପଦ
ମନ ପ୍ରାଣ କିଣେ ନାଶି ଅଂହ ବିକାର ।୫।

ପ୍ରେମେ ବିଶ୍ୱ ବିଭୋର ଦେବା! ହେ ନରାକାର !
ଅବତରି ବିତର ହେ କୃପାକୁପାର ।୬।

ମୋର ଏହି ମିନତି ଆଜ୍ଞା ହେଉ ହେ ଯତି !
ହୃଦଚିତ୍ରପଟେ ଫୁଟୁ ମୂର୍ତ୍ତି ତୁମର ।୭।

## ଦିଏ ମୁଁ ଆରତି

ଦିଏ ମୁଁ ଆରତି ତୁମରି ମନ୍ଦିରେ ପ୍ରାଣ ପ୍ରିୟ ପିତା ମୋର
ଶଙ୍ଖଘଣ୍ଟା ବାଦ୍ୟେ ମଧୁର ନିନାଦେ ବିଜୟ ଗୀତିକା ସ୍ୱର ।୧।

ମିଳିତ କଣ୍ଠରେ ତୁମରି ବିଜୟ ଘୋଷନ୍ତି ଭକତ ବୃନ୍ଦ
ତାଳେ ତାଳେ ନାଚେ ଦେହ ମନ-ପ୍ରାଣ ତାଳେ ତାଳେ ଖେଳେ ଛନ୍ଦ ।୨।

ସେ ମଧୁଛନ୍ଦରେ ଧ୍ୱନିତ ମଧୁରେ ଜୟଗୁରୁ ସିଦ୍ଧମନ୍ତ୍ର
ଖେଳାଏ କଂପନ ଭାବନା-ଜଗତେ ଭେଦି ବିଶ୍ୱମନ ଯନ୍ତ୍ର ।୩।

ସେ ଧ୍ୱନି ପରଶେ ନାଚନ୍ତି ହରଷେ ସୁଦୂର ଗ୍ରହ ତାରକା
ଛାୟା ପଥ ପାରେ ଜୀବନ ସଂଚରେ ଭାସମାନ ନୀହାରିକା ।୪।

ପ୍ରତି ପରମାଣୁ ତୋଳେ ପ୍ରତିଧ୍ୱନି ବିଶ୍ୱରେ ଖେଳେ ଚେତନା
ପ୍ରସାରିତ ଆତ୍ମା କରେ ଆସ୍ୱାଦନ ଯହିଁ ତହିଁ ଉନ୍ମାଦନା ।୫।

ଲୋକୁଁ ଲୋକାନ୍ତରେ ବାଜେ ସପ୍ତଲୋକେ ପ୍ରାଣ ମତାଣିଆ ନାମ
ଶୁଭ ଏ ଆରତି ପୂର୍ଣ୍ଣ କରି ଫୁଟୁ ତୁମରି ମୋହନ ଠାମ ।୬।

ଦେଉଛି ଇନ୍ଦ୍ରିୟ ମନ-ଅର୍ଘ୍ୟ ନିଅ ଦୀନବନ୍ଧୁ ଭକ୍ତ ବନ୍ଧୁ
ଜୟ ପ୍ରେମମୟ ନିଗମ ଆନନ୍ଦ ଜୟ ଜୟ ପ୍ରେମ ସିନ୍ଧୁ ।୭।

## ଦିଅ କୋଟି ହୃଦେ ଢାଳି

ଦିଅ କୋଟି ହୃଦେ ଢାଳି ପ୍ରେମ ବିନ୍ଦୁ ପ୍ରେମ ସିନ୍ଧୁ ! ।୦।

ବିନ୍ଦୁଏ ଭକତି ମୋର ବିନ୍ଦୁଏ ଲୋତକ
ପାଇବକି ଶୋଭା ହୋଇ ଚରଣ ଉଦକ
ମହେନ୍ଦ୍ର ତନୟା ନୀରେ ପଖାଳିବି ପାଦଧୀରେ
ପୋଛିବୁ ସକଳ ବ୍ୟଥା ସୁଖେ ହୃଦୁ ।୧।

ନାହିଁ ତବ ବିଶେଷଣ ନାହିଁ ନାମ ଗୁଣ
ଭକ୍ତି ଆକର୍ଷଣେ ଆସି ବୋଲାଅ ସଗୁଣ
ନାହିଁ ମୋ ଭକତି ବଳ ନିଜ ମନକୁ କେବଳ
ବନ୍ଧାଇବି ଭରି ତପ୍ତ ଅଶ୍ରୁ ବିନ୍ଦୁ ।୨।

ତବ ଆଗମନେ ଧରା ଉଠିବ ଉଲସି
ନାଚିବ ନିରସ ପ୍ରାଣ ଶିଶୁ ପରି ହସି
କର୍ମ କୋଳାହଳେ ପୂରି ଅବସର ଚିନ୍ତା ଭରି
ପ୍ରେମ ପ୍ଲାବନରେ ଆସ ପ୍ରାଣବନ୍ଧୁ ।୩।

ରଚିବ ମରଣ କୋଳେ ଅମର ଜୀବନ
ସଞ୍ଚିବ ମରତେ ସୁଧା ଭାଣ୍ଡ କରି ପୂର୍ଣ୍ଣ
ସେ ଦେଶ ସନ୍ଦେଶ କହି ନିତ୍ୟ ପୀରତି ଚଖାଇ
ଘୁଞ୍ଚାଇବ ଦୀନ-କ୍ଷୁଧା ଦୀନବନ୍ଧୁ ! ।୪।

## ନଟୀଏ ବାଇଲେ

ନଟୀଏ ବାଇଲେ ଶୁଭ ମଙ୍ଗଳ ବାଜଣା
ଆନନ୍ଦ ସଭାରେ ଦେବ ଘେନ ନୀରାଜନା
ଜୟ ଜୟ ଶ୍ରୀଠାକୁର, ଆନନ୍ଦ ଗ୍ରହଣ କର ଆନନ୍ଦ ସଭାର ।୦।

ଧୂପ ହସ୍ତେ ଉଭା ହୋଇ ନାଚ ତାନେ ମାନେ
ଧୂପାମୋଦ ଖେଳିଯାଉ ଗଗନେ ପବନେ
ଜୟ ଜୟ ଶ୍ରୀ ଠାକୁର, ଆରତୀ ଗ୍ରହଣ କର ପ୍ରାଣପିତା ମୋର ।୧।

ଧୂପପରେ ଦୀପ ଜାଳ ଓଁକାର ଧିଆନେ
ଆନନ୍ଦ ତରଙ୍ଗଖେଳୁ ଉଦ୍‌ବେଳିତ ପ୍ରାଣେ
ଗୁରୁ ବ୍ରହ୍ମା ବିଷ୍ଣୁ ଶିବ, ତାଣ୍ଡବ ନୃତ୍ୟ ଆଚର ଯଥା ଦେବ ଦେବ ।୨।

ମହୋଦଧି ପୂତ ଜଳ କରି ଆହରଣ
ଦୀପ ପରେ ଶଙ୍ଖେ ଜଳ କର ଅରପଣ
ବୃନ୍ଦା ତୁଳସୀ ମଞ୍ଜରୀ, ଶଙ୍ଖ ମୁଖେ ଦେଇ ସିଞ୍ଚ ମନ୍ଦ ମନ୍ଦ ବାରୀ ।୩।

ଶୁଦ୍ଧ ଶୁକ୍ଳ ବସ୍ତ୍ରେ ଶ୍ରୀମୁଖକୁ ପୋଛିଦେଇ
ଅଗୁରୁ କର୍ପୁର ଗନ୍ଧେ ଦିଏ ମହକାଇ
ଜୟ ଜୟ ଶ୍ରୀ ଠାକୁର, ନିତ୍ୟ ଲୋକେ ନିତ୍ୟ ସେବା ଘେନ ଏ ଦାସୀର ।୪।

ନନ୍ଦନ ବନର ପାରିଜାତ ଧରି କରେ
ସୁବାସ କୁସୁମେ ଅଙ୍ଗ ସଜାଇ ସଧୀରେ
ଜୟ ଜୟ ଶ୍ରୀଠାକୁର, ପ୍ରାଣପ୍ରିୟ ପିତା ଘେନ ଆରତି ଆମର ।୫।

ଧବଳ ଚାମର ହସ୍ତେ ଉଭା ହୁଅ ଯାଇ
ଚାମର ପକାଅ ତାଳେ ଜୟଗୁରୁ ଗାଇ
କର ଚାମର ଆରତୀ, ଗ୍ରହଣ କରନ୍ତୁ ଦେବ ପ୍ରାଣର ମିନତୀ ।୬।

ଅଗୁରୁ ଚନ୍ଦନ ମିଶା ଶୀତଳ ପବନ
ଶ୍ରୀ ଅଙ୍ଗ ପରଶୁ ଚାଳି ଦିଅ ହେ ବ୍ୟଜନ
ଯୋଡ ହସ୍ତରେ ପ୍ରଣମି, ପରମ ପୁରୁଷ ପଦେ ଦିଅ ସର୍ବଢାଳି ।୭।

ଶୁଭ ଶଙ୍ଖ ଧରି ସଖୀ ଆନନ୍ଦ ମନରେ
ମଙ୍ଗଳ ଧ୍ୱନୀ କରିବା ଇଚ୍ଛି ମାନସରେ
ସର୍ବେ ଦେଇ ହୁଳହୁଳି, ନବ କିଶୋରୀଟି କରେ ଉଚ୍ଚେ ଶଙ୍ଖଧ୍ୱନୀ ।୮।

ଅଗୁରୁ ଚନ୍ଦନ ହସ୍ତେ ନାଚେ ଗୋପାଙ୍ଗନା
ଶ୍ରୀଅଙ୍ଗ ସେବା ମନାସି କରେ ବନ୍ଦାପନା
ଜୟ ଜୟ ଶ୍ରୀଠାକୁର, ପଦସେବା ଘେନାକର ଏ ଦୀନା ଦାସୀର ।୯।

ସମସ୍ତ ନଟୀଏ ମିଳି ଅର୍ଦ୍ଧଚନ୍ଦ୍ରାକାରେ
ଆନନ୍ଦ ବାଇଦ ଧ୍ୱନୀ ଶୁଭେ ସପ୍ତସ୍ୱରେ
ଭକ୍ତ ଭଗବାନ ପାଶେ, ନିର୍ଦ୍ଦୋଷ ଆନନ୍ଦେ ରତ ମାତି ଲୀଳାରସେ ।୧୦।

ଗୁରୁପଦ ଧରି ନଟୀ ହୋଇଲେ ବାହାର
ରତ୍ନ ସିଂହାସନେ ଥାପି ପ୍ରାଣର ଠାକୁର
ଏହି ଆନନ୍ଦ ସଭାର, ଆନନ୍ଦ ସମୀର ଯହିଁ ବହେ ନିରନ୍ତର ।୧୧।

# ଆରତୀ ବନ୍ଦନା

## ବନ୍ଦେ ଶ୍ରୀଗୁରୁ

ବନ୍ଦେ ଶ୍ରୀଗୁରୁ ପ୍ରେମ କଳ୍ପତରୁ
ସଚ୍ଚିଦାନନ୍ଦ ନିତ୍ୟ ବ୍ରହ୍ମ ସନାତନ
(ସେ ଯେ) ପତିତପାବନ ଅନାଥଶରଣ
ଅଜ୍ଞାନ-ତାମସ ନାଶନ ।୦।

ଗୁରୁ ବ୍ରହ୍ମା, ବିଷ୍ଣୁ ଗୁରୁ ମହେଶ୍ୱର
ସର୍ବତତ୍ତ୍ୱମୟ ଗୁରୁ ପରାତ୍ପର
ଗୁରୁ ପରଂବ୍ରହ୍ମ ଜ୍ଞାନଭାସ୍କର
ଭବ-ସାଗର-ତାରଣ ।୧।

ସ୍ଥାବର ଜଙ୍ଗମ ବିଶ୍ୱଚରାଚର
ସର୍ବବ୍ୟାପ୍ତ ସେ ଯେ ଛନ୍ତି ନିରନ୍ତର
ଚିନ୍ମୟ ସ୍ୱରୂପ ନାହିଁ ନାମ ରୂପ
ଧ୍ୟାନାତୀତ ନିତ୍ୟ ନିରଞ୍ଜନ ।୨।

ବେଦାନ୍ତଭାସ୍କର ସର୍ବଶ୍ରୁତିସାର
ବିତରେ ଅମୃତ କରୁଣା ଅପାର
ଚୈତନ୍ୟ ଶାଶ୍ୱତ ଜଗତର ନାଥ
ସ୍ମରରେ ହୃଦୟରଞ୍ଜନ ।୩।

ହୃଦୟକନ୍ଦରେ ସେ ଯେ ଦିବାକର
ମଙ୍ଗଳ ଦାୟକ ସର୍ବମୂଳାଧାର
ଶୁଦ୍ଧ ଜ୍ଞାନମୟ ଆନନ୍ଦ ନିଳୟ
ତତ୍ତ୍ୱମସି ସେ ଯେ ମୂର୍ତ୍ତିମାନ୍ ।୪।

ଭାବର ଅତୀତ ତ୍ରିଗୁଣ ରହିତ
ସଦା ସାକ୍ଷୀଭୂତ ଦ୍ୱନ୍ଦ୍ୱବିରହିତ
ମାୟାର ଅତୀତ ପରମ ସୁଖଦ
ଶମନ-ଭୟ ବାରଣ ।୫।

ଆତ୍ମବଳି ଦିଅ ଶ୍ରୀଗୁରୁ ଚରଣେ
ତେବେ ତୁ ପାଇବୁ ସେ ପରମଧନେ
ଅଜ୍ଞାନ ଘୁଞ୍ଚିବ ଜ୍ଞାନର ଆଲୋକେ
ଭାତିବ ଏ ତୋର ପ୍ରାଣମନ ।୬।

ସେହି ଗୁରୁପଦେ ନେବାକୁ ଶରଣ
ଯଦିରେ ଯୋଗେନ୍ଦ୍ର ଅଛି ତୋର ମନ
ଅହଂତ୍ୱ ବିନାଶି ଗୁରୁପଦେ ମିଶି
ବ୍ରହ୍ମାନନ୍ଦ ରସେ ହୁଅରେ ମଗନ ।୭।

## ବନ୍ଦଇ ଗୁରୁ ଚରଣ

ବନ୍ଦଇ ଗୁରୁ ଚରଣ କମଳ ଯୁଗଳ
ଯୋଗୀଜନ ଧ୍ୟାନେ ଯାର ମଗ୍ନ ଅବିରଳ ।
ଭବ ପାରାବାର ସେତୁ
ସକଳ କଳୁଷହାରୀ ଭୁକ୍ତିମୁକ୍ତି ହେତୁ ।୧।

ଗୁରୁବ୍ରହ୍ମା ଗୁରୁବିଷ୍ଣୁ ଗୁରୁମହେଶ୍ୱର
ଗୁରୁସର୍ବ ତତ୍ତ୍ୱମୟ ଗୁରୁପରାତ୍ପର ।
ଗୁରୁ ସର୍ବ ଦେବମୟ
ଜଳସ୍ଥଳ ଅନ୍ତରୀକ୍ଷ ବିଶ୍ୱ ଗୁରୁମୟ ।୨।

ଧ୍ୟାନାତୀତ ଭାବାତୀତ ନିତ୍ୟ ନିରଞ୍ଜନ
ଗୁଣାତୀତ ଦ୍ୱନ୍ଦ୍ୱାତୀତ ସତ୍ୟ ସନାତନ ।
ଗୁରୁ ସଦା ସାକ୍ଷୀଭୂତ
ବିନ୍ଦୁନାଦ କଳାତୀତ ଗୁରୁ ବ୍ୟୋମାତୀତ ।୩।

ଗୁରୁ ହିଁ ସକଳ ମନ୍ତ୍ର ଗୁରୁ ସର୍ବ ଯନ୍ତ୍ର
ଗୁରୁ ହିଁ ସକଳ ତୀର୍ଥ ଗୁରୁ ସର୍ବ ବ୍ରତ ।
ଗୁରୁ ଇଷ୍ଟ ଗୁରୁ ବ୍ରହ୍ମ
ଗୁରୁ ବିରହିତ କର୍ମ ସ୍ୱଭାବେ ଅକର୍ମ ।୪।

ଅଜ୍ଞାନ ନାଶକ ଗୁରୁ ସ୍ୱରୂପ ପ୍ରାପକ
ଭାବନିୟାମକ ଗୁରୁ ଅଭାବ ନାଶକ ।
ଗୁରୁ ପ୍ରାରବ୍ଧ ରୋଧକ
ଅଗତି ଗତି ଦାୟକ ଶାନ୍ତି ବିଧାୟକ ।୫।

ଗୁରୁ ସମସ୍ତର ଆଦି ଅନାଦି ହିଁ ଗୁରୁ
କୁଣ୍ଡଳିନୀ ଜାଗରଣ ତାଙ୍କରି କୃପାରୁ ।
ହୃଦଗ୍ରନ୍ଥୀ ଭେଦକାରୀ
ତତ୍ତ୍ୱମସି ମୂର୍ତ୍ତିମନ୍ତ ରିପୁନାଶ କାରୀ ।୬।

ଶମନ ଭୟ ବାରଣ ପତିତପାବନ
ଆତ୍ମା ରାମ ଅଭିମାନ ପ୍ରଭାବ ଦହନ
ଅନୁକୂଳ ପ୍ରତିକୂଳ
କୃପାବଳେ ନିସ୍ତାରନ୍ତି ବଦ୍ଧ ଜୀବକୁଳ ।୭।

ପ୍ରେମପାରାବାର ଗୁରୁ କରୁଣାସାଗର
ନିର୍ଗୁଣ ପରମବ୍ରହ୍ମ ପୂର୍ଣ୍ଣ ନିର୍ବିକାର ।
ଗୁରୁ ପରମ କାରଣ
ଧନ୍ୟ ହୁଏ ଶ୍ରୀଚରଣେ କରି ସମର୍ପଣ ।୮।

## ଗୁରୁନାରାୟଣ କରି ନିବେଦନ

ଗୁରୁନାରାୟଣ କରି ନିବେଦନ
ଥାକେ ଯେନ ମନ ତବ ଶ୍ରୀଚରନେ
ଆମି ଅତି ଦୀନ ଭଜନ ବିହୀନ
କୃପା କର ପ୍ରଭୁ ତବ ନିଜ ଗୁନେ ।୦।

(ଥାକି) ଯେ ଭାବେ ଯେଖାନେ ଜୀବନେ ମରନେ
ମଜେ ଥାକି ଯେନ ତବ ଗୁନ ଗାନେ
(ତବ) ପ୍ରେମମୟ ମୂରତୀ ଯେନ ନିରବଧି
ଲେଗେ ଥାକେ ଆମାର ଏ ଦୁ'ଟି ନୟନେ ।୧।

(ଆମାର) ଦେହ ମନ ପ୍ରାନ କରି ସମର୍ପନ
ଅବିଚାରେ କରି ଆଦେଶ ପାଲନ
(ତାତେ) ଯାୟ ଯାବେ ପ୍ରାନ ଓହେ ଭଗବାନ
(ଯେନ)ଭୁଲିନାଁ, ଭୁଲିନାଁ, ତୋମା ହେନ ଧନେ ।୨।

(ଆମି) ଭୁଲିନାଁ ଭୁଲିନାଁ –

ତୋମା ହେନ ଧନେ ଯେନ – ଭୁଲିନାଁ ଭୁଲିନାଁ
ଓ ରାଙ୍ଗା ଚରନ ଯେନ – ଭୁଲିନାଁ ଭୁଲିନାଁ
ଜୟଗୁରୁ ଜୟଗୁର ନାମ – ଭୁଲିନାଁ ଭୁଲିନାଁ
ସଂପଦେ ବିପଦେ ଯେନ – ଭୁଲିନାଁ ଭୁଲିନାଁ
ରୋଗେ ଶୋକେ ମହାଦୁଃଖେ – ଭୁଲିନାଁ ଭୁଲିନାଁ
ଶୟନେ ସ୍ୱପନେ ଯେନ – ଭୁଲିନାଁ ଭୁଲିନାଁ
(ତୋମାର) ପ୍ରୀତି ଭରା ନାମ ଯେନ – ଭୁଲିନାଁ ଭୁଲିନାଁ
ପାତକୀ ତାରନ ନାମ – ଭୁଲିନାଁ ଭୁଲିନାଁ
ଜୟଗୁରୁ ଜୟ ନାମ ଯେନ – ଭୁଲିନାଁ ଭୁଲିନାଁ

ଯଖନ ଯେଖାନେ ଥାକି ଜୟଗୁରୁ ଜୟଗୁରୁ ଡାକି
ଜୟଗୁରୁ ଜୟଗୁରୁ ଜୟଗୁରୁ ....

(ସଦା) ତବ ନାମ ଜପି ତବ ରୂପ ଦେଖି
ତୋମାରି ଆନନ୍ଦେ ଆନନ୍ଦେତେ ଥାକି
ତୋମାରି ସେବାୟ ଯେନ ଦିନ ଯାଏ
(ଆମାର)ଅନ୍ୟ ଆଶା ଯେନ ନାଥାକେ ଜୀବନେ ।୩।

# ବିଦାୟ ପ୍ରାର୍ଥନା

## ଅଖିଳ ବ୍ରହ୍ମାଣ୍ଡ ନାଥ !

ଅଖିଳ ବ୍ରହ୍ମାଣ୍ଡ ନାଥ ! ପତିତ-ତାରଣ
ହେ ଜଗତ-ଜନ ବନ୍ଧୁ ବିପଦ ବାରଣ
ଏବେ ପ୍ରଭାତ ଆଗତ
ହେ ଦେବତା ! ଶ୍ରୀଚରଣେ ଘେନ ପ୍ରଣିପାତ ।୧।

ସମ୍ମୁଖେ ମୋ କର୍ମମୟ ସଂସାର ବିରାଜେ
କର୍ତ୍ତବ୍ୟର ଘଣ୍ଟାଧ୍ୱନି ମୁହୁର୍ମୁହୁ ବାଜେ
ସଦା ଜୟଗୁରୁ ନାମ
ହୃଦ-ବୀଣା ତାରେ ମୋର ବାଜୁ ଅବିରାମ ।୨।

ଅଲଂଘନୀୟ କର୍ତ୍ତବ୍ୟ ଆହ୍ୱାନର ଡରେ
ଝାସିବାକୁ ହେବ ମୋତେ କରମ-ସାଗରେ
ତେଣୁ ଭିକ୍ଷା ଶ୍ରୀଚରଣେ
ଶକ୍ତି ଦିଅ ଶକ୍ତିମାନ ଦେହେ, ମାନେ, ପ୍ରାଣେ।୩।

ଭୀଷଣ ସଂସାର ସିନ୍ଧୁ ବିପଦ ସଂକୁଳ
ସଦା ଆନ୍ଦୋଳିତ ତହିଁ କାମନା-ସଲିଳ
ସ୍ୱାର୍ଥ କାମ ତିମିଙ୍ଗିଳ
ମାୟାର କାହାଳୀ ପୁଣି ଈର୍ଷା ହଳାହଳ ।୪।

କ୍ରୋଧର ବଡବାନଳ ସଦା ପ୍ରଜ୍ୱଳିତ
ମମତାର ଜାଲ ପୁଣି ହୋଇଛି ବିସ୍ତୃତ
ଜୀବ ମୀନେ ପଡି ଧରା
ଘୁରନ୍ତି ଅନନ୍ତ କାଳ ହୋଇ ପଥହରା ।୫।

କପଟତା ଗୁପ୍ତଶୈଳେ ବାସନା-ତରଙ୍ଗେ
ଜୀବନର ନୌକା ବାଜି ଅବିରତ ଭାଙ୍ଗେ
ତେଣୁ ଜଣାଏ କାତରେ
ଦିଅ ଜାଳି ଦିବ୍ୟଜ୍ଞାନ-ଦୀପ ମୋ ଅନ୍ତରେ ।୬।

କର୍ମର କୁଟିଳାବର୍ତ୍ତେ ପଡିଗଲେ କାହିଁ
ତୁମକୁ ଯେପରି ନାଥ ଭୁଲିଯିବି ନାହିଁ
ସଦା ନିଷ୍କଳୁଷ ହୋଇ
କର୍ତ୍ତବ୍ୟ ସାଧିବି ଯେହ୍ନେ ବିଚଳିତ ନୋହି ।୭।

ତବ ଶ୍ରୀଶରଣ ଧାୟୀ ତବ ଜୟ ଗାଇ
ଏ କର୍ମ-ସାଗରୁ ନାଥ ଯିବି ପାର ହୋଇ
ଦେବ ! ଭକତ-ଜୀବନ
କୃପା କରି ପୂର୍ଣ୍ଣ କର ଦୀନ-ନିବେଦନ ।୮।

## ଆଜି ନବ ଶୁଭ ପ୍ରଭାତେ

ଆଜି ନବ ଶୁଭ ପ୍ରଭାତେ, ଜଣାଉଛି ମଣିମା !
ପରଶୁଥାଉ ଏ ଶିର ମୋ ତବ ଚରଣସୀମା ।୧।
ତୁମେ ତ ହୃଦୟ-ଦେବତା ପିତା ତିନିଲୋକର,
ତୁମେ ହେ ଜଗତ-କରତା ସାର ଶୋଭା-ଆକର ।୨।
ଅରୁଣ ଉଦୟ କାଳରେ ପଦେ ଏତେ ଗୁହାରି
ପରାଣେ ପେରଣା ଜଗାଇ ଦିଅ ଶକତି ଭରି ।୩।
ତୁମରି ଆଶିଷ ଘେନି ମୁଁ ଶିରେ ହେ ଆଦିମୂଳ !
ସଂସାରର କାର୍ଯ୍ୟ ନିର୍ବାହେ ଯାତା ମୋ ଅନୁକୂଳ ।୪।
କର୍ତ୍ତବ୍ୟ ଡାକରା ପଡିଛି ଆନ ଗତି ତ ନାହିଁ
ବୁଡ ଦେବାକୁ ତ ହେବ ହେ, ମହାସାଗର ଏହି ।୫।
ଦିଅ ଦେହ-ମନ-ପରାଣେ ମୋର ଶକତି ଭରି
ଆଗୁସାର ହେବି ନିରତ କର୍ତ୍ତବ୍ୟରେ ନ ଡରି ।୬।
ନ ଭୁଲାଉ ମୋତେ ସଂସାର ଭ୍ରମ ଭଉଁରୀଜାଳ
ନ ଯାଉ ପାଶୋର ମନରୁ ତୁମେ ଠାକୁର ମୋର ।୭।

## ତେଜି ଏ ବାୟୁ ମଣ୍ଡଳ

ତେଜି ଏ ବାୟୁ ମଣ୍ଡଳ କି ଆନନ୍ଦମୟ !
ଆବିଳ ସଂସାରେ ଯିବା ଆସିଛି ସମୟ ।୧।
ନ ଗଲେ ଅଚଳ ହେବ ମୋ ସଂସାର ବୋଲି
କୁସଂସ୍କାର ସିନା ଆସି ନିଏ ଠେଲି ପେଲି ।୨।
ଯେଉଁ ଆକର୍ଷଣେ ଆସି ରହିଥିଲି ପାଶେ
ଆନନ୍ଦ ପାଇଛି ଏତେ ମୁହୂର୍ତ୍ତ ସକାଶେ ।୩।
ଛାଡି ଯିବି ଏ ଭାବନା ରୁଦ୍ଧ କରେ କଥା
ଅଶ୍ରୁ ରାଶି ମୁଦେ ଆଖି ନଇଁ ଯାଏ ମଥା ।୪।
କିପରି କହିବି ଯିବି ଏତେ ସ୍ନେହ ଛାଡି ?
ଶୋକର ଉଚ୍ଛ୍ୱାସ ଆସେ ବୁକୁ କଣ୍ଠ ମାଡି ।୫।
କିଏ ଜାଣିଥିଲା କ୍ଷଣକର ଆସ୍ୱାଦନେ
ଏତେ ସୁଖ ଢାଳି ଯିବ ପଙ୍କିଳ ଜୀବନେ ।୬।
ବୁଡି ନ ଯିବ ସଂସାର ଥିଲେ ଆଉ କ୍ଷଣେ
(କିନ୍ତୁ) ମୂଢ ମନ ସାଧେ ଦାଉ ଏ ଶୁଭ ଲଗନେ ।୭।
(ତେବେ) ନିଅ ଟାଣି ଏ ମନକୁ କର ପଦେ ଲୀନ
ଶ୍ରୀଚରଣେ ଏହି ଭିକ୍ଷା ରହୁ ଚିର ଦିନ ।୮।

## ଦୟାମୟ ଶ୍ରୀଚରଣେ ଏହି ନିବେଦନ

ଦୟାମୟ ଶ୍ରୀଚରଣେ ଏହି ନିବେଦନ
ନିରନ୍ତର ତବ ନାମ କରିବି ସ୍ମରଣ ।୦।
ଏହା ଛଡା ନ ରହିବ ଇତର କାମନା
ଏହି ମାତ୍ର ଭିକ୍ଷା ମୋର ଏତିକି ପ୍ରାର୍ଥନା ।୧।
ତୁମେ ପ୍ରଭୁ ମୁହିଁ ଦାସ ଏହି ଅହଙ୍କାର
ଏକମାତ୍ର ଅରଜିବ ପ୍ରବଳ ସଂସ୍କାର ।୨।
ଏଥିଲାଗି ଯେବେ କାଳେ ନ ମିଳେ ମୁକତି
ତଥାପି ରଖିବି ମନେ ଅନନ୍ତ ତୃପତି ।୩।
ତୁମରି ଦୃଷ୍ଟି ଭିତରେ ତୁମରି ଜଗତେ
ପଡିଥିବି ଯହିଁ ତହିଁ ତୁମରି ଇଙ୍ଗିତେ ।୪।
ଧ୍ୱଂସ ପରେ ରଚନାର ଅଭିନବ ରୂପ
ଦେଖି ଦେଖି ଆସିଯିବ ଅସଲ ସ୍ୱରୂପ ।୫।
ମିଳାଇ ନ ପାରେ ଯେବେ ତବ ଯନ୍ତ୍ରେ ସ୍ୱର
ତବ ନାମେ ବାଇ ଯିବି ଭଙ୍ଗା ବୀଣା ମୋର ।୬।
ଶୁଣୁ ବା ନ ଶୁଣୁ କେହି ଥିବ ଅହଙ୍କାର
ତୁମେ ପ୍ରଭୁ ମୁହିଁ ଦାସ ଏତିକି ସଂସ୍କାର ।୭।
ପ୍ରେମମୟ ଶ୍ରୀ ଚରଣେ କରେ ନିବେଦନ
ତୁମ ଜୟ ଗାଉଥିବି ଏ ସାରା ଜୀବନ ।୮।

## ଦାସେର ପ୍ରାର୍ଥନା ପୂର୍ଣ୍ଣ କର ଦୟାମୟ

ଦାସେର ପ୍ରାର୍ଥନା ପୂର୍ଣ୍ଣ କର ଦୟାମୟ
ତବ ପଦେ ମତି ରତି ସଦା ଯେନ ରୟ ।୧।

ତବ ପଦ ହତେ ଯେନ ଦୂରେ ନାଇଁ ଯାୟ
ଯଖନ ଯେ ଭାବେ ଥାକି ତବ ଗୁନ ଗାୟ ।୨।

ନିବାରିତେ ନାରି କଭୁ କୁମତି ପ୍ରବଲ
କୃପାନାଥ କୃପା କରେ ଦାଓ ହୃଦେ ବଲ ।୩।

ପରନିନ୍ଦା ପରଚର୍ଚ୍ଚା ହତେ ରାଖ ଦୂରେ
ତବଗୁନ ଗାଥା ଯେନ ପ୍ରାନେ ସଦା ସ୍ଫୁରେ ।୪।

ଅହଙ୍କାର ଅଭିମାନ କିଛୁତେ ନା ଯାୟ
କରୁନାର ଦାସ କରେ ରାଖ ରାଙ୍ଗା ପାୟ ।୫।

ବିଷୟେ ସହଜେ ହୟ ଆସକ୍ତି ଯେ ମନ
ତେମତି ତୋମାତେ ଯେନ ଲିପ୍ତ ଥାକେ ମନ ।୬।

ଲୋକମାନ୍ୟ ନାଇଁ ଚାଇ କର ଦୀନହୀନ
ଦୀନନାଥ ଏସ ହୃଦେ ଫୁରାଇଲା ଦିନ ।୭।

ଅସଂଖ୍ୟ ଆମାର ତୃଟି କରି ସଂଶୋଧନ
କୃତାର୍ଥ କର ହେ ଦାସେ ଏହି ଅକିଞ୍ଚନ ।୮।

## ଦୀନନାଥ ! ଏହି ଭିକ୍ଷା କରେଁ ଶ୍ରୀଚରଣେ

ଦୀନନାଥ ! ଏହି ଭିକ୍ଷା କରେଁ ଶ୍ରୀଚରଣେ
ତବ କଥା ରଖିଥିବି ମନନେ-ସ୍ମରଣେ ।୧।

ବାହାରେ କି ହେଲା ନାହିଁ ନ କରି ଶୋଚନା
କରିବି ପ୍ରଥମେ ନିଜ ସ୍ୱଭାବ ମାର୍ଜନା ।୨।

ପରଦୋଷ ଖୋଜି ବୁଲି ନ ଧାଇଁବ ମନ
ଲାଗିଥିବି ସଦା କରି ଆତ୍ମସଂଶୋଧନ ।୩।

ବଚନେ ଆଳାପେ ହେଉ ରସନା ସଂଯତ
ଘୁଞ୍ଚିଯାଉ ଅବସାଦ ଦେହର ଜଡତ୍ୱ ।୪।

ଉଚିତ ଭାଷଣେ ନୋହୁ କିଛି ଅନ୍ତରାୟ
ଯଥା କର୍ମ ହେଉ ଚିତ୍ତଶୁଦ୍ଧିର ସହାୟ ।୫।

ନିରଳସ ଭାବେ ତବ ଆଦେଶ ପାଳନ
କରିଯିବି ହେଉ ତହିଁ ପ୍ରାଣର ସ୍ଫୁରଣ ।୬।

ନ ମାନିବି କାହିଁ କେଉଁ ବାରଣ ବନ୍ଧନ
ଯହିଁ ଥାଏଁ ରହିଥାଉ ତବ ପଦେ ମନ ।୭।

## ଦେବେର ଦୁର୍ଲ୍ଲଭ ତବ

ଦେବେର ଦୁର୍ଲ୍ଲଭ ତବ ଚରଣ ଯୁଗଲ
କି ଦିଏ ପୂଜିବ ଆମି କି ଆଛି ସମ୍ବଲ ।୧।

ଏଇ ଦେହ ଧନ ଜନ ତୋମାରି ସକଲ
ଗ୍ରହନ କରିୟାଁ କର ଜୀବନ ସଫଲ ।୨।

ଏଇ ଚରାଚର ବିଶ୍ୱ ସକଲି ତୋମାର
କି ଧନ ତୋମାରେ ଦିବ କି ଆଛେ ଆମାର ।୩।

କି ଦିଏ ପୂଜିବ ତୋମାୟ ଦୀନହୀନ ଆମି
ଯେ ଧନେ ପୂଜିବ ତୋମାୟ ସେଇ ଧନ ତୁମି ।୪।

ଆର୍ କିଛୁ ନାଇଁ ଚାଇ ଏଇ ନିବେଦନ
ଜନ୍ମେ ଜନ୍ମେ ଏଇ ରୂପେ ଦାଓ ଦରଶନ ।୫।

## ବିଦାୟ ବେଳାରେ

ବିଦାୟ ବେଳାରେ ଆଜି ପ୍ରିୟ ପଦ ତଳେ
ବେଦନା ବିଧୁର ପ୍ରାଣେ ପ୍ରଣତି ମୋ ଢାଳେ ।୧।

ପୀରତି ପରଶ ପାଇଥିଲି ଏତେ କ୍ଷଣ
ପାଶୋରି ଥିଲି ମନରୁ ତ୍ରିତାପ ଦହନ ।୨।

ଏ ପ୍ରେମ ମିଳନ ପିଠ ଛାଡି ଯିବାପାଇଁ
ସଂସାର ଡାକଇ ଏବେ ତୁହାଇ ତୁହାଇ ।୩।

ଏତେ ପ୍ରେମ ଏତେ ସୁଖ ଛାଡି ମୁଁ କିପରି
ବିଷୟ ସଂସାରେ ଯିବି ତୁମ ସ୍ମୃତି ଧରି ।୪।

ଯେବେ ଯିବି ସେ ସଂସାରେ କରେ ପଦେ ଅଳି
ଲାଖି ରହୁ ମୋ ଆଖିରେ ତୁମ ରୂପ ଶିରୀ ।୫।

ତୁମକୁ ମୂଳରେ ରଖି କରମ କରିବି
ତୁମରି ସଂସାରେ ରହି ସଂସାର କରିବି ।୬।

ଦୁନିଆର ଝଞ୍ଜା ଯେବେ ଆସିବ ଘନାଇ
ନ ଛାଡିବି ତୁମ ପାଦ ଜୟଗୁରୁ ଗାଇ ।୭।

ବିଷୟ ବିଷକୁ ଯେବେ ଏ ମନ ଧାଇଁବ
ତୁମେ ଦେଖୁଅଛ ବୋଲି ପରାଣ ବାରିବ ।୮।

ତୁମ ପାଶେ ଆସିବାକୁ ଗଣୁଥିବି ଦିନ
ତୁମ ଡାକରାକୁ ସଜ ହୋଇଥିବ ମନ ।୯।

ସକଳ ତୃଟି ମୋହର କରି ମାରଜନ
ଦୀନନାଥ ତୁମ ପ୍ରେମେ କର ନିମଗନ ।୧୦।

**ବାଞ୍ଛାକଳ୍ପତରୁ ଦେବ**

ବାଞ୍ଛାକଳ୍ପତରୁ ଦେବ ! ହେ ଜଗତାଧାର
ଶ୍ରୀପଦକମଳେ ନାଥ ଘେନ ନମସ୍କାର
ଏବେ ଦିବା ଅବସାନେ
କରିଛି ଯେତେକ ତୃଟି ଜଣାଏଁ ଚରଣେ ।୧।

ତୃଟିଶୂନ୍ୟ ହେବାପାଇଁ କଲେ ହେଁ ପ୍ରୟାସ
ତଥାପି ପାରିଲି ନାହିଁ ହୋଇ ନିଷ୍କଳୁଷ
ମୋହ ବାତାବର୍ତ୍ତେ ପଡି
ବହୁବାର ନାଥ ମୁହଁ ଗଲି ପଥ ଚ୍ୟୁତି ।୨।

ତବ ନାମ ଧ୍ରୁବତାରା ଦେଖାଇଲା ପଥ
ନିରାଶ ପରାଣେ କଲା ଆଶାର ସଞ୍ଚାତ
ଦେବ ! ତବ ଜୟଗାନ
ଅକୂଳ ସାଗରେ ଦେଲା କୂଳର ସନ୍ଧାନ ।୩।

ଆଶି ନ ଥାନ୍ତି ଯେବେ ମୁଁ ତବ ଶ୍ରୀଚରଣ
କର୍ମର କୁଟୀଳାବର୍ତ୍ତେ ଯାଇଥାନ୍ତା ପ୍ରାଣ
ଦେବ ! ସର୍ବଶକ୍ତିମାନ
ସର୍ବବାଧା ଲଙ୍ଘିବାକୁ ଦିଅ ଶକ୍ତିଦାନ ।୪।

ହୋଇଛି ଆଜି କର୍ତ୍ତବ୍ୟେ ଯେଉଁ ତୃଟିମାନ
ଭବିଷ୍ୟତେ ନୋହୁ ତାର ପୁନରାବର୍ତ୍ତନ
କର୍ମ ଶେଷେ ଏ ପ୍ରାର୍ଥନା
ଚରଣ କମଳେ ନାଥ ! ହେଉ ବାରେ ଘେନା ।୫।

**ବାଞ୍ଛାକଳ୍ପତରୁ ଦେବ ବିଶ୍ୱନାଟ୍ୟକାର**

ବାଞ୍ଛାକଳ୍ପତରୁ ଦେବ ବିଶ୍ୱନାଟ୍ୟକାର
ଶ୍ରୀପଦକମଳେ ନାଥ ଘେନ ନମସ୍କାର
ଏବେ ସଭା ଅବସାନେ
କରିଛୁ ଯେତେକ ତୃଟି ଜଣାଉଁ ଚରଣେ ।୧।

ଅଭିନୟ ଜଣାନାହିଁ, ନ ଜାଣୁ ସଙ୍ଗୀତ
ବାଦ୍ୟନୃତ୍ୟ ଛନ୍ଦତାଳ ଏ ସବୁ ଅଜ୍ଞାତ
ବୃଥା କରିଛୁ ପ୍ରୟାସ
ତୃଟିପାଇଁ ଶ୍ରୀଚରଣେ କ୍ଷମାଦିଅ ନାଥ ।୨।

ଦେଇଛ ଯେତେ ପ୍ରେରଣା ଇଶାରା ଇଙ୍ଗିତେ
ଶିଖାଇଛ ହାତ ଧରି ରହିଣ ନେପଥ୍ୟେ
ଶେଷେ ଆନନ୍ଦ ସଭାରେ
ଜଣାଉଁ ପ୍ରଣତି ଦେବ ତବ ଶ୍ରୀପୟରେ ।୩।

ଲଭିଛୁ ଯେତେ ଆନନ୍ଦ ଏ ଶୁଭଲଗନେ
ଅଶ୍ରୁଝରି ଆସେ ଏବେ ପରଦା ପତନେ
ଦେବ ନେଉଛୁଁ ବିଦାୟ
ଆସନ୍ତା ବରଷ ପାଇଁ ଲଭିଣ ପାଥେୟ ।୪।

**ଯନ୍ତ୍ର, ମନ୍ତ୍ର, ତନ୍ତ୍ର ନ ଜାଣେ ମୁଁ ଯେ**

ଯନ୍ତ୍ର, ମନ୍ତ୍ର, ତନ୍ତ୍ର ନ ଜାଣେ ମୁଁ ଯେ ଚରଣ ଦାସ
ଜରା-ଜନମରେ ସଢି ତ ନିତି ଲଭେ ପରାଶ ।୧।

ଅପରାଧ କ୍ଷମା କରି ହେ ଘୋର ପାପ ବିନାଶ
ଶ୍ରୀଚରଣ ତଳେ ପ୍ରଣତି ମୋର ଘେନ ଜୀବେଶ ।୨।

ମତି ମୋର ଅତି ଚଞ୍ଚଳ ହାରେ ବିବେକ ନିତି
ସଂପାଦିବି ବୋଲି କୁଶଳେ କର୍ମ, ନାହିଁ ଶକତି ।୩।

ବିଚାର ବିଶୁଦ୍ଧ କର ହେ ଘେନା କର ମିନତି
ତବ ନିର୍ଦ୍ଦେଶିତ ପଥରେ ହେଉ ସତତ ଗତି ।୪।

ତ୍ରୁଟି ଘଟିଛି ଯା ଜୀବନେ ନୋହୁ ପୁନରାବୃତ୍ତି
କୃପା-ବାରି-ବିନ୍ଦୁ ବରଷ ମାଗେ କର ମୁଁ ପାତି ।୫।

କ୍ଷମା ମାଗିବାକୁ ଚରଣେ ଜଣା ନାହିଁ ଭାରତୀ
ଶିଖାଇଦିଅ ଏ ଅଧମେ ଶୁଦ୍ଧ କର ହେ ମତି ।୬।

ଅଳସ ପଣରେ ଯାଉଛି ସାରା ଜୀବନ ବିତି
ତବ ପଦ-ପୂଜା ପାସୋରି ଆଚରୁଛି ଅନୀତି ।୭।

ତବ ମଧୁମୟ ବାଣୀକୁ କାନ ନ ରହେ ପାତି
ଏଡି ଦେଇ ତବ ବଚନେ ହେଲି କୁକର୍ମ-ସାଥୀ ।୮।

ପୁରୁଷ-ପ୍ରଧାନ ଆପଣ ପଦେ ଗୁହାରି ଏତେ
କରୁଣା କଟାକ୍ଷପାତରେ ଥରେ ଅନାଅ ମୋତେ ।୯।

କେସନେ କି ରୂପେ କି ପଥେ ଗତି କଲେ ଜଗତେ
ତବ ପଦ-ରେଣୁ ଲଭିବି କହ ନାଥ, ପତିତେ ।୧୦।

ମୁଁ ଯେ ଅପରାଧୀ ନିରତ ତୁମେ କ୍ଷମା-ସାଗର
ଅଗଣନ ଦୋଷ କ୍ଷମ ହେ ବାରେ କରୁଣା କର ।୧୧।

ଚରଣ ତଳରେ ଠାକୁର ନିବେଦନ ମାତର
ତବ ନାମ ଜପି ଅନ୍ତିମେ ଯାଉ ଜୀବନ ଛାର ।୧୨।

**---::: ସମାପ୍ତ :::---**

**ଜୟଗୁରୁ**